ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଅଗଷ୍ଟ ୧୩/୨୦୨୨ (୧୨+୮=୨୦ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Sambalpur, Saturday, August 13/2022 Page 12+8 ₹ 7.00 ★★

୧୮ଶ ଭାଗ ୨୩୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



## ମୋର ବୋଧେ ଯୋଗ୍ୟତା ନାହିଁ: ପଙ୍କଜା

ମହାରାଷ୍ଟ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣରେ ପଙ୍କଜା ମୁଣ୍ଡେଙ୍କ ନାମ ସ୍ଥାନ ନ ପାଇବା ପରେ ସେ ନିରାଶ ହୋଇଛନ୍ତି।

୧୦

୦୨

## ରଣବୀରଙ୍କୁ ସମନ

ନ୍ୟୁଡ୍ ଫଟୋଶୁଟ୍ ନେଇ ଅଭିଯୋଗ ହେବା ପରେ ବଲିଉଡ୍ ଅଭିନେତା ରଣବୀର ସିଂଙ୍କ ନାମରେ ଚେମ୍ବୁର ଥାନା ସମନ ଜାରି କରିଛି।



## ଓଡ଼ିଶା ହାଇକୋର୍ଟର ୨ ନୂଆ ବିଚାରପତି



ଗୌରୀଶଙ୍କର ଶତପଥୀ



ଚିତ୍ତରଞ୍ଜନ ଦାଶ

**କଟକ ଅଫିସ,୧୨।୮**

ଓଡ଼ିଶା ହାଇକୋର୍ଟର ନୂତନ ବିଚାରପତି ଭାବେ ୨ ଜଣଙ୍କୁ ରାଷ୍ଟ୍ରପତି ନିଯୁକ୍ତି ଦେଇଛନ୍ତି। ସମ୍ବିଧାନର ଧାରା ୨୧୭ ଅନୁଯାୟୀ ବରିଷ୍ଠତା ଭିତ୍ତିରେ ବରିଷ୍ଠ ବିଚାର ବିଭାଗୀୟ ଅଧିକାରୀ ଗୌରୀଶଙ୍କର ଶତପଥୀ ଓ ଚିତ୍ତରଞ୍ଜନ ଦାଶଙ୍କୁ ଏହି ନିଯୁକ୍ତି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

### ଯୋଗୀ ସରକାରଙ୍କୁ ସମସ୍ୟା




# ଦୁଇ ଦିନ ଢାଳିବ



ବାଲେଶ୍ୱର ଜିଲା ଜଳକା ନଦୀରେ ବିପଦ ସଙ୍କେତ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି।

- ୧୪ ଜିଲାକୁ ଅରେଞ୍ଜ ୱାର୍ନିଂ
- ଋଷିକୁଲ୍ୟା, ବଂଶଧାରା ଜଳସ୍ତର ବଢ଼ିବ
- ୧୮ରେ ଆଉ ଏକ ଲଘୁଚାପ ସମ୍ଭାବନା
- ବନ୍ୟା ଆଶଙ୍କା ନାହିଁ: ଜଳ ସମ୍ପଦ ବିଭାଗ

**ଭୁବନେଶ୍ୱର, ୧୨।୮(ବ୍ୟୁରୋ)**

ବଙ୍ଗୋପ ସାଗରରେ ପଛକୁ ପଛ ସୃଷ୍ଟି ହେଉଥିବା ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ବର୍ଷା ଲାଗିରହିଛି। ଗୋଟିଏ ଅବପାତ ଦୁର୍ବଳ ହେବାବେଳକୁ ଉତ୍ତର ବଙ୍ଗୋପସାଗର ଏବଂ ଓଡ଼ିଶା ଉପକୂଳରେ ଶୁକ୍ରବାର ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ପରବର୍ତ୍ତୀ ୨୪ ଘଣ୍ଟାରେ ଏହା ପଶ୍ଚିମ-ଉତ୍ତର ପଶ୍ଚିମ ଦିଗ ଦେଇ ଗତି କରିବ। ଏହାର ପ୍ରଭାବରେ ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର ଅଧିକାଂଶ ସ୍ଥାନରେ ୨ ଦିନ ଧରି ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। କେତେକ ସ୍ଥାନରେ ୨୦ ସେଣ୍ଟିମିଟରରୁ ଅଧିକ ବର୍ଷା ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି।

ଲଘୁଚାପ ପ୍ରଭାବରେ ଶନିବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି, ଢେଙ୍କାନାଳ, କନ୍ଧମାଳ ଏବଂ କଳାହାଣ୍ଡି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷିବ। ଏହି ସବୁ ଜିଲା ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ନୂଆପଡ଼ା, ବଲାଙ୍ଗୀର, ବୌଦ୍ଧ, ସୋନପୁର, ବରଗଡ଼, ସମ୍ବଲପୁର, ଅନୁଗୋଳ, ଝାରସୁଗୁଡ଼ା, ସୁନ୍ଦରଗଡ଼, ଦେବଗଡ଼, ମୟୂରଭଞ୍ଜ ଏବଂ କନ୍ଧମାଳ ଜିଲାରେ ମଧ୍ୟ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ସେହିପରି ୧୪ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗୀର, ବୌଦ୍ଧ, କନ୍ଧମାଳ, ଗଜପତି, ଗଞ୍ଜାମ, ନୟାଗଡ଼, ଅନୁଗୋଳ, ସମ୍ବଲପୁର, ଦେବଗଡ଼ ଜିଲାରେ ୨୦ ସେଣ୍ଟିମିଟରରୁ ଅଧିକ ବର୍ଷା ହୋଇପାରେ। ଏହି ସବୁ ଜିଲା ପାଇଁ ୟେଲୋୱାର୍ନିଂ ଜାରି କରାଯାଇଛି। ଏହାଛଡ଼ା ଖୋର୍ଦ୍ଧା, ☞ପୃଷ୍ଠା-୪






## ଚାଇନା-ତାଇୱାନକୁ ସଂଯମ ରହିବାକୁ ଭାରତର ପରାମର୍ଶ

ଆମେରିକା ହାଉସ୍ ସ୍ପିକର ନାନ୍ସି ପେଲୋସିଙ୍କ ତାଇପେଇ ଗସ୍ତ ପରେ ଚାଇନା ଓ ତାଇୱାନ ମଧରେ ଉତ୍ତେଜନା ବଢ଼ିବାରେ ଲାଗିଛି। ଉଭୟ ଦେଶକୁ ସଂଯମ ରହିବାକୁ ଶୁକ୍ରବାର ଭାରତ ପକ୍ଷରୁ ପରାମର୍ଶ ଦିଆଯାଇଛି। ସମ୍ପୃକ୍ତ କ୍ଷେତ୍ରରେ ସ୍ଥିତାବସ୍ଥା ପରିବର୍ତ୍ତନକୁ ଏଡ଼ାଇବା ଲାଗି ଚାଇନା ଓ ତାଇୱାନ ଏକତରଫା କାର୍ଯ୍ୟାନୁଷ୍ଠାନ ନେବାରୁ କ୍ଷାନ୍ତ ରୁହନ୍ତୁ ବୋଲି ଶୁକ୍ରବାର ବହିର୍ବ୍ୟାପାର ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ କହିଛନ୍ତି।

**ସଂକ୍ଷେପରେ**

## ଦିଲ୍ଲୀରେ ୨,୨୫୧ କ୍ୟାଟ୍ରିଜ୍ ଜବତ

**ନୂଆଦିଲ୍ଲୀ/କୋଲକାତା,୧୨।୮:** ସ୍ୱାଧୀନତା ଦିବସ ପୂର୍ବରୁ ଦିଲ୍ଲୀ ପୋଲିସ ପୂର୍ବ ଜିଲାରୁ ୨,୨୫୧ ଜୀବନ୍ତ କ୍ୟାଟ୍ରିଜ୍ ଜବତ କରିବା ସହ ୬ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ଏକ ଅପରାଧ ନେଟ୍‌ୱର୍କର ସଦସ୍ୟ ହୋଇଥିବାବେଳେ ଏହା ସହ ଆତଙ୍କବାଦ ଦିଗକୁ ଏଡ଼ାଯାଇ ନ ପାରେ ବୋଲି ପୂର୍ବାଞ୍ଚଳ ରେଞ୍ଜ ଅତିରିକ୍ତ ପୋଲିସ କମିଶନର ବିକ୍ରମଜିତ୍ ସିଂ କହିଛନ୍ତି। ଗିରଫ ୬ ଜଣଙ୍କ ମଧରୁ ୨ ଅଭିଯୁକ୍ତ ରଶିଦ ଓ ଆଜମଲଙ୍କ ସମ୍ପର୍କରେ ଆନନ୍ଦ ବିହାର ଅଞ୍ଚଳର ଜଣେ ଅଟୋ ଡ୍ରାଇଭର ପୋଲିସକୁ ସୂଚନା ଦେଇଥିଲେ। ଅନ୍ୟ ଜଣେ ଅଭିଯୁକ୍ତଙ୍କ ଘର ଡେରାଡୁନ୍‌ରେ ଓ ତାଙ୍କର ଏକ ଗନ୍ ହାଉସ୍ ରହିଛି। ମିରଟ ଜେଲ୍‌ରେ ଥିବା ଗ୍ୟାଙ୍ଗଷ୍ଟର ଅନିଲ ଏହି କ୍ୟାଟ୍ରିଜ୍ ଯୋଗାଡ଼ କରିଥିବା ପୋଲିସ ଜାଣିବାକୁ ପାଇଛି। ସେହିପରି ସ୍ୱାଧୀନତା ଦିବସ ପୂର୍ବରୁ କୋଲକାତାର ଭିକ୍ଟୋରିଆ ମେମୋରିଆଲ ହାଇ ଆଲର୍ଟରେ ରହିଥିବାବେଳେ ଏହା ଉପରେ ଦୁଇଜଣ ବାଂଲାଦେଶୀ ଡ୍ରୋନ୍ ଉଡ଼ାଇ ଧରାପଡିଛନ୍ତି।

## କଶ୍ମୀରରେ ପ୍ରବାସୀ ଶ୍ରମିକଙ୍କୁ ଗୁଳିକରି ହତ୍ୟା

**ନୂଆଦିଲ୍ଲୀ,୧୨।୮:** ଜମ୍ମୁ-କଶ୍ମୀରର ବନ୍ଦିପୋରା ଜିଲାରେ ଗୁରୁବାର ରାତିରେ ଜଣେ ପ୍ରବାସୀ ଶ୍ରମିକଙ୍କୁ ଆତଙ୍କବାଦୀ ଗୁଳିକରି ହତ୍ୟା କରିଛନ୍ତି। ମହମ୍ମଦ ଅମ୍ରେଜ୍ ନାମକ ଶ୍ରମିକଙ୍କ ଘର ବିହାରର ମାଧେପୁରାରେ। ବନ୍ଦିପୋରା ଜିଲାର ସୋଆଦନାରା ସୁମ୍ବାଲ ଅଞ୍ଚଳରେ ଆତଙ୍କବାଦୀମାନେ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଗୁରୁବାର ରାଜୌରୀସ୍ଥିତ ସେନା କ୍ୟାମ୍ପ୍ ଉପରେ ୨ ଆତଙ୍କବାଦୀଙ୍କ ଆତ୍ମଘାତୀ ଆକ୍ରମଣ ଉଦ୍ୟମକୁ ଯବାନମାନେ ପଣ୍ଡ କରିଥିଲେ। ସୁରକ୍ଷା ବଳ ଓ ଆତଙ୍କବାଦୀଙ୍କ ମଧରେ ଗୁଳି ବିନିମୟ ବେଳେ ୩ ଯବାନ ଶହୀଦ ହୋଇଥିବାବେଳେ ୨ ଆତଙ୍କବାଦୀ ନିହତ ହୋଇଥିଲେ।

## ୨୪ ପାକିସ୍ତାନୀ ହିନ୍ଦୁଙ୍କୁ ଭାରତୀୟ ନାଗରିକତ୍ୱ

**ରାଜକୋଟ,୧୨।୮(ଆଇଏଏନ୍ଏସ୍):** ଦୀର୍ଘମିଆଦୀ ଭିଜା ବଳରେ ଗୁଜରାଟର ରାଜକୋଟରେ ରହୁଥିବା ୨୪ ଜଣ ପାକିସ୍ତାନୀ ହିନ୍ଦୁଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଯାଇଛି। ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ହର୍ଷ ସାଙ୍ଘଭି ଶୁକ୍ରବାର ସେମାନଙ୍କୁ ନାଗରିକତ୍ୱ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ସାଙ୍ଘଭି ଉଦ୍‌ବୋଧନ ଦେଇ ସେମାନଙ୍କୁ ଭାରତର ଭାଇ ଭଉଣୀ ବୋଲି ସମ୍ବୋଧନ କରି ଅନ୍ୟମାନଙ୍କ ଭଳି ଦେଶର ବିକାଶ ଧାରାରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ସେମାନଙ୍କ ଅଭିବୃଦ୍ଧି ଓ ପ୍ରଗତିରେ ସରକାର ସହଯୋଗ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

## କାର୍-ଅଟୋ ଧକ୍କାରେ ୬ ମୃତ

**ଆନନ୍ଦ,୧୨।୮:** ଗୁଜରାଟର ଆନନ୍ଦ ଜିଲାରେ ଏକ ସଡ଼କ ଦୁର୍ଘଟଣାରେ ୬ ଜଣଙ୍କ ମୃତ୍ୟୁ ଘଟିଛି। ଏକ କାର୍ ଗୋଟିଏ ଅଟୋରିକ୍ସା ଏବଂ ଗୋଟିଏ ବାଇକ୍‌କୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ଅଟୋ ଡ୍ରାଇଭର ଓ ବାଇକ ଆରୋହୀ ପ୍ରାଣ ହରାଇଥିବାବେଳେ ହସ୍ପିଟାଲରେ ୪ ଜଣଙ୍କ ଜୀବନ ଯାଇଛି। ମୃତକଙ୍କ ମଧରୁ ୩ ଜଣ ଗୋଟିଏ ପରିବାରର। ସେମାନେ ରକ୍ଷାବନ୍ଧନ ଉତ୍ସବ ପାଳନ କରି ଗୁରୁବାର ରାତିରେ ଅଟୋରେ ଘରକୁ ଫେରୁଥିବାବେଳେ ଆନନ୍ଦ ଜିଲାର ସୋଜିତ୍ରାଠାରେ ଦୁର୍ଘଟଣା ଘଟିଥିଲା।



ବ୍ରିଟେନର ଲିକ୍ ସ୍ଥିତ ଟିଟ୍ସୱର୍ଥ ଜଳାଶୟରେ ମାଟି ଫାଟି ଆଁ କରିଛି।

ପର୍ତ୍ତୁଗାଲ, ସ୍ପେନ୍ ଓ ଫ୍ରାନ୍ସରେ ପାରଦ ୪୦ ଡିଗ୍ରୀ ଉପରକୁ ଉଠିଛି। ବ୍ରିଟେନରେ ଅନାବୃଷ୍ଟି ଓ ଗ୍ରୀଷ୍ମ ପ୍ରବାହ ମରୁଡ଼ି ପରିସ୍ଥିତି ସୃଷ୍ଟି କରିଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ଏସବୁ ଘଟୁଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି। ସମଗ୍ର ୟୁରୋପରେ ତାପମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି ସରକାରମାନେ ସ୍ୱାସ୍ଥ୍ୟ ସତର୍କତା ଜାରି କରିଛନ୍ତି।

# ବ୍ରିଟେନରେ ମରୁଡ଼ି, ଫ୍ରାନ୍ସରେ ବନାଗ୍ନି

**ଲଣ୍ଡନ/ ପ୍ୟାରିସ୍,,୧୨।୮**

ଲଗାତର ଅନାବୃଷ୍ଟି ଓ ଗ୍ରୀଷ୍ମ ପ୍ରବାହ ଯୋଗୁ ଇଂଲଣ୍ଡର ବିଭିନ୍ନ ଭାଗରେ ମରୁଡ଼ି ଦେଖାଦେଇଛି। କ୍ରମାଗତ ୫ ମାସ ଧରି ସ୍ୱାଭବିକଠାରୁ କମ୍ ବର୍ଷା ହୋଇଛି। ଜୁଲାଇରେ ହାରାହାରି ବୃଷ୍ଟିପାତ ୩୫% ରହିଥିବାବେଳେ ଶନିବାର କେତେକ ଭାଗରେ ତାପମାତ୍ରା ୩୭ ଡିଗ୍ରୀ ସେଲ୍‌ସିୟସ୍ ଛୁଇଁବା ଆଶଙ୍କା କରାଯାଉଛି। ଇଂଲଣ୍ଡ ଓ ୱେଲ୍ସରେ ଚାରିଦିନିଆ ଚରମ ଗ୍ରୀଷ୍ମପ୍ରବାହ ଲାଗିରହିଥିବାରୁ ଆଲର୍ଟ ଜାରି କରାଯାଇଛି। ୧୯୩୫ ମସିହା ପରେ ଏପରି ଶୁଷ୍କତା କେବେ ଦେଖିବାକୁ ମିଳି ନ ଥିଲା। ବ୍ରିଟେନ ସରକାର ଶୁକ୍ରବାର ଇଂଲଣ୍ଡର ଦକ୍ଷିଣ, କେନ୍ଦ୍ରୀୟ ଓ ପୂର୍ବାଞ୍ଚଳରେ ଆନୁଷ୍ଠାନିକ ଭାବେ ମରୁଡ଼ି ଘୋଷଣା କରିଛନ୍ତି। ଗ୍ଲୁସେଷ୍ଟରଶାୟାରର ପଶ୍ଚିମ ଭାଗରୁ ଦକ୍ଷିଣ ଇଂଲଣ୍ଡ ପର୍ଯ୍ୟନ୍ତ ପ୍ରବାହିତ ୩୫୬ କି.ମି. ଲମ୍ବ ଥମ୍ସ ନଦୀର ଜଳଉତ୍ସ ଶୁଷ୍କ ହୋଇଯାଇଛି। ଏଥି ସକାଶେ ସମ୍ପୃକ୍ତ ଅଞ୍ଚଳରେ ପାଣିର ଘରୋଇ ଓ ବ୍ୟବସାୟିକ ବ୍ୟବହାର ଉପରେ କଟକଣା ଜାରି କରାଯାଇଛି। ଅର୍ଥାତ୍ ସାଧାରଣ ଲୋକେ ଓ କମ୍ପାନୀଗୁଡ଼ିକ ପାଣିର ଉପଯୋଗ ସରକାରଙ୍କ ହିସାବରେ କରିବେ। ଇଂଲଣ୍ଡରେ ୨୦୧୮ରେ ଶେଷ ଥର ପାଇଁ ମରୁଡ଼ି ଦେଖିବାକୁ ମିଳିଥିଲା। ଏହା ପୂର୍ବରୁ ୨୦୧୧ରେ ମଧ ତା'ଠୁ ବଳି ଭୟଙ୍କର ସ୍ଥିତି ଉପୁଜିଥିଲା। ଜୀବାଶ୍ମ ଇନ୍ଧନ ଜଳେଣିରୁ ଅଙ୍ଗାରକାମ୍ଳ ମାତ୍ରା ବୃଦ୍ଧି ପାଉଥିବାରୁ ଆଗକୁ ପାଗ ଆହୁରି ଖରାପ ହେବ ବୋଲି ଜଳବାୟୁ ବିଜ୍ଞାନୀମାନେ ସତର୍କ କରାଇଛନ୍ତି।



ବୋର୍ଡେଅକ୍ସରେ ଜଳିଯାଇଥିବା ଏକ ଘର।

**ରେକର୍ଡ ଭାଙ୍ଗୁଛି ତାପମାତ୍ରା**

ଫ୍ରାନ୍ସର ଦକ୍ଷିଣ-ପଶ୍ଚିମରେ ଥିବା ବୋର୍ଡେଅକ୍ସ ଜଙ୍ଗଲରେ ନିଆଁ ଲାଗିଛି। ନିଆଁ ଲିଭାଇବା ପାଇଁ ୧,୦୦୦ରୁ ଊର୍ଦ୍ଧ୍ୱ ଅଗ୍ନିଶମ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ବନାଗ୍ନି ଯୋଗୁ ଅଦ୍ୟାବଧି ୭,୪୦୦୦ ହେକ୍ଟର (୧୮,୨୮୬ ଏକର) ଜଙ୍ଗଲ ଜଳିପୋଡ଼ି ଛାରଖାର ହୋଇଯାଇଛି। ଫଳରେ ୧୦ ହଜାରରୁ ଅଧିକ ବାସିନ୍ଦା ବାସଚ୍ୟୁତ ହୋଇ ଗଣପଳାୟନ କରିଛନ୍ତି। ପର୍ତ୍ତୁଗାଲ ଓ ସ୍ପେନ୍‌ରେ ଗ୍ରୀଷ୍ମ ପ୍ରବାହ ଯୋଗୁ ୧,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଲାଣି।

## ଅଣୁଅସ୍ତ୍ର ଦସ୍ତାବିଜ ଖୋଜୁଥିଲା ଏଫ୍‌ବିଆଇ

### ଟ୍ରମ୍ପ୍‌ଙ୍କ ଘରେ ଚଢ଼ାଉ



**ୱାଶିଂଟନ,୧୨।୮**

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଫ୍ଲୋରିଡ଼ା ଘରେ ସଂଘୀୟ ତଦନ୍ତକାରୀ ସଂସ୍ଥା ଏଫ୍‌ବିଆଇ ଗତ ସପ୍ତାହରେ ଚଢ଼ାଉ ବେଳେ ଅଣୁଅସ୍ତ୍ର ସମ୍ପର୍କିତ ଦସ୍ତାବିଜ୍ ଖୋଜିଥିଲା। ତେବେ ଟ୍ରମ୍ପଙ୍କ ମାର୍-ଏ-ଲାଗୋ ରିସର୍ଟରୁ ଉକ୍ତ ଦସ୍ତାବିଜ୍ ମିଳିଛି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଏଫ୍‌ବିଆଇ ଚଢ଼ାଉ ପାଇଁ କୋର୍ଟଙ୍କ ଅନୁମତି ଥିଲା। ଉକ୍ତ ୱାରେଣ୍ଟକୁ ସର୍ବସାଧାରଣରେ ପ୍ରକାଶ କରିବାକୁ ଆମେରିକା ନ୍ୟାୟ ବିଭାଗ ଗୁରୁବାର ବିଚାରପତିଙ୍କୁ କହିଛି। ତେବେ ରିପବ୍ଲିକାନ୍ ନେତା ଟ୍ରମ୍ପ ଉକ୍ତ ଚଢ଼ାଉକୁ ରାଜନୈତିକ ପ୍ରତିଶୋଧ ବୋଲି ଅଭିଯୋଗ କରିଛନ୍ତି। ୨୦୨୧ ଜାନୁୟାରୀରେ ଟ୍ରମ୍ପ୍ ହ୍ୱାଇଟ୍ ହାଉସ ଛାଡ଼ିବା ପୂର୍ବରୁ ବେଆଇନ ଭାବେ କେତେକ ରେକର୍ଡ ସ୍ଥାନାନ୍ତର କରିଥିବା ଅଭିଯୋଗ ହୋଇଥିଲା।

## ରଣବୀରଙ୍କୁ ସମନ



**ମୁମ୍ବାଇ,୧୨।୮:** ବଲିଉଡ୍ ଅଭିନେତା ରଣବୀର ସିଂଙ୍କ ନାମରେ ଚେମ୍ବୁର ପୋଲିସ ଶୁକ୍ରବାର ସମନ କରିଛି। ଏକ ମାଗାଜିନ୍ ପାଇଁ ରଣବୀର କରିଥିବା ନ୍ୟୁଡ୍ ଫଟୋଶୁଟ୍‌କୁ ବିରୋଧ କରି ଏନ୍‌ଜିଓ ପକ୍ଷରୁ ଏତଲା ଦିଆଯାଇଥିଲା। ଏହାର ତଦନ୍ତ ଆରମ୍ଭ ହୋଇଥିବାବେଳେ ରଣବୀରଙ୍କୁ ପଚରାଉଚରା ପାଇଁ ଥାନାକୁ ଡକାଯାଇଛି। ଥାନା ଅଧିକାରୀ ଶୁକ୍ରବାର ରଣବୀରଙ୍କ ଘରେ ପହଞ୍ଚିଥିଲେ। କିନ୍ତୁ ସେ ମୁମ୍ବାଇରେ ନ ଥିବା କୁହାଯାଉଛି। ଜାରି ନୋଟିସ୍ ଅନୁସାରେ ଆସନ୍ତା ୨୨ରେ ତାଙ୍କୁ ଚେମ୍ବୁର ଥାନାରେ ହାଜର ହେବା ପାଇଁ କୁହାଯାଇଛି।

## ବିପଦ ସଙ୍କେତ ଉପରେ ଯମୁନା ଜଳସ୍ତର



**ନୂଆଦିଲ୍ଲୀ/ବନ୍ଦା,୧୨।୮**

ଉପର ଅବବାହିକାରେ ପ୍ରବଳ ବର୍ଷା ଲାଗିରହିବା ଫଳରେ ଯମୁନା ନଦୀ ବିପଦ ସଙ୍କେତ ଅତିକ୍ରମ କରି ଦିଲ୍ଲୀରେ ୨୦୫.୩୩ ମିଟର ଉଚ୍ଚରେ ପ୍ରବାହିତ ହେଉଛି। ଫଳରେ ନଦୀକୂଳବର୍ତ୍ତୀ ତଳିଆ ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର କରିବା ଲାଗି ପ୍ରଶାସନ ପକ୍ଷରୁ ଯୋଜନା କରାଯାଇଛି। ଦିଲ୍ଲୀର ପୁରୁଣା ରେଲୱେ ବ୍ରିଜ୍ ନିକଟରେ ଯମୁନା ନଦୀର ଜଳପତ୍ତନ ଶୁକ୍ରବାର ଅପରାହ୍ନରେ ୨୦୫.୨୯ ମିଟର ରହିଛି। ସେପଟେ ଗୁରୁବାର ସନ୍ଧ୍ୟାରେ ଉତ୍ତରପ୍ରଦେଶର ବନ୍ଦା ଜିଲା ଅନ୍ତର୍ଗତ ଯମୁନାରେ ବୋଟ୍ ବୁଡ଼ି ଘଟଣାରେ ଏବେ ବି ୨୫ ଜଣ ଯାତ୍ରୀ ନିଖୋଜ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ୩ ଜଣଙ୍କ ମୃତଦେହ ମିଳିଛି। ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍, ଏସ୍‌ଡିଆର୍‌ଏଫ୍ ଏବଂ ବୁଡ଼ାଳିମାନେ ନିୟୋଜିତ ଅଛନ୍ତି। ମୃତକଙ୍କ ପରିବାର ପାଇଁ ୟୁପି ସରକାରଙ୍କ ବିପର୍ଯ୍ୟୟ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରାଯାଇଛି।

### ବୋଟ୍ ବୁଡ଼ି ଘଟଣାରେ ଏବେ ବି ୨୫ ନିଖୋଜ

**ବିବାଦରେ 'ଲାଲ୍ ସିଂ ଚଢ଼ା'**

## ଆମିର ଖାନ୍‌ଙ୍କୁ ଆସାମ ଗସ୍ତ ସ୍ଥଗିତ ରଖିବାକୁ କହିଲେ ବିଶ୍ୱଶର୍ମା



**ଗୁଆହାଟୀ,୧୨।୮**

ଅଭିନେତା ଆମିର ଖାନ୍‌ଙ୍କ ଆସାମ ଗସ୍ତ ସ୍ଥଗିତ କରିବାକୁ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ପରାମର୍ଶ ଦେଇଛନ୍ତି। ଆମିର ଆସନ୍ତା ୧୪ରେ ଗୁଆହାଟୀ ଯିବାକୁ ଯୋଜନା କରିଥିଲେ। କିନ୍ତୁ ରାଜ୍ୟବାସୀ 'ହର୍ ଘର ତ୍ରିରଙ୍ଗା' ପାଳନ କରୁଥିବାରୁ ମୁଖ୍ୟମନ୍ତ୍ରୀ ତାଙ୍କ ଗସ୍ତକୁ ସ୍ଥଗିତ କରିଥିବା କୁହାଯାଉଛି। ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଏହା ପାଳନ କରାଯିବ। ଆମିର ଗୁଆହାଟୀ ଗଲେ ମୁଖ୍ୟମନ୍ତ୍ରୀ ତାଙ୍କ ସହ ଲାଲ୍ ସିଂ ଚଢ଼ା ଫିଲ୍ମ ଦେଖିବା ନେଇ ଯୋଜନା ହୋଇଥିଲା। ସଦ୍ୟ ରିଲିଜ ହୋଇଥିବା ଆମିରଙ୍କ ଅଭିନୀତ ଫିଲ୍ମ 'ଲାଲ୍ ସିଂ ଚଢ଼ା'କୁ ନେଇ ଟୁଇଟରରେ 'ବଏକଟ୍ ଟ୍ରେଣ୍ଡ୍' ଚାଲିଛି।

## ରାଜୁ ଶ୍ରୀବାସ୍ତବଙ୍କ ସ୍ତ୍ରୀଙ୍କୁ ଫୋନ୍ କଲେ ମୋଦି

**ନୂଆଦିଲ୍ଲୀ,୧୨।୮**

ଷ୍ଟାଣ୍ଡଅପ୍ କମେଡିଆନ୍ ରାଜୁ ଶ୍ରୀବାସ୍ତବଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଛି। ଭେଣ୍ଟିଲେଟରେ ଥିବା ରାଜୁଙ୍କ ମସ୍ତିଷ୍କ କାମ କରିବା ବନ୍ଦ କରିଦେଇଛି। ତାଙ୍କ ପାଖକୁ କାହାରିକୁ ଛଡ଼ାଯାଉ ନାହିଁ ବୋଲି ରାଜୁଙ୍କ ବନ୍ଧୁ ଏହେଶାନ କୁରେଶି କହିଛନ୍ତି। ଦିଲ୍ଲୀ ଏମ୍ସରେ ଭର୍ତ୍ତି ହୋଇଥିବା ରାଜୁ ୩୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅଚେତ ରହିଛନ୍ତି। ରାଜୁଙ୍କ ସ୍ତ୍ରୀଙ୍କୁ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫୋନ୍ କରି କଥା ହୋଇଛନ୍ତି। ଆବଶ୍ୟକ ସହାୟତା ଯୋଗାଇ ଦେବା ପାଇଁ ମୋଦି ତାଙ୍କୁ ପ୍ରତିଶ୍ରୁତି ଦେଇଥିବା କୁହାଯାଉଛି। ଗତ ବୁଧବାର ଜିମ୍‌ରେ ରାଜୁଙ୍କ ସ୍ୱାସ୍ଥ୍ୟ ବିଗିଡ଼ିବାରୁ ଟ୍ରେନ୍‌ର ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

## ଡାକ୍ତରୀ, ଇଞ୍ଜିନିୟରିଂ ପାଇଁ ହେବ ଗୋଟିଏ ପ୍ରବେଶିକା ପରୀକ୍ଷା

**ନୂଆଦିଲ୍ଲୀ,୧୨।୮**

ଇଞ୍ଜିନିୟରିଂ ଏବଂ ଡାକ୍ତରୀ ପାଠ୍ୟକ୍ରମରେ ନାମଲେଖା ନିମନ୍ତେ ଗୋଟିଏ ପ୍ରବେଶିକା ପରୀକ୍ଷା ପ୍ରସ୍ତାବ ଉପରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) କାର୍ଯ୍ୟ କରୁଛି। ଏନ୍‌ଇଇଟି ଏବଂ ଜେଇଇ ବଦଳରେ କମନ ୟୁନିଭର୍ସିଟି ଏଣ୍ଟ୍ରାନ୍ସ ଟେଷ୍ଟ-ଅଣ୍ଡରଗ୍ରାଜୁଏଟ୍ (ସିୟୁଇଟି-ୟୁଜି) କାର୍ଯ୍ୟକାରୀ କରିବାକୁ ଯୋଜନା ହେଉଥିବା ୟୁଜିସି ଅଧକ୍ଷ ଏମ୍. ଜଗଦେଶ କୁମାର ସୂଚନା ଦେଇଛନ୍ତି। ପ୍ରସ୍ତାବ ଅନୁଯାୟୀ ନାମଲେଖାଇବା ପାଇଁ ଆଶାୟୀ ଛାତ୍ରୀଛାତ୍ର ୩ଟି ଏଣ୍ଟ୍ରାନ୍ସ ପରୀକ୍ଷାରେ ଗଣିତ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଜୀବ ବିଜ୍ଞାନ ବିଷୟରେ ୩ ଥର ପରୀକ୍ଷା ନ ଦେଇ ଗୋଟିଏ ଥର ପରୀକ୍ଷା ଦେବେ ଏବଂ ସେମାନେ ନାମ ଲେଖାଇବାକୁ ଚାହୁଁଥିବା ବିଭାଗ ପାଇଁ ଯୋଗ୍ୟ ବିବେଚିତ ହୋଇପାରିବେ। ପ୍ରବେଶିକା ପରୀକ୍ଷାଗୁଡ଼ିକୁ ଏକାଠି କରାଇବା ପାଇଁ ୟୁଜିସିର ଏକ କମିଟି ବିଭିନ୍ନ ଅଂଶୀଦାରଙ୍କ ସହ ଆଲୋଚନା ଚଳାଇଛି।



ପୋଲାଣ୍ଡ ଓ ଜର୍ମାନୀ ମଧ ଦେଇ ପ୍ରବାହିତ ଓଡର ନଦୀ ବିଷାକ୍ତ ପାଣିରେ ଲକ୍ଷାଧିକ ମାଛ ମରି ଭାସୁଥିବା ଦେଖିବାକୁ ମିଳିଛି। ସିନ୍ଥେଟିକ୍ ରାସାୟନିକ ପଦାର୍ଥ ଯୋଗୁ ପାଣି ବିଷାକ୍ତ ହୋଇଥିବା ନମୁନା ପରୀକ୍ଷାରୁ ସ୍ପଷ୍ଟ ହୋଇଛି।

# 'ଇକୋନୋମିଷ୍ଟ' ବିରୋଧରେ ମାମଲା

**ବାଗଦାଦ୍,୧୨।୮**

ବ୍ରିଟେନର ଜଣାଶୁଣା ପତ୍ରିକା 'ଦି ଇକୋନୋମିଷ୍ଟ'ରେ ନିକଟରେ ଏକ ବିବାଦୀୟ ଆର୍ଟିକଲ ପ୍ରକାଶ ପାଇଥିଲା। ଆରବ ଦୁନିଆର ମୋଟୀ ମହିଳାମାନଙ୍କୁ ଏଥିରେ ସ୍ଥାନିତ କରାଯାଇଥିଲା। ଜୁଲାଇ ଶେଷଭାଗରେ ପ୍ରକାଶିତ 'ଆରବର ପୁରୁଷଙ୍କ ତୁଳନାରେ ମହିଳାମାନେ କାହିଁକି ମୋଟୀ' ଶୀର୍ଷକ ନିବନ୍ଧରେ ମଧ୍ୟପ୍ରାଚ୍ୟରେ ମେଦବୃଦ୍ଧି କ୍ଷେତ୍ରରେ ଲିଙ୍ଗଗତ ଅସମାନତାକୁ ରେଖାଙ୍କିତ କରାଯାଇଥିଲା। ଏହାକୁ ନେଇ ସାମାଜିକ ଗଣମାଧ୍ୟମରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।



ଇନାସ୍ ତଲେବ

### 'ମୋଟୀ ମହିଳା' ଷ୍ଟୋରିରେ ଇରାକୀ ଅଭିନେତ୍ରୀଙ୍କ ଫଟୋ

ଉକ୍ତ ପତ୍ରିକା ବିରୋଧରେ ଇରାକୀ ଅଭିନେତ୍ରୀ ଇନାସ୍ ତଲେବ ମାମଲା ଦାଏର କରିଛନ୍ତି। କାରଣ ମୋଟୀ ମହିଳାମାନଙ୍କ ମଧରେ ତାଙ୍କୁ ରଖାଯାଇଛି। ୪୨ ବର୍ଷୀୟା ଇନାସ୍ କହିଛନ୍ତି, ମହିଳାଙ୍କୁ ଅପମାନିତ କରିବା ପାଇଁ ଉଦ୍ଦିଷ୍ଟ ଏକ ପ୍ରସଙ୍ଗରେ ତାଙ୍କ ଫଟୋକୁ ଯୋଡ଼ାଯାଇଛି। ଏଥିଯୋଗୁ ତାଙ୍କୁ ସୋସିଆଲ ମିଡିଆରେ ହୀନସ୍ତା ହେବାକୁ ପଡ଼ିଛି। 'ଇକୋନୋମିଷ୍ଟ' କର୍ତ୍ତୃପକ୍ଷଙ୍କଠାରୁ କ୍ଷମା ଓ ଆର୍ଥିକ କ୍ଷତିପୂରଣ ଦାବିରେ ଇନାସ୍ ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇଥିବା ସୂଚନା ଦେଇଛନ୍ତି। ଏହା ସମସ୍ତ ଆରବୀ ମହିଳାଙ୍କ ପ୍ରତି ଅପମାନ। ଆଗକୁ ଏଭଳି ଫଟୋ ଛାପିବା ପୂର୍ବରୁ ବ୍ରିଟିଶ୍ ମାଗାଜିନ୍ ବହୁବାର ଚିନ୍ତା କରିବ ବୋଲି ସେ କହିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୯,୩୫,୬୭,୪୪୧ | ୬୪,୪୯,୫୮୯ | ୫୬,୫୬,୧୧,୩୪୫ |
| ଭାରତ | ୪,୪୨,୨୩,୫୫୭ | ୫,୨୬,୯୨୮ | ୪,୩୫,୭୩,୦୯୪ |
| ଓଡ଼ିଶା | ୧୩,୨୧,୭୮୦ | ୯୧୫୪(+୫୩) | ୧୩,୦୮,୧୬୬ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଆରମ୍ଭ ହେଲା 'ଛାତ' ଯୋଜନା

**ଭୁବନେଶ୍ୱର,୧୨।୮(ବ୍ୟୁରୋ)**

ଭୂତଳ ଜଳ ଉପରେ ନିର୍ଭରତା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏଥିଯୋଗୁ ଭୂତଳ ଜଳସ୍ତର ହ୍ରାସ ପାଇଚାଲିଛି। ସହରାଞ୍ଚଳରେ ଏହି ସ୍ଥିତି ଉତ୍କଟ ହେଲାଣି। ବର୍ଷା ଜଳକୁ ସଂରକ୍ଷଣ କରିବା ସହ ଭୂତଳ ଜଳ ସଞ୍ଚରଣ କରିବା ପାଇଁ ରାଜ୍ୟ ସରକାର 'ଛାତ' (କମ୍ୟୁନିଟି ହାରନେସିଂ ଆଣ୍ଡ ହାରଭେଷ୍ଟିଂ ରେନ୍‌ୱାଟର ଆର୍ଟିଫିସିଆଲି ଫ୍ରମ୍ ଟେରାସ ଟୁ ଆକ୍ୱିଫାୟର) ନାମରେ ଏକ ନୂତନ ଯୋଜନା କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ଯୋଜନାକୁ ଅନୁମୋଦନ କରାଯାଇଛି। ଛାତ ଉପରେ ବର୍ଷା ଜଳ ଅମଳ କରିବା ପାଇଁ ରାଜ୍ୟ ସରକାର ଏହି ଯୋଜନା ରାଜ୍ୟର ୫୨ ବ୍ଲକ ଓ ୨୨ ସହରାଞ୍ଚଳରେ କାର୍ଯ୍ୟକାରୀ କରିବେ। ଏ ବାବଦରେ ୨୭୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଆସନ୍ତା ୫ ବର୍ଷ ମଧ୍ୟରେ ୨୯ ହଜାର ବେସରକାରୀ କୋଠା ଏବଂ ୧୯୨୫ ସରକାରୀ କୋଠାରେ ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ଏହି ଯୋଜନାରେ ଯେଉଁ ବ୍ୟକ୍ତି ନିଜ ଛାତ ଉପରେ ବର୍ଷା ଜଳ ଅମଳ ପ୍ରକଳ୍ପ କରିବେ ତାଙ୍କୁ ୫୫ ହଜାର ଟଙ୍କା ଅଥବା ୫୦ ପ୍ରତିଶତ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଏହି ଯୋଜନା ଭୂତଳ ଜଳ ଉନ୍ନୟନ ନିର୍ଦ୍ଦେଶାଳୟଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯିବ। ଶୁକ୍ରବାର ଅପରାହ୍ନରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମୋଟ ୧୭ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।

**ବର୍ଷା ଜଳ ସଂରକ୍ଷଣ ଚିନ୍ତା**

## ୩ ଜିଲାର ୭.୨୯ ଲକ୍ଷ ଲୋକଙ୍କୁ ମିଳିବ ପାନୀୟ ଜଳ

ଗ୍ରାମାଞ୍ଚଳ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ଜଳ ଜୀବନ ମିଶନ(ଜେଜେଏମ୍) ଯୋଜନାରେ ସରକାର ଢେଙ୍କାନାଳ, କେନ୍ଦ୍ରାପଡା ଓ ବାଲେଶ୍ୱର ଜିଲାର ୧୦ ବ୍ଲକର ୧୮୮ ପଞ୍ଚାୟତ ଅନ୍ତର୍ଗତ ୧୦୮୪ ଗ୍ରାମର ୭ ଲକ୍ଷ ୨୯ ହଜାର ୪୮୭ ଜଣଙ୍କୁ ପାଇପ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବେ। ଏ ବାବଦରେ ୧୨୧୦.୦୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଏହି ପ୍ରକଳ୍ପକୁ ରାଜ୍ୟ କ୍ୟାବିନେଟ ବୈଠକରେ ଅନୁମୋଦନ କରାଯାଇଛି। ବୈଠକରୁ ମିଳିଥିବା ସୂଚନା ଅନୁଯାୟୀ ଢେଙ୍କାନାଳ ଜିଲାର ୪ ବ୍ଲକର ୭୧ ପଞ୍ଚାୟତ ଅନ୍ତର୍ଗତ ୨୬୧ ଗ୍ରାମର ୩୨୨୦୪ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। କାମାକ୍ଷାନଗର ବ୍ଲକର ୧୩ ପଞ୍ଚାୟତର ୪୬ ଗ୍ରାମର ୫୨୯୧୪ ଜଣ, ପରଜଙ୍ଗ ବ୍ଲକର ୨୯ ପଞ୍ଚାୟତର ୯୨ ଗ୍ରାମର ୧,୩୫,୨୪୩ ଜଣ, କଙ୍କଡ଼ାହାଡ଼ ବ୍ଲକର ୨୧ ପଞ୍ଚାୟତର ୧୦୬ ଗ୍ରାମର ୯୬,୯୭୩ ଜଣ ଓ ସଦର ବ୍ଲକର ୮ ପଞ୍ଚାୟତର ୨୭ ଗ୍ରାମର ୩୭,୦୭୪ ଜଣଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ। ଏହି ପାନୀୟ ଜଳ ପ୍ରକଳ୍ପର ୫୦୧ କୋଟି ୮୫ ଲକ୍ଷ ୮୧ ହଜାର ଟଙ୍କାର ଟେଣ୍ଡରକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି। ପ୍ରକଳ୍ପଗୁଡିକ ୨୪ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହିପରି କେନ୍ଦ୍ରାପଡ଼ା ଜିଲାର ୩ ବ୍ଲକ ପଟ୍ଟାମୁଣ୍ଡାଇ, ରାଜନଗର ଓ ଗରଦପୁରର ୭୬ ପଞ୍ଚାୟତର ୫୨୨ ଗ୍ରାମର ୪,୩୫,୧୯୦ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ। ଏହି ପ୍ରକଳ୍ପ ପାଇଁ ଡକାଯାଇଥିବା ୪୧୬ କୋଟି ୫୭ ଲକ୍ଷ ୨୯ ହଜାର ୧୮୧ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପ କାର୍ଯ୍ୟ ୨ ବର୍ଷରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ବାଲେଶ୍ୱର ଜିଲାର ୩ ବ୍ଲକ ବାଲେଶ୍ୱର, ରେମୁଣା ଓ ଖଇରାର ୪୧ଟି ପଞ୍ଚାୟତର ୩୦୧ ଗ୍ରାମର ୨,୬୨,୦୯୩ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ। ଏହି ପ୍ରକଳ୍ପ ପାଇଁ ଡକାଯାଇଥିବା ୨୯୧ କୋଟି ୬୨ ଲକ୍ଷ ୭୭ ହଜାର ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ମୋହର ଲାଗିଛି। ପ୍ରକଳ୍ପଗୁଡିକ ୨୪ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

## ତାଳଚେର ନିକଟରେ ହେବ ନଦୀଜଳ ସଂରକ୍ଷଣ ପ୍ରକଳ୍ପ

ନଦୀ ଗର୍ଭରେ ବୃହତ୍ ଜଳାଶୟ ସୃଷ୍ଟି କରିବା ଲାଗି ରାଜ୍ୟ ସରକାର ୨୦୧୯-୨୦ରୁ ୧୧,୭୦୦ କୋଟି ଟଙ୍କା ବ୍ୟୟରେ ନଦୀଗର୍ଭ ସୀମିତ ଜଳ ସଂରକ୍ଷଣ ଆନିକଟ ନିର୍ମାଣ ପ୍ରକଳ୍ପ ଯୋଜନା କରିଛନ୍ତି। ଏହି ପ୍ରକଳ୍ପ ଜରିଆରେ ଅନୁଗୋଳ ଜିଲାର ତାଳଚେର ବ୍ଲକର ଖଲପାଳ ଗ୍ରାମ ନିକଟରେ ଏକ ଆନିକଟ ସେତୁ ନିର୍ମାଣ ହେବ। ଏହି ପ୍ରକଳ୍ପ ପାଇଁ ୨୧୯ କୋଟି ୫୦ ଲକ୍ଷ ଟଙ୍କା ଏବଂ ୫ ବର୍ଷ ରକ୍ଷଣା ବେକ୍ଷଣ ପାଇଁ ଦେଢ଼ କୋଟି ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ପ୍ରକଳ୍ପ କାର୍ଯ୍ୟ ୩୩ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଉକ୍ତ ପ୍ରକଳ୍ପ ପରଜଙ୍ଗ ବ୍ଲକର ୨୨ ଗ୍ରାମ, ତାଳଚେର ବ୍ଲକର ୨୩ ଗ୍ରାମ ଓ ତାଳଚେର ସହର ଲୋକମାନଙ୍କ ନିମନ୍ତେ ପାନୀୟ ଜଳ ଯୋଗାଇବାରେ ସହାୟକ ହେବ। ଏହାଛଡ଼ା ଏହି ପ୍ରକଳ୍ପ ମାଛ ଚାଷ, ପଶୁଧନ ପାଳନ କାର୍ଯ୍ୟ, ସ୍ଥାନୀୟ ଲୋକଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି ଦିଗରେ ସହାୟକ ହେବ।

**କ୍ୟାବିନେଟ ନିଷ୍ପତ୍ତି**

- **୫ ବର୍ଷ ପାଇଁ ଖର୍ଚ୍ଚ ହେବ ୨୭୦ କୋଟି**
- **ଲୋକଙ୍କୁ ମିଳିବ ୫୦% ରିହାତି**
- **୫୨ ବ୍ଲକ, ୨୨ ସହରାଞ୍ଚଳରେ କାର୍ଯ୍ୟକାରୀ ହେବ**
- **୧୭ ପ୍ରସ୍ତାବକୁ ମୋହର**

## ଜଳ ସଂରକ୍ଷଣ ପ୍ରକଳ୍ପ ତଦାରଖ ପାଇଁ ପିଏମ୍‌ସି ନିଯୁକ୍ତ ହେବେ

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ନଦୀଗର୍ଭ ସୀମିତ ଜଳ ସଂରକ୍ଷଣ ଆନିକଟ ନିର୍ମାଣ ପ୍ରକଳ୍ପ, ୬ଟି ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ଏବଂ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ଭୂତଳ ପାଇପ ଦ୍ୱାରା ଜଳସେଚନ ବ୍ୟବସ୍ଥାର ପର୍ଯ୍ୟବେକ୍ଷଣ ପାଇଁ ରାଜ୍ୟ ସରକାର ପ୍ରକଳ୍ପ ପରିଚାଳନା କନସଲଟାଣ୍ଟ (ପିଏମ୍‌ସି) ନିୟୋଜିତ କରିବାକୁ ନିଷ୍ପତ୍ତି ନେଇଛନ୍ତି। ପିଏମ୍‌ସି ପ୍ରକଳ୍ପଗୁଡିକର ଶେଷ ହେବା ପାଇଁ ଆବଶ୍ୟକ ବୈଷୟିକ ସହାୟତା, ଡିଜାଇନ ଓ ଆକଳନ, ନିର୍ମାଣ ଆଦି କାର୍ଯ୍ୟର ତଦାରଖ କରିବ। ଏହି ପ୍ରକଳ୍ପ ନିର୍ମାଣ ପାଇଁ ୧୧୫ କୋଟି ୭୬ ଲକ୍ଷ ୮୮ ହଜାର ଟଙ୍କାର ଟେଣ୍ଡରକୁ କ୍ୟାବିନେଟ ଅନୁମୋଦନ କରିଛି। ପ୍ରକଳ୍ପ ଆସନ୍ତା ୩୬ ମାସରେ ଶେଷ ହେବ।

## ମିଲେଟ୍ ମିଶନ ପାଇଁ ୨୮୦୮.୩୯ କୋଟି

ଆଦିବାସୀ ଅଞ୍ଚଳରେ ପୁଷ୍ଟିକର ଖାଦ୍ୟ ଶସ୍ୟର ବହୁଳ ଉତ୍ପାଦନ ପାଇଁ ରାଜ୍ୟ ସରକାର ୨୦୧୭-୧୮ରେ ମିଲେଟ୍ ମିଶନ ଆରମ୍ଭ କରିଥିଲେ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ସହଯୋଗରେ କୃଷକ ଉତ୍ପାଦ ସଂଘ (ଏଫପିଓ) ମାଧ୍ୟମରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି। ଏଥିପାଇଁ ରାଜ୍ୟ ଯୋଜନା, ଜିଲା ଖଣିଜ ପ୍ରତିଷ୍ଠାନ ଏବଂ ଓଡ଼ିଶା ଖଣିଜ ଅଞ୍ଚଳ ବିକାଶ ନିଗମ ମାଧ୍ୟମରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ୨୦୨୨-୨୩ରେ ୧୯ ଜିଲାର ୧୪୨ ବ୍ଲକରେ ମିଲେଟ୍ ମିଶନ ପାଇଁ ଆସନ୍ତା ୬ ବର୍ଷ ସକାଶେ ୨୮୦୮.୩୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। କୃଷି ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ କରିଛି।

## କାଉନସିଲର ବର୍ଗରେ ସାମିଲ ହେବେ ମେୟର, ପୌରାଧ୍ୟକ୍ଷ

ପୌର ସଂସ୍ଥାର ନିର୍ବାଚିତ ଅଧ୍ୟକ୍ଷ ଓ ମେୟରମାନଙ୍କୁ ନିର୍ବାଚିତ କାଉନସିଲର ବର୍ଗରେ ଅନ୍ତର୍ଭୁକ୍ତ କରିବା ତଥା ଜିଲା ଯୋଜନା କମିଟିର ସଦସ୍ୟ ଭାବେ ନିର୍ବାଚନ ପ୍ରକ୍ରିୟାରେ ଭାଗ ନେବା ଏବଂ ଅସଦାଚାର କିମ୍ବା ଅନୈତିକ କାର୍ଯ୍ୟକଳାପ କାରଣରୁ ଜିଲା ଯୋଜନା କମିଟି ସଦସ୍ୟଙ୍କୁ ବହିଷ୍କାର କରିବା ଲାଗି ରାଜ୍ୟ ସରକାର ଓଡ଼ିଶା ଜିଲା ଯୋଜନା କମିଟି ଅଧିନିୟମ ୧୯୯୮ର ସଂଶୋଧନ କରାଯାଇଛି। ଏଥିରେ ନୂତନ ସବସେକ୍ସନ (IV) ଅନ୍ତର୍ଭୁକ୍ତ କରାଯାଇଛି। କ୍ୟାବିନେଟ ଏହି ପ୍ରସ୍ତାବକୁ ଅନୁମୋଦନ କରିଛି।



ଉପରମୁଣ୍ଡରେ ବର୍ଷା ଜାରି ରହିଥିବାରୁ ହୀରାକୁଦ ଜଳଭଣ୍ଡାରକୁ ଜଳ ପ୍ରବେଶ ପରିମାଣ ବୃଦ୍ଧି ପାଇଛି। ଏହାକୁ ଦୃଷ୍ଟିରେ ରଖି ଶୁକ୍ରବାର ୨୦ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଛି।

# ହୀରାକୁଦର ୨୦ ଗେଟ୍‌ରେ ବନ୍ୟାଜଳ ନିଷ୍କାସନ

**ସମ୍ବଲପୁର,୧୨।୮(ବ୍ୟୁରୋ)**

ସମ୍ବଲପୁର ହୀରାକୁଦ ଜଳଭଣ୍ଡାରର ୨୦ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଗୁରୁବାର ୧୦ଟି ଗେଟ୍ ଦେଇ ଜଳ ନିଷ୍କାସନ ହେଉଥିଲା। ଉପରମୁଣ୍ଡରେ ବର୍ଷା ଜାରି ରହିଥିବାରୁ ଶୁକ୍ରବାର ଗେଟ୍ ଖୋଲିବା ସଂଖ୍ୟା ବୃଦ୍ଧି କରାଯାଇଛି। ସନ୍ଧ୍ୟା ୬ଟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ, ଜଳଭଣ୍ଡାରରେ ଜଳସ୍ତର ୬୧୬.୧୫ ଫୁଟ୍ ରହିଛି। ପ୍ରତି ସେକେଣ୍ଡରେ ୩ଲକ୍ଷ ୯୩ ହଜାର ୩୨୩ କ୍ୟୁସେକ୍ ଜଳ ପ୍ରବେଶ କରୁଥିବା ବେଳେ ୯ହଜାର ୨୭୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ଉପରମୁଣ୍ଡରେ ୧୨ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଅନ୍ୟପଟେ ସମ୍ବଲପୁର ଜିଲାରେ ଲଘୁଚାପଜନିତ ବର୍ଷା ଲାଗିରହିଛି। ତେଣୁ ଜିଲା ପ୍ରଶାସନ ପକ୍ଷରୁ ତଳି ଅଞ୍ଚଳକୁ ସତର୍କ ସୂଚନା ଜାରି କରାଯାଇଛି। ଡାକବାଜି ଯନ୍ତ୍ର ସାହାଯ୍ୟରେ ସୂଚନା ଦେଇ ଲୋକମାନଙ୍କୁ ଟୋଲ୍ ଫ୍ରି ନମ୍ବର ଓ ପ୍ରଶାସନ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଏ ସମ୍ପର୍କରେ ମହାନଗର ନିଗମ କମିଶନର ପ୍ରଦୀପ କୁମାର ସାହୁ କହିଛନ୍ତି, ଏବେ ୨୦ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ପରିସ୍ଥିତି ସ୍ୱାଭାବିକ ଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ହୀରାକୁଦ କଲୋନୀରେ ୨ଟି ଓ ଖଣ୍ଡୁଆଲରେ ଗୋଟିଏ ବନ୍ୟା ଆଶ୍ରୟସ୍ଥଳ କରାଯାଇଛି। ଯେଉଁ ପରିବାର ସମସ୍ୟାରେ ପଡ଼ିବେ କିମ୍ବା ବନ୍ୟାରେ ପୀଡ଼ିତ ହେବେ ସେମାନଙ୍କୁ ଆଶ୍ରୟ ଦିଆଯିବ। ଖାଦ୍ୟ, ଔଷଧ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ମହଜୁଦ ରଖାଯାଇଛି।

**ତଳି ଅଞ୍ଚଳକୁ ସତର୍କ କଲା ଜିଲା ପ୍ରଶାସନ**

ସ୍ପିଲ୍‌ୱେ, ପାୱାର ଚାନେଲ, କୃଷି, ଶିଳ୍ପକ୍ଷେତ୍ରକୁ ୩ଲକ୍ଷ ୪୦ହଜାର ୮୯୦ କ୍ୟୁସେକ୍ ଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରର ତଳମୁଣ୍ଡ ବେଲଗାଁରେ ୩୦ହଜାର କ୍ୟୁସେକ୍, ପଥର୍ଲାରେ ୮୭ହଜାର, ଖଇରମାଲରେ ୩ଲକ୍ଷ ୭୫ହଜାର, ବରମୁଲାରେ ୧ଲକ୍ଷ ୮୮ହଜାର ୭୫୦, ମୁଣ୍ଡଲୀରେ ୩ଲକ୍ଷ

# ଜାତିସଂଘ ପକ୍ଷରୁ ମନୋନୀତ ୬ ଯୁବ ଅଧିବକ୍ତାଙ୍କ ମଧ୍ୟରେ ଓଡ଼ିଶାର ସୌମ୍ୟ

**ଭୁବନେଶ୍ୱର, ୧୨।୮(ବ୍ୟୁରୋ)**

ଜାତୀୟ ଯୁବ ଦିବସ ଅବସରରେ ଶୁକ୍ରବାର ଜାତିସଂଘ ଭାରତ ପକ୍ଷରୁ ନୂଆଦିଲ୍ଲୀଠାରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ଭାରତର ୬ଜଣ ଯୁବ ଅଧିବକ୍ତାଙ୍କୁ ଜାତିସଂଘ ପକ୍ଷରୁ ସ୍ୱୀକୃତି ଦିଆଯାଇଛି। ଏମାନଙ୍କ ମଧ୍ୟରେ ଓଡ଼ିଶାର ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ଗୁଣ୍ଡଲବା ଗ୍ରାମର ସୌମ୍ୟ ରଞ୍ଜନ ବିଶ୍ୱାଳ ସ୍ଥାନ ପାଇଛନ୍ତି। ୨୦୨୨ ଅଗଷ୍ଟ ୧୨ରୁ ୨୦୨୪ ଅଗଷ୍ଟ ୧୨ ଯାଏ ୨ବର୍ଷ ପାଇଁ ସ୍ୱୀକୃତି ପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜାତିସଂଘ ଭାରତର ରେସିଡେଣ୍ଟ କୋଅର୍ଡିନେଟର ଶୋମ୍ବି ଶାର୍ପ, ଭାରତ ସରକାରଙ୍କ ଯୁବ ଓ କ୍ରୀଡ଼ା ମନ୍ତ୍ରାଳୟର ସଚିବ ସଞ୍ଜୟ କୁମାର, ୟୁଏନ୍‌ଡିପି ମୁଖ୍ୟ ଶୋକା ନୋଡା, ୟୁନିସେଫ୍ ମୁଖ୍ୟ ୟାସୁମାସା କିମୁରା ପ୍ରମୁଖଙ୍କ ସମେତ ଜାତିସଂଘ ଓ ଭାରତ ସରକାରଙ୍କ ବିଭାଗୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଜଳବାୟୁ ପରିବର୍ତ୍ତନ ପ୍ରଭାବକୁ ଅନୁଭବ କରି ଉପକୂଳ ଜୈବ ବିବିଧତା ସୁରକ୍ଷା ପାଇଁ ସୌମ୍ୟ ନିଜସ୍ୱ ଅଭିନବ ଉପାୟରେ କାମ କରୁଛନ୍ତି। ବିରଳ ଅଲିଭ ରିଡ୍ଲେ କଇଁଛଙ୍କ ସୁରକ୍ଷା, ଲୁଣା ଜଙ୍ଗଲ ସୁରକ୍ଷା ଓ ନଦୀ ପ୍ରଦୂଷଣ ରୋକିବା ପାଇଁ ସେ ପ୍ରୟାସ ଜାରି ରଖିବା ସହ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏ ପ୍ରକାର କାର୍ଯ୍ୟଧାରା ପାଇଁ ପୂର୍ବରୁ ଲିମ୍‌କା ବୁକ୍ ରେକର୍ଡରେ ସ୍ଥାନ ପାଇବା ସହ ଉପଖଣ୍ଡସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ପୁରସ୍କାର ପାଇଛନ୍ତି। ସେହିପରି ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ, ବ୍ରହ୍ମପୁର ବନଖଣ୍ଡ ଅଧିକାରୀଙ୍କ ପାଖରୁ ପ୍ରଶଂସିତ ହୋଇଛନ୍ତି। ତାଙ୍କ ନେତୃତ୍ୱରେ ହୋଇଥିବା ଅନେକ କାର୍ଯ୍ୟ ଜାତୀୟ ସ୍ତରରେ କେନ୍ଦ୍ର ଜଙ୍ଗଲ ମନ୍ତ୍ରୀଙ୍କ ସମେତ ବିଭିନ୍ନ ସ୍ତରରେ ପ୍ରଶଂସିତ ହୋଇଛି। ଉଲ୍ଲେଖଯୋଗ୍ୟ, ସୌମ୍ୟ ଗତବର୍ଷ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ପକ୍ଷରୁ ଜଳବାୟୁ ପରିବର୍ତ୍ତନକୁ ନେଇ ଆୟୋଜିତ ଯୁବ ସମ୍ମିଳନୀରେ ଯୁବବକ୍ତା ଭାବେ ଯୋଗଦେଇଥିଲ।




ସୌମ୍ୟ ରଞ୍ଜନ ବିଶ୍ୱାଳ ଜାତିସଂଘର ସ୍ୱୀକୃତିପତ୍ର ଗ୍ରହଣ କରୁଛନ୍ତି।

# ଏଟିଏମ୍ ତାଡ଼ି ଲୁଟିନେଲେ ୨୦ ଲକ୍ଷ

**ସମ୍ବଲପୁର,୧୨।୮(ବ୍ୟୁରୋ)**

ସମ୍ବଲପୁର ଜିଲା ଶାସନ ଥାନା ଅନ୍ତର୍ଗତ ଶାସନ ଛକଠାରେ ଥିବା ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ ଏଟିଏମ୍‌ରୁ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ଅତ୍ୟାଧୁନିକ ସରଞ୍ଜାମ ସାହାଯ୍ୟରେ ଏଟିଏମ୍ ତାଡ଼ି ୨୦ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଶାସନ ଏସ୍‌ବିଆଇ ଶାଖା ପରିଚାଳକ ଦେବାଶିଷ ପଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧର ସୂଚନା ଦେଇ କହିଛନ୍ତି, ଶୁକ୍ରବାର ଭୋର୍ ୩ଟାରେ ଦୁର୍ବୃତ୍ତମାନେ ଉକ୍ତ ଏଟିଏମ୍‌ରୁ ୨୦ ଲକ୍ଷ ୬୬ ହଜାର ଟଙ୍କା ଲୁଟିନେଇ ଫେରାର ହୋଇଯାଇଛନ୍ତି। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଏଥିରେ ଏକ ସ୍ୱତନ୍ତ୍ର ଗ୍ୟାଙ୍ଗ୍ ରହିଥିବା ଜଣାପଡ଼ିଛି। ପୋଲିସ ପାଖରେ ରାଜ୍ୟ ବାହାର ପ୍ରତ୍ୟେକ ଗ୍ୟାଙ୍ଗ୍‌ର ରେକର୍ଡ ରହିଛି। ଏହାକୁ ନେଇ ତର୍ଜମା କରାଯାଉଛି। ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ପୋଲିସ ପ୍ରୟାସ ଜାରି ରଖିଛି। ଏଥିପାଇଁ ସ୍ୱତନ୍ତ୍ର ଏକ ଟିମ୍ ଗଠନ କରାଯାଇଛି। ଜିଲାରେ ଏଭଳି ଏଟିଏମ୍ ଲୁଟ୍ ଘଟଣା ପ୍ରଥମ ବୋଲି ସେ କହିଥିଲେ।



ଦୁର୍ବୃତ୍ତଙ୍କ ଦ୍ୱାରା ଭଙ୍ଗାଯାଇଥିବା ଏଟିଏମ୍।

# ବଲାଣିରେ ନାବାଳକଙ୍କୁ ପିଟି ହତ୍ୟା

**ବଡ଼ବିଲ, ୧୨।୮(ସ୍ୱ.ପ୍ର.)**

- **୧୮ ଘଣ୍ଟା ପରେ ମୃତଦେହ ଜବତ**
- **ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା**

କେନ୍ଦୁଝର ଜିଲା ବଲାଣି ଥାନା ଅଞ୍ଚଳରେ ଜଣେ ନାବାଳକଙ୍କୁ ପିଟି ପିଟି ହତ୍ୟା କରାଯାଇଛି। ଏହି ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ତେବେ ହତ୍ୟା ସନ୍ଦେହରେ ପୋଲିସ ୪ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏନେଇ ଏକ ମାମଲା (ନଂ.୩୮/୨୦୨୨) ରୁଜୁ କରି ତଦନ୍ତ ଜାରି ରହିଥିବା ଇନ୍ସପେକ୍ଟର ବିଦେଶୀ ବାଗ ସୂଚନା ଦେଇଛନ୍ତି। ଗୁରୁବାର ରାତି ପ୍ରାୟ ୮ଟାରୁ ନାବାଳକ ଜଣଙ୍କ ବାଲାଗୋଡା ମୁଣ୍ଡାସାହିରୁ ନିଖୋଜ ହୋଇଯାଇଥିଲେ। ଶୁକ୍ରବାର ଅପରାହ୍ନ ୨ଟା ବେଳେ ଅର୍ଥାତ୍ ୧୮ ଘଣ୍ଟା ପରେ ତାଙ୍କ ମୃତଦେହ ଜବତ କରାଯାଇଛି। ନାବାଳକଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ବଲାଣି ଥାନା ଅଧୀନ ଡବ୍ଲ୍ୟୁହଟିଂ ଅଞ୍ଚଳରେ ରହୁଥିବା ଏହି ନାବାଳକଙ୍କୁ ବାଲାଗୋଡାମୁଣ୍ଡା ସାହି ଅଞ୍ଚଳର ଜଣେ ସହପାଠୀ ରାଖୀ ବାନ୍ଧିବାକୁ ଡାକିଥିଲେ। ଉକ୍ତ ନାବାଳିକାଙ୍କ ଘରକୁ ନାବାଳକ ଯାଇଥିଲେ। ସେହି ସମୟରେ ନାବାଳକ ଜଣଙ୍କ କାହିଁକି ଆସିଛନ୍ତି ପଚାରିବା ସହ ନାବାଳିକାଙ୍କ ପରିବାର ଲୋକେ ତାଙ୍କୁ ମାଡ଼ ମାରି ଲହୁଲୁହାଣ କରି ନିକଟସ୍ଥ ଏକ ଗାତରେ ଫୋପାଡ଼ି ଦେଇଥିଲେ। ନାବାଳକ ରାତିରେ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ସମ୍ପୃକ୍ତ ନାବାଳିକାଙ୍କ ଘରକୁ ଖୋଜିବାକୁ ଯାଇଥିଲେ ହେଁ ସେଠାରେ ପାଇ ନ ଥିଲେ। ଏ ନେଇ ପୋଲିସକୁ ଅବଗତ କରାଯାଇଥିଲେ ହେଁ ନାବାଳକଙ୍କ କୌଣସି ଖୋଜଖବର ମିଳି ନ ଥିଲା। ଶୁକ୍ରବାର ଅପରାହ୍ନରେ ଏକ ଗାତରୁ ତାଙ୍କ ମୃତଦେହ ମିଳିଥିଲା।

NIIS INSTITUTE OF INFORMATION SCIENCE & MANAGEMENT
Sarada Vihar, Madanpur, Bhubaneswar-752054, Khurdha
(Recognised by Govt. of Odisha & Affiliated to Utkal University Odisha)
Contact No.: 9778899990 / 9778899991
ADMISSION NOTICE (2022 - 23)
B.A.(Hons), B.Sc.(Hons), B.Com.(Hons)
Interested Candidates for admission may select 1st option in Khurdha District by following the website: www.samsodisha.gov.in
B.Sc.(Biotech),B.Sc.(Comp.Sc.), B.Sc.(ITM)
Interested Candidates may contact college office or E-mail: contactus@niisgroup.org
Incampus Hostel, Study tour, Softskill provided
Principal



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଶରତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଣ୍ଡିଆ ଦାନ୍ତୀ ମୁଗ ପଇତି**
**ଚାଉଳ ସେରକ ଉଆ**
**ଖଣ୍ଡିଆ ଦାନ୍ତିକି ବର ପଡ଼ିଛି**
**ଆର ସାଇ ବଣଭୁଆ।**

ଦାନ୍ତ ମୁଖମଣ୍ଡଳର ଶୋଭା ବଢାଇଥାଏ। ବିବାହ ବେଳେ ଝିଅର ରୂପ ଦେଖି ପସନ୍ଦ କରାଯାଏ। ଏପରି ସ୍ଥଳେ ଯାହାର ଦାନ୍ତ ଖଣ୍ଡିଆ ତାକୁ ଭଲ ବର ନ ମିଳିବା ନେଇ ସାଇପଡ଼ିଶା ଥଟ୍ଟା କରିବସିବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଖଡ଼ି ଗଡି ଗଡି ଗଲା**
**ଅଣବାବୁଆର ପୁଅ ହୋଇଲା**
**ଆଗ ଦୋଷ କଟିଗଲା।**

ବଂଶକୁ ଆଗକୁ ନେବା ପାଇଁ ବା ବଂଶ ବୃଦ୍ଧି ଲାଗି ସନ୍ତାନର ଆବଶ୍ୟକତା ଯେ କେତେ ତାହା କେବଳ ନିଃସନ୍ତାନ ବ୍ୟକ୍ତି ହିଁ ହୃଦୟଙ୍ଗମ କରିଥାଏ। ଏପରିସ୍ଥଳେ ପୁତ୍ର ଲାଭ ପରେ ବଂଶ ରକ୍ଷା ହୋଇଯିବା ଜାଣି ପିତା ମନ କୁଣ୍ଢେମୋଟ ହୋଇଯିବା ସହ ଆଶ୍ୱସ୍ତି ଲାଭ କରିବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

## କ୍ଷୁଦ୍ର ଜଳସେଚନ ସଂବର୍ଗର ପୁନର୍ବିନ୍ୟାସ କଲେ ସରକାର

ଭୁବନେଶ୍ୱର, ୧୨।୮(ବ୍ୟୁରୋ): ଓଡ଼ିଶା ଯାନ୍ତ୍ରିକ ସେବା ଅଧୀନ କ୍ଷୁଦ୍ର ଜଳସେଚନ ସଂବର୍ଗର ପୁନର୍ବିନ୍ୟାସ କରିବା ଦିଗରେ ସରକାର ଶୁକ୍ରବାର ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ବିଭିନ୍ନ ଯାନ୍ତ୍ରିକ ବିଭାଗର କର୍ମବର୍ଦ୍ଧିଷ୍ଣୁ କାର୍ଯ୍ୟ ହାରକୁ ଦୃଷ୍ଟିରେ ରଖି ଓଡ଼ିଶା ଯାନ୍ତ୍ରିକ ସେବା ପ୍ରତି ମେଧାବୀ ପ୍ରାର୍ଥୀଙ୍କୁ ଆକର୍ଷିତ କରିବା ଲାଗି ନୂଆ ପଦକ୍ଷେପ ଗ୍ରହଣ କରାଯାଇଛି। ଏଥିପାଇଁ ପଦୋନ୍ନତିରେ ରହିଥିବା ଗତିହୀନତା ଏଡାଇବା ସକାଶେ ସରକାର ଚିନ୍ତା କରିଛନ୍ତି। ଏହା ସହ କ୍ଷୁଦ୍ର ଜଳସେଚନ ଯାନ୍ତ୍ରିକ ସଂବର୍ଗର ଉତ୍ପାଦକତାର ଅବକ୍ଷୟ ହ୍ରାସ କରିବା ଏବଂ ରାଜ୍ୟର ଅନ୍ୟ ପ୍ରିମିୟମ ପ୍ରାଦେଶିକ ସଂବର୍ଗ ତୁଳନାରେ ଏହି ସଂବର୍ଗର ବେତନ ଅସଙ୍ଗତି ସମସ୍ୟାକୁ ସମାଧାନ କରିବାକୁ ମୋଟ ମଞ୍ଜୁରୀପ୍ରାପ୍ତ ସଂଖ୍ୟା ଅକ୍ଷୁଣ୍ଣ ରହିବ। ଏଥିସହ ଉପନିର୍ବାହୀ ଯନ୍ତ୍ରୀ ପଦ ଉଚ୍ଛେଦ କରି, ପୂର୍ବତନ ଅଧୀକ୍ଷଣ ଯନ୍ତ୍ରୀ ସ୍ତର-୨ ଓ ଅଧୀକ୍ଷଣ ଯନ୍ତ୍ରୀ ସ୍ତର-୧ ପଦ ଦୁଇଟିର ଏକତ୍ରୀକରଣ ପୂର୍ବକ ଅଧୀକ୍ଷଣ ଯନ୍ତ୍ରୀ ପଦବୀ ସୃଷ୍ଟି କରି, ନୂତନ ଭାବେ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଓ ସର୍ବୋଚ୍ଚ ଯନ୍ତ୍ରୀ ପଦ ସୃଷ୍ଟି କରି ଓଡ଼ିଶା ଯାନ୍ତ୍ରିକ ସେବା ଅଧୀନ କ୍ଷୁଦ୍ର ଜଳସେଚନ ସଂବର୍ଗର ପୁନର୍ବିନ୍ୟାସ କରିବାକୁ ସରକାର ଧାନ ପୂର୍ବକ ବିଚାର କରିଛନ୍ତି।


ଗହ୍ମାପୂର୍ଣ୍ଣିମା ଅବସରରେ ଶୁକ୍ରବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ପ୍ରସ୍ତୁତ ପାଟ ରାଖୀକୁ ପାଟରା ସେବକ ଶ୍ରୀମନ୍ଦିରକୁ ନେଉଛନ୍ତି।

# ସତ୍ୟରଞ୍ଜନ ସାହୁ ବୌଦ୍ଧ ଜିଲାପାଳ

### ରୂପାରୋଶନଙ୍କୁ ଅତିରିକ୍ତ ଦାୟିତ୍ୱ

**ଭୁବନେଶ୍ୱର, ୧୨।୮(ବ୍ୟୁରୋ)**

ରାଜ୍ୟ ସରକାର ଓଏଏସ୍ ଅଫିସରସ୍ତରରେ ଶୁକ୍ରବାର ବଡ଼ଧରଣର ଅଦଳବଦଳ କରିଛନ୍ତି। ବରିଷ୍ଠ ଓଏଏସ୍ ଅଧିକାରୀ ସତ୍ୟରଞ୍ଜନ ସାହୁଙ୍କୁ ବୌଦ୍ଧ ଜିଲାପାଳ ଭାବେ ବଦଳି କରାଯାଇଛି। ଏଥିପୂର୍ବରୁ ସତ୍ୟରଞ୍ଜନ ଓଡ଼ିଶା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଥିଲେ। ସେହିପରି ୨୦୦୬ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ରୂପାରୋଶନ ସାହୁଙ୍କୁ ଶିକ୍ଷକ ପ୍ରଶିକ୍ଷଣ ଓ ଏସ୍‌ସିଇଆର୍‌ଟି ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିସହ ସେ ଇଂଲିଶ ଭାଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ।

ଏଥିସହ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ୩୨ ଜଣଙ୍କୁ ବିଡିଓ, ୧୦ଜଣଙ୍କୁ ତହସିଲଦାର ଭାବେ ନିଯୁକ୍ତି ଦିଆଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗ ପକ୍ଷରୁ ପୁନର୍ବାର ୫୧ ଜଣ ଓଏଏସ୍ ଅଫିସର ବିଡିଓ, ତହସିଲଦାର ଓ ଅନ୍ୟାନ୍ୟ ପଦବୀକୁ ବଦଳି ହୋଇଛନ୍ତି। ପଞ୍ଚାୟତିରାଜ ବିଭାଗର ବିଜ୍ଞପ୍ତି ଅନୁଯାୟୀ ମୋଟ ୩୨ ଓଏଏସ୍ ଅଫିସର ୩୨ ବ୍ଲକର ବିଡିଓ ଭାବେ ବଦଳି ହୋଇଛନ୍ତି। ବିଡିଓ ଭାବେ କାର୍ଯ୍ୟରତ ୧୩ ଜଣଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗକୁ ଫେରାଇ ନିଆଯାଇଛି। ଜଣଙ୍କୁ ସାଧାରଣ ପ୍ରଶାସନ ବିଭାଗରେ ଅବସ୍ଥାପିତ କରାଯାଇଛି।

ସଂଗ୍ରାମ କେଶରୀ ଭଲଙ୍କୁ ପରଜଙ୍ଗ ବ୍ଲକ ବିଡିଓ ଭାବେ ନିଯୁକ୍ତି ମିଳିଥିବା ବେଳେ ନୀଳାମ୍ବର ମହାନନ୍ଦଙ୍କୁ ଯୁଯୁମରା, ପ୍ରବୀଣ କୁମାର ବଣୁଆଙ୍କୁ ଫୁଲବାଣୀ, ରବୀନ୍ଦ୍ରନାଥ କହଁରଙ୍କୁ ହରଭଙ୍ଗା, ଅନୁପମା ଘୋଷଙ୍କୁ ଖଜୁରିଆପଡା, ଅରବିନ ବେହେରାଙ୍କୁ ଅନୁଗୋଳ, ସୁଧୀର କୁମାର ସିଂଙ୍କୁ ଔପଦା, ଅଭିଷେକ ଦାସଙ୍କୁ ସିମୁଳିଆ, ବିନୟ ଭୋଇଙ୍କୁ କୋକସରା, ପ୍ରିୟରଞ୍ଜନ କୁମାରଙ୍କୁ ବୋଡେନ, ସଦାଶିବ ନାୟକଙ୍କୁ ବିଷମକଟକ, ଅଶ୍ୱିନୀ ପଣ୍ଡାଙ୍କୁ କୋଲାବିରା, କାମଦେବ ସମାଦାରଙ୍କୁ ଲମତାପୁଟ, ସନ୍ଧ୍ୟା ସମର୍ଥଙ୍କୁ କୁନ୍ଦ୍ରା, ଆକାଶ ରଞ୍ଜନ ସାହୁଙ୍କୁ ଲୋଇସିଂହା, ସ୍ନିଗ୍ଧାରାଣୀ ପ୍ରଧାନଙ୍କୁ ଜୟପାଟଣା, ଉତ୍ତମ କୁମାର ବାଗ୍‌ଙ୍କୁ କର୍ଲାମୁଣ୍ଡା, ରାଜୀବ ଦାସଙ୍କୁ ମାଥିଲି, ପ୍ରଣବ କୁମାର ଚାନ୍ଦଙ୍କୁ ଆମ୍ବାଭୋନା, ପ୍ରଦ୍ୟୁମ୍ନ କୁମାର ନାୟକଙ୍କୁ ବ୍ରହ୍ମଗିରି ବ୍ଲକର ବିଡିଓ ଭାବେ ନିଯୁକ୍ତି ମିଳିଛି। ଲେଫ୍ରିପଡାରେ ବିଡିଓ ଥିବା ଓଏଏସ୍ ଅଫିସର ରମେଶ ହାଁସଦାଙ୍କୁ ସାଧାରଣ ପ୍ରଶାସନ ବିଭାଗକୁ ପଠାଇ ଦିଆଯାଇଛି। ତାଙ୍କୁ ନୂଆ ନିଯୁକ୍ତି ମିଳିଛି। ସେହିପରି ବସୁନ୍ଧରା ଭିତିରିଆଙ୍କୁ କେନ୍ଦୁଝର ଡେପୁଟି କଲେକ୍ଟର ଭାବେ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇଛି।

## ମାଓ ସହଯୋଗୀ ଗିରଫ

**ପାରଳାଖେମୁଣ୍ଡି, ୧୨।୮ (ଡି.ଏନ୍.ଏ.)**

ଗଜପତି ଜିଲା ମୋହନା ବ୍ଲକ ଅଡ଼ବା ଥାନା ଅଞ୍ଚଳର ଜଣେ ମାଓବାଦୀଙ୍କ ସହଯୋଗୀଙ୍କୁ ଗିରଫ କରିଛି ପୋଲିସ। ସେ ହେଲେ ଡେକାପଙ୍କା ଗାଁର ତାମେରି ପରିଛାଙ୍କ ପୁଅ ପ୍ରଫୁଲ୍ଲ ପରିଛା ଓରଫ ଲୋରେ। ତାଙ୍କ ନାମରେ ଅଡ଼ବା ଥାନାରେ ୨୬୦/୨୦୦୯, ୯୮/୨୦୦୯, ୨୬୧/୨୦୦୯, ୨୬୨/୨୦୦୯, ୨୬୪/୨୦୦୯, ୧୧୩/୨୦୧୦, ୨୨୪/୨୦୦୮ ଏହିପରି ୭ଟି ମାମଲା ରହିଛି । ବିଶେଷ କରି ୨୦୦୮ ରୁ ୨୦୧୦ ମଧ୍ୟରେ ବିଭିନ୍ନ ମାଓ ହିଂସା ଘଟଣାରେ ସେ ସଂପୃକ୍ତି ଥିବା ପୋଲିସ ସୂଚନା ଦେଇଛି। ତାଙ୍କ ନାମରେ ଜାମିନ ବିହୀନ ଗିରିଫ ପରୱାନା ରହିଥିଲା ବୋଲି ଅଡବା ଥାନା ଅଧିକାରୀ ଆନନ୍ଦ ପାତ୍ର କହିଛନ୍ତି। ତାଙ୍କୁ ଗିରଫ କରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା । ତେବେ ଶୁକ୍ରବାର ପ୍ରଫୁଲ୍ଲ ଡେକାପଙ୍କା ଗାଁର ନିଜ ଘରେ ଥିବା ଖବର ପାଇ ପୋଲିସ ଚଢାଉ କରି ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## classifieds

**Everyday**
**0674-2580101, 2549302**

*real estate*

**SALE**

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

କାଗା କିଣି ତୁରନ୍ତ ଘର କରନ୍ତୁ। ଭୁବନେଶ୍ୱର **New Railway Station**ରୁ **400mtr** ଦୂରତାରେ **yellowzone- sqft.-650/-**, ବାରଙ୍ଗ-ତ୍ରିଶୁଳିଆ **NH side**ରେ **sqft.-1500/- (SC plot available). 9078371787.**
D-73290

"Ready to move in 2 BHK flat 2 Nos. adjacent to each other convertible to 4 BHK, for sale at Khordha Town, Odisha,1000 Square feet each, @3950/- sqft , 24*7 lift, common area Power Backup, Security, Parking, Children's Park, Morning Walk field apx 5 acres, Bus Stand, Vegetable Market just one minute away. Prime location." Phone No. 9437493881, 9337220630.
D-1220

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.**
D-1143

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73292

ନଖରା **East** କଲେଜଠାରୁ **2.5k.m.** ଦୂରତାରେ **@870/-** ପାଚେରି ଥାଇ **Govt. Medical** ନିକଟରେ ଘରବାରି ପ୍ଲଟ୍ ମିଳୁଛି। **9348152874.** D-73291

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-1144

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ **Sudhananda School & College**କୁ ଲାଗି **layout approval plot (Bank finance) @9,00,000/-** ଦେଇ ତୁରନ୍ତ ଘର କରନ୍ତୁ। **(OD Group). 9437033320.**
D-73283

*construction*

**Construct your home @850/-, 1330/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469.** D-73278

**Make your dream home with quality construction in affordable price as your choice. For plan approval, structure, Krishna Contech- 8249485093, 9438315332.** D-73295

*healthcare*

Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473.
D-73949

Newly open SPA positively health benefit with expert. Contact: 7749976301. D-73854

**Relax, Refresh your body, Mind at Saikrupa Spa with best therapies. 8984068077.** D-1248

Newly open full body massage 1099 free massage one. Mo: 9583808247. D-1164

**AFFIDAVIT**

I Bhagaban Harijan, S/o Mahadev Harijan of Vill. Daniguda, P.O.- Kodinga. P.S.- Kodinga, Dist.- Nabarangpur state that my name is wrongly mentioned as Pawan Kumar Nag, S/o Mahadev Nag instead of Bhagaban Harijan, S/o Mahadev Harijan in my driving license. Both Bhagaban Harijan and Pawan Kumar Nag is one and same person. D-1249

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ଦୁଇ ଦିନ ...

ପୁରୀ, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଢେଙ୍କାନାଳ ଏବଂ ବରଗଡ଼ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଲଘୁଚାପ ଯୋଗୁ ଉପକୂଳରେ ଘଣ୍ଟାପ୍ରତି ୪୫ରୁ ୫୫ କି.ମି ବେଗରେ ପବନ ପ୍ରବାହିତ ହୋଇପାରେ। ସ୍ଥଳବିଶେଷରେ ଏହାର ବେଗ ୬୫ କି.ମି. ଯାଏ ବଢ଼ିପାରେ। ଏହାର ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବ। ତେଣୁ ମତ୍ସ୍ୟଜୀବୀଙ୍କୁ ୧୫ ତାରିଖ ଯାଏ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି। ଏଥିସହ ଆସନ୍ତା ୧୮ ତାରିଖରେ ଆଉ ଏକ ଲଘୁଚାପ ସୃଷ୍ଟି ହେବା ସମ୍ଭାବନା ରହିଛି । ଅନ୍ୟପଟେ ଲଗାଣବର୍ଷା ଯୋଗୁ ବାଲେଶ୍ୱର ଜିଲା ବସ୍ତା ଦେଇ ପ୍ରବାହିତ ଜଳକା ନଦୀରେ ବନ୍ୟାଜଳ ବିପଦସଙ୍କେତ ଡେଇଁଛି। ମଥାନୀଠାରେ ବିପଦ ସଙ୍କେତ ୫.୫ ମିଟର ଥିବାବେଳେ ଶୁକ୍ରବାର ଅପରାହ୍ନ ୨ଟା ସୁଦ୍ଧା ୬.୨୯ ମିଟରରେ ବନ୍ୟାଜଳ ପ୍ରବାହିତ ହେଉଛି। ସେହିପରି ମହାନଦୀ, ବଂଶଧାରା, ଋଷିକୁଲ୍ୟା ନଦୀ ଏବଂ ଏହାର ଶାଖା ନଦୀରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଆସନ୍ତା ୧୫ ତାରିଖ ଯାଏ ଛତିଶଗଡ଼ରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ମହାନଦୀରେ ଛୋଟ ଧରଣର ବନ୍ୟା ଆଶଙ୍କା କରାଯାଉଛି। ଏହାକୁ ନଜରରେ ରଖି ହୀରାକୁଦର ୨୦ଟି ଗେଟ୍ ଦେଇ ଜଳ ନିଷ୍କାସନ ହେଉଛି। ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୩ ଲକ୍ଷ ୯୩ ହଜାର ୩୨୩ କ୍ୟୁସେକ ପାଣି ପ୍ରବେଶ କରୁଥିବା ବେଳେ ୩ ଲକ୍ଷ ୪୦ ହଜାର ୯୮୦ କ୍ୟୁସେକ ପାଣି ଛଡ଼ାଯାଉଛି। ଖଇରାମାଳରେ ୨,୭୫,୦୦୦,

**ପ୍ରଥମ ପୃଷ୍ଠାରୁ...**

ବରମୂଳରେ ୧,୮୮,୭୫୦ ଏବଂ ମୁଣ୍ଡଳିରେ ୩,୦୯,୨୭୪ କ୍ୟୁସେକ ବର୍ଷା ଜଳ ପ୍ରବାହିତ ହେଉଛି। ରାଜ୍ୟର ବଡ଼ ନଦୀଗୁଡ଼ିକରେ ବନ୍ୟା ପାଣି ହ୍ରାସ ପାଉଛି। ତେଣୁ ବନ୍ୟା ଆଶଙ୍କା ନ ଥିବା ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି।

ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ (ଇଆଇସି) ବିଜୟ କୁମାର ମିଶ୍ର କହିଛନ୍ତି, ସବୁ ନଦୀର ଜଳସ୍ତର ବଢ଼ିଥିଲେ ହେଁ ବନ୍ୟା ଆଶଙ୍କା ନାହିଁ। ଆଗକୁ ମଧ୍ୟ ପ୍ରବଳ ବର୍ଷା ହେବ। ତେଣୁ ପରିସ୍ଥିତି ଉପରେ ନଜର ରହିଛି। କେବଳ ଜଳକା ନଦୀ ବିପଦ ସଙ୍କେତ ଉପରେ ରହିଛି। ଅନ୍ୟ ନଦୀରେ ବନ୍ୟାଜଳ ସ୍ୱାଭାବିକ ରହିଛି। ହୀରାକୁଦର ୨୦ଟି ଗେଟ୍ ଖୋଲା ରହିଥିଲେ ମଧ୍ୟ ସେହି ପାଣି ଏଯାଏ ନଦୀଗୁଡ଼ିକୁ ଆସିନାହିଁ। ହୀରାକୁଦ ପାଣି ଆସିଲା ବେଳକୁ ଏହି ନଦୀରେ ଥିବା ପାଣି ଖସି ଯାଇଥିବ। ତେଣୁ ସେଭଳି ଚିନ୍ତାଜନକ ସ୍ଥିତି ନାହିଁ ବୋଲି ସେ ସୂଚନା ଦେଇଛନ୍ତି।

### ଟେନ୍‌ସାରେ ସର୍ବାଧିକ ୧୧୩.୪ ମି.ମି. ବର୍ଷା

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ସୁନ୍ଦରଗଡ଼ର ଟେନ୍‌ସାଠାରେ ସର୍ବାଧିକ ୧୧୩.୪ ମିଲିମିଟର ବର୍ଷା ହୋଇଛି। ସେହିପରି ଦେବଗଡ଼ରେ ୧୧୨.୮, ସୁନ୍ଦରଗଡ଼ ବଣାଇଗଡ଼ରେ ୧୦୭, ସମ୍ବଲପୁରର କୁଚିଣ୍ଡାରେ ୯୦.୩, କେନ୍ଦ୍ରାପଡ଼ାର ମାର୍ଶାଘାଇରେ ୭୨, ହୀରାକୁଦ ୬୨.୪, କେନ୍ଦୁଝର ୬୧.୨, ବାଂଶପାଳ ୫୮.୧, ସୁନ୍ଦରଗଡ଼ ୫୭.୮, ଝୁମ୍ପୁରାରେ ୫୭.୪ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମକ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ପରେ ଅନୁତାପ କରିବାକୁ ପଡ଼ିବ । ସାମାନ୍ୟ ଚେଷ୍ଟା ଦ୍ୱାରା ଯେଉଁଥିପାଇଁ ଚିନ୍ତିତ ରହିଥିଲେ ଆଜି ତାହା ପାଇବେ। ପରିବହନ କ୍ଷେତ୍ରରେ ସମସ୍ୟାଗୁଡ଼ିକର ସମାପ୍ତି ଘଟାଇବେ। ଫେରନ୍ତା ରାସ୍ତାରେ ମିତ୍ରତା ସ୍ଥାପନ କରିବାର ସୁଯୋଗ ପାଇବେ ।

**ବୃଷ**
କାର୍ଯ୍ୟବ୍ୟସ୍ତତା ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଅନୁଷ୍ଠାନିକ କାମରେ ଯାଇ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରି ପାରନ୍ତି। ଘରୋଇ କ୍ଷେତ୍ରରେ ସନ୍ତାନ ହେତୁକ ପୀଡ଼ା ଅନୁଭବ କରିବେ। ଆଗାମୀ ଆନୁଷ୍ଠାନିକ କାମ ସୁବିଧାରେ ହାସଲ ସକାଶେ ବ୍ୟସ୍ତ ରହିପାରନ୍ତି ।

**ମିଥୁନ**
ପାରିବାରିକ ଅସ୍ଥିରତାରେ ଅନ୍ୟକୁ ଦାୟୀକରି ସମାଲୋଚିତ ହେବେ। କୌଣସି ବ୍ୟକ୍ତିଙ୍କୁ କଟୁ ସତ୍ୟ କହି ସେମାନଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଆଇନ, ଅଦାଲତ, ରାଜନୀତି, ସଂଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ ।

**କର୍କଟ**
ଆକସ୍ମିକ ଭାବେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। ମାଲିମକଦ୍ଦମାରେ ଜୟଲାଭ କରିବାର ଆଶା ବୃଦ୍ଧି ପାଇପାରେ । ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବ। କ୍ରୀଡା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବେ।

**ସିଂହ**
ସହକର୍ମୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି କାମ କରି ପରେ ଅନୁତାପ କରିପାରନ୍ତି। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। କଚେରି ମାମଲାର ଶୁଣାଣିରୁ ମନ ଖୁସି ରହିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହୋଇଯିବ।

**କନ୍ୟା**
ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ। କର୍ମକ୍ଷେତ୍ରରେ ଆଳସ୍ୟ ଯୋଗୁ ବନ୍ଧୁ ମହଲରେ ଅପମାନିତ ହୋଇ ପାରନ୍ତି। ଆଲୋଚନା କାଳରେ କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ତୁଳା**
ଅନ୍ୟମାନଙ୍କ କଥାରେ ମୁଣ୍ଡ ପୂରାଇ ନିଜ କାମ ସମ୍ପନ୍ନରେ ବ୍ୟସ୍ତତା ବଢ଼ିଯାଇପାରେ । ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହେବ, ମାତ୍ର ଆପଣଙ୍କୁ ଅନ୍ୟମାନେ ସାହାଯ୍ୟ କରିବେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ। ସତ୍‌ସଙ୍ଗ, ଧର୍ମଚର୍ଚ୍ଚା କିମ୍ବା ଆନୁଷ୍ଠାନିକ ଦିଗକୁ ମନ ବଳାଇବେ।

**ବିଛା**
ଯାହା ଦୀର୍ଘଦିନ ହେଲା ହୋଇପାରି ନ ଥିଲା ଆତ୍ମୀୟଙ୍କ ସାହାଯ୍ୟରେ ତାହା ହୋଇଯିବ। ପରିବହନ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରିପାରନ୍ତି। ନିଜ ପରିବାର ସଦସ୍ୟଙ୍କଠାରୁ କିମ୍ବା ସହକର୍ମୀଙ୍କ ତରଫରୁ ସମସ୍ୟା ଆସିପାରେ। ଘରୋଇ ବ୍ୟାପାରରେ ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ।

**ଧନୁ**
କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମକ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ଆର୍ଥିକ ଦିଗରୁ କିଛିଟା ସମସ୍ୟା ଲାଗିରହିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। ଅଫିସରେ ସହକର୍ମୀଙ୍କ ସହ ଖୁସିରେ ସମୟ କଟିଯିବ। ପିଲାମାନଙ୍କ ଶିକ୍ଷାର ସଫଳତାରେ ଆନନ୍ଦ ଅନୁଭବ କରିବେ।

**ମକର**
ଆଜି ହଠାତ୍ ଜଣେ ବନ୍ଧୁ ଅର୍ଥ ଓ ସମ୍ମାନ ପ୍ରଦାନ କରିବେ। କୌଣସି ବ୍ୟକ୍ତିଠାରୁ ହଠାତ୍ କୌଣସି ଖବର ପାଇ ବିଚଳିତ ବୋଧ କରିବେ। ଉପରିସ୍ଥ ଅଧିକାରୀମାନେ କାମ ହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ି ପାରନ୍ତି। ଶତ୍ରୁମାନେ ଚେଷ୍ଟା କଲେ ମଧ୍ୟ କିଛି କ୍ଷତି କରିପାରିବେ ନାହିଁ।

**କୁମ୍ଭ**
ପାରିବାରିକ ସମସ୍ୟାର ସମାଧାନ ସକାଶେ ବନ୍ଧୁମାନଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି । ତର୍କ, ବିତର୍କ କାରଣରୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। କଳା, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ । ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ରନିକ ରୋଗରେ କଷ୍ଟ ପାଇପାରନ୍ତି ।

**ମୀନ**
ପାରିବାରିକ ସ୍ତରରେ ପିଲାମାନଙ୍କ ପାଇଁ ମନ ଅସ୍ଥିର ରହିବ। ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେ କରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ପରିସ୍ଥିତିବଶତଃ ଧାର, କରଜ କରି ଆବଶ୍ୟକତାକୁ ଚଳାଇନେବାକୁ ବାଧ୍ୟ ହେବେ । କୌଣସି କଥା ଭଲ ରୂପେ ନ ବୁଝି ଅନ୍ୟ ଉପରେ ଦୋଷ ଲଦିପାରନ୍ତି।

### ଓଡ଼ିଶା ହାଇକୋର୍ଟର ...

ମିଳିଥିବା ନେଇ ଭାରତ ସରକାରଙ୍କ ଆଇନ ଓ ନ୍ୟାୟ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ୨୦୨୨ ଜୁଲାଇ ୨୫ରେ ସୁପ୍ରିମକୋର୍ଟ କଲେଜିୟମ ଓଡ଼ିଶା ହାଇକୋର୍ଟର ବିଚାରପତି ନିଯୁକ୍ତି ପାଇଁ ଗୌରୀଶଙ୍କର ଶତପଥୀ ଓ ଚିତ୍ତରଞ୍ଜନ ଦାଶଙ୍କ ନାମ ସୁପାରିସ କରିଥିଲେ। ଗୌରୀଶଙ୍କର ଶତପଥୀ ଏବେ ଓଡ଼ିଶା ଜୁଡିସିଆଲ ଏକାଡେମୀର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବାବେଳେ ଚିତ୍ତରଞ୍ଜନ ଦାଶ ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲ ଭାବେ କାର୍ଯ୍ୟରତ ଅଛନ୍ତି ।

# ଜଳକା ନଦୀରେ ପ୍ରଥମ ବନ୍ୟା

■ ବିପଦସଂକେତ ଉପରେ ଜଳସ୍ତର

■ ପାଣିଘେରରେ ବହୁ ପଞ୍ଚାୟତ

ରୂପସା, ୧୨।୮(ଡି.ଏନ.ଏ.)

ବାଲେଶ୍ୱର ଜିଲା ବସ୍ତା ବ୍ଲକ ଦେଇ ପ୍ରବାହିତ ଜଳକା ନଦୀରେ ବନ୍ୟାଜଳ ବିପଦସଂକେତ ଉପରେ ପ୍ରବାହିତ ହେଉଛି। ଚଳିତବର୍ଷ ସଦର ଓ ବସ୍ତା ବ୍ଲକରେ ପ୍ରଥମଥର ପାଇଁ ବନ୍ୟା ଆସିଛି। ଜଳକା ନଦୀର ମଥାନୀଠାରେ ବିପଦ ସଂକେତ ୫.୫୦ ମିଟର ଥିବାବେଳେ ଶୁକ୍ରବାର ଦିନ ୨ଟା ସୁଦ୍ଧା ବିପଦସଂକେତ ଅତିକ୍ରମ କରି ୬.୨୯ ମିଟରରେ ପହଞ୍ଚିଥିଲା। ସନ୍ଧ୍ୟା ସୁଦ୍ଧା ଜଳସ୍ତର ୬.୨୩ ମିଟରରେ ପ୍ରବାହିତ ହେଉଥିବା ବିଭାଗ ପକ୍ଷରୁ କୁହାଯାଇଛି। ଫଳରେ ଏକାଧିକ ପଞ୍ଚାୟତ ଏବେ ପାଣିଘେରରେ ଥିବା ଦେଖିବାକୁ ମିଳିଛି। ନଦୀବନ୍ଧ ଦୁର୍ବଳ ଥିବାରୁ ନଦୀକୂଳବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଜଳକା ନଦୀର ରହିଥିବା ୩୮ କି.ମି. ନଦୀ ବନ୍ଧ ସମ୍ପୂର୍ଣ୍ଣ ଦୁର୍ବଳ ରହିଥିବାରୁ ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଲୋକଙ୍କ ନିଦ ହଜି ଯାଇଛି।

ଗତ ୬ତାରିଖରୁ ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ବସ୍ତା ବ୍ଲକ ଦେଇ ପ୍ରବାହିତ ହେଉଥିବା ଜଳକା ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ନଦୀର ଉପରମୁଣ୍ଡ ମୟୂରଭଞ୍ଜ ଜିଲାର ଶୁଳିଆପଦା, ମୋରଡ଼ା, ଚିତ୍ରଡ଼ା, ରାସଗୋବିନ୍ଦପୁର ଅଞ୍ଚଳରେ ବର୍ଷା କାରଣରୁ ନଦୀର ଜଳସ୍ତର ବୃଦ୍ଧି ପାଇଛି। ଅନ୍ୟପଟେ ଲଗାଣ ବର୍ଷା ଯୋଗୁ ଚାଷ ଜମିରେ ମଧ୍ୟ ବର୍ଷାଜଳ ଜମି ରହିଛି। ବର୍ତ୍ତମାନ ଧାନ ରୁଆ, ପୋତା କାମ ଚାଲିଥିବାରୁ ଚାଷ ଜମିରେ ଜମି ରହିଥିବା ବର୍ଷାଜଳ ନଦୀକୁ ନିଷ୍କାସନ ହୋଇପାରୁନାହିଁ। ଫଳରେ କିଛିଦିନ ତଳେ ରୁଆ ଯାଇଥିବା ଧାନ ତଳି ପାଣିରେ ବୁଡ଼ି ରହିଛି। ଆଗକୁ ପୁଣି ଲଘୁଚାପ ଆଶଙ୍କା ରହିଥିବାରୁ ବର୍ଷା ହେଲେ ଏକ ବଡ଼ ନ୍ୟା ହେବାର ସମ୍ଭାବନା ମଧ୍ୟ ରହିଛି। ଯଦି ବନ୍ୟା ହୁଏ ତା'ହେଲେ ଏବେ ରୁଆଯାଇଥିବା ଧାନ ଓ ତଳି ପଚିବାର ଆଶଙ୍କା ରହିଛି। ଜଳକାରୁ ପାଣି ବାହାରିବା ହେତୁ ରାଉତପଡ଼ା, ଗଡ଼ପଦା, ବାହାର୍ଦ୍ଦା, ମଥାନୀ, ଦୁଧହଂସା, ବାସିଚକୁରାଇ ସମେତ ସଦର ବ୍ଲକର ରସଲପୁର ପଞ୍ଚାୟତ ଏବେ ପାଣି ଘେରରେ ରହିଛି। ଏହିସବୁ ଅଞ୍ଚଳର ଚାଷଜମି ସବୁ ବନ୍ୟା ପାଣିରେ ବୁଡ଼ି ରହିଛି। ଆଗକୁ ବନ୍ୟା ଆଶଙ୍କା ଥିବାରୁ ଧାନତଳି ଏବଂ ରୁଆ ଧାନ ଆଉ ଅମଳକ୍ଷମ ହେବାର ସମ୍ଭାବନା ନାହିଁ ବୋଲି ଚାଷୀମାନେ ହତାଶ ହୋଇପଡ଼ିଛନ୍ତି।

# ୪ ପୋଲିସ ଅଧିକାରୀ ପାଇବେ 'ସ୍ୱରାଷ୍ଟ୍ରମନ୍ତ୍ରୀ ମେଡାଲ'


ସୁମିତ୍ରା ଜେନା


ଅନସୂୟା ନାୟକ


ଆଶିଷ ଚନ୍ଦ୍ର ଜେନା


ରମେଶ କୁମାର ପ୍ରଧାନ

ଭୁବନେଶ୍ୱର,୧୨।୮(ବ୍ୟୁରୋ)

ଅପରାଧ ତଦନ୍ତ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଦେଶର ୧୫୧ଜଣ ପୋଲିସ ଅଧିକାରୀଙ୍କୁ ୨୦୨୨ ବର୍ଷ ପାଇଁ 'ସ୍ୱରାଷ୍ଟ୍ରମନ୍ତ୍ରୀ ମେଡାଲ' ପ୍ରଦାନ କରାଯିବ। ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପଦକ ପାଇଁ ଯୋଗ୍ୟ ବିବେଚିତଙ୍କ ମଧ୍ୟରୁ ଓଡ଼ିଶାରୁ ୪ଜଣ ଅଧିକାରୀ ରହିଛନ୍ତି। ସେମାନେ ହେଲେ କୋରାପୁଟ ଡିଏସ୍‌ପି ସୁମିତ୍ରା ଜେନା, ଗଞ୍ଜାମ ପୋଲିସରେ କାର୍ଯ୍ୟରତ ଇନ୍ସପେକ୍ଟର ରମେଶ କୁମାର ପ୍ରଧାନ, କମିଶନରେଟ ପୋଲିସ ଅଧୀନ କଟକ ସହରାଞ୍ଚଳ ପୋଲିସ ଜିଲାରେ କାର୍ଯ୍ୟରତ ଇନ୍ସପେକ୍ଟର ଅନସୂୟା ନାୟକ ଓ କ୍ରାଇମବ୍ରାଞ୍ଚ ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍)ରେ କାର୍ଯ୍ୟରତ ଇନ୍ସପେକ୍ଟର ଆଶିଷ ଚନ୍ଦ୍ର ଜେନା। ତେବେ ଏହି ଘୋଷଣା ପରେ ରାଜ୍ୟ ପୋଲିସ ବିଭାଗ ପକ୍ଷରୁ ସାମାଜିକ ଗଣମାଧ୍ୟମ ଜରିଆରେ ସମସ୍ତ ୪ ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଯାଇଛି। ଉଲ୍ଲେଖଯୋଗ୍ୟ, ଅପରାଧ ତଦନ୍ତର ଉଚ୍ଚ ବୃତ୍ତିଗତ ମାନ୍ୟତାକୁ ପ୍ରୋତ୍ସାହିତ କରିବା ଏବଂ ତଦନ୍ତକାରୀ ଅଧିକାରୀଙ୍କ ଦ୍ୱାରା 'ତଦନ୍ତରେ ଉତ୍କର୍ଷତା' ଚିହ୍ନିବା ଉଦ୍ଦେଶ୍ୟରେ ୨୦୧୮ରୁ ପ୍ରତିବର୍ଷ ଏହି ପଦକ ଦିଆଯାଉଛି।

# ଦଳିତ, ଆଦିବାସୀଙ୍କ ବିକାଶ ପାଇଁ ସବୁସ୍ତରରେ ଉଦ୍ୟମ ହେଉ



ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି (ନିର୍ଯାତନା ନିବାରଣ) ଆଇନ୍ ୧୯୮୯ ଓ ନିୟମାବଳୀ ୧୯୯୫ର ଓଡ଼ିଆ ଭାଷାରେ ସଂଶୋଧିତ ସଂସ୍କରଣକୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

## ଆନ୍ତଃରାଜ୍ୟ ପରାମର୍ଶ ଶିବିର

ଭୁବନେଶ୍ୱର, ୧୨।୮ (ବ୍ୟୁରୋ)

ଆମ୍ବେଦକର-ଲୋହିଆ ବିଚାର ମଞ୍ଚ ଓ ନୂଆଦିଲ୍ଲୀର ନ୍ୟାଶନାଲ ଦଳିତ ମୁଭ୍‌ମେଣ୍ଟ ଫର୍ ଜଷ୍ଟିସ୍ ପକ୍ଷରୁ ଶୁକ୍ରବାର ଆନ୍ତଃରାଜ୍ୟ ଦିନିକିଆ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଏହି କର୍ମଶାଳାରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା କମିଶନ ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ ଯୋଗଦେଇ କହିଲେ, ଦେଶ ଆଜାଦୀର ଅମୃତ ମହୋତ୍ସବ ପାଳନ କଲାବେଳେ ଆମକୁ ଭେଦଭାବହୀନ ସମାନତାର ଅଧିକାର ପାଇଁ ସଂଘର୍ଷ ତୀବ୍ରତର କରିବାକୁ ହେବ। ଏଥିସହିତ ଶିଶୁ ମୃତ୍ୟୁହାର କମ୍ କରିବା ଓ ସୁସ୍ଥ ସବଳ ଆଗାମୀ ପୀଢ଼ି ପାଇଁ ବାଲ୍ୟ ବିବାହ ବନ୍ଦ କରିବାବାକୁ ହେବ। ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ମନମୋହନ ପ୍ରହରାଜ କହିଲେ, ରାଜ୍ୟରେ ଏପର୍ଯ୍ୟନ୍ତ ଜଣେ ବି ଅନୁସୂଚିତ ଜାତିର ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ନାହାନ୍ତି। ଏହି ବର୍ଗର ବିକାଶ ପାଇଁ ସବୁସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ।

ଏହି ଅବସରରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି (ନିର୍ଯାତନା ନିବାରଣ) ଆଇନ୍ ୧୯୮୯ ଓ ନିୟମାବଳୀ ୧୯୯୫ର ଓଡ଼ିଆ ଭାଷାରେ ସଂଶୋଧିତ ସଂସ୍କରଣ ଲୋକାର୍ପିତ ହୋଇଥିଲା। ଏହି ଆଇନ ପୁସ୍ତିକା ରାଜ୍ୟରେ ସଂଗଠକମାନଙ୍କୁ ଓ ନିର୍ଯାତିତ ଗୋଷ୍ଠୀଙ୍କ ସମେତ ସରକାରୀ ଅଧିକାରୀଙ୍କୁ ସଚେତନ କରିବ ବୋଲି ମଞ୍ଚ ଅଧ୍ୟକ୍ଷ ସଂଗ୍ରାମ ମଲିକ କହିଛନ୍ତି। ଏଥିରେ ଅନୁସୂଚିତ ଜାତି ଓ ଜନଜାତି ନିର୍ଯାତନା ନିବାରଣ ଆଇନ୍‌ର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ନ୍ୟାଶନାଲ ଦଳିତ ମୁଭମେଣ୍ଟ ଫର୍ ଜଷ୍ଟିସର ସାଧାରଣ ସମ୍ପାଦକ ରାହୁଲ ସିଂଙ୍କ ସହ ଓଡ଼ିଶାର ବିଭିନ୍ନ ଜିଲାରୁ ଦଳିତ ଆଦିବାସୀ ସଂଗଠନର ସକ୍ରିୟ କର୍ମକର୍ତ୍ତାଙ୍କ ସମେତ ଉତ୍ତର ପ୍ରଦେଶ, ବିହାର, ଝାଡ଼ଖଣ୍ଡ ଓ ଛତିଶଗଡ଼ର ନେତାମାନେ ଯୋଗ ଦେଇଥିଲେ। ଅରବିନ୍ଦ ମଲିକ ସ୍ୱାଗତ ଓ କିଷାନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଲୋୟରସୁକତେଲ ପ୍ରକଳ୍ପ ଲାଗି ପ୍ରାୟ ୧୦୦୮ କୋଟିର ଟେଣ୍ଡରକୁ ମଞ୍ଜୁରୀ

ଭୁବନେଶ୍ୱର, ୧୨।୮(ବ୍ୟୁରୋ): ବଲାଙ୍ଗୀର ଜିଲା ସ୍ଥିତ ଲୋଏର ସୁକତେଲ ଜଳସେଚନ ପ୍ରକଳ୍ପର ନିର୍ମାଣ ଓ ରକ୍ଷଣାବେକ୍ଷଣ ଲାଗି ପ୍ରାୟ ହଜାରେ ୮ କୋଟି ଟଙ୍କାର ଟେଣ୍ଡର ପ୍ରକ୍ରିୟାକୁ କ୍ୟାବିନେଟ୍‌ରେ ମଞ୍ଜୁର ମିଳିଛି। ଏହାର ଜଳସେଚନ କ୍ଷମତା ବୃଦ୍ଧି, ଜଳର ସୁଷମ ବଣ୍ଟନ, ଜଳ ଅପଚୟ ଏଡାଇବା ସହ ଅପେକ୍ଷାକୃତ କମ୍ ଭୂମି ଅଧିଗ୍ରହଣ ଦ୍ୱାରା ସମସ୍ତ କାର୍ଯ୍ୟ ସମ୍ପନ୍ନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଓପନ କେନାଲ ଫ୍ଲୋ ଜଳସେଚନ ବଦଳରେ ଭୂତଳ ପାଇପ ଦ୍ୱାରା ଜଳସେଚନ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ପ୍ରକଳ୍ପ ନିର୍ମାଣ ପାଇଁ ରାଜ୍ୟ ସରକାର ନଅ ଶହ ଅଠାନବେ କୋଟି ଟଙ୍କା ଏବଂ ୫ ବର୍ଷ ପର୍ଯ୍ୟନ୍ତ ଏହାର ରକ୍ଷଣାବେକ୍ଷଣ ଲାଗି ୮ କୋଟି ୯୨ ଲକ୍ଷ ଟଙ୍କାର ଟେଣ୍ଡର କରାଯିବ। ଏହି କାର୍ଯ୍ୟ ୩୦ ମାସ ମଧ୍ୟରେ ଶେଷ ହେବାକୁ ଲକ୍ଷ୍ୟ ରଖାଯାଇଛି।

# ୧୫ ସିବିଆଇ ଅଫିସରଙ୍କୁ ସ୍ୱରାଷ୍ଟ୍ରମନ୍ତ୍ରୀ ମେଡାଲ

ନୂଆଦିଲ୍ଲୀ,୧୨।୮(ପି.ଟି.)

ତଦନ୍ତ କ୍ଷେତ୍ରରେ ଉତ୍କର୍ଷତା ଲାଗି ସିବିଆଇର ୧୫ ଜଣ ଅଫିସରଙ୍କୁ ସ୍ୱରାଷ୍ଟ୍ରମନ୍ତ୍ରୀ ମେଡାଲରେ ସମ୍ମାନିତ କରାଯାଇଛି। ଏହି ସମ୍ମାନଜନକ ମେଡାଲ ବିଜେତାଙ୍କ ମଧ୍ୟରେ ଅଛନ୍ତି ଡେପୁଟି ଏସ୍‌ପି ସୁରେନ୍ଦ୍ର କୁମାର ରୋହିଲା। ସେ ଆଲ୍ଲାହାବାଦ ହାଇକୋର୍ଟର ପୂର୍ବତନ ବିଚାରପତି ଏସ୍.ଏନ୍. ଶୁକ୍ଲାଙ୍କ ବିରୋଧରେ ଦୁର୍ନୀତି ମାମଲା ରୁଜୁ କରିଥିଲେ। ଅଭିନେତା ସୁଶାନ୍ତ ସିଂ ରାଜପୁତ୍ ମୃତ୍ୟୁ ଘଟଣାର ତଦନ୍ତକାରୀ ଟିମ୍‌ରେ ମଧ୍ୟ ରୋହିଲା ରହିଥିଲେ। ସେହିପରି ସିବିଆଇ ଡିଏସ୍‌ପି ପ୍ରମୋଦ କୁମାର ମଧ୍ୟ ସମ୍ମାନିତ ହୋଇଛନ୍ତି। ସେ ୫୦ କୋଟି ଟଙ୍କା ଲାଞ୍ଚ କାରବାର ମାମଲାରେ ରେଲୱେର ଅବସରପ୍ରାପ୍ତ ପ୍ରମୁଖ ମୁଖ୍ୟ ମେକାନିକାଲ ଇଞ୍ଜିନିୟର ଏ.କେ. କଥପାଲଙ୍କୁ ଗିରଫ କରିଥିଲେ। କଥପାଲଙ୍କ ଘରୁ ୨.୭୫ କୋଟି ନଗଦ ଟଙ୍କା ଓ ୨୩ କିଲୋଗ୍ରାମ ସୁନା ଜବତ ହୋଇଥିଲା। ସେହିପରି ନୌସେନାରେ ବଡ଼ ଧରଣର ଦୁର୍ନୀତିର ପର୍ଦ୍ଦାଫାସ କରିଥିବା ଡିଏସ୍‌ପି କୁମାର ଭାସ୍କରଙ୍କୁ ମେଡାଲରେ ସମ୍ମାନିତ କରାଯାଇଛି। ମେଡାଲ ପାଇଥିବା ଅନ୍ୟ ସିବିଆଇ ଅଫିସରଙ୍କ ମଧ୍ୟରେ ଅଛନ୍ତି ଡିଏସ୍‌ପି ସନ୍ଦିପସିଂ ସୁରେଶ ସିଂ ଭଦୋରିୟା, ହିମାଂଶୁ ଶାହ, ମହିଳା ଅଫିସର ଏମ୍. ଶଶିରେଖା, ଡିଏସ୍‌ପି ମନୋଜ କୁମାର, ଇନ୍ସପେକ୍ଟର ସାମ୍ଭାଜୀ ନିଭୃତ୍ତି ମୁର୍କୁଟେ, ଶ୍ରୀଧର ଡି, ସତ୍ୟବୀର, ସାଜି ସଙ୍କର ଏ.ଏସ., ଦୀପକ କୁମାର, ଅଞ୍ଜୁ କୁମାର, ଅମିତ ଅୱଧେଶ ଶ୍ରୀବାସ୍ତବ ଏବଂ ପ୍ରଦୀପ କୁମାର ତ୍ରିପାଠୀ।

# ଦୁଇ ବାଇକ୍ ଧକ୍କା: ୨ ମୃତ, ୧ ଗୁରୁତର

ବାଉଁଶୁଣୀ, ୧୨।୮(ଡି.ଏନ୍.ଏ.)

ବୌଦ୍ଧ-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ଖୁଣ୍ଟବନ୍ଧଛକ ନିକଟରେ ଶୁକ୍ରବାର ଦିନ ପ୍ରାୟ ୨ଟାରେ ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଫଳରେ ଦୁଇ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଜଗନ୍ନାଥ ଜଗଦଲା ଓ ମୁନୁ ସନ୍ନ୍ୟାସୀ।

ସୂଚନାଯୋଗ୍ୟ ଯେ, ବୌଦ୍ଧ ଜିଲା ମନମୁଣ୍ଡା ଥାନା ଗୁଡ଼ଭେଲିପଦର ପଞ୍ଚାୟତ ରାକ୍ଷସକୁଟି ଗ୍ରାମର ମୁନୁ ସନ୍ନ୍ୟାସୀ ବାଇକ୍ ଯୋଗେ ବୌଦ୍ଧକୁ ଯାଉଥିଲେ। ବିପରୀତ ଦିଗରୁ ଆସୁଥିବା ବାଉଁଶୁଣୀ ଥାନା ବାଡିକଟା ଗ୍ରାମର ଜଗନ୍ନାଥ ଜଗଦଲାଙ୍କ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ମୁନୁ, ଜଗନ୍ନାଥ ଓ ଜଗନ୍ନାଥଙ୍କ ସ୍ତ୍ରୀ ଲିଲି ଛିଟିକି ପଡ଼ିଥିଲେ। ତିନି ଜଣଙ୍କୁ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ଜଗନ୍ନାଥ ଓ ମୁନୁଙ୍କୁ ମୃତ ଘୋଷଣା କରିଥିବାବେଳେ ଲିଲିଙ୍କ ଅବସ୍ଥା ଗୁରୁତର ଥିବାରୁ ବୁର୍ଲା ପଠାଇଦେଇଥିଲେ। ଘଟଣାସ୍ଥଳରେ ଜହ୍ନାପଙ୍କ ଫାଣ୍ଡି ପୋଲିସ ପହଞ୍ଚି ଉଭୟ ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଜଗନ୍ନାଥ ଜଗଦଲା ବୌଦ୍ଧ ପଲିଟେକ୍‌ନିକ ମହାବିଦ୍ୟାଳୟର ଅଧ୍ୟାପକ ଭାବେ କାର୍ଯ୍ୟ କରୁଥିଲେ।

FORM NO. 13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, C.D.A, CUTTACK, ODISHA
O.A. NO. 68 OF 2022
HDFC BANK LIMITED ..............................APPLICANT
-VERSUS-
UNIQUE AGRISCIENCE (INDIA) PVT. LTD.
& OTHERS .............DEFENDANT(S)
To,
1. UNIQUE AGRISCIENCE (INDIA) PVT. LTD., At- Plot No. 231, Kharvel Nagar, Unit-III, Bhubaneswar, District-Khordha, Pin-751001.
2. PRASANT KUMAR RAUT, Director, Unique Agriscience (India) Pvt. Ltd., S/o-Amareswar Raut, At- House No. 49, Basant Vihar, Brahmeswarpatna, Bhubaneswar, District-Khordha, Pin-751018.
3. ROJALIN RAUT, Director, Unique Agriscience (India) Pvt. Ltd., W/o- Prasant Kumar Raut, At- House No. 49, Basant Vihar, Brahmeswarpatna, Bhubaneswar, District-Khordha, Pin-751018.
SUMMONS BY PAPER PUBLICATION FOR SHOWING CAUSE TO WHY THE RELIEF PRAYED SHOULD NOT BE GRANTED
Take notice that the applicant has instituted an O.A No. 68 of 2022 in the court of the Debts Recovery Tribunal, Cuttack for recovery of Rs.30,67,295.18/- only together with current and future interest costs and the other reliefs. The above mentioned defendants are therefore directed to appear before this tribunal in person or through an Advocate or duly authorized agent in support of their defence to show cause within 30 days from the date of publication or on 26.09.2022 at 10.30 A.M. as to why reliefs prayed for should not granted.
Take notice that in case of default the applicant will be heard and determined in their absence.
Given under my hand and seal of this tribunal on this 8th day of August, 2022.
Sd/- Registrar

# ଶୃଙ୍ଖଳା ଗଛ ନେଲା ମହିଳାଙ୍କ ଜୀବନ

ଖମାର, ୧୨।୮ (ଡି.ଏନ.ଏ.)

ଶୃଙ୍ଖଳା ଗଛ ଭାଙ୍ଗି ପଡ଼ିବାରୁ ଆଉ ଜଣେ ମହିଳାଙ୍କ ଜୀବନ ଯାଇଛି। ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଖମାର ଥାନା ପରାଛାଟ ପଞ୍ଚାୟତରେ ଶୁକ୍ରବାର ଘଟିଥିବା ଏହି ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଗତ ମେ ୨୭ରେ ୧୪୯ନଂ. ଜାତୀୟ ରାଜପଥରେ ଯାଉଥିବା ଅଟୋ ଉପରେ ଏକ ଶୃଙ୍ଖଳା ଗଛ ଭାଙ୍ଗିପଡ଼ିବାରୁ ପାଲଲହଡ଼ା ମେଡିକାଲରୁ ଫେରୁଥିବା ଜଣେ ଗର୍ଭବତୀଙ୍କ ସମେତ ପରିବାରର ୨ ମହିଳାଙ୍କ ମୃତ୍ୟୁ ହୋଇଥିଲା। ସେତେବେଳେ ଏହି ଘଟଣା ରାଜ୍ୟରେ ଆଲୋଚନାର ବିଷୟ ହୋଇଥିଲା।

ପ୍ରକାଶ ଯେ, ପରାଛାଟ ପଞ୍ଚାୟତ ପରାଛାଟ ଗ୍ରାମର କାଠି ପେଷଇଙ୍କ ସ୍ତ୍ରୀ ବାଇଗିଣୀ ପେଷଇ (୫୮) ଅପରାହ୍ନ ୧ଟା ବେଳେ ଗାଁ ପଡିଆରେ ଗୋରୁ ଚରାଉଥିଲେ। ଏହି ସମୟରେ ସେଠାରେ ଥିବା ଏକ ଶୃଙ୍ଖଳା ବର ଗଛ ହଠାତ ବାଇଗିଣୀଙ୍କ ଉପରେ ଭାଙ୍ଗି ପଡ଼ିଥିଲା। ଗଛ ତଳେ ଚାପି ହୋଇଯାଇଥିବା ବାଇଗିଣୀଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଖମାର ମେଡିକାଲକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପରାଛାଟ ସରପଞ୍ଚ ବବିତା ଘଟୁଆରୀ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହିତ ବ୍ୟକ୍ତିଗତ ଭାବେ ୫ ହଜାର ଓ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ପ୍ରଦାନ କରିଛନ୍ତି। ପାଲଲହଡା ବିଧାୟକ ମୁକେଶ କୁମାର ପାଳ ଘଟଣାକୁ ନେଇ ଦୁଃଖ ପ୍ରକାଶ କରିବା ସହିତ ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସମ୍ପୃକ୍ତ ପରିବାରକୁ କିପରି ଅଧିକ ସହାୟତା ମିଳିପାରିବ ସେଥିପାଇଁ ଉଦ୍ୟମ କରିବେ ବୋଲି ବିଧାୟକ କହିଛନ୍ତି। ଖମାର ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଦେଇଛି।

STATE INSTITUTE OF HOTEL MANAGEMENT, BALANGIR
Titilagarh Road, Balangir - 767001 (Odisha)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA) NCHMCT
ADMISSION OPEN
FOR HOTEL MANAGEMENT COURSES

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English one of the subjects (Minimum 45% marks) | 25 Years as on 1st July 2022 for General/ OBC candidates & 28 Years for SC/ST candidates |
| 2. Diploma In Front Office Operation | 1½ Year | 10+2 pass or equivalent | |
| 3. Diploma In Food & Beverage Service | 1½ Year | 10+2 pass or equivalent | |
| 4. Diploma In Food Production | 1½ Year | 10+2 pass or equivalent | |
| 5. Diploma In Housekeeping Operation | 1½ Year | 10+2 pass or equivalent | |
| 6. Craftsmanship Certificate Course In Food & Beverage Service | 06 Months | 10th pass | |
| 7. Craftsmanship Certificate Course In Food Production | 1½ Year | 10th pass | |

FOR FURTHER DETAILS
Visit our website - www.sihmbalangir.org, e-mail: admissions@sihmbalangir.org
Contact No. 8447903803, 9348849484



ଧାର୍ମିକ ଚେତନାରେ ପରିହାର କର ସବୁପ୍ରକାର ନୀଚତା– ସଂକୀର୍ଣ୍ଣତା ଓ ସ୍ଥଳଦର୍ଶତା। ବିସ୍ତୃତ ଦିଗ୍‌ବଳୟଠାରୁ ଆହୁରି ବିସ୍ତାରିତ କର ନିଜକୁ। ଉଚ୍ଚତମ କାଂଚନଜଙ୍ଘା ଶୃଙ୍ଗଠାରୁ ନିଜକୁ ଆହୁରି ଉଚ୍ଚକର ଏବଂ ଗଭୀରତମ ସମୁଦ୍ରଠାରୁ ଆହୁରି ଗଭୀର ହୁଅ। –ଶ୍ରୀଅରବିନ୍ଦ



# ଯୋଗୀ ସରକାରଙ୍କୁ ସମସ୍ୟା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

୧୯୮୭ ବ୍ୟାଚ୍ ଆଇଏଏସ୍ ଅଧିକାରୀ ରେଣୁକା କୁମାର ତାଙ୍କ ମୂଳ କ୍ୟାଡର ଉତ୍ତରପ୍ରଦେଶ (ୟୁପି)କୁ ଫେରିଥିବା ବିଷୟ ଗତ ସପ୍ତାହରେ ଦିଲ୍ଲୀକା ବାବୁରେ ପ୍ରକାଶ ପାଇଥିଲା। କିନ୍ତୁ ଏବେ ଜଣାପଡ଼ିଛି ଯେ, ଏହି ଅଧିକାରୀ ସ୍ୱେଚ୍ଛାକୃତ ଅବସର (ଭିଆର୍‌ଏସ୍) ଲାଗି ଆବେଦନ କରିଛନ୍ତି। ସ୍ପଷ୍ଟ ହେଉଛି ଯେ, ଉକ୍ତ ବରିଷ୍ଠ ଅଧିକାରୀ ୟୁପିକୁ ଫେରିବା ପାଇଁ ଅନିଚ୍ଛୁକ ଥିଲେ। ତେବେ ଯୋଗୀଙ୍କ ଶାସିତ ରାଜ୍ୟରେ କେବଳ କୁମାର ନୁହନ୍ତି, ଆହୁରି ଅନେକ ଅଧିକାରୀ ଚାକିରି କରିବା ଲାଗି ଚାହୁଁନାହାନ୍ତି। ଏହି କାରଣରୁ ଏକ ସପ୍ତାହ ମଧ୍ୟରେ କୁମାରଙ୍କ ଭଳି ୟୁପି କ୍ୟାଡରର ଦୁଇ ବରିଷ୍ଠ ଅଧିକାରୀ ୟୁଥିକା ପଟଙ୍କର ଏବଂ ବିକାଶ ଗୋଥାଲ୍‌ୱାଲ ସ୍ୱେଚ୍ଛାକୃତ ଅବସର ନେବାକୁ ଚାହିଁଛନ୍ତି। ତେବେ ପାଖାପାଖି କେଉଁ ଦିନ ଏହି ବରିଷ୍ଠ ଅଧିକାରୀମାନେ ଅବସର ନେବାକୁ ଚାହିଁଛନ୍ତି ତାହା ପର୍ଯ୍ୟବେକ୍ଷକମାନେ ସୁନିଶ୍ଚିତ କରିପାରିନାହାନ୍ତି। ଏହି ଘଟଣାର ସମ୍ଭାବିତ କାରଣ ବିଷୟରେ ବାବୁମାନଙ୍କ ପକ୍ଷରୁ ବେସରକାରୀ ସୂଚନା ଏବଂ କିଛି ଗୁଜବର ଗୁଞ୍ଜରଣ ପ୍ରକାଶ ପାଉଛି। ଏଭଳି ଘଟଣା ଲାଗି ୟୁପିରେ ସର୍ଭିସ୍‌ର ଅତ୍ୟଧିକ ରାଜନୀତୀକରଣକୁ କେତେକେ ଦୋଷ ଦେଉଛନ୍ତି ଓ ଏହି କାରଣରୁ ବାବୁମାନେ ରାଜ୍ୟରେ କାମ କରିବାକୁ ଚାହୁଁ ନ ଥିବା ଅନୁମାନ କରାଯାଉଛି। ତେବେ ନବେ ଦଶକରେ ରାଜ୍ୟ କ୍ୟାଡର୍‌ରେ ତିନିଜଣ ଅଧିକ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଠାବ କରିବାକୁ ୟୁପି ଆଇଏଏସ୍ ଆସୋସିଏଶନ୍‌ର ଅଭିଯାନରେ ମୁଖ୍ୟ ଭୂମିକା ନେଇଥିବା ଅଧିକାରୀ ରେଣୁକା କୁମାର କେଉଁ କାରଣ ପାଇଁ ସେଠାରେ ଆଉ ଅଧିକ ଦିନ କାମ କରିବାକୁ ଚାହୁଁନାହାନ୍ତି ? ରେଣୁକାଙ୍କ ଭଳି ୟୁଥିକା ମଧ୍ୟ କେନ୍ଦ୍ରୀୟ ଡେପୁଟେଶନରେ ଯାଇଥିଲେ। ବିକାଶ ଗୋଥୱାଲ ଏବେ ଷ୍ଟଡି ଲିଭ୍‌ରେ ଇଂଲଣ୍ଡରେ ରହିଛନ୍ତି ଏବଂ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସେ ଭିଆର୍‌ଏସ୍ ଚାହିଁଛନ୍ତି। ଏହା ପଛରେ କାରଣ ଯାହା ଥାଉନା କାହିଁକି, ବରିଷ୍ଠ ବାବୁମାନେ ରାଜ୍ୟରେ କାର୍ଯ୍ୟ କରିବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି ବୋଲି ଏକ ଧାରଣା ସୃଷ୍ଟି ହୋଇଥିବାରୁ ଏବଂ ଅବସରର କିଛି ବର୍ଷ ପୂର୍ବରୁ ସେମାନେ ଚାକିରି ଛାଡୁଥିବାରୁ ଏହି ଘଟଣା ଯୋଗୀ ସରକାର ପାଇଁ ଏକ କଠିନ ସମସ୍ୟା ସୃଷ୍ଟି କରୁଛି।

### ଚର୍ଚ୍ଚାରେ ଇଡି

ତଦନ୍ତ କରାଯାଉଥିବା ମନି ଲଣ୍ଡରିଂର ହାଇ ପ୍ରୋଫାଇଲ ମମଲା ସଂଖ୍ୟା ବୃଦ୍ଧି ଯୋଗୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ସ୍ୱରୂପ ବଦଳିବା ସହ ତା' କାର୍ଯ୍ୟ ବଢ଼ିଯାଇଛି। ଏବକାର ତଦନ୍ତକୁ ନେଇ ଇଡ଼ି ମିଡିଆରେ ଚର୍ଚ୍ଚାର ବିଷୟ ପାଲଟୁଛି। ପର୍ଯ୍ୟବେକ୍ଷକଙ୍କ ମତରେ, ୨୦୧୮ରେ ଏସ୍.କେ.ମିଶ୍ର ଇଡିର ନିର୍ଦ୍ଦେଶକ ହେବା ସମୟରୁ ଏହା କମ୍ ସମୟରେ ଅସାଧାରଣ ଭାବେ ତାହାର କାୟା ବିସ୍ତାର କରିବା ସହ ଅତ୍ୟଧିକ ସକ୍ରିୟତା ପ୍ରକାଶ କରିଆସିଛି। ମିଶ୍ର ମୁଖ୍ୟ ହେବା ପୂର୍ବରୁ ଇଡିର ୫ ଜଣ ସ୍ୱତନ୍ତ୍ର ନିର୍ଦ୍ଦେଶକ ଏବଂ ୧୮ଜଣ ଯୁଗ୍ମ ନିର୍ଦ୍ଦେଶକ ଥିଲେ। ଏମାନଙ୍କ ମଧ୍ୟରୁ ଅଧିକାଂଶ ଆଇପିଏସ୍‌ରୁ ଆସିଥିଲେ। ଏବେ ଏହି ସଂସ୍ଥାରେ ୯ ଜଣ ସ୍ୱତନ୍ତ୍ର ନିର୍ଦ୍ଦେଶକ, ୩ ଅତିରିକ୍ତ ନିର୍ଦ୍ଦେଶକ, ୩୬ ଯୁଗ୍ମ ନିର୍ଦ୍ଦେଶକ ଏବଂ ୧୮ ଜଣ ଉପନିର୍ଦ୍ଦେଶକ ରହିଛନ୍ତି। ୨୦୧୮ ପୂର୍ବାପେକ୍ଷା ଏହି ପଦବୀ ସଂଖ୍ୟା ପାଖାପାଖି ୫୦ ପ୍ରତିଶତ ବୃଦ୍ଧିପାଇଛି। ଆଶ୍ଚର୍ଯ୍ୟର କଥା, ଏଥିରେ ଅର୍ଥ ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ଆୟକର ଅଧିକାରୀମାନଙ୍କୁ, ଜିଏସ୍‌ଟି ଇଣ୍ଟେଲିଜେନ୍ସ ଏବଂ ଉତ୍ପାଦ ଓ ଅବକାରୀ ବିଭାଗର ମହା ନିର୍ଦ୍ଦେଶକଙ୍କୁ ଅଧିକ ପ୍ରାଥମିକତା ଦିଆଯାଇଛି। ମେଘାଳୟ,କର୍ନାଟକ, ମଣିପୁର, ତ୍ରିପୁରା ଏବଂ ସିକ୍କିମ ସମେତ ଅନ୍ୟ ରାଜ୍ୟରେ ଇଡି ତା'ଅଫିସ କରିଛି। ୨୦୦୨ରେ ପ୍ରିଭେନ୍‌ଶନ ଅଫ୍ ମନି ଲଣ୍ଡରିଂ ଆକ୍ଟ (ପିଏମ୍‌ଏଲ୍‌ଏ)ଲାଗୁ ହେବା ପରଠାରୁ ଏହି ଆଇନ୍ ବଳରେ ଇଡି ସଶକ୍ତ ହେଲା ଏବଂ ଏହାର ଅଧିକାରୀମାନଙ୍କୁ କାର୍ଯ୍ୟ କରିବାକୁ ଶକ୍ତି ଓ କ୍ଷମତା ଦେଲା। ଚଳିତ ବର୍ଷ ଫେବୃୟାରୀ ସୁଦ୍ଧା ଏହାର ତଦନ୍ତ ସଂଖ୍ୟ ଥିଲା ୩,୦୮୬। ଇଡିର ତଦନ୍ତ ସଂଖ୍ୟାକୁ ଦେଖିଲେ ସେହି ତୁଳନାରେ ଦୋଷୀ ସାବ୍ୟସ୍ତ ହେବାର ହାର ଅତ୍ୟଧିକ କମ୍। ପିଏମ୍‌ଏଲ୍‌ଏ ଆଇନ ପାସ୍ ହେବା ଠାରୁ କେବଳ ୨୩ଟି ମାମଲାରେ ଦୋଷୀ କରାଯାଇପାରିଛି।

### ପୁନଶ୍ଚ ଗୌବା

କେନ୍ଦ୍ର କ୍ୟାବିନେଟ୍ ସଚିବ ରାଜୀବ ଗୌବାଙ୍କ କାର୍ଯ୍ୟକାଳ ଆଉ ଏକ ବର୍ଷ ବୃଦ୍ଧି କରିବା ଫଳରେ ବାବୁ ଓ ମିଡିଆ ପରିସରରେ ସମାନ୍ୟ ହଲ୍‌ଚଲ୍ ଦେଖାଦେଲା। ୨୦୧୯ରେ ପୂର୍ବତନ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଗୌବାଙ୍କୁ ଦେଶର ଏହି ଶୀର୍ଷ ଅମଲାତନ୍ତ୍ର ପଦବୀରେ ଦୁଇ ବର୍ଷ ଲାଗି ନିଯୁକ୍ତ କରାଯାଇଥିଲା। ଗତ ବର୍ଷ ଅଗଷ୍ଟରେ ତାଙ୍କ କାର୍ଯ୍ୟକାଳ ବର୍ଷେ ବଢ଼ାଯାଇଥିଲା। ନିୟମିତ କାର୍ଯ୍ୟକାଳ ପରେ କ୍ୟାବିନେଟ୍ ସଚିବ ପଦବୀରେ ରହିବା ଏବେ ଏକ ନୂଆ ପରମ୍ପରା ହୋଇଯାଇଛି। ବହୁ ସମୟରେ କିଛି କାରଣ କାର୍ଯ୍ୟକାଳ ଲଗାତର ବୃଦ୍ଧି କରିବା ଧାରାକୁ ସୁନିଶ୍ଚିତ କରୁଛି, ଯାହା ଉକ୍ତ ଘଟଣାରେ ସାମ୍ନାକୁ ଆସିଛି। ଅର୍ଥ ବ୍ୟବସ୍ଥାରେ ସୁଧାର ଓ ଅଭିବୃଦ୍ଧି ଆଣିବା ଲାଗି କାର୍ଯ୍ୟକଳାପର ସଞ୍ଚାଳକ ଭାବେ ଗୌବାଙ୍କୁ କାର୍ଯ୍ୟ କରିବା ଲାଗି କେନ୍ଦ୍ର ଚାହୁଁଥିବାରୁ ଏଭଳି କରିଛି। ୨୦୨୪ ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବାରୁ ସରକାରଙ୍କ ପାଇଁ ଆର୍ଥିକ ସୁଧାର ଓ ଅଭିବୃଦ୍ଧି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଅବଶ୍ୟ,ଗୌବାଙ୍କ ପରେ କ୍ୟାବିନେଟ୍ ସଚିବ ପଦବୀରେ ଅସୀନ ହେବା ସକାଶେ ଯେଉଁମାନେ କ୍ରମରେ ରହିଥିଲେ ସେମାନଙ୍କ ଯୋଜନାକୁ ତାଙ୍କ ଦ୍ୱିତୀୟ ସମ୍ପ୍ରସାରଣ ଧୂଳିସାତ କରିଦେଲା। ତେବେ ଗୌବାଙ୍କ ଠିକ୍ ପୂର୍ବରୁ ଏହି ପଦବୀରେ ପି.କେ. ସିହ୍ନା ରହିଥିଲେ ଓ ତାଙ୍କ କାର୍ଯ୍ୟକାଳ ୩ଥର ସମ୍ପ୍ରସାରଣ କଲା ପରେ ତାଙ୍କୁ ପ୍ରିନ୍ସିପାଲ ଆଡ୍‌ଭାଇଜର ଭାବେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଏହାକୁ ବିଚାରକଲେ ଜଣାଯାଏ ଯେ, ଗୌବାଙ୍କ ପାଇଁ ବି ଲମ୍ବା ଚାକିରି ରହିଛି।

Email: dilipcherian@gmail.com

# ଅଙ୍ଗଦାନର ଆଇନଗତ ଦିଗ



ଡା. ଉମେଶ ଚନ୍ଦ୍ର ପାତ୍ର

ଅଙ୍ଗଦାନ ଏପରି ଏକ ପ୍ରକ୍ରିୟା ଯେଉଁଥିରେ ଜଣେ ବ୍ୟକ୍ତି (ମୃତ ଓ ଜୀବିତ)ଠାରୁ ସୁସ୍ଥ ଅଙ୍ଗ ଏବଂ ଟିସୁକୁ ନେଇ ଅନ୍ୟ ବ୍ୟକ୍ତିଙ୍କଠାରେ ରୋପଣ କରାଯାଏ। ଜଣେ ବ୍ୟକ୍ତିର ଶରୀରରୁ ୫୦ଜଣ ରୋଗୀ ଉପକୃତ ହୋଇପାରନ୍ତି। ଆମ ଦେଶରେ ଯକୃତ, ବୃକ୍କ, ହୃତ୍‌ପିଣ୍ଡ, ଅଗ୍ନ୍ୟାଶୟ ପ୍ରତିରୋପଣ କରିବାର ସୁବିଧା ରହିଛି। ଏହା ବ୍ୟତୀତ ଇଣ୍ଟେଷ୍ଟାଇନ୍, ଫୁସ୍‌ଫୁସ୍, ତ୍ୱଚା, ଅସ୍ଥି ଏବଂ ଅସ୍ଥିମଜ୍ଜା ଓ ଚକ୍ଷୁ ଆଦି ମଧ୍ୟ ଦାନ କରାଯାଏ।

ଅଙ୍ଗଦାନ ଦୁଇ ପ୍ରକାରର ଯଥା ସମ୍ପୂର୍ଣ୍ଣ ଅଙ୍ଗଦାନ ଏବଂ ଟିସୁ ଦାନ। ଅଙ୍ଗଦାନ ଅଧୀନରେ ବୃକକ୍, ଯକୃତ, ହୃତ୍‌ପିଣ୍ଡ, ଅନ୍ତ୍ରନଳୀ, ଅଗ୍ନ୍ୟାଶୟ, ଫୁସ୍‌ଫୁସ୍ ଆଦି ଦାନ କରାଯାଏ। ଟିସୁ ଦାନରେ ରହିଛି ଆଖି, ଅସ୍ଥିମଜ୍ଜା ଏବଂ ତ୍ୱଚା। ତେବେ ଅଧିକାଂଶ ଅଙ୍ଗ ମନୁଷ୍ୟର ମୃତ୍ୟୁ ପରେ ଦାନ କରାଯାଏ। କିଛି ଅଙ୍ଗ ଓ ଟିସୁ ଜୀବିତାବସ୍ଥାରେ ଦାନ କରାଯାଇପାରେ। ଜୀବିତ ବ୍ୟକ୍ତିଙ୍କ ଦ୍ୱାରା ଦାନ କରାଯାଉଥିବା ସାଧାରଣ ଅଙ୍ଗ ହେଉଛି ବୃକ୍କ। କାରଣ ଦାନ ଦେଉଥିବା ବ୍ୟକ୍ତି ଗୋଟିଏ ବୃକ୍କ ସହ ସ୍ୱାଭାବିକ ଭାବରେ ବଞ୍ଚିପାରେ। ଭାରତରେ ହେଉଥିବା ଅଧିକାଂଶ ବୃକ୍କ ପ୍ରତିରୋପଣ ଜୀବିତ ଦାତାଙ୍କଠାରୁ ହିଁ ମିଳେ। ଫୁସ୍‌ଫୁସ୍ ଏବଂ ଯକୃତ ମଧ୍ୟ ଜୀବିତ ବ୍ୟକ୍ତି ଦାନ କରିପାରେ। ଆଖି ସମେତ ଅନ୍ୟ ସମସ୍ତ ଅଙ୍ଗ ମୃତ୍ୟୁ ପରେ ହିଁ ଦାନ କରାଯାଏ।

ବ୍ରେନ୍ ଡେଥ୍ ଏପରି ମୃତ୍ୟୁ, ଯେଉଁଥିରେ କୌଣସି କାରଣରୁ ମନୁଷ୍ୟର ମସ୍ତିଷ୍କ ଆଘାତପ୍ରାପ୍ତ ହୋଇଥାଏ। ଏହି ଆଘାତ ଦୁର୍ଘଟଣା, ବ୍ରେନ୍ ଟ୍ୟୁମର କିମ୍ବା ଷ୍ଟ୍ରୋକ୍ ଯୋଗୁ ହୋଇଥାଏ। ଏପରି ରୋଗୀଙ୍କ ମସ୍ତିଷ୍କର ମୃତ୍ୟୁ ଘଟିଥାଏ, ହେଲେ ସେମାନଙ୍କର ବାକି ଅଙ୍ଗ ଠିକ୍ ଭାବରେ କାମ କରୁଥାଏ। ବ୍ରେନ୍ ଡେଥ୍ ବ୍ୟକ୍ତିର ଆଖିକୁ ଛାଡ଼ି ବାକି ସବୁ ଅଙ୍ଗ ପ୍ରତିରୋପଣ ପାଇଁ ଗ୍ରହଣ କରାଯାଇପାରେ। ଯଉଁ ବ୍ୟକ୍ତିଙ୍କର ବ୍ରେନ୍ ଡେଥ୍ ହୋଇଯାଏ ଡାକ୍ତର ସେମାନଙ୍କୁ ଭେଣ୍ଟିଲେଟରରେ ରଖନ୍ତି। ଡାକ୍ତରମାନଙ୍କର ଏକ ପାନେଲ ଏହା ଘୋଷଣା କରନ୍ତି। ଏହାର ଆଉ କିଛି ସମୟ ପରେ ପୁଣି ଥରେ ବ୍ରେନ୍ ଡେଥ୍ ସମ୍ପର୍କରେ ଘୋଷଣା କରାଯାଏ। ଏହାପରେ ପରିବାରବର୍ଗଙ୍କ ସମ୍ମତିରେ ଏବଂ ଆଇନ ପ୍ରକ୍ରିୟା ପୂର୍ଣ୍ଣ କରିବା ପରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ ବାହାର କରାଯାଏ। ଏଥିପାଇଁ ଶରୀରକୁ ଲମ୍ବାରେ ଚିରାଯାଏ। ଅଙ୍ଗ ବାହାର କରିବା ସମୟରେ ଶରୀରକୁ ସମ୍ପୂର୍ଣ୍ଣ ସମ୍ମାନର ସହ ରଖାଯାଏ। ଅଙ୍ଗ ଗ୍ରହଣ ସାରିବା ପରେ ଏହାକୁ ସଫା କରି ପରିଜନଙ୍କୁ ଅର୍ପଣ କରାଯାଏ। ଏହି ପ୍ରକ୍ରିୟାରେ ପ୍ରାୟ ୬-୭ଘଣ୍ଟା ଲାଗିଯାଏ।

ବିଶ୍ୱ ଅଙ୍ଗଦାନ ଦିବସ ଉପଲକ୍ଷେ



ଯେକୌଣସି ବ୍ୟକ୍ତି ଅଙ୍ଗଦାନ କରିପାରିବେ। ବୟସ ସହ ଏହାର କୌଣସି ସମ୍ପର୍କ ନାହିଁ। ନବଜାତ ଶିଶୁଠାରୁ ଆରମ୍ଭ କରି ୯୦ ବର୍ଷ ବୟସ୍କ ବ୍ୟକ୍ତିଙ୍କଠାରୁ ଗ୍ରହଣ କରାଯାଇଥିବା ଅଙ୍ଗ ପ୍ରତିରୋପଣ ସଫଳ ହୁଏ। ଅଙ୍ଗଦାନ ପାଇଁ ଇଚ୍ଛୁକ ବ୍ୟକ୍ତିର ବୟସ ୧୮ ବର୍ଷରୁ କମ୍ ହୋଇଥିଲେ ଏଥିପାଇଁ ଉଦ୍ଦିଷ୍ଟ ଫର୍ମ ପୂରଣ କରିବା ପୂର୍ବରୁ ମା'-ବାପାଙ୍କ ଅନୁମତି ନେବା ଜରୁରୀ।

ଅର୍ଗାନ୍ ଡୋନେଶନ୍ ଆକ୍ଟ, ୧୯୯୪ର ନିୟମ ଅନୁଯାୟୀ ଯେଉଁ ଡାକ୍ତରଖାନାରେ ପ୍ରତିରୋପଣ ସୁବିଧା ଅଛି କେବଳ ସେହିଠାରେ ଅଙ୍ଗଦାନ କରିହେବ। ଏହା ଏକ କଷ୍ଟକର ନିୟମ। ଏହାଦ୍ୱାରା ଦୂରଦୂରାନ୍ତରେ ଥିବା ଲୋକମାନେ ଅଙ୍ଗଦାନ କରି ମହତ୍ କାର୍ଯ୍ୟରୁ ବଞ୍ଚିତ ହୁଅନ୍ତି। ଏହି ସମସ୍ୟାକୁ ଦେଖି ସରକାର ୨୦୧୧ରେ ଏ ନିୟମରେ କିଛି ପରିବର୍ତ୍ତନ କରିଛନ୍ତି। ନୂଆ ନିୟମ ଅନୁଯାୟୀ କୌଣସି ଡାକ୍ତରଖାନାରେ ପ୍ରତିରୋପଣ ସୁବିଧା ନ ଥିଲେ ବି ସେଠାରେ ଆଇସିୟୁ ଥିଲେ ଅଙ୍ଗଦାନ କରିହେବ। ଏହାଦ୍ୱାରା ଅଙ୍ଗଦାନ ଦ୍ରୁତ ଓ ସୁବିଧାଜନକ ହେବ। କିନ୍ତୁ ବର୍ତ୍ତମାନ ଅଙ୍ଗଦାନ ସହ ଜଡ଼ିତ ଆଇନ କଷ୍ଟକର ଥିବାରୁ ବର୍ଷରେ ମାତ୍ର ୫୦-୬୦ଜଣ ବ୍ୟକ୍ତି ହିଁ ଅଙ୍ଗଦାନ କରିପାରୁଛନ୍ତି। ଡାକ୍ତର ଦାନ କରାଯାଇଥିବା ଅଙ୍ଗକୁ ଶୀଘ୍ର ଏପରି ରୋଗୀଙ୍କ ଠାରେ ପ୍ରତିରୋପଣ କରିଦିଅନ୍ତି, ଯାହାଙ୍କୁ ଏହାର ଆବଶ୍ୟକତା ଥାଏ। ଡାକ୍ତରଖାନା ପାଖରେ ଅର୍ଗାନ୍ ଡୋନେଶନ୍‌ର ଏକ ୱେଟିଂ ଲିଷ୍ଟ ଥାଏ। ଅଙ୍ଗ ପ୍ରତିରୋପଣ ପାଇଁ ବ୍ଲଡ୍ ଗ୍ରୁପ୍ ମେଳକ ଓ ଅନ୍ୟ କେତେକ ଟେଷ୍ଟ କରାଯାଏ। ଯକୃତ କଢ଼ାଯିବାର ୬ଘଣ୍ଟା ମଧ୍ୟରେ ପ୍ରତିରୋପଣ ହେବା ଆବଶ୍ୟକ। ବୃକ୍କ ୧୨ଘଣ୍ଟା ମଧ୍ୟରେ ଓ ଚକ୍ଷୁ ୩ ଦିନ ମଧ୍ୟରେ ଲଗାଇ ଦିଆଯିବା ଦରକାର।

ନିଜ ମୃତ୍ୟୁ ପରେ ଚକ୍ଷୁଦାନ କରିବା ସମ୍ପର୍କରେ ନିଷ୍ପତ୍ତି ଯେ କୌଣସି ବ୍ୟକ୍ତି ନେଇପାରିବେ। ଏହାର କୌଣସି ସର୍ବୋଚ୍ଚ ବୟସ ସୀମା ନାହିଁ। ଜୀବିତ ବ୍ୟକ୍ତି ଚକ୍ଷୁଦାନ କରିପାରିବେ ନାହିଁ। ଆଖିରେ ସମସ୍ୟା ଥିଲେ କିମ୍ବା ମଧୁମେହ ରୋଗୀ ହୋଇଥିଲେ ବି ଜଣେ ଚକ୍ଷୁଦାନ କରିପାରିବ। ଯଦି କୌଣସି ମୃତ ବ୍ୟକ୍ତିର ଚକ୍ଷୁଦାନ କରିବାକୁ ହୁଏ କିମ୍ବା ଜୀବିତ ବ୍ୟକ୍ତି ଚକ୍ଷୁଦାନ କରିବାକୁ ଚାହାନ୍ତି ତେବେ ଏଥିପାଇଁ ଫର୍ମ ପୂରଣ କରିବାକୁ ଚକ୍ଷୁବ୍ୟାଙ୍କ ସହ ଯୋଗାଯୋଗ କରିବାକୁ ହୋଇଥାଏ।

ଆପଣ ଯେଉଁ ଅଙ୍ଗଦାନ କରିବାକୁ ଚାହୁଁଛନ୍ତି ସେଥିପାଇଁ ଉଦ୍ଦିଷ୍ଟ ଫର୍ମରେ ଉଲ୍ଲେଖ କରିପାରିବେ। ଏହାପରେ ଆପଣଙ୍କୁ ଏକ ଡୋନ୍‌ର କାର୍ଡ ମିଳିବ। ଯଦି ଆପଣ ଏ ସମ୍ପର୍କରେ ନିଜ ପରିଜନଙ୍କୁ ନ ଜଣାନ୍ତି, ତେବେ ଏହାର କୌଣସି ମୂଲ୍ୟ ରହିବ ନାହିଁ। କାରଣ ଆପଣଙ୍କ ମୃତ୍ୟୁ ପରେ ସେମାନେ ହିଁ ଔପଚାରିକ ଭାବେ ଏହାକୁ ଦାନ କରିବେ। ପରିଜନ ଚାହିଁଲେ ଆପଣ ଫର୍ମ ପୂରଣ କରି ନ ଥିଲେ ବି ଅଙ୍ଗଦାନ କରିପାରିବେ। ଆଖି ବ୍ୟତୀତ ଅନ୍ୟ କୌଣସି ଅଙ୍ଗଦାନ କରିବା ପାଇଁ କାହାକୁ ଯୋଗାଯୋଗ କରିବାକୁ ହୁଏନି। କାରଣ କେବଳ ବ୍ରେନ୍ ଡେଥ୍ ଘୋଷିତ ହେବା ପରେ ଡାକ୍ତରମାନେ ଲାଇଫ୍ ସର୍ପୋଟ ସିଷ୍ଟମରେ ରଖିଲେ ହିଁ ଅନ୍ୟ ଅଙ୍ଗ ଦାନ ହୋଇପାରିବ। ଅଙ୍ଗଦାନ କରିବା ପାଇଁ ପରିଜନଙ୍କୁ କୌଣସି ଖର୍ଚ୍ଚ କରିବାକୁ ହୁଏ ନାହିଁ।

ଜୀବିତ ବ୍ୟକ୍ତି ଅଙ୍ଗଦାନ କରିବା ପ୍ରକ୍ରିୟାରେ ଆଇନଗତ ପ୍ରତିବନ୍ଧକ ଅଛି। ପରିସ୍ଥିତିର ସମ୍ପୂର୍ଣ୍ଣ ଆକଳନ ପରେ ହିଁ ଏପରି କରିବା ସମ୍ଭବ। ଆମ ଦେଶରେ 'ଦି ଟ୍ରାନ୍ସପ୍ଲାଣ୍ଟ ଅଫ୍ ହ୍ୟୁମାନ ଅର୍ଗାନ୍ ଆକ୍ଟ-୧୯୯୪' ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରତିରୋପଣ କାର୍ଯ୍ୟକ୍ରମ ହୁଏ । କୌଣସି ବ୍ୟକ୍ତି ଅଙ୍ଗ କିଣାବିକା କରିପାରିବେ ନାହିଁ। ଯେଉଁ ବ୍ୟକ୍ତିଠାରେ ପ୍ରତିରୋପଣ ହେବ କେବଳ ତା'ଙ୍କ ପରିବାର, ପରିଜନ ଓ ନିକଟତମ ସମ୍ପର୍କୀୟମାନେ ହିଁ ଅଙ୍ଗଦାନ କରିପାରିବେ। ଏହାର ସମ୍ପୂର୍ଣ୍ଣ ଯାଞ୍ଚ ହୁଏ। ଏମାନଙ୍କ ମଧ୍ୟରେ ମାତା-ପିତା, ସ୍ୱାମୀ-ସ୍ତ୍ରୀ, ପୁଅ-ଝିଅ, ଭାଇ-ଭଉଣୀ ଆଦି ସାମିଲ। ଏମାନଙ୍କୁ ପ୍ରଲୋଭନ ଦେଖାଇ ପ୍ରତିରୋପଣ ପାଇଁ ଅଙ୍ଗଦାନ କରାଇବା ମଧ୍ୟ ବେଆଇନ।

**ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ, ମୋ:୯୪୩୭୦୫୧୯୫୭**

# ନୂଆ 'ରାମସାର କ୍ଷେତ୍ର' ସାତକୋଶିଆ



ପ୍ର. ରମେଶ ଚନ୍ଦ୍ର ପରିଡ଼ା

ନିକଟରେ (୨ ଅଗଷ୍ଟ ୨୦୨୨) ଆମ ରାଜ୍ୟର ଅନ୍ୟତମ ବନଭୂମିବେଷ୍ଟିତ ସୁପ୍ରସିଦ୍ଧ ଆର୍ଦ୍ରଭୂମି ସାତକୋଶିଆକୁ 'ରାମସାର କ୍ଷେତ୍ର' ରୂପେ ସ୍ୱୀକୃତି ମିଳିଛି। ଫଳରେ ଏହା ଏବେ ପରିଗଣିତ ହେବ ଅନ୍ୟତମ 'ଆନ୍ତର୍ଜାତିକ ଗୁରୁତ୍ୱପୂର୍ଣ୍ଣ ଆର୍ଦ୍ରଭୂମି' (ୱେଟ୍‌ଲ୍ୟାଣ୍ଡ ଅଫ୍ ଇଣ୍ଟର୍‌ନ୍ୟାଶନାଲ ଇମ୍ପୋର୍ଟାନ୍‌ସ) ରୂପେ । ଅତଏବ ଏହାର ସୁରକ୍ଷା ଏବଂ ବିକାଶ ପାଇଁ ମିଳିବ ଆନ୍ତର୍ଜାତିକ ସହାୟତା। ଆମ ରାଜ୍ୟରେ ଏହିଭଳି ସ୍ୱୀକୃତି ଲାଭ କରିଥିବା ଅନ୍ୟ ଦୁଇଟି କ୍ଷେତ୍ର ହେଲା ଚିଲିକା ଏବଂ ଭିତରକନିକା। ଅନ୍ୟପକ୍ଷରେ ବର୍ତ୍ତମାନ ସାତକୋଶିଆ ସମେତ ଦେଶର ୧୦ ନୂତନ କ୍ଷେତ୍ରକୁ ଏ ମାନ୍ୟତା ମିଳିବା ଫଳରେ ଏହାର ସଂଖ୍ୟା ପହଞ୍ଚିଛି ୬୪ରେ।

ଇରାନ୍‌ର ରାମସାରଠାରେ ୧୯୭୧ ମସିହାରେ ଅନୁଷ୍ଠିତ ହୋଇଥିଲା ପରିବେଶ ଓ ପରିସଂସ୍ଥା ଲାଗି ଗୁରୁତ୍ୱ ବହନ କରୁଥିବା ବିଶ୍ୱର ଆର୍ଦ୍ରଭୂମିଗୁଡ଼ିକର ସୁପରିଚାଳନା ଓ ସୁରକ୍ଷା ଲାଗି ଏକ ଆନ୍ତର୍ଜାତିକ ସମ୍ମିଳନୀ। ଏଥିରେ ଯୋଗ ଦେଇଥିଲେ ୧୭୧ଟି ଦେଶ। ଏହି ସମ୍ମିଳନୀକୁ କୁହାଯାଏ 'ଦି ରାମସାର କନ୍‌ଭେନ୍‌ସନ୍ ଅନ୍ ୱେଟ୍‌ଲ୍ୟାଣ୍ଡସ ଅଫ୍ ଇଣ୍ଟରନ୍ୟାଶନାଲ ଇମ୍ପୋର୍ଟାନ୍‌ସ'। ବିଶେଷକରି ବିବିଧ ଜଳଚର ପକ୍ଷୀ ତଥା ପରିସଂସ୍ଥା ଲାଗି ଗୁରୁତ୍ୱ ବହନ କରୁଥିବା ଅନ୍ୟାନ୍ୟ ପ୍ରାଣୀ ଓ ଉଦ୍ଭିଦ ପ୍ରଜାତିର ବାସସ୍ଥଳୀ ହୋଇଥିବା ଆର୍ଦ୍ରଭୂମିଗୁଡ଼ିକୁ ଏଥିରେ 'ରାମସାର କ୍ଷେତ୍ର' ରୂପେ ସ୍ୱୀକୃତି ପ୍ରଦାନ କରାଗଲା। ଏହାକୁ ନେଇ ସ୍ୱାକ୍ଷରିତ ହେଲା ଏକ ଚୁକ୍ତି। ତେବେ ତାହା କାର୍ଯ୍ୟକାରୀ ହେଲା ୧୯୭୫ ମସିହା ଡିସେମ୍ବର ୨୧ରୁ।

ପ୍ରଥମେ ଏହାର ଅନ୍ତର୍ଭୁକ୍ତ କରାଯାଇଥିଲା ପୃଥିବୀର ପ୍ରାୟ ୨୦୦୦ଟି ଆର୍ଦ୍ରଭୂମି (୨୦ କୋଟି ଏକର କ୍ଷେତ୍ରଫଳ ବିଶିଷ୍ଟ)। ଏଗୁଡ଼ିକୁ ମାନ୍ୟତା ଦିଆଯିବାର କାରଣ ହେଲା ଯେ 'ଏଗୁଡ଼ିକ ବ୍ୟାପକ ସଂସାଧନ ଏବଂ ସମୁନ୍ନତ ପରିସଂସ୍ଥା ଯୋଗାଇଥାନ୍ତି, ଯେପରିକି ଖାଦ୍ୟ, ଜଳ, ତନ୍ତୁ ଇତ୍ୟାଦିର ଯୋଗାଣ, ଭୂତଳ ଜଳର ପୁନଃ ଭରଣ, ଜଳ ବିଶୋଧନ, ବନ୍ୟା ଅବରୋଧ, ମୃତ୍ତିକାକ୍ଷୟ ଅବରୋଧ ଏବଂ ପରିବେଶ ନିୟନ୍ତ୍ରଣ। ପୁନଶ୍ଚ ଏହା ବିଲୁପ୍ତପ୍ରାୟ ତଥା ସଙ୍କଟାପନ୍ନ ଜୀବଜନ୍ତୁଙ୍କୁ ସୁରକ୍ଷା ଦେବା, ଜୈବ ବିବିଧତାକୁ ଋଦ୍ଧିମନ୍ତ କରିବା, ଜଳଚର ପକ୍ଷୀ ଓ ମାଛ ଆଦି ଜୀବଙ୍କୁ ଖାଦ୍ୟ ଓ ବାସ ଯୋଗାଇବା, ବିରଳ ପ୍ରାଣୀ ଓ ଉଦ୍ଭିଦମାନ ଧାରଣ କରିବା ଲାଗି ମଧ୍ୟ ସକ୍ଷମ । କୌଣସି ନୂତନ ଆର୍ଦ୍ରଭୂମି 'ରାମସାର କ୍ଷେତ୍ର' ତାଲିକାର ଅନ୍ତର୍ଭୁକ୍ତ କରିବାକୁ ହେଲେ ଏହିସବୁ କଥା ବିଚାରକୁ ନିଆଯାଏ।

ରାମସାର କନ୍‌ଭେନ୍‌ର ଦୈନନ୍ଦିନ କାର୍ଯ୍ୟ ନିର୍ବାହ ଲାଗି ସୁଇଜର୍‌ଲାଣ୍ଡର 'ଗ୍ଲାନ'ଠାରେ ଥିବା 'ଇଣ୍ଟରନ୍ୟାଶନାଲ ୟୁନିୟନ ଫର୍ କଞ୍ଜରଭେସନ ଅଫ୍ ନେଚର'ର କାର୍ଯ୍ୟାଳୟରେ ଏକ 'ସେକ୍ରେଟାରିଏଟ୍' ରହିଛି। ପୁନଶ୍ଚ ଏହାର ମଧ୍ୟ ଏକ ବୈଜ୍ଞାନିକ ଏବଂ ପ୍ରଯୁକ୍ତିବିଦ୍ୟା ସମୀକ୍ଷା ପ୍ୟାନେଲ୍ ରହିଛି, ଯାହାକି ଉପରୋକ୍ତ ସର୍ତ୍ତମାନ ପୂରଣ କରୁଥିବା ଆର୍ଦ୍ରଭୂମି କଥା ବିଚାରକୁ ନେଇ ନୂତନ ଭାବେ ସେଗୁଡ଼ିକୁ ଏ ମାନ୍ୟତା ପ୍ରଦାନ ଲାଗି ସୁପାରିସ କରେ ଏବଂ କାର୍ଯ୍ୟକାରୀ କମିଟି ଏହା ପ୍ରଦାନ କରେ। ଆମ ଦେଶ ଏହି କନ୍‌ଭେନ୍‌ସନର ସଦସ୍ୟ ହେଲା ୧୯୮୨ ମସିହା ଫେବୃୟାରୀ ୧ରେ।




ଏବେ 'ରାମସାର କ୍ଷେତ୍ର' ରୂପେ ନୂତନ ଭାବେ ସ୍ୱୀକୃତି ପାଇଛି ଭାରତର ୧୦ଟି ଆର୍ଦ୍ରଭୂମି। ସେଗୁଡ଼ିକ ମଧ୍ୟରୁ ୬ଟି ତାମିଲନାଡୁରେ ଅବସ୍ଥିତ ଏବଂ ଅବଶିଷ୍ଟ ୪ଟି ମଧ୍ୟରୁ ଗୋଟିଏ ଗୋଟିଏ କରି ରହିଛି ଓଡ଼ିଶା, ଗୋଆ, କର୍ନାଟକ ଏବଂ ମଧ୍ୟପ୍ରଦେଶରେ। ଆମ ରାଜ୍ୟର ନୂତନ 'ରାମସାର କ୍ଷେତ୍ର' ସାତକୋଶିଆ ମହାନଦୀ ଉପରେ ଅନୁଗୋଳ ଜିଲାରେ ଅବସ୍ଥିତ। ଏହା ପ୍ରାୟ ୨୨ କିଲୋମିଟର ଲମ୍ବ ଏବଂ ୯୮୮.୩୦ ବର୍ଗ କିଲୋମିଟର ଆୟତନ ବିଶିଷ୍ଟ। ଏଠାରେ ରହିଛି ବହୁବିଧ ବିରଳ ଜୀବଜନ୍ତୁ ତଥା ଉଦ୍ଭିଦ ପ୍ରଜାତିର ସମୃଦ୍ଧ ଏକ ପରିସଂସ୍ଥା। ତାହାର ଅନ୍ତର୍ଭୁକ୍ତ ହେଲା ଶାଳ ସମେତ ବିବିଧ ବୃକ୍ଷରାଜିର ପର୍ଣ୍ଣମୋଚୀ ଏବଂ ନଦୀ ଶଯ୍ୟାର ଜଙ୍ଗଲ। ତହିଁରେ ବାସ କରୁଥିବା ଜୀବଜନ୍ତୁ ହେଲେ ଚିତାବାଘ, ବଣୁଆ କୁକୁର, ବନ୍ୟ ଶୂକର, ହରିଣ, ଶମ୍ବର, ନାନାଜାତିର ମାଙ୍କଡ଼, ଝିଙ୍କପକ୍ଷୀ, ପାଙ୍ଗୋଲିନ୍, ଅଜଗର ଓ ଅନ୍ୟାନ୍ୟ ସାପ, ବୃହଦାକାର ଗୁଣ୍ଡୁଚି ମୂଷା ଇତ୍ୟାଦି। ପୁନଶ୍ଚ ଏହାର ଜଳରାଶିରେ ଅଛନ୍ତି ବଉଳାକୁମ୍ଭୀର, ଘଡ଼ିଆଳ, ବିଭିନ୍ନ ପ୍ରକାର ମାଛ ଓ ଜଳଚର ପ୍ରାଣୀ।

ଏହି ଆର୍ଦ୍ରଭୂମି ଭାରତର ଦୁଇଟି ବିଶାଳ ଜୈବ-ଭୌଗୋଳିକ (ବାୟୋ ଜିଓଗ୍ରାଫିକ୍) ଅଞ୍ଚଳ, ଦାକ୍ଷିଣାତ୍ୟ ଉପଦ୍ୱୀପ ଏବଂ ପୂର୍ବଘାଟର ସଙ୍ଗମସ୍ଥଳ ହୋଇଥିବାରୁ ଏହା ଜୈବ ବିବିଧତାରେ ଏପରି ସମୃଦ୍ଧ। ସେଥିପାଇଁ ଏହାକୁ ୧୯୭୬ ମସିହାରେ 'ୱାଇଲ୍ଡ ଲାଇଫ୍ ସାଙ୍କଚ୍ୟୁଆରୀ' ରୂପେ ଘୋଷଣା କରାଯାଇଥିଲା। ଏହା ବାଘମାନଙ୍କର ଏକ ଆଶ୍ରୟସ୍ଥଳୀ ଥିଲା। ଏଣୁ ୨୦୦୭ ମସିହାରେ 'ନ୍ୟାଶନାଲ ଟାଇଗର କଞ୍ଜର୍ଭେ ଅଥରିଟି' ଏହାକୁ 'ଟାଇଗର ରିଜର୍ଭ'ର ସ୍ୱୀକୃତି ଦେଲା ଏବଂ ସ୍ଥିର କରାଗଲା ମଧ୍ୟପ୍ରଦେଶର କାହ୍ନା ଜାତୀୟ ଉଦ୍ୟାନରୁ ୬ଟି ବାଘ ଆଣି ଏଠାରେ ରଖିବାକୁ। ତେବେ ସେଠାରୁ ଅଣାଯାଇଥିବା ପ୍ରଥମ ବାଘଟିର ଏଠାରେ ମୃତ୍ୟୁ ଘଟିଲା। ସେଥିପାଇଁ ଏ ଦିଗରେ ଅଧିକ ଅନୁଧ୍ୟାନ ପରେ ସେଠାକୁ ସେଗୁଡ଼ିକ ଆଣିବା ପାଇଁ ସ୍ଥିର କରାଯାଇ ଏ ଯୋଜନାକୁ ୨୦୦୯ ମସିହାଠାରୁ ସ୍ଥଗିତ ରଖାଯାଇଛି।

ଏପରିସ୍ଥଳେ, ଏବେ ସାତକୋଶିଆକୁ 'ରାମସାର କ୍ଷେତ୍ର' ରୂପେ ଆନ୍ତର୍ଜାତିକ ମାନ୍ୟତା ମିଳିବା ଆମ ପାଇଁ ଏକ ଖୁସି ଏବଂ ଗୌରବର କଥା।

**ଉଷା ନିବାସ, ୧୨୪/୭୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର ମୋ: ୯୯୩୭୯୮୫୭୬୭**

## ଏଇ ଭାରତରେ

ପିଲାଟିର ନାମ ପି. ନିରଞ୍ଜନ। ବୟସ ୧୧। ପଢୁଛନ୍ତି ୬ଷ୍ଠ ଶ୍ରେଣୀରେ। କିନ୍ତୁ ସେ କେରଳର କୃଷି ବିଭାଗ ଦ୍ୱାରା ଏର୍ଣ୍ଣାକୁଲମ ଜିଲାର ବେଷ୍ଟ ଷ୍ଟୁଡେଣ୍ଟ ଫାର୍ମର ପୁରସ୍କାର ପାଇସାରିଛନ୍ତି। ନିରଞ୍ଜନଙ୍କ କୃଷିମନସ୍କତା ତାଙ୍କୁ ଏଭଳି ସଫଳତା ଦେଇଛି। ସେ ତାଙ୍କ ଅଗଣାରେ ଏକ ବଗିଚା କରି ସେଥିରୁ ବିଭିନ୍ନ ପ୍ରକାର ପରିବା, ଫଳ ଓ ଫୁଲ ଉତ୍ପାଦନ କରୁଛନ୍ତି। ସେ ଅପରାହ୍ନରେ ଦୁଇରୁ ତିନିଘଣ୍ଟା ସମୟ ବଗିଚା ପାଇଁ ଦେଉଛନ୍ତି। ପରିବାରର ଆବଶ୍ୟକତା ପୂରଣ ହେବା ପରେ ବଳକା ଉତ୍ପାଦକୁ ସେ ପଡ଼ୋଶୀ ଏବଂ ଅନ୍ୟମାନଙ୍କୁ ଦେଉଛନ୍ତି। ଏହା ବ୍ୟତୀତ ସେ ନିଜସ୍ୱ ଉଦ୍ୟମରେ ଏକପ୍ରକାର ଜୈବିକ ସାର ପ୍ରସ୍ତୁତ କରୁଛନ୍ତି, ଯାହା ଗଛକୁ ବଢ଼ିବାରେ ଖୁବ୍ ସହାୟକ ହେଉଥିବା କୃଷି ବିଭାଗ ଦ୍ୱାରା ପ୍ରମାଣିତ ହୋଇଛି। ନିମ୍ବ ଓ ବାଦାମ ପିଡ଼ିଆ, ଗୋବର ଆଦି ମିଶାଇ ସେ ଏହି ସାର ପ୍ରସ୍ତୁତ କରୁଛନ୍ତି। ନିରଞ୍ଜନ କୋଙ୍ଗୁଭାଲିର ଛବରା ଦର୍ଶନ ସିଏମ୍‌ଆଇ ପବ୍ଲିକ ସ୍କୁଲରେ ପଢୁଛନ୍ତି। ସେଠାରେ ମଧ୍ୟ ସ୍କୁଲ ପକ୍ଷରୁ ଜୈବିକ ଚାଷ କରାଯାଉଛି। ସ୍କୁଲରେ ଏକ ଇକୋ ଶପ୍ ରହିଛି, ଯେଉଁଠି କୃଷି ଉତ୍ପାଦ ବିକ୍ରି କରାଯାଉଛି। ସ୍କୁଲରେ ଏଥିଲାଗି ଏକ ନେଚର କ୍ଲବ କରାଯାଇଛି ଓ ନିରଞ୍ଜନ ଏହାର ସେକ୍ରେଟାରି ରହିଛନ୍ତି। ତାଙ୍କ ମାତାପିତା ଓ ଜେଜେଙ୍କ କୃଷି ପ୍ରତି ରହିଥିବା ରୁଚିକୁ ଲକ୍ଷ୍ୟ କରି କୃଷି କାର୍ଯ୍ୟରେ ଲାଗିଛନ୍ତି ବୋଲି କୁହନ୍ତି ନିରଞ୍ଜନ।

## ୨୫ ବର୍ଷ ତଳର ଧରିତ୍ରୀ

**୧୩ ଅଗଷ୍ଟ ୧୯୯୭**

- ହିମାଚଳ ପ୍ରଦେଶରେ ମୂଷଳ ଧାରାରେ ବର୍ଷା ଯୋଗୁ ଆକସ୍ମିକ ବନ୍ୟା ଆସିଯିବା ଫଳରେ ୧୩୫ ଜଣଙ୍କ ମୃତ୍ୟୁ।
- ସଙ୍ଗୀତପ୍ରେମୀଙ୍କ ନିକଟରେ 'ଅଡିଓ କଙ୍ଗ୍' ବା କ୍ୟାସେଟ୍ ସମ୍ରାଟ ଭାବେ ପରିଚିତ ସୁପର କ୍ୟାସେଟ୍ ଇଣ୍ଡଷ୍ଟ୍ରୀ ଟି. ସିରିଜ୍‌ର ମାଲିକ ତଥା ଚଳଚ୍ଚିତ୍ର ପ୍ରଯୋଜକ ଗୁଲଶନ କୁମାର ଆତତାୟୀଙ୍କ ଗୁଳିରେ ନିହତ।
- ପ୍ରବୀଣ ଶିକ୍ଷାବିତ୍, ଦକ୍ଷ ପ୍ରଶାସକ, ପ୍ରତିଷ୍ଠିତ ସାହିତ୍ୟିକ ବାମନ ଚରଣ ମିଶ୍ରଙ୍କ ୮୦ ବର୍ଷ ବୟସରେ ପରଲୋକ।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | | 5 | 9 | | |
| | | | | | | 4 | | 8 |
| | | | 2 | 8 | 3 | | | |
| | | 4 | | | | 7 | | 9 |
| | 7 | | | 1 | | 5 | | |
| | | 9 | 5 | | | | 3 | |
| | | 3 | 8 | 5 | | | | |
| 6 | | | | | | | 4 | |
| | | | | 2 | 9 | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 2 | 6 | 4 | 7 | 9 | 1 | 3 | 8 |
| 4 | 3 | 8 | 5 | 6 | 1 | 2 | 9 | 7 |
| 1 | 9 | 7 | 2 | 3 | 8 | 5 | 6 | 4 |
| 7 | 1 | 3 | 9 | 5 | 6 | 4 | 8 | 2 |
| 6 | 4 | 2 | 3 | 8 | 7 | 9 | 5 | 1 |
| 9 | 8 | 5 | 1 | 2 | 4 | 3 | 7 | 6 |
| 8 | 5 | 1 | 6 | 4 | 3 | 7 | 2 | 9 |
| 3 | 6 | 9 | 7 | 1 | 2 | 8 | 4 | 5 |
| 2 | 7 | 4 | 8 | 9 | 5 | 6 | 1 | 3 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଭ୍ରଷ୍ଟାଚାର ଲୋପର ସଙ୍କଳ୍ପ

ମହାଶୟ,

ଦେଶ ସ୍ୱାଧୀନତାର ୭୫ ବର୍ଷ ପୂରଣରେ ଆଜାଦୀ କା ଅମୃତ ମହୋତ୍ସବ ପୂର୍ତ୍ତି ଅବସରରେ ହର୍ ଘର୍ ତ୍ରିରଙ୍ଗା ଅଭିଯାନରେ ଦେଶବାସୀଙ୍କ ସମସ୍ତ ଘର ଉପରେ ତ୍ରିରଙ୍ଗା ପତାକା ଲଗାନ୍ତୁ ବୋଲି ପ୍ରଧାନମନ୍ତ୍ରୀ ମୋଦିଙ୍କ ଆହ୍ୱାନ ଦେବା ଓ ଅନୁରୋଧ କରିବା ଯେତିକି ସ୍ୱାଗତଯୋଗ୍ୟ ସେତିକି ଦୁଃଖଦାୟକ । ଆମେ ଆମର ଦେଶ ପ୍ରତି ଦେଶଭକ୍ତିର ପରାକାଷ୍ଠା ଓ କର୍ତ୍ତବ୍ୟରେ କିଛି ଅଭାବ ଏବଂ ଅବହେଳା କରିଥିବା ପରିଲକ୍ଷିତ ହୋଇଥିବା ଅସ୍ୱୀକାର କରାଯାଇ ନ ପାରେ। ଜାତୀୟ ପତାକା ଦେଶ ସମ୍ମାନର ପ୍ରତୀକ। ସଭିଏଁ ସମ୍ମାନର ସହ ଏହାକୁ ଓଉଡ଼ାଇବାର ପରମ କର୍ତ୍ତବ୍ୟ। ଏହା ସ୍ୱାଧୀନ ଭାରତର ଅଭ୍ୟୁଦୟର ନୂତନ ସଙ୍କଳ୍ପର ପ୍ରତ୍ୟାଶା ଓ ପରିଭାଷା। ସର୍ବୋପରି ହଜାର ହଜାର ଶହୀଦଙ୍କ ବଳିଦାନ ଓ ଲକ୍ଷାଧିକ ସଂଗ୍ରାମୀଙ୍କ ଉତ୍ସର୍ଗୀକୃତ ଭାବର ସାଧନା ଓ ତ୍ୟାଗ ଯୋଗୁ ଆମେ ସ୍ୱାଧୀନତାର ସିଦ୍ଧି ହାସଲ କରିଛେ । କଷ୍ଟଲବ୍ଧ ସ୍ୱାଧୀନତାକୁ ସୁରକ୍ଷିତ ରଖିବାରେ ନିଜର କର୍ତ୍ତବ୍ୟ ସମ୍ପାଦନ କରିଦେଇଛେ ବୋଲି କହିବା ଭ୍ରମାତ୍ମକ ଭାବନା ବ୍ୟତୀତ ଆଉକିଛି ନୁହେଁ। ନିଜ ଦେଶ ପ୍ରତି ଆନୁଗତ୍ୟ ଓ କର୍ତ୍ତବ୍ୟ ସମ୍ପାଦନରେ ନିଷ୍ଠା, ସତ୍ୟ ଓ ଅହିଂସା ମଧ୍ୟରେ ଦେଶର ଜାତୀୟ ସଂହତିର ସୁରକ୍ଷାପୂର୍ବକ ସୁସମ୍ପର୍କ ପ୍ରତିଷ୍ଠା କରିବାରେ ହିଁ ଦେଶଭକ୍ତିର ପରାକାଷ୍ଠା ନିଦର୍ଶନ ହୋଇଥାଏ। ଦେଶ ପ୍ରତି ଅଯଥା କୁମନ୍ତବ୍ୟ ଦେବା, ଦେଶର ସ୍ୱାଧୀନତା ସଂଗ୍ରାମୀ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିଗୁଡ଼ିକୁ ଭାଙ୍ଗିବା ବା ବିଦ୍ରୁପ କରିବା, ଦେଶର ଜାତୀୟ ପତାକାକୁ ଅପମାନ କରିବା, ଜାତୀୟ ଚିହ୍ନକୁ ବିଦ୍ରୁପ କରିବାକୁ କେବେହେଲେ ବ୍ୟକ୍ତି ବିଶେଷରେ ପ୍ରକୃତ ସ୍ୱାଧୀନତା କୁହାଯାଇ ନ ପାରେ। ଦେଶ ସ୍ୱାଧୀନତାର ୭୫ ବର୍ଷ ପୂରଣରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରିବା ସହ ବିଦେଶରୁ କଳାଧନକୁ ଫେରାଇ ଆଣିବା ଲାଗି ସରକାର ପଦକ୍ଷେପ ନେବା ଦରକାର। ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ଲୋପ କରିବା ଲାଗି ସଙ୍କଳ୍ପବଦ୍ଧ ହେବା ଉଚିତ । ପାକିସ୍ତାନରେ ଥିବା ଆତଙ୍କବାଦୀ ସଂଗଠନ ଗୁଡ଼ିକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବା ଉପରେ ପଦକ୍ଷେପ ନେବା ଆବଶ୍ୟକ।

**–ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

## ଚିରନ୍ତନୀ

ଏହି ପଥେ ଆସେ ଏହି ତରୁମୂଳେ ହୁଏ ସେ ଉଭା
ସୁକୁମାରୀ ଲତା ମୃଣାଳସମ ସେ, ବୟସ ଯୁବା।
ହାସ ତାର ଦିଶେ କାଶଫୁଲ ତୋରା ଧବଳ ଅତି
ଏହି ପଥେ ପାଦ ପକାଇ ଚଳଇ ଚପଳ ମତି।
–(ସେହି ମୁଁ ନିଜେ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଟିଏମ୍‌ସିରୁ ପବନ ବର୍ମାଙ୍କ ଇସ୍ତଫା**

ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ବରିଷ୍ଠ ନେତା ପବନ କେ. ବର୍ମା ଶୁକ୍ରବାର ଦଳରୁ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ଟିଏମ୍‌ସି ଅଧ୍ୟକ୍ଷ ମମତା ବାନାର୍ଜୀଙ୍କ ନିକଟକୁ ପଠାଇଦେଇଛନ୍ତି। ଫଳରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଆଉ ଏକ ଝଟ୍‌କା ଲାଗିଛି। ଜେଡିୟୁ ନେତା ନୀତୀଶ କୁମାର ବିହାରରେ ଭାଜପା ହାତ ଛାଡ଼ି ମହାଗଠବନ୍ଧନକୁ ଫେରିବା ପରେ ପବନ ଟିଏମ୍‌ସି ଛାଡ଼ିଛନ୍ତି। ସେ ପୂର୍ବରୁ ଜେଡିୟୁରୁ ଏମ୍‌ପି ଥିଲେ। ୨୦୨୦ରେ ତାଙ୍କ ସମେତ ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋରଙ୍କୁ ଜେଡିୟୁରୁ ବହିଷ୍କାର କରାଯାଇଥିଲା। ଗତବର୍ଷ ପବନ ଟିଏମ୍‌ସିରେ ଯୋଗ ଦେଇଥିଲେ।

# ୨୦୨୪ରେ ପୁଣି ମୋଦି

ନୂଆଦିଲ୍ଲୀ,୧୨।୮



ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଅକ୍ଷୁଣ୍ଣ ରହିଛି। ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପୁନର୍ବାର ବିଜୟୀ ହେବ ବୋଲି ଏକ ସର୍ଭେରୁ ଜଣାପଡ଼ିଛି।

ସାଧାରଣ ନିର୍ବାଚନକୁ ଦୁଇବର୍ଷରୁ କମ୍ ସମୟ ବାକି ଥିବାବେଳେ ଏହାର ସମ୍ଭାବ୍ୟ ପରିଣାମକୁ ନେଇ ପତ୍ରିକା 'ଇଣ୍ଡିଆ ଟୁଡେ' ସହ ପୁଲିଂ ଏଜେନ୍ସି 'ସି ଭୋଟର' ପକ୍ଷରୁ ମିଳିତ ଭାବେ ସର୍ବେକ୍ଷଣ କରାଯାଇଥିଲା। ଗତ ଫେବୃୟାରୀରୁ ଅଗଷ୍ଟ ମଧ୍ୟରେ କରାଯାଇଥିବା ମୁଡ୍ ଅଫ୍ ଦି ନେଶନ୍ ସର୍ଭେରେ ୧,୨୨,୦୧୬ ଜଣଙ୍କ ମତାମତ ନିଆଯାଇଥିଲା। ସେତେବେଳେ ୫୪୩ ଆସନ ବିଶିଷ୍ଟ ଲୋକ ସଭାରେ ଶାସକ ମେଣ୍ଟ ୩୦୭ ଆସନ ଦଖଲ କରିବ ବୋଲି ଆକଳନ କରାଯାଇଥିଲା। କିନ୍ତୁ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସଂଯୁକ୍ତ ଜନତା ଦଳ (ଜେଡିୟୁ) ଏନ୍‌ଡିଏରୁ ଓହରିଯିବା ପରେ ମେଣ୍ଟ ଉପରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଏନ୍‌ଡିଏକୁ ୨୮୬ ଆସନରେ ସଫଳତା ମିଳିବ ବୋଲି ଏଥିରେ କୁହାଯାଇଛି। ପ୍ରାୟ ୫୩% ମତଦାତା ମୋଦିଙ୍କୁ ପୁନର୍ବାର ପ୍ରଧାନମନ୍ତ୍ରୀ ରୂପେ ଦେଖିବାକୁ ଚାହୁଁଥିବା କହିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସପକ୍ଷରେ ୯% ଓ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଆବାହକ ଅରବିନ୍ଦ କେଜ୍‌ରିୱାଲଙ୍କ ସପକ୍ଷରେ ମାତ୍ର ୭% ସମର୍ଥନ ରହିଥିବା ଉକ୍ତ ସର୍ଭେରୁ ଜଣାପଡ଼ିଛି।

# ପ୍ରଧାନମନ୍ତ୍ରୀ ମହତ୍ତ୍ୱାକାଂକ୍ଷା ନାହିଁ

ନୂଆଦିଲ୍ଲୀ,୧୨।୮

ଏନ୍‌ଡିଏରୁ ଗୋଟିଏ ପରେ ଗୋଟିଏ ସହଯୋଗୀ ଦଳ ଓହରିବାରେ ଲାଗିଛନ୍ତି। ଏହିକ୍ରମରେ ନିକଟରେ ଭାଜପା ସହ ସମ୍ପର୍କ ଛିନ୍ନ କରିଛି ସଂଯୁକ୍ତ ଜନତା ଦଳ। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତୃତ୍ୱାଧୀନ ମହାମେଣ୍ଟ ସମର୍ଥନରେ ସରକାର ବଦଳାଇଛନ୍ତି। ନୀତୀଶ ଅଗଷ୍ଟ ୧୦ରେ ଅଷ୍ଟମ ଥର ପାଇଁ ମୁଖ୍ୟମନ୍ତ୍ରୀ ରୂପେ ଶପଥ ନେଇଛନ୍ତି। ନୀତୀଶ ୮-୧୦ ମାସ ପରେ ବର୍ତ୍ତମାନର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କୁ ମୁଖ୍ୟମନ୍ତ୍ରୀ ଚୌକିରେ ବସାଇ ନିଜେ ଆଗାମୀ ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବେ ବୋଲି ଚର୍ଚ୍ଚା ହେଉଛି। କିନ୍ତୁ



'ହାତ ଯୋଡ଼ି କହୁଛି, ମୋର ପ୍ରଧାନମନ୍ତ୍ରୀ ହେବା ମହତ୍ତ୍ୱାକାଂକ୍ଷା ନାହିଁ। ମୁଁ ସମସ୍ତଙ୍କ ପାଇଁ କାମ କରିବି। ସବୁ ବିରୋଧୀ ଦଳକୁ ଏକାଠି କରିବା ଲାଗି ଉଦ୍ୟମ ଜାରି ରଖିବି।

**-ନୀତୀଶ କୁମାର, ବିହାର ମୁଖ୍ୟମନ୍ତ୍ରୀ**

ଦିଲ୍ଲୀ ଗସ୍ତରେ ଥିବା ନୀତୀଶ ଶୁକ୍ରବାର ଏଭଳି ସମ୍ଭାବନାକୁ ଖଣ୍ଡନ କରିବା ସହ କହିଛନ୍ତି, ଏନେଇ ତାଙ୍କ ପାଖକୁ ଅନେକ ଫୋନ୍ କଲ ଆସୁଛି। ତେବେ ସେ ବିରୋଧୀ ଦଳଗୁଡ଼ିକୁ ଏକାଠି କରିବାକୁ ଚାହୁଁଥିବା ଗଣମାଧ୍ୟମକୁ କହିଛନ୍ତି।

# ପକ୍କାଘରକୁ ଅପେକ୍ଷା, ଦୁର୍ଦ୍ଦିନରେ ହିତାଧିକାରୀ: କଂଗ୍ରେସ

**ରାଜ୍ୟରେ ଆବାସ ଘର ବଣ୍ଟନ ସମ୍ପର୍କିତ ଶ୍ୱେତପତ୍ର ଜାରି କରିବାକୁ ଦାବି**

ଭୁବନେଶ୍ୱର, ୧୨।୮(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କଳି ପାଇଁ ଓଡ଼ିଶାର ଲକ୍ଷ ଲକ୍ଷ ଗରିବ ପରିବାର ବଳି ପଡୁଛନ୍ତି। ନିକଟରେ ସମାପ୍ତ ବିଧାନସଭା ଅଧିବେଶନରେ ଓଡ଼ିଶାର ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦାନ କରିଥିବା ତଥ୍ୟ ଅନୁସାରେ ରାଜ୍ୟରେ ଏବେ ୧୨,୨୫,୭୨୫ ପରିବାର ଆବାସ ଯୋଜନାରେ ଘର ପାଇବା ପାଇଁ ଅପେକ୍ଷା କରି ରହିଛନ୍ତି। ମାତ୍ର ଏହି ସଂଖ୍ୟା ୨୦ ଲକ୍ଷରୁ ଊର୍ଦ୍ଧ୍ୱ ହେବ। କେନ୍ଦ୍ର ଓ ରାଜ୍ୟ ଭିତରେ ଏହି କଳି ପାଇଁ ଓଡ଼ିଶାର ପ୍ରାୟ ୨୦ ଲକ୍ଷ ପରିବାର ଚରମ ଦୁର୍ଦ୍ଦିନ ଭିତରେ କାଳାତିପାତ କରୁଛନ୍ତି ବୋଲି କଂଗ୍ରେସ ପ୍ରବକ୍ତା ସୁଦର୍ଶନ ଦାସ କହିଛନ୍ତି।



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।

କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୁଦର୍ଶନ କହିଛନ୍ତି, ୬ ବର୍ଷ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶରେ ୨୦୨୨ ସୁଦ୍ଧା କଚ୍ଚାଘରେ କେହି ରହିବେ ନାହିଁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଓଡ଼ିଶା କ୍ଷେତ୍ରରେ ଆଜି ବି ଲକ୍ଷ ଲକ୍ଷ ପରିବାର ଘର ପାଇବା ପାଇଁ ଅନେଇ ରହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ପ୍ରତିଶ୍ରୁତି ପ୍ରତାରଣା ପାଲଟିଛି। ବିଧାନସଭାରେ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ତଥ୍ୟ ମୁତାବକ ବର୍ତ୍ତମାନ ସୁଦ୍ଧା ୨୩ ଲକ୍ଷ ୮୨ ହଜାର ୮୮୪ ପରିବାର ପ୍ରଧାନମନ୍ତ୍ରୀ ଆବାସ ବା ବିଜୁ ପକ୍କାଘର ପାଇଛନ୍ତି। ମାତ୍ର ସେଥିରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ହୋଇଛି। ଅନେକ ଘର ତିଆରି ନ ହୋଇ ବିଲ୍ ଉଠିଛି। କେନ୍ଦ୍ର ସରକାର ଏଥିପାଇଁ ରାଜ୍ୟ ସରକାରଙ୍କୁ ତାଗିଦ କରିଛନ୍ତି। ଓଡ଼ିଶାବାସୀ ମଧ୍ୟ ଆବାସ ଯୋଜନା ପ୍ରଣୟନକୁ ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି। ତେଣୁ ଏହା ଉପରେ ଏକ ଶ୍ୱେତପତ୍ର ପ୍ରକାଶ କରିବାକୁ କଂଗ୍ରେସ ଦାବି କରିଛି।

# ମୋର ବୋଧହୁଏ ଯୋଗ୍ୟତା ନାହିଁ: ପଙ୍କଜା



ପଙ୍କଜା ମୁଣ୍ଡେ

**ମୁମ୍ବାଇ,୧୨।୮:** ନିକଟରେ ମହାରାଷ୍ଟ୍ର ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ କରାଯାଇଛି। ଏଥିରେ ଭାଜପା ନେତ୍ରୀ ପଙ୍କଜା ମୁଣ୍ଡେଙ୍କୁ ସ୍ଥାନ ନ ମିଳିବାରୁ ସେ ନିରାଶା ବ୍ୟକ୍ତ କରିଛନ୍ତି। ପଙ୍କଜା କହିଛନ୍ତି, ମୋ ପାଖରେ ବୋଧହୁଏ 'ପର୍ଯ୍ୟାପ୍ତ ଯୋଗ୍ୟତା' ନାହିଁ। ସୂଚନାଯୋଗ୍ୟ, ଗତ ସପ୍ତାହରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧିନ ଶିବସେନାର ୯ ମନ୍ତ୍ରୀ ଓ ସହଯୋଗୀ ଭାଜପାର ୯ ମନ୍ତ୍ରୀ ଶପଥ ନେଇଛନ୍ତି। ଏହାପରେ ନିଜର ପ୍ରତିକ୍ରିୟା ରଖିଛନ୍ତି ଭାଜପା ନେତା ପଙ୍କଜା ମୁଣ୍ଡେ। ଆହୁରିମଧ୍ୟ ଏହି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣରେ କୌଣସି ମହିଳାଙ୍କୁ ସ୍ଥାନ ଦିଆଯାଇ ନ ଥିବାରୁ ବିରୋଧୀ ଦଳ ପକ୍ଷରୁ ସମାଲୋଚନା କରାଯାଉଛି। ଏମିତି ଏକ ପ୍ରଶ୍ନରେ ଗଣମାଧ୍ୟମକୁ ପଙ୍କଜା କହିଛନ୍ତି, ହୁଏତ ମୋ ନିକଟରେ ପର୍ଯ୍ୟାପ୍ତ ଯୋଗ୍ୟତା ନାହିଁ, ଯେଉଁଥି ପାଇଁ ମୋତେ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିଲା ନାହିଁ। ହେଲେ ଏଥିନେଇ ମୁଁ ଦୁଃଖିତ ନୁହେଁ ବରଂ ନିଜର ସମ୍ମାନ ବଜାୟ ରଖି ରାଜନୀତି କରିବାକୁ ଚେଷ୍ଟା କରିବି ବୋଲି ସେ କହିଛନ୍ତି।

# କଟକ ନଗର ମହିଳା କଂଗ୍ରେସ କମିଟି ଭାଙ୍ଗିଲେ ରାଜ୍ୟ ସଭାନେତ୍ରୀ

ଭୁବନେଶ୍ୱର, ୧୨।୮(ବ୍ୟୁରୋ): କଟକ ନଗର ମହିଳା କଂଗ୍ରେସ କମିଟି ସାଂଗଠନିକ କାର୍ଯ୍ୟକ୍ରମରେ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ଏହାକୁ ନେଇ ରାଜ୍ୟ ମହିଳା କଂଗ୍ରେସ ଏବେ ଚିନ୍ତାରେ ପଡ଼ିଯାଇଛି। ଆଗକୁ ଏହି ସମସ୍ୟା ଦୂରକରିବା ଲାଗି ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ କମିଟି ସଭାନେତ୍ରୀ ବନ୍ଦିତା ପରିଡ଼ା ଶୁକ୍ରବାର କଟକ ନଗର ମହିଳା କଂଗ୍ରେସ କମିଟିରେ ବ୍ୟାପକ ପରିବର୍ତ୍ତନ କରିଛନ୍ତି। କଟକ ନଗର ସଭାନେତ୍ରୀ ପଦବୀ ଓ କମିଟିକୁ ସେ ଭାଙ୍ଗି ଦେଇଛନ୍ତି। ଏନେଇ ବନ୍ଦିତା ପରିଡ଼ା ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି।

**କଟକ ନଗର କଂଗ୍ରେସ ସଭାପତି ହେଲେ ସୁରେଶ ମହାପାତ୍ର**

ସେହିପରି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ ବରିଷ୍ଠ କଂଗ୍ରେସ ନେତା ତଥା ପିସିସି ଉପସଭାପତି ସୁରେଶ କୁମାର ମହାପାତ୍ରଙ୍କୁ କଟକ ନଗର କଂଗ୍ରେସ କମିଟିର ମଧ୍ୟବର୍ତ୍ତିକାଳୀନ ସଭାପତି ରୂପେ ନିଯୁକ୍ତି ଦେଇଛନ୍ତି। ମହାପାତ୍ର ତାଙ୍କର ଦାୟିତ୍ୱକୁ ସୁଚାରୁରୂପେ ନିର୍ବାହ କରିବେ ବୋଲି ଶରତ ଆଶା ଓ ବିଶ୍ୱାସ ରଖିଥିବା ଦଳ ତରଫରୁ ଜାରି ହୋଇଥିବା ଏକ ବିଜ୍ଞପ୍ତିରେ ଦର୍ଶାଯାଇଛି।

| କ୍ର. ନଂ. | ସର୍ଭେ/ ପ୍ଲଟ ନଂ | ଜମିର ପ୍ରକାର | ଜମିର କିସମ | ଜମିର ସ୍ଥାନୀୟ ରକବା | ଅଧିଗ୍ରହଣ ଜମିର ରକବା(ହେକ୍ଟରରେ) |
|---|---|---|---|---|---|
| ୨୦ | ୧୩୭ | ବେସରକାରୀ | ଶାରଦ ୩ | ୦.୨୫୦୦୦୦୦(ଏକର) | ୦.୧୦୧୧୭୩୬ |
| ୨୧ | ୧୩୮ | ବେସରକାରୀ | ଶାରଦ ୩ | ୦.୦୪୦୦୦୦୦(ଏକର) | ୦.୦୧୬୧୮୭୮ |
| ୨୨ | ୧୩୯ | ବେସରକାରୀ | ଶାରଦ ୩/୨ | ୦.୧୩୦୦୦୦୦(ଏକର) | ୦.୦୫୨୬୧୦୩ |
| ୨୩ | ୧୪୦ | ବେସରକାରୀ | ଶାରଦ ୩/୨ | ୦.୨୩୦୦୦୦୦(ଏକର) | ୦.୦୯୩୦୭୯୭ |
| ୨୪ | ୧୪୧ | ବେସରକାରୀ | ଶାରଦ ୩/୫ | ୦.୪୦୦୦୦୦୦(ଏକର) | ୦.୧୬୧୮୭୭୮ |
| ୨୫ | ୧୪୨ | ବେସରକାରୀ | ଶାରଦ ୩ | ୦.୦୨୦୦୦୦୦(ଏକର) | ୦.୦୦୮୦୯୩୯ |
| ୨୬ | ୧୪୩ | ବେସରକାରୀ | ଶାରଦ ୩/୫ | ୦.୧୬୦୦୦୦୦(ଏକର) | ୦.୦୬୪୭୫୧୧ |
| ୨୭ | ୧୫୬ | ବେସରକାରୀ | ଶାରଦ ୩/୫ | ୦.୩୩୦୦୦୦୦(ଏକର) | ୦.୧୩୩୫୪୯୨ |
| ୨୮ | ୧୫୭ | ବେସରକାରୀ | ଶାରଦ ୩/୩ | ୦.୩୯୦୦୦୦୦(ଏକର) | ୦.୧୫୭୮୩୦୮ |
| ୨୯ | ୧୫୮ | ବେସରକାରୀ | ଶାରଦ ୩/୮ | ୦.୯୦୦୦୦୦୦(ଏକର) | ୦.୩୬୪୨୨୫୦ |
| ୩୦ | ୧୫୯ | ବେସରକାରୀ | ଶାରଦ ୩ | ୦.୦୬୦୦୦୦୦(ଏକର) | ୦.୦୨୪୨୮୧୭ |
| ୩୧ | ୧୬୦ | ବେସରକାରୀ | ଶାରଦ ୩ | ୦.୧୦୦୦୦୦୦(ଏକର) | ୦.୦୪୦୪୬୯୪ |
| ୩୨ | ୧୬୧ | ବେସରକାରୀ | ଶାରଦ ୨/୨ | ୦.୧୧୯୯୯୯୯(ଏକର) | ୦.୦୪୮୫୬୩୩ |
| ୩୩ | ୧୬୨ | ବେସରକାରୀ | ଶାରଦ ୨ | ୦.୦୯୦୦୦୦୦(ଏକର) | ୦.୦୩୬୪୨୨୫ |
| ୩୪ | ୧୬୩ | ବେସରକାରୀ | ଶାରଦ ୨ | ୦.୫୨୦୦୦୦୦(ଏକର) | ୦.୨୧୦୪୪୧୧ |
| ୩୫ | ୧୬୪ | ସରକାରୀ | ଜଳାଶୟ ୧ | ୦.୦୨୦୦୦୦୦(ଏକର) | ୦.୦୦୮୦୯୩୯ |
| ୩୬ | ୧୬୫ | ବେସରକାରୀ | ଶାରଦ ୩ | ୦.୦୨୦୦୦୦୦(ଏକର) | ୦.୦୦୮୦୯୩୯ |
| ୩୭ | ୧୬୬ | ସରକାରୀ | ଆଡ଼ି | ୦.୦୪୦୦୦୦୦(ଏକର) | ୦.୦୧୬୧୮୭୮ |
| ୩୮ | ୧୬୭ | ସରକାରୀ | ଆଡ଼ି | ୦.୦୫୦୦୦୦୦(ଏକର) | ୦.୦୨୦୨୩୪୭ |
| ୩୯ | ୧୬୮ | ସରକାରୀ | ଆଡ଼ି | ୦.୦୩୦୦୦୦୦(ଏକର) | ୦.୦୧୨୧୪୦୮ |
| ୪୦ | ୧୬୯ | ବେସରକାରୀ | ଶାରଦ ୨ | ୦.୩୭୦୭୦୦୦(ଏକର) | ୦.୧୫୦୦୨୦୨ |
| ୪୧ | ୧୭୦ | ବେସରକାରୀ | ଶାରଦ ୨ | ୦.୩୯୦୪୦୦୦(ଏକର) | ୦.୧୫୭୯୯୨୭ |
| ୪୨ | ୧୭୧ | ବେସରକାରୀ | ଶାରଦ ୨ | ୦.୫୦୦୦୦୦୦(ଏକର) | ୦.୨୦୨୩୪୭୨ |
| ୪୩ | ୧୭୨ | ବେସରକାରୀ | ଶାରଦ ୨ | ୦.୦୬୦୦୦୦୦(ଏକର) | ୦.୦୨୪୨୮୧୭ |
| ୪୪ | ୧୭୩ | ବେସରକାରୀ | ଶାରଦ ୨ | ୦.୧୬୦୦୦୦୦(ଏକର) | ୦.୦୬୪୭୫୧୧ |
| ୪୫ | ୧୭୪ | ବେସରକାରୀ | ଶାରଦ ୨ | ୦.୦୬୦୦୦୦୦(ଏକର) | ୦.୦୨୪୨୮୧୭ |
| ୪୬ | ୧୭୬ | ବେସରକାରୀ | ଶାରଦ ୨ | ୦.୨୧୦୦୦୦୦(ଏକର) | ୦.୦୮୪୯୮୫୮ |
| ୪୭ | ୧୮୦ | ସରକାରୀ | ପାଣି ନାଳ | ୦.୧୧୦୦୦୦୦(ଏକର) | ୦.୦୪୪୫୧୬୪ |
| ୪୮ | ୧୮୬ | ବେସରକାରୀ | ଶାରଦ ୩/୨୧ | ୦.୬୩୦୦୦୦୦(ଏକର) | ୦.୨୫୪୯୫୭୫ |
| ୪୯ | ୧୯୦ | ବେସରକାରୀ | ଶାରଦ ୩/୮ | ୦.୫୮୦୦୦୦୦(ଏକର) | ୦.୨୩୪୭୨୨୮ |
| ୫୦ | ୧୯୧ | ସରକାରୀ | ପତିତ | ୦.୦୬୦୦୦୦୦(ଏକର) | ୦.୦୨୪୨୮୧୭ |
| ୫୧ | ୧୯୨ | ସରକାରୀ | ପାଣି ନାଳ | ୦.୦୯୦୦୦୦୦(ଏକର) | ୦.୦୩୬୪୨୨୫ |
| ୫୨ | ୧୯୩ | ବେସରକାରୀ | ପାଣି ନାଳ | ୦.୦୭୦୦୦୦୦(ଏକର) | ୦.୦୨୮୩୨୮୬ |
| ୫୩ | ୧୯୪ | ସରକାରୀ | ମାହାରା | ୦.୦୭୦୦୦୦୦(ଏକର) | ୦.୦୨୮୩୨୮୬ |
| ୫୪ | ୧୯୫ | ବେସରକାରୀ | ଶାରଦ ୩ | ୦.୧୦୦୦୦୦୦(ଏକର) | ୦.୦୪୦୪୬୯୪ |
| ୫୫ | ୨୨ | ବେସରକାରୀ | ଶାରଦ ୩ | ୦.୦୩୦୦୦୦୦(ଏକର) | ୦.୦୧୨୧୪୦୮ |
| ୫୬ | ୨୩ | ବେସରକାରୀ | ଶାରଦ ୩/୨ | ୦.୧୨୦୦୦୦୦(ଏକର) | ୦.୦୪୮୫୬୩୩ |
| ୫୭ | ୨୪ | ବେସରକାରୀ | ଶାରଦ ୩/୧୦ | ୦.୫୫୦୦୦୦୦(ଏକର) | ୦.୨୨୨୫୮୨୦ |
| ୫୮ | ୨୪୪ | ବେସରକାରୀ | ଶାରଦ ୨ | ୦.୪୦୦୦୦୦୦(ଏକର) | ୦.୧୬୧୮୭୭୮ |
| ୫୯ | ୨୪୫ | ବେସରକାରୀ | ଶାରଦ ୨/୬ | ୦.୪୯୯୧୦୦୦(ଏକର) | ୦.୨୦୧୯୮୩୦ |
| ୬୦ | ୨୪୯ | ବେସରକାରୀ | ଶାରଦ ୨/୨ | ୦.୨୭୦୦୦୦୦(ଏକର) | ୦.୧୦୯୨୬୭୫ |
| ୬୧ | ୨୫୦ | ବେସରକାରୀ | ଶାରଦ ୨ | ୦.୧୪୦୦୦୦୦(ଏକର) | ୦.୦୫୬୬୫୭୨ |
| ୬୨ | ୨୫୧ | ବେସରକାରୀ | ଶାରଦ ୩ | ୦.୧୧୦୦୦୦୦(ଏକର) | ୦.୦୪୪୫୧୬୪ |
| ୬୩ | ୨୫୨ | ବେସରକାରୀ | ଶାରଦ ୩/୫ | ୦.୬୮୦୦୦୦୦(ଏକର) | ୦.୨୭୫୧୯୨୨ |
| ୬୪ | ୨୫୩ | ବେସରକାରୀ | ଶାରଦ ୩/୨ | ୦.୭୦୦୦୦୦୦(ଏକର) | ୦.୨୮୩୨୮୬୧ |
| ୬୫ | ୨୫୪ | ବେସରକାରୀ | ଶାରଦ ୩/୨ | ୦.୪୦୦୦୦୦୦(ଏକର) | ୦.୧୬୧୮୭୭୮ |
| ୬୬ | ୨୫୫ | ବେସରକାରୀ | ଶାରଦ ୩ | ୦.୨୬୦୦୦୦୦(ଏକର) | ୦.୧୦୫୨୨୦୬ |
| ୬୭ | ୨୫୬ | ବେସରକାରୀ | ଶାରଦ ୩/୧୧ | ୦.୫୬୦୦୦୦୦(ଏକର) | ୦.୨୨୬୬୨୮୯ |
| ୬୮ | ୨୫୬/୮୭୪ | ବେସରକାରୀ | ଶାରଦ ୩ | ୦.୨୦୦୦୦୦୦(ଏକର) | ୦.୦୮୦୯୩୮୯ |
| ୬୯ | ୨୫୮ | ବେସରକାରୀ | ଶାରଦ ୩/୧୦ | ୦.୨୧୦୦୦୦୦(ଏକର) | ୦.୦୮୪୯୮୫୮ |
| ୭୦ | ୨୫୮/୯୦୫ | ବେସରକାରୀ | ଶାରଦ ୩ | ୦.୦୯୦୦୦୦୦(ଏକର) | ୦.୦୩୬୪୨୨୫ |
| ୭୧ | ୨୬୧ | ବେସରକାରୀ | ଶାରଦ ୩/୬ | ୦.୩୬୦୦୦୦୦(ଏକର) | ୦.୧୪୫୬୯୦୦ |
| ୭୨ | ୨୬୯ | ବେସରକାରୀ | ଶାରଦ ୨/୫ | ୦.୫୦୦୦୦୦୦(ଏକର) | ୦.୨୦୨୩୪୭୨ |
| ୭୩ | ୨୭୦ | ବେସରକାରୀ | ଶାରଦ ୨ | ୧.୦୨୦୦୦୦୦(ଏକର) | ୦.୪୧୨୭୮୮୩ |
| ୭୪ | ୨୭୨ | ବେସରକାରୀ | ଶାରଦ ୨ | ୦.୧୧୦୦୦୦୦(ଏକର) | ୦.୦୪୪୫୧୬୪ |
| ୭୫ | ୨୭୩ | ବେସରକାରୀ | ଶାରଦ ୨/୧୯ | ୧.୯୮୬୭୦୦୦(ଏକର) | ୦.୮୦୪୦୦୬୫ |
| ୭୬ | ୨୭୪ | ସରକାରୀ | ପତିତ | ୦.୦୬୦୦୦୦୦(ଏକର) | ୦.୦୨୪୨୮୧୭ |
| ୭୭ | ୨୭୫ | ସରକାରୀ | ଜୋର | ୦.୩୧୦୦୦୦୦(ଏକର) | ୦.୧୨୫୪୫୫୩ |
| ୭୮ | ୨୭୬ | ବେସରକାରୀ | ଶାରଦ ୨/୧୦ | ୦.୪୫୦୦୦୦୦(ଏକର) | ୦.୧୮୨୧୧୨୫ |
| ୭୯ | ୨୯ | ବେସରକାରୀ | ଶାରଦ ୩/୫ | ୦.୩୦୦୦୦୦୦(ଏକର) | ୦.୧୨୧୪୦୮୩ |
| ୮୦ | ୩୦ | ବେସରକାରୀ | ଶାରଦ ୩/୨ | ୦.୨୫୦୦୦୦୦(ଏକର) | ୦.୧୦୧୧୭୩୬ |
| ୮୧ | ୩୧ | ବେସରକାରୀ | ଶାରଦ ୩/୩ | ୦.୨୫୦୦୦୦୦(ଏକର) | ୦.୧୦୧୧୭୩୬ |
| ୮୨ | ୩୨ | ବେସରକାରୀ | ଶାରଦ ୩/୨ | ୦.୧୨୦୦୦୦୦(ଏକର) | ୦.୦୪୮୫୬୩୩ |
| ୮୩ | ୩୩ | ସରକାରୀ | ରାସ୍ତା | ୦.୩୩୧୧୦୦୦(ଏକର) | ୦.୧୩୩୯୯୪୩ |
| ୮୪ | ୩୫ | ବେସରକାରୀ | ଶାରଦ ୩/୭ | ୦.୧୭୦୦୦୦୦(ଏକର) | ୦.୦୬୮୭୯୮୧ |
| ୮୫ | ୩୮ | ସରକାରୀ | ପାଣି ନାଳ | ୦.୧୫୦୦୦୦୦(ଏକର) | ୦.୦୬୦୭୦୪୨ |
| ୮୬ | ୩୯ | ବେସରକାରୀ | ପତିତ | ୦.୧୫୦୦୦୦୦(ଏକର) | ୦.୦୬୦୭୦୪୨ |
| ୮୭ | ୪୦ | ସରକାରୀ | ପାଣି ନାଳ | ୦.୧୮୦୦୦୦୦(ଏକର) | ୦.୦୭୨୮୪୫୦ |
| ୮୮ | ୪୧ | ବେସରକାରୀ | ଶାରଦ ୩/୪ | ୦.୨୧୦୦୦୦୦(ଏକର) | ୦.୦୮୪୯୮୫୮ |
| ୮୯ | ୪୨ | ବେସରକାରୀ | ଶାରଦ ୩/୮ | ୦.୩୧୮୮୦୦୦(ଏକର) | ୦.୧୨୯୦୧୬୬ |
| ୯୦ | ୪୩ | ବେସରକାରୀ | ଶାରଦ ୩/୩ | ୦.୧୭୦୫୦୦୦(ଏକର) | ୦.୦୬୯୦୦୦୪ |
| ୯୧ | ୪୪ | ବେସରକାରୀ | ଶାରଦ ୩/୧୦ | ୦.୫୪୧୧୦୦୦(ଏକର) | ୦.୨୧୮୯୮୦୨ |
| ୯୨ | ୪୫ | ବେସରକାରୀ | ଶାରଦ ୩ | ୦.୧୩୦୦୦୦୦(ଏକର) | ୦.୦୫୨୬୧୦୩ |
| ୯୩ | ୪୬ | ବେସରକାରୀ | ଶାରଦ ୩/୩ | ୦.୦୯୮୮୦୦୦(ଏକର) | ୦.୦୩୯୯୮୩୮ |
| ୯୪ | ୪୭ | ବେସରକାରୀ | ଶାରଦ ୩/୫ | ୦.୧୯୦୩୦୦୦(ଏକର) | ୦.୦୭୭୦୧୩୪ |
| ୯୫ | ୪୮ | ସରକାରୀ | ପାଣି ନାଳ | ୦.୪୪୦୦୦୦୦(ଏକର) | ୦.୧୭୮୦୬୫୬ |
| ୯୬ | ୪୯ | ସରକାରୀ | ପାଣି ନାଳ | ୦.୪୯୦୦୦୦୦(ଏକର) | ୦.୧୯୮୩୦୦୩ |
| ୯୭ | ୫୪ | ସରକାରୀ | ରାସ୍ତା | ୦.୪୨୦୦୦୦୦(ଏକର) | ୦.୧୬୯୯୭୧୭ |
| ୯୮ | ୫୫ | ବେସରକାରୀ | ଶାରଦ ୩/୬ | ୦.୪୦୦୦୦୦୦(ଏକର) | ୦.୧୬୧୮୭୭୮ |
| ୯୯ | ୫୬ | ସରକାରୀ | ରାସ୍ତା | ୦.୦୭୦୦୦୦୦(ଏକର) | ୦.୦୨୮୩୨୮୬ |
| ୧୦୦ | ୫୭ | ବେସରକାରୀ | ଶାରଦ ୩/୭ | ୦.୧୮୮୦୦୦୦(ଏକର) | ୦.୦୭୬୦୮୨୬ |
| ୧୦୧ | ୫୮ | ବେସରକାରୀ | ଶାରଦ ୩/୭ | ୦.୮୫୦୦୦୦୦(ଏକର) | ୦.୩୪୩୯୯୦୩ |
| ୧୦୨ | ୫୯ | ବେସରକାରୀ | ଶାରଦ ୩/୯ | ୦.୪୦୦୦୦୦୦(ଏକର) | ୦.୧୬୧୮୭୭୮ |
| ୧୦୩ | ୬୦ | ବେସରକାରୀ | ଶାରଦ ୩ | ୦.୧୩୦୦୦୦୦(ଏକର) | ୦.୦୫୨୬୧୦୩ |
| ୧୦୪ | ୬୭୫ | ବେସରକାରୀ | ଶାରଦ ୨ | ୦.୨୩୦୦୦୦୦(ଏକର) | ୦.୦୯୩୦୭୯୭ |
| ୧୦୫ | ୬୭୬ | ବେସରକାରୀ | ଶାରଦ ୨ | ୦.୦୬୦୦୦୦୦(ଏକର) | ୦.୦୨୪୨୮୧୭ |
| ୧୦୬ | ୬୭୭ | ବେସରକାରୀ | ଶାରଦ ୨ | ୦.୦୫୦୦୦୦୦(ଏକର) | ୦.୦୨୦୨୩୪୭ |
| ୧୦୭ | ୬୭୮ | ବେସରକାରୀ | ଶାରଦ ୨/୨ | ୦.୧୯୦୦୦୦୦(ଏକର) | ୦.୦୭୬୮୯୧୯ |
| ୧୦୮ | ୬୮୩ | ବେସରକାରୀ | ଶାରଦ ୨/୩ | ୦.୭୫୦୦୦୦୦(ଏକର) | ୦.୩୦୩୫୨୦୮ |
| ୧୦୯ | ୬୮୪ | ବେସରକାରୀ | ଶାରଦ ୨/୩ | ୦.୪୦୦୦୦୦୦(ଏକର) | ୦.୧୬୧୮୭୭୮ |
| ୧୧୦ | ୬୮୫ | ବେସରକାରୀ | ଶାରଦ ୨/୨ | ୦.୧୨୦୦୦୦୦(ଏକର) | ୦.୦୪୮୫୬୩୩ |
| ୧୧୧ | ୬୮୬ | ବେସରକାରୀ | ଶାରଦ ୨/୨ | ୦.୧୪୦୦୦୦୦(ଏକର) | ୦.୦୫୬୬୫୭୨ |
| ୧୧୨ | ୬୮୭ | ବେସରକାରୀ | ଶାରଦ ୨/୫ | ୦.୪୨୦୧୦୦୦(ଏକର) | ୦.୧୭୦୦୧୨୧ |
| ୧୧୩ | ୬୮୮ | ବେସରକାରୀ | ଶାରଦ ୩/୪ | ୦.୩୨୦୦୦୦୦(ଏକର) | ୦.୧୨୯୫୦୨୨ |
| ୧୧୪ | ୬୮୯ | ବେସରକାରୀ | ଶାରଦ ୨/୮ | ୦.୭୨୦୦୦୦୦(ଏକର) | ୦.୨୯୧୩୮୦୦ |
| ୧୧୫ | ୬୯୦ | ବେସରକାରୀ | ଶାରଦ ୨ | ୦.୩୪୦୦୦୦୦(ଏକର) | ୦.୧୩୭୫୯୬୧ |
| ୧୧୬ | ୬୯୧ | ବେସରକାରୀ | ଶାରଦ ୨/୧୪ | ୧.୧୦୦୦୦୦୦(ଏକର) | ୦.୪୪୫୧୬୩୯ |
| ୧୧୭ | ୬୯୨ | ବେସରକାରୀ | ଶାରଦ ୩/୫ | ୦.୩୭୦୦୦୦୦(ଏକର) | ୦.୧୪୯୭୩୬୯ |
| ୧୧୮ | ୭୦୨ | ବେସରକାରୀ | ଶାରଦ ୩/୬ | ୦.୬୦୦୦୦୦୦(ଏକର) | ୦.୨୪୨୮୧୬୬ |
| ୧୧୯ | ୭୩୬ | ବେସରକାରୀ | ଶାରଦ ୨ | ୦.୩୭୦୦୦୦୦(ଏକର) | ୦.୧୪୯୭୩୬୯ |
| ୧୨୦ | ୭୩୭ | ବେସରକାରୀ | ଶାରଦ ୩/୫ | ୦.୯୦୦୦୦୦୦(ଏକର) | ୦.୩୬୪୨୨୫୦ |
| ୧୨୧ | ୭୩୮ | ବେସରକାରୀ | ଶାରଦ ୩/୫ | ୦.୮୫୦୦୦୦୦(ଏକର) | ୦.୩୪୩୯୯୦୩ |
| ୧୨୨ | ୭୩୯ | ବେସରକାରୀ | ଶାରଦ ୩/୫ | ୧.୦୬୦୧୦୦୦(ଏକର) | ୦.୪୨୯୦୧୬୬ |
| ୧୨୩ | ୭୪୦ | ବେସରକାରୀ | ଶାରଦ ୩/୪ | ୧.୦୦୦୦୦୦୦(ଏକର) | ୦.୪୦୪୬୯୪୫ |
| ୧୨୪ | ୭୪୪ | ବେସରକାରୀ | ଶାରଦ ୩/୬ | ୦.୧୮୦୦୦୦୦(ଏକର) | ୦.୦୭୨୮୪୫୦ |
| ୧୨୫ | ୭୪୬ | ବେସରକାରୀ | ଶାରଦ ୨ | ୦.୪୪୦୦୦୦୦(ଏକର) | ୦.୧୭୮୦୬୫୬ |
| ୧୨୬ | ୭୪୭ | ବେସରକାରୀ | ଶାରଦ ୩/୪ | ୦.୨୮୦୦୦୦୦(ଏକର) | ୦.୧୧୩୩୧୪୪ |
| ୧୨୭ | ୭୪୮ | ବେସରକାରୀ | ଶାରଦ ୩/୩ | ୦.୨୨୦୦୦୦୦(ଏକର) | ୦.୦୮୯୦୩୨୮ |
| ୧୨୮ | ୭୪୯ | ବେସରକାରୀ | ଶାରଦ ୩/୮ | ୧.୮୨୦୦୦୦୦(ଏକର) | ୦.୭୩୬୫୪୩୯ |
| ୧୨୯ | ୭୫୦ | ବେସରକାରୀ | ଶାରଦ ୩/୫ | ୧.୨୪୦୦୦୦୦(ଏକର) | ୦.୫୦୧୮୨୧୧ |
| ୧୩୦ | ୭୫୧ | ବେସରକାରୀ | ଶାରଦ ୩/୨ | ୦.୧୫୦୦୦୦୦(ଏକର) | ୦.୦୬୦୭୦୪୨ |
| ୧୩୧ | ୭୫୨ | ବେସରକାରୀ | ଶାରଦ ୩/୩ | ୦.୨୧୦୦୦୦୦(ଏକର) | ୦.୦୮୪୯୮୫୮ |
| ୧୩୨ | ୭୫୩ | ବେସରକାରୀ | ଶାରଦ ୩/୨ | ୦.୧୪୦୦୦୦୦(ଏକର) | ୦.୦୫୬୬୫୭୨ |
| ୧୩୩ | ୭୫୪ | ବେସରକାରୀ | ଶାରଦ ୩/୫ | ୧.୬୬୦୦୦୦୦(ଏକର) | ୦.୬୭୧୭୯୨୮ |
| ୧୩୪ | ୮୩ | ବେସରକାରୀ | ଶାରଦ ୩/୫ | ୦.୫୫୦୦୦୦୦(ଏକର) | ୦.୨୨୨୫୮୨୦ |
| ୧୩୫ | ୮୭ | ବେସରକାରୀ | ଶାରଦ ୩/୩ | ୦.୧୧୦୦୦୦୦(ଏକର) | ୦.୦୪୪୫୧୬୪ |
| ୧୩୬ | ୮୮ | ବେସରକାରୀ | ଶାରଦ | ୦.୧୦୦୦୦୦୦(ଏକର) | ୦.୦୪୦୪୬୯୪ |
| ୧୩୭ | ୮୯ | ବେସରକାରୀ | ଶାରଦ ୩/୬ | ୦.୭୧୯୧୦୦୦(ଏକର) | ୦.୨୯୧୦୧୫୮ |
| ୧୩୮ | ୯୦ | ବେସରକାରୀ | ଶାରଦ ୩/୫ | ୦.୫୨୦୦୦୦୦(ଏକର) | ୦.୨୧୦୪୪୧୧ |
| ୧୩୯ | ୯୧ | ବେସରକାରୀ | ଶାରଦ ୩/୮ | ୦.୭୬୦୦୦୦୦(ଏକର) | ୦.୩୦୭୫୬୭୮ |
| ୧୪୦ | ୯୨ | ବେସରକାରୀ | ଶାରଦ ୩/୧୭ | ୦.୮୬୦୦୦୦୦(ଏକର) | ୦.୩୪୮୦୩୭୨ |
| ୧୪୧ | ୯୩ | ବେସରକାରୀ | ଶାରଦ ୩/୯ | ୦.୫୨୦୦୦୦୦(ଏକର) | ୦.୨୧୦୪୪୧୧ |
| ୧୪୨ | ୯୪ | ବେସରକାରୀ | ଶାରଦ ୩/୧୧ | ୦.୪୫୦୦୦୦୦(ଏକର) | ୦.୧୮୨୧୧୨୫ |
| ୧୪୩ | ୯୫ | ବେସରକାରୀ | ଶାରଦ ୩/୯ | ୦.୪୨୦୦୦୦୦(ଏକର) | ୦.୧୬୯୯୭୧୭ |
| ୧୪୪ | ୯୬ | ବେସରକାରୀ | ଶାରଦ ୩/୧୫ | ୦.୫୫୦୦୦୦୦(ଏକର) | ୦.୨୨୨୫୮୨୦ |
| ୧୪୫ | ୯୭ | ବେସରକାରୀ | ପତିତ | ୦.୩୦୦୦୦୦୦(ଏକର) | ୦.୧୨୧୪୦୮୩ |
| ଗ୍ରାମ: ରଘୁନାଥ ପ୍ରସାଦ | | | | | |
| ୧ | ୧୦୩ | ବେସରକାରୀ | ଜଙ୍ଗଲ ୨ | ୬.୦୩୦୦୦୦୦(ଏକର) | ୨.୪୪୦୩୦୭୬ |
| ୨ | ୧୦୩/୭୯୫ | ବେସରକାରୀ | ଜଙ୍ଗଲ ୨ | ୨.୦୨୫୦୦୦୦(ଏକର) | ୦.୮୧୯୫୦୬୩ |
| ୩ | ୧୦୬ | ବେସରକାରୀ | ଘରବାରି | ୪.୦୦୦୦୦୦୦(ଏକର) | ୧.୬୧୮୭୭୭୮ |
| ୪ | ୧୦୬/୧୧୪୨ | ବେସରକାରୀ | ଘରବାରି | ୪.୦୦୦୦୦୦୦(ଏକର) | ୧.୬୧୮୭୭୭୮ |
| ୫ | ୧୫୪ | ବେସରକାରୀ | ପତିତ | ୦.୫୦୦୦୦୦୦(ଏକର) | ୦.୨୦୨୩୪୭୨ |
| ୬ | ୧୫୫ | ବେସରକାରୀ | ବିଆଳି | ୨.୧୦୦୦୦୦୦(ଏକର) | ୦.୮୪୯୮୫୮୪ |
| ୭ | ୧୫୬ | ସରକାରୀ | ଗ୍ରାମ୍ୟ ଜଙ୍ଗଲ | ୪.୮୫୦୦୦୦୦(ଏକର) | ୧.୯୬୨୭୬୮୧ |
| ୮ | ୧୫୭ | ସରକାରୀ | ଗ୍ରାମ୍ୟ ଜଙ୍ଗଲ | ୧.୦୨୦୦୦୦୦(ଏକର) | ୦.୪୧୨୭୮୮୩ |
| ୯ | ୧୫୮ | ବେସରକାରୀ | ଶାରଦ ୩ | ୧.୯୩୦୦୦୦୦(ଏକର) | ୦.୭୮୧୦୬୦୩ |
| ୧୦ | ୧୫୯ | ବେସରକାରୀ | ଶାରଦ ୩ | ୨.୪୬୦୦୦୦୦(ଏକର) | ୦.୯୯୫୫୪୮୪ |
| ୧୧ | ୧୭୫ | ବେସରକାରୀ | ଶାରଦ ୩ | ୩.୧୬୦୦୦୦୦(ଏକର) | ୧.୨୭୮୮୩୪୫ |
| ୧୨ | ୨୮୧ | ବେସରକାରୀ | ଶାରଦ ୩ | ୦.୫୨୦୦୦୦୦(ଏକର) | ୦.୨୧୦୪୪୧୧ |
| ୧୩ | ୨୮୨ | ବେସରକାରୀ | ଶାରଦ ୩ | ୧.୬୦୦୦୦୦୦(ଏକର) | ୦.୬୪୭୫୧୧୧ |
| ୧୪ | ୨୮୩ | ବେସରକାରୀ | ଶାରଦ ୩ | ୦.୪୩୦୦୦୦୦(ଏକର) | ୦.୧୭୪୦୧୮୬ |
| ୧୫ | ୨୮୪ | ସରକାରୀ | ମାହାରା | ୧.୫୦୦୦୦୦୦(ଏକର) | ୦.୬୦୭୦୪୧୭ |
| ୧୬ | ୨୮୪/୮୦୯ | ସରକାରୀ | ଶାରଦ ୩ | ୦.୨୫୦୦୦୦୦(ଏକର) | ୦.୧୦୧୧୭୩୬ |
| ୧୭ | ୨୮୪/୮୧୦ | ସରକାରୀ | ଶାରଦ ୩ | ୦.୩୮୦୦୦୦୦(ଏକର) | ୦.୧୫୩୭୮୩୯ |
| ୧୮ | ୨୮୬ | ସରକାରୀ | ପାଣି ମାହାରା | ୧.୫୦୦୦୦୦୦(ଏକର) | ୦.୬୦୭୦୪୧୭ |
| ୧୯ | ୨୮୯ | ସରକାରୀ | ମାହାରା | ୦.୩୪୦୦୦୦୦(ଏକର) | ୦.୧୩୭୫୯୬୧ |
| ୨୦ | ୨୯୦ | ସରକାରୀ | ଶାରଦ ୩ | ୧.୦୮୦୦୦୦୦(ଏକର) | ୦.୪୩୭୦୭୦୦ |
| ୨୧ | ୨୯୧ | ବେସରକାରୀ | ଶାରଦ ୩ | ୦.୭୪୦୦୦୦୦(ଏକର) | ୦.୨୯୯୪୭୩୯ |
| ୨୨ | ୨୯୩ | ବେସରକାରୀ | ଶାରଦ ୩ | ୧.୦୦୦୦୦୦୦(ଏକର) | ୦.୪୦୪୬୯୪୫ |
| ୨୩ | ୩୧୧ | ବେସରକାରୀ | ଶାରଦ ୩ | ୦.୨୦୦୦୦୦୦(ଏକର) | ୦.୦୮୦୯୩୮୯ |
| ୨୪ | ୩୧୨ | ବେସରକାରୀ | ଶାରଦ ୩ | ୦.୦୯୦୦୦୦୦(ଏକର) | ୦.୦୩୬୪୨୨୫ |
| ୨୫ | ୩୧୩ | ବେସରକାରୀ | ଶାରଦ ୩ | ୦.୧୦୦୦୦୦୦(ଏକର) | ୦.୦୪୦୪୬୯୪ |
| ୨୬ | ୩୧୪ | ବେସରକାରୀ | ଶାରଦ ୩ | ୧.୫୦୦୦୦୦୦(ଏକର) | ୦.୬୦୭୦୪୧୭ |
| ୨୭ | ୩୧୫ | ବେସରକାରୀ | ଶାରଦ ୩ | ୦.୨୪୦୦୦୦୦(ଏକର) | ୦.୦୯୭୧୨୬୬ |
| ୨୮ | ୩୧୬ | ବେସରକାରୀ | ଶାରଦ ୩ | ୦.୭୭୦୦୦୦୦(ଏକର) | ୦.୩୧୧୬୧୪୭ |
| ୨୯ | ୩୧୭ | ବେସରକାରୀ | ଶାରଦ ୩ | ୦.୯୦୦୦୦୦୦(ଏକର) | ୦.୩୬୪୨୨୫୦ |
| ୩୦ | ୩୧୯ | ସରକାରୀ | ବନ୍ଧ | ୦.୪୪୦୦୦୦୦(ଏକର) | ୦.୧୭୮୦୬୫୬ |
| ୩୧ | ୩୨୦ | ସରକାରୀ | ନାଳ | ୦.୬୦୦୦୦୦୦(ଏକର) | ୦.୨୪୨୮୧୬୬ |
| ୩୨ | ୩୨୧ | ସରକାରୀ | ବନ୍ଧ | ୦.୬୫୦୦୦୦୦(ଏକର) | ୦.୨୬୩୦୫୧୪ |
| ୩୩ | ୪୦୧ | ବେସରକାରୀ | ଶାରଦ ୩ | ୦.୩୬୦୦୦୦୦(ଏକର) | ୦.୧୪୫୬୯୦୦ |
| ୩୪ | ୪୦୨ | ବେସରକାରୀ | ଶାରଦ ୩ | ୦.୧୧୦୦୦୦୦(ଏକର) | ୦.୦୪୪୫୧୬୪ |
| ୩୫ | ୪୦୩ | ବେସରକାରୀ | ଶାରଦ ୩ | ୧.୫୫୦୦୦୦୦(ଏକର) | ୦.୬୨୭୨୭୬୪ |
| ୩୬ | ୪୦୩/୮୨୫ | ବେସରକାରୀ | ଶାରଦ ୩ | ୦.୧୨୦୦୦୦୦(ଏକର) | ୦.୦୪୮୫୬୩୩ |
| ୩୭ | ୪୧୨ | ସରକାରୀ | ମାହାରା | ୦.୨୭୦୦୦୦୦(ଏକର) | ୦.୧୦୯୨୬୭୫ |
| ୩୮ | ୪୧୩ | ବେସରକାରୀ | ଶାରଦ ୩ | ୧.୧୮୦୦୦୦୦(ଏକର) | ୦.୪୭୭୫୩୯୫ |
| ୩୯ | ୪୧୩/୮୨୬ | ବେସରକାରୀ | ଶାରଦ ୩ | ୦.୪୫୦୦୦୦୦(ଏକର) | ୦.୧୮୨୧୧୨୫ |
| ୪୦ | ୪୧୩/୮୮୭ | ବେସରକାରୀ | ଶାରଦ ୩ | ୦.୪୦୦୦୦୦୦(ଏକର) | ୦.୧୬୧୮୭୭୮ |
| ୪୧ | ୪୧୪ | ସରକାରୀ | ମାହାରା | ୦.୦୪୦୦୦୦୦(ଏକର) | ୦.୦୧୬୧୮୭୮ |
| ୪୨ | ୪୧୫ | ବେସରକାରୀ | ଶାରଦ ୩ | ୧.୨୫୦୦୦୦୦(ଏକର) | ୦.୫୦୫୮୬୮୧ |
| ୪୩ | ୪୧୫/୯୦୦ | ବେସରକାରୀ | ଶାରଦ ୩ | ୦.୩୨୦୦୦୦୦(ଏକର) | ୦.୧୨୯୫୦୨୨ |
| ୪୪ | ୪୧୬ | ବେସରକାରୀ | ଶାରଦ ୩ | ୦.୭୩୦୦୦୦୦(ଏକର) | ୦.୨୯୫୪୨୭୦ |
| ୪୫ | ୪୧୬/୮୭୬ | ବେସରକାରୀ | ଶାରଦ ୩ | ୦.୩୦୦୦୦୦୦(ଏକର) | ୦.୧୨୧୪୦୮୩ |
| ୪୬ | ୪୬୯ | ସରକାରୀ | ମାହାରା | ୦.୨୬୦୦୦୦୦(ଏକର) | ୦.୧୦୫୨୨୦୬ |
| ୪୭ | ୪୭୫ | ବେସରକାରୀ | ପତିତ | ୩.୬୫୦୦୦୦୦(ଏକର) | ୧.୪୭୭୧୩୪୮ |
| ୪୮ | ୪୭୫/୮୮୪ | ବେସରକାରୀ | ପତିତ | ୧.୨୨୦୦୦୦୦(ଏକର) | ୦.୪୯୩୭୨୭୨ |
| ୪୯ | ୪୭୬ | ବେସରକାରୀ | ପତିତ | ୯.୮୪୬୦୦୦୦(ଏକର) | ୩.୯୮୪୬୨୧୬ |
| ୫୦ | ୪୭୬/୮୭୨ | ବେସରକାରୀ | ଶାରଦ ୩ | ୦.୧୮୦୦୦୦୦(ଏକର) | ୦.୦୭୨୮୪୫୦ |
| ୫୧ | ୪୭୭ | ବେସରକାରୀ | ଶାରଦ ୩ | ୦.୩୦୦୦୦୦୦(ଏକର) | ୦.୧୨୧୪୦୮୩ |
| ୫୨ | ୪୭୮ | ବେସରକାରୀ | ଶାରଦ ୩ | ୩.୪୮୦୦୦୦୦(ଏକର) | ୧.୪୦୮୩୩୬୭ |
| ୫୩ | ୪୭୯ | ସରକାରୀ | ଗ୍ରାମ୍ୟ ଜଙ୍ଗଲ | ୦.୬୪୦୦୦୦୦(ଏକର) | ୦.୨୫୯୦୦୪୫ |
| ଗ୍ରାମ: ସୋଲାଗ | | | | | |
| ୧ | ୪୫୯ | ବେସରକାରୀ | ଶାରଦ ୨ | ୧.୦୮୦୦୦୦୦(ଏକର) | ୦.୪୩୭୦୭୦୦ |
| ୨ | ୬୩୨ | ବେସରକାରୀ | ପତିତ | ୦.୪୦୦୦୦୦୦(ଏକର) | ୦.୧୬୧୮୭୭୮ |
| ୩ | ୬୩୪ | ସରକାରୀ | ଗୋଚର | ୧.୩୬୦୦୦୦୦(ଏକର) | ୦.୫୫୦୩୮୪୫ |
| ୪ | ୬୩୫ | ବେସରକାରୀ | ବିଆଳି | ୦.୫୬୦୦୦୦୦(ଏକର) | ୦.୨୨୬୬୨୮୯ |
| ୫ | ୬୩୬ | ବେସରକାରୀ | ବିଆଳି ୮ | ୦.୩୩୦୦୦୦୦(ଏକର) | ୦.୧୩୩୫୪୯୨ |
| ୬ | ୬୩୭ | ବେସରକାରୀ | ପତିତ | ୨.୧୫୦୦୦୦୦(ଏକର) | ୦.୮୭୦୦୯୩୧ |
| ୭ | ୬୯୦ | ସରକାରୀ | ଗୋଚର | ୩.୭୬୦୦୦୦୦(ଏକର) | ୧.୫୨୧୬୫୧୨ |
| ୮ | ୬୯୦/୨୯୭୭ | ବେସରକାରୀ | ବିଆଳି | ୨.୬୦୦୦୦୦୦(ଏକର) | ୧.୦୫୨୨୦୫୬ |
| ୯ | ୬୯୧ | ସରକାରୀ | ନାଳ | ୧.୮୧୦୦୦୦୦(ଏକର) | ୦.୭୩୨୪୯୭୦ |
| ଗ୍ରାମ: ସାନ ଗୋମୁଣ୍ଡିଆ | | | | | |
| ୧୧ | ୩୮ | ସରକାରୀ | ମାହାରା | ୦.୫୪୦୦୦୦୦(ଏକର) | ୦.୨୧୮୫୩୫୦ |
| ୨ | ୧୭୬ | ବେସରକାରୀ | ଚକ | ୧.୦୫୯୯୯୯୯(ଏକର) | ୦.୪୨୮୯୭୬୧ |
| ୩ | ୧୭୭ | ସରକାରୀ | ବସ୍ତିଯୋଗ୍ୟ | ୦.୭୯୦୦୦୦୦(ଏକର) | ୦.୩୧୯୭୦୮୬ |
| ୪ | ୧୭୮ | ବେସରକାରୀ | ଚକ | ୦.୬୭୦୦୦୦୦(ଏକର) | ୦.୨୭୧୧୪୫୩ |
| ୫ | ୧୭୯ | ବେସରକାରୀ | ଚକ | ୧.୫୦୦୦୦୦୦(ଏକର) | ୦.୬୦୭୦୪୧୭ |
| ୬ | ୧୮୦ | ବେସରକାରୀ | ଚକ | ୦.୩୨୦୦୦୦୦(ଏକର) | ୦.୧୨୯୫୦୨୨ |
| ୭ | ୧୮୧ | ବେସରକାରୀ | ଚକ | ୦.୦୯୯୯୯୯୯(ଏକର) | ୦.୦୪୦୪୬୯୪ |
| ୮ | ୧୮୨ | ବେସରକାରୀ | ଚକ | ୦.୧୭୦୦୦୦୧(ଏକର) | ୦.୦୬୮୭୯୮୧ |
| ୯ | ୧୮୪ | ବେସରକାରୀ | ଚକ | ୦.୫୪୦୦୦୦୦(ଏକର) | ୦.୨୧୮୫୩୫୦ |
| ୧୦ | ୧୮୭ | ବେସରକାରୀ | ଚକ | ୦.୩୬୦୦୦୦୦(ଏକର) | ୦.୧୪୫୬୯୦୦ |
| ୧୧ | ୧୮୮ | ବେସରକାରୀ | ଚକ | ୦.୩୬୦୦୦୦୦(ଏକର) | ୦.୧୪୫୬୯୦୦ |
| ୧୨ | ୧୮୯ | ବେସରକାରୀ | ଚକ | ୦.୬୭୯୯୯୯୯(ଏକର) | ୦.୨୭୫୧୯୨୨ |
| ୧୩ | ୧୯୦ | ବେସରକାରୀ | ଚକ | ୧.୦୭୦୦୦୦୧(ଏକର) | ୦.୪୩୩୦୨୩୧ |
| ୧୪ | ୧୯୧ | ବେସରକାରୀ | ଚକ | ୧.୦୭୦୦୦୦୧(ଏକର) | ୦.୪୩୩୦୨୩୧ |
| ୧୫ | ୧୯୪ | ବେସରକାରୀ | ଚକ | ୯.୮୦୦୦୦୦୧(ଏକର) | ୩.୯୬୬୦୦୫୭ |
| ୧୬ | ୧୯୬ | ବେସରକାରୀ | ଚକ | ୨.୨୬୦୦୦୦୧(ଏକର) | ୦.୯୧୪୬୦୯୫ |
| ୧୭ | ୧୯୭ | ସରକାରୀ | ଶ୍ମଶାନ | ୦.୨୦୯୯୯୯୯(ଏକର) | ୦.୦୮୪୯୮୫୮ |
| ୧୮ | ୬୯ | ସରକାରୀ | ନଦୀ | ୦.୪୮୦୦୦୦୦(ଏକର) | ୦.୧୯୪୨୫୩୩ |
| ୧୯ | ୭୦ | ସରକାରୀ | ଗୋଚର | ୧.୫୦୦୦୦୦୦(ଏକର) | ୦.୬୦୭୦୪୧୭ |
| ୨୦ | ୭୧ | ବେସରକାରୀ | ଚକ | ୦.୦୭୦୦୦୦୦(ଏକର) | ୦.୦୨୮୩୨୮୬ |
| ୨୧ | ୭୨ | ବେସରକାରୀ | ଚକ | ୦.୯୪୯୯୯୯୯(ଏକର) | ୦.୩୮୪୪୫୯୭ |
| ୨୨ | ୭୩ | ବେସରକାରୀ | ଚକ | ୧.୦୦୦୦୦୦୧(ଏକର) | ୦.୪୦୪୬୯୪୫ |
| ୨୩ | ୭୪ | ବେସରକାରୀ | ଚକ | ୦.୯୦୦୦୦୦୦(ଏକର) | ୦.୩୬୪୨୨୫୦ |
| ୨୪ | ୭୫ | ବେସରକାରୀ | ଚକ | ୦.୯୮୦୦୦୦୧(ଏକର) | ୦.୩୯୬୬୦୦୬ |
| ୨୫ | ୭୬ | ବେସରକାରୀ | ଚକ | ୧.୪୩୦୦୦୦୧(ଏକର) | ୦.୫୭୮୭୧୩୧ |
| ୨୬ | ୭୮ | ବେସରକାରୀ | ଚକ | ୨.୮୫୦୦୦୦୦(ଏକର) | ୧.୧୫୩୩୭୯୨ |
| ୨୭ | ୮୦ | ସରକାରୀ | ନଦୀ | ୧.୭୭୦୦୦୦୦(ଏକର) | ୦.୭୧୬୩୦୯୨ |
| ଗ୍ରାମ: ତେଲିଆପଡ଼ା | | | | | |
| ୧ | ୧୦ | ସରକାରୀ | ଗ୍ରାମ୍ୟ ଜଙ୍ଗଲ | ୧.୦୫୦୦୦୦୧(ଏକର) | ୦.୪୨୪୯୨୯୨ |
| ୨ | ୧୧ | ବେସରକାରୀ | ଚକ | ୦.୦୪୦୦୦୦୦(ଏକର) | ୦.୦୧୬୧୮୭୮ |
| ୩ | ୧୨ | ବେସରକାରୀ | ଚକ | ୦.୦୨୯୯୯୯୯(ଏକର) | ୦.୦୧୨୧୪୦୮ |
| ୪ | ୧୩ | ବେସରକାରୀ | ଚକ | ୦.୦୭୦୦୦୦୦(ଏକର) | ୦.୦୨୮୩୨୮୬ |
| ୫ | ୧୩୧ | ସରକାରୀ | ନାଳ | ୧.୮୧୦୦୦୦୧(ଏକର) | ୦.୭୩୨୪୯୭୦ |
| ୬ | ୧୪ | ବେସରକାରୀ | ଚକ | ୦.୩୩୦୦୦୦୦(ଏକର) | ୦.୧୩୩୫୪୯୨ |
| ୭ | ୧୫ | ସରକାରୀ | ଗୋଚର | ୩.୫୪୦୦୦୦୦(ଏକର) | ୧.୪୩୨୬୧୮୪ |
| ୮ | ୨ | ବେସରକାରୀ | ଚକ | ୧.୭୧୦୦୦୦୦(ଏକର) | ୦.୬୯୨୦୨୭୫ |
| ୯ | ୨୮ | ବେସରକାରୀ | ଶାରଦ ୨ | ୦.୭୫୦୦୦୦୦(ଏକର) | ୦.୩୦୩୫୨୦୮ |
| ୧୦ | ୨୯ | ବେସରକାରୀ | ଶାରଦ ୧ | ୦.୮୩୦୦୦୦୦(ଏକର) | ୦.୩୩୫୮୯୬୪ |
| ୧୧ | ୩ | ବେସରକାରୀ | ଚକ | ୦.୭୯୦୦୦୦୦(ଏକର) | ୦.୩୧୯୭୦୮୬ |
| ୧୨ | ୩୦ | ବେସରକାରୀ | ଶାରଦ ୨ | ୦.୩୪୦୦୦୦୦(ଏକର) | ୦.୧୩୭୫୯୬୧ |
| ୧୩ | ୩୧ | ବେସରକାରୀ | ଶାରଦ ୨ | ୦.୨୪୦୦୦୦୦(ଏକର) | ୦.୦୯୭୧୨୬୬ |
| ୧୪ | ୩୨ | ବେସରକାରୀ | ଶାରଦ ୨ | ୧.୩୬୦୦୦୦୦(ଏକର) | ୦.୫୫୦୩୮୪୫ |
| ୧୫ | ୩୩ | ବେସରକାରୀ | ଶାରଦ ୨ | ୦.୨୪୦୦୦୦୦(ଏକର) | ୦.୦୯୭୧୨୬୬ |
| ୧୬ | ୩୪ | ବେସରକାରୀ | ଶାରଦ ୨ | ୦.୨୩୦୦୦୦୦(ଏକର) | ୦.୦୯୩୦୭୯୭ |
| ୧୭ | ୩୫ | ବେସରକାରୀ | ଶାରଦ ୨ | ୧.୨୫୦୦୦୦୦(ଏକର) | ୦.୫୦୫୮୬୮୧ |
| ୧୮ | ୪ | ସରକାରୀ | ଗ୍ରାମ୍ୟ ଜଙ୍ଗଲ | ୦.୬୯୦୦୦୦୦(ଏକର) | ୦.୨୭୯୨୩୯୨ |
| ୧୯ | ୫ | ବେସରକାରୀ | ଚକ | ୧.୧୨୦୦୦୦୦(ଏକର) | ୦.୪୫୩୨୫୭୮ |
| ୨୦ | ୬୩ | ବେସରକାରୀ | ଶାରଦ ୨ | ୦.୭୦୦୦୦୦୦(ଏକର) | ୦.୨୮୩୨୮୬୧ |
| ୨୧ | ୯ | ସରକାରୀ | ଶ୍ମଶାନ | ୦.୪୫୦୦୦୦୦(ଏକର) | ୦.୧୮୨୧୧୨୫ |
| | | | ମୋଟ | ୮୮୧.୯୬୩୩ | ୩୫୬.୯୨୫୭ |

[F. No. NHAI/CRRR-II/GP-Tangi/LA/3a/3A]
RAJESH GUPTA, Director

# ପ୍ରାର୍ଥୀ ଚୟନ

ଅନୁବାଦ ଗଳ୍ପ

**ମୂଳ ଇଂରାଜୀ: ସୁଧା ମୂର୍ତ୍ତି**
**ଅନୁବାଦ: ବୀଣାପାଣି ସାହୁ**

କିଛିବର୍ଷ ତଳେ ମୁଁ ଏକ ଚୟନ କମିଟିର ସଦସ୍ୟ ଥିଲି। ଆମେମାନେ ବିଭିନ୍ନ ପଦବୀରେ ନିଯୁକ୍ତି ନିମନ୍ତେ ପ୍ରାର୍ଥୀମାନଙ୍କୁ ବାଛୁଥିଲୁ। ସେଥିମଧ୍ୟରୁ ଅଧିକାଂଶ ପଦବୀରେ ବହୁତ ଦରମା ଥିଲା, ଯାହାଫଳରେ ଆମ ଚାରିଜଣିଆ ଚୟନ କମିଟିର ସଦସ୍ୟମାନଙ୍କ ଉପରେ ବହୁତ ଚାପ ପଡୁଥିଲା।

ମୁଁ ଦେଖିଲି ରାତାରାତି ମୋର ଲୋକପ୍ରିୟତା ଖୁବ୍ ବଢ଼ିଗଲା। ମୋତେ ଭୁଲି ଯାଇଥିବା ବନ୍ଧୁବାନ୍ଧବମାନେ ମୋ' ଘରକୁ ଆସିବାକୁ ଲାଗିଲେ, ଯେଉଁ ବନ୍ଧୁମାନଙ୍କ ସହ ମୋ' ସମ୍ପର୍କ ତୁଟି ଯାଇଥିଲା ସେମାନେ ମଧ୍ୟ ଆସିଲେ। ଧାର୍ମିକ ସଂସ୍ଥାର ମୁଖ୍ୟମାନେ ମୋତେ ନିଜ ଜାତିର ଲୋକମାନଙ୍କୁ ସାହାଯ୍ୟ କରିବା କେତେ ଦରକାରୀ ତାହା କହିବାକୁ ଲାଗିଲେ। ଶିକ୍ଷକ ଦିବସ ଆସିବାରୁ ପୁରାତନ ଛାତ୍ରମାନେ ମୋତେ ମନେପକାଇଲେ ଓ ଶୁଭେଚ୍ଛାପତ୍ର ପଠାଇଲେ। ଏପରିକି ମନ୍ଦିରରେ ମଧ୍ୟ ମୋତେ ଅଧିକ ପ୍ରସାଦ ମିଳିଲା। ଜୀବନର ଏହି ନୂତନ ସୁବିଧା ପାଇ ମୁଁ ତାହା ଉପଭୋଗ କରିବାରେ ଲାଗିଲି।

ଦୁର୍ଭାଗ୍ୟବଶତଃ ସେମାନଙ୍କ ପାଇଁ ନିଯୁକ୍ତି କମିଟିର ଚାରିଜଣ ସଦସ୍ୟ ଭାରି ସଚ୍ଚୋଟ ଥିଲେ ଓ ଆମେ ଆମର ପ୍ରଥମ ଦିନର ମିଟିଂରେ ନିଷ୍ପତ୍ତି କରିଥିଲୁ ଯେ ଆମେ କୌଣସି ଅନୁଚିତ ଅନୁରୋଧ ରକ୍ଷା କରିବୁ ନାହିଁ। କେବଳ ଦକ୍ଷତା ଅନୁସାରେ ନିଯୁକ୍ତି ମିଳିବ।

ଦିନେ ଆମର ଏହି ସାକ୍ଷାତ୍‌କାର କାର୍ଯ୍ୟକ୍ରମରେ ଜଣେ ଯୁବତୀ ଭିତରକୁ ଆସିଲା। ତା' ନାମ ଥିଲା ନନ୍ଦିତା। ଦେଖିବାକୁ ସୁନ୍ଦର, ଚାଲାକ୍ ଓ ଭଲ ପୋଷାକ ମଧ୍ୟ ପିନ୍ଧିଥିଲା। ତାକୁ ଆମେ ପ୍ରଥମ ସାଧାରଣ ପ୍ରଶ୍ନ ପଚାରିଲୁ– ''ତୁମେ କାହିଁକି ବିଚାର କରୁଅଛ ଯେ ଏ ଚାକିରି ତୁମ ପାଇଁ ଉପଯୁକ୍ତ ଅଟେ?'' ଝିଅଟି କହିଲା, ''ମୋର ପ୍ରବଳ ଆତ୍ମବିଶ୍ୱାସ ଅଛି। ଏହି ଚାକିରିର ଚାପ (ପ୍ରେସର)କୁ ମୁଁ ଭଲ ଭାବରେ ତୁଲାଇ ପାରିବି।'' ସେ ଆମେରିକୀୟ ଉଚ୍ଚାରଣରେ କଥା ହେଉଥିଲା। ତେଣୁ ସେ କେଉଁଠାରୁ ଆସିଛି ବୋଲି ମୁଁ ତାକୁ ପଚାରିଲି। ସେ କହିଲା– ''ମୁଁ ବାଙ୍ଗାଲୋରରୁ ଆସିଛି। ମାତ୍ର ମୋର ପ୍ରାୟ ସବୁ ବନ୍ଧୁବାନ୍ଧବ ଆମେରିକାରେ ରହୁଥିବାରୁ ମୁଁ ମୋର ସବୁ ଛୁଟିରେ ସେଠାକୁ ଯାଇଥାଏ।''

– ଆମେରିକାର କେଉଁ ଜାଗାକୁ ତୁମେ ଯାଇଛ? ଆମର ଅନେକ ଗ୍ରାହକ ସେଠାରେ ଅଛନ୍ତି।

– ମୋର ମଉସା ରାମକ୍ରିଷ୍ଣ ସିଲିକନ୍ ଭ୍ୟାଲିର ଜଣେ ବଡ଼ ଶିଳ୍ପପତି। ମୋର ମାଉସୀ ନ୍ୟୁୟର୍କ ଟାଇମ୍ସର ଜଣେ ଖବରଦାତା। ମୋର ସମ୍ପର୍କୀୟ ରୋହିତ ହ୍ୱାଇଟ୍ ହାଉସ୍‌ରେ କାମ କରେ। ତେଣୁକରି ମୁଁ ନ୍ୟୁୟର୍କ, ୱାଶିଂଟନ୍ ଓ ସାନ୍‌ଫ୍ରାନ୍‌ସିସ୍କୋ ଭିତରେ ଚଳପ୍ରଚଳ କରିଥାଏ।

– ଆମ କାମରେ ଜଣେ ବ୍ୟକ୍ତିଙ୍କୁ ବିଭିନ୍ନ ଲୋକଙ୍କ ସହ କଥା ହେବାକୁ ପଡ଼ିଥାଏ।

– ଓଃ, ଲୋକମାନଙ୍କୁ ଦେଖାକରିବା ଓ ସେମାନଙ୍କ ସହ କଥା ହେବାରେ କୌଣସି ସମସ୍ୟା ନାହିଁ। ତାହା ମୋତେ ଭଲ ଲାଗେ।

– ସେ ବିଷୟରେ ତୁମର କିଛି ଅନୁଭୂତି ଅଛି କି?

– ହଁ, ମୁଁ ବହୁତ ପାର୍ଟିରେ ଯୋଗଦିଏ ଓ ବହୁତ ଲୋକଙ୍କୁ ସାକ୍ଷାତ୍ କରିଥାଏ।

ମୁଁ କହିଲି, ''ବ୍ୟବସାୟରେ ଲୋକମାନଙ୍କୁ ଦେଖାକରିବା ସେପରି ହୁଏ ନାହିଁ।'' ତା'ପରେ ଆମେ ଉଦ୍ୟୋଗ ସମ୍ବନ୍ଧୀୟ ପ୍ରଶ୍ନ ପଚାରିଲୁ। ସେ ସବୁ ପ୍ରଶ୍ନର ବେଶ୍ ଭଲ ଉତ୍ତର ଦେଲା ଓ ଆମେ ସାକ୍ଷାତ୍‌କାରଟିକୁ ଶେଷ କଲୁ।

ସେଠାରୁ ଯାଉଥିବାବେଳେ ନନ୍ଦିତା ଦ୍ୱାର ପାଖରେ ଇତସ୍ତତଃ ଭାବ ଦେଖାଇଲା। ତା' ପରେ ସେ ପଛକୁ ଫେରି ପଚାରିଲା– ''ମୁଁ ଆପଣମାନଙ୍କୁ କିଛି ପଚାରି ପାରେ କି?'' ଝିଅମାନେ ପ୍ରଶ୍ନ ପଚାରିଲେ ମୋତେ ସବୁବେଳେ ଭଲ ଲାଗେ। ବହୁବର୍ଷ ଧରି ଆମ ସମାଜରେ ଗୋଟିଏ ଭଲ ଝିଅର ବର୍ଣ୍ଣନା ଥିଲା ଯେ ସେ ବେଶି କିଛି ପ୍ରଶ୍ନ ନ ପଚାରି ବିନମ୍ର ଭାବରେ ସବୁ କିଛି ଗ୍ରହଣ କରିନେଉଥିବ। ମାତ୍ର ମୋର ସେମାନେ ପସନ୍ଦ ଥିଲେ, ଯେଉଁମାନେ ଏହି ଢାଞ୍ଚାକୁ ଭାଙ୍ଗି ଦିଅନ୍ତି ଓ ନିଜ ମନକଥା ପ୍ରକାଶ କରିଥାନ୍ତି। ତେଣୁ ମୁଁ ନନ୍ଦିତାକୁ କହିବାକୁ ଅନୁମତି ଦେଲି।

ସେ କହିଲା– ''ଏହି ଚାକିରି ପାଇଁ ଆପଣ ଯେଉଁ ଦରମା ଦେଉଛନ୍ତି ତାହା ଯଥେଷ୍ଟ କମ୍ ଅଟେ।'' ମୁଁ ଆଶ୍ଚର୍ଯ୍ୟ ହୋଇଗଲି। ଏପରି ପ୍ରଶ୍ନ ଅଥବା ମତାମତ ମୁଁ ଆଶା କରୁ ନ ଥିଲି। ତେଣୁ କହିଲି, ''ଅନ୍ୟ କମ୍ପାନୀ ସହ ତୁଳନା କଲେ ଏହା ବହୁତ ଭଲ ଅଟେ।''

''ଓଃ ଆପାର୍ଟମେଣ୍ଟର ଭଡ଼ା, ଡ୍ରାଇଭର ଓ ରୋଷେୟାର ଦରମା ଦେବା ପାଇଁ ଏହା ଠିକ୍ ହୋଇପାରେ। ଆପଣ ଦେଖନ୍ତୁ ମୁଁ ଏ ସବୁ ସୁବିଧା ସହ ଅଭ୍ୟସ୍ତ ଅଛି।''

''ମାତ୍ର ତୁମେ କହିଲ ଯେ ତୁମେ ତୁମ ପିତାମାତାଙ୍କ ସହ ରହୁଛ। କମ୍ପାନୀର ନିଜସ୍ୱ ବସ୍ ଅଛି ଓ ଆମର ମଧ୍ୟ ବଢ଼ିଆ କ୍ୟାଣ୍ଟିନ୍ ଅଛି।''

''ନିଜେ ରୋଜଗାର କଲାପରେ ମୁଁ ସ୍ୱାଧୀନ ଭାବରେ ରହିବାକୁ ଚାହୁଁଛି। ଆଜିକାଲି ସମସ୍ତେ ସେମିତି କରୁଛନ୍ତି'' ଏତିକି କଥା କହି ଓ ମୋ' ଅଜ୍ଞତା ପାଇଁ ମୋ' ଉପରେ ଏକ ଦୟା ଦୃଷ୍ଟି ପକାଇ ସେ ଚାଲିଗଲା।

ସବୁଦିନ ପରି ସେଦିନ ସନ୍ଧ୍ୟାରେ ମୁଁ ଘରେ ବିଳମ୍ବରେ ପହଞ୍ଚିଲି। ମା' ମୋତେ ଉପଦେଶ ଦେଇ କହିଲେ– ''ତୋର ମନେରଖିବା କଥା ଯେ ସରାୟୁର ନାତୁଣୀ ଜନ୍ମଦିନରେ ଆମକୁ ଯିବାକୁ ଅଛି। ଏପର୍ଯ୍ୟନ୍ତ ସେ ତିନିଥର ଫୋନ୍ କରିସାରିଲାଣି। ଯଦିଓ ବିଳମ୍ବ ହେଲାଣି ତଥାପି ତୁ ଯା' ଓ ତାକୁ ଶୁଭେଚ୍ଛା ଜଣାଇଦେ। ତୋତେ ଏ ସମାଜରେ ବାସ କରିବାର ଅଛି ଓ ସବୁବେଳେ ନିଜ କାମରେ ବ୍ୟସ୍ତ ହୋଇ ରହିପାରିବୁ ନାହିଁ।''

ଏକ ଆଜ୍ଞାକାରୀ ସନ୍ତାନ ପରି ମୁଁ ସରାୟୁର ଘରକୁ ଗଲି। ସେଠାରେ ସାଧାରଣ ପ୍ରକାରର ପାର୍ଟି ଚାଲିଥିଲା। ପୁରୁଷ ଲୋକମାନେ ରାଜନୀତି ଓ ଖେଳ ବିଷୟରେ କଥା ହେଉଥିଲେ। ସ୍ତ୍ରୀ ଲୋକମାନେ ଆଗକୁ ଆସୁଥିବା ପାର୍ଟି ବିଷୟରେ କଥା ହେଉଥିଲେ ଓ ଯେହେତୁ ସେଠାରେ ଜଣେ ଇଭେଣ୍ଟ ମ୍ୟାନେଜର ଥିଲେ, ପିଲାମାନେ ବ୍ୟସ୍ତ ରହିଥିଲେ। ସେଇଟା ଗରମ ଦିନ ଥିଲା ଓ ଥଣ୍ଡା ପାନୀୟରେ ପୂର୍ଣ୍ଣ ଟ୍ରେ ବାରମ୍ବାର ରୁମ୍ ସାରା ଦିଆଯାଉଥିଲା। ହଠାତ୍ ନନ୍ଦିତା ପରି ଦେଖାଯାଉଥିବା ଜଣେ ଝିଅକୁ ମୁଁ ଦେଖିଲି। ସେ ଶାଢ଼ି ପରିଧାନ କରିଥିଲା ଓ ଅତିଥିମାନଙ୍କୁ ପାନୀୟ ପରିବେଷଣ କରୁଥିଲା। ଯେତେବେଳେ ମୁଁ ତା'ପାଖକୁ ଯାଇ ଦେଖିବାକୁ ଚେଷ୍ଟା କଲି ସେ ବୁଲିଗଲା ଓ ମୋ' ସହ ନଜର ମିଳାଇବାକୁ ଏଡ଼ାଇଗଲା।

ମୁଁ ଆଶ୍ଚର୍ଯ୍ୟ ହୋଇଗଲି। ସରାୟୁ ପାଖକୁ ଯାଇ ସର୍ବତ ପରିବେଷଣ କରୁଥିବା ସେହି ସୁନ୍ଦରୀ ଝିଅଟି କିଏ ବୋଲି ପଚାରିଲି। ''ଓଃ ସେ ହେଲା ନନ୍ଦିତା। ସେ ଖୁବ୍ ଆଧୁନିକା ଓ ଚାଲାକ୍ ଝିଅଟିଏ। ମୋ' ସ୍ୱାମୀଙ୍କ ଅଫିସ୍‌ରେ ତା'ର ବାପା ଏକ କ୍ୟାଣ୍ଟିନ୍ ଚଳାଉଛନ୍ତି। ତା'ର ପାଠପଢ଼ା ଆମ ଅଫିସ୍ ଦ୍ୱାରା ପ୍ରାୟୋଜିତ ହୋଇଛି। ଏବେ ନିକଟରେ ସେ ତା'ର ଇଞ୍ଜିନିୟରିଂ ଶେଷକରି ଚାକିରି ଅନ୍ୱେଷଣରେ ଅଛି। ସେ ବହୁତ ଶୀଘ୍ର ସବୁକିଛି ମନେରଖିପାରେ ଓ ସମସ୍ତଙ୍କ ସହ ସମନ୍ୱୟ ରକ୍ଷା କରିପାରେ। ଆଜି ସାହାଯ୍ୟ କରିବା ପାଇଁ ଆମେ ତାକୁ ନିମନ୍ତ୍ରଣ କରିଥିଲୁ। ଯଦି ତୁମର କେବେ ପାର୍ଟି ହୁଏ, ଖାଇବା ପିଇବା ତିଆରି କରିବା ପାଇଁ ମୁଁ ତା' ବାପାକୁ କହିବି।

ମୁଁ ବାକ୍‌ଶୂନ୍ୟ ହୋଇଗଲି।

ସେହି ସପ୍ତାହ ସାରା ସାକ୍ଷାତ୍‌କାର କାର୍ଯ୍ୟକ୍ରମ ଜାରି ରହିଲା। ଶେଷ ପ୍ରତିଯୋଗୀ ଜଣକ କୋଡ଼ିଏ ବର୍ଷ ପାଖାପାଖି ଜଣେ ଯୁବକ ଥିଲା। ସେ ସାଧାରଣ ପୋଷାକ ପିନ୍ଧିଥିଲା ଓ ବହୁତ ଚୁପ୍‌ଚାପ୍ ଜଣାଯାଉଥିଲା। ତା'ର ସବୁ ଉତ୍ତର ଉତ୍ତମ ଓ ସୁଚିନ୍ତିତ ଥିଲା। ମୁଁ ତା' ବିଷୟରେ ଅଧିକ କିଛି ଜାଣିବା ପାଇଁ ଇଚ୍ଛୁକ ଥିଲି। କାରଣ ବୁଦ୍ଧିମାନ୍ ଯୁବକମାନଙ୍କ ସହ କଥା ହେବାଟା ବହୁତ ମଜାଦାର ହୋଇଥାଏ।

''କମ୍ପ୍ୟୁଟର ବିଜ୍ଞାନ ଉପରେ ସମସ୍ତ ପ୍ରଶ୍ନକୁ ତୁମେ ଖୁବ୍ ଭଲ ଭାବରେ ଉତ୍ତରଦେଲ, କେବେଠାରୁ ତୁମେ ଏହି କ୍ଷେତ୍ରରେ ନିଜର ଆଗ୍ରହ ରଖିଛ?'' ସଲଜ୍ଜ ସ୍ୱରରେ ସେ କହିଲା, ''ଯେତେବେଳେ ମୁଁ ସାନଥିଲି।''

– କେତେ ବୟସରୁ, ମୁଁ ପୁନରାବୃତ୍ତି କଲି।

– ବୋଧହୁଏ ଆଠବର୍ଷ ବୟସରୁ।

– ଏତେ ଶୀଘ୍ର କାହିଁକି?

– ମୋ' ମା' ଜଣେ ଶିକ୍ଷୟିତ୍ରୀ ଓ ଯେତେବେଳେ ସେ କାମରେ ବାହାରକୁ ଯାଆନ୍ତି ମୁଁ ଘରେ ପ୍ରାୟ ଏକୁଟିଆ ରୁହେ। ତେଣୁ ସମୟର ସଦୁପଯୋଗ କରିବା ପାଇଁ କିଛି କ୍ଲାସ୍‌ରେ ଯୋଗଦେବା ସବୁଠାରୁ ବଢ଼ିଆ କଥା।

ଯାହାହେଉ ମୁଁ ଜାଣେ ତାହା କେବଳ ଏକମାତ୍ର କାରଣ ନୁହେଁ। ନିଶ୍ଚିତ ଭାବରେ ସେ ବହୁତ ଚାଲାକ୍ ଓ ତା'ର ଦକ୍ଷତାକୁ ଉପଯୁକ୍ତ ରାସ୍ତା ଦେଖାଇବା ପାଇଁ ତା'ର ମା' ନିଶ୍ଚୟ ଯଥେଷ୍ଟ ସମୟ ଦେଇଛନ୍ତି। ମୁଁ ଜାଣିପାରୁଥିଲି ଏହି ପିଲାଟି ତାହାର ପୃଷ୍ଠଭୂମି ଉପରେ ଗର୍ବ କରିବ ନାହିଁ। ମାତ୍ର ମୁଁ ଅଧିକ ଜାଣିବାକୁ ଚାହିଁଲି।

ପିଲାଟି କିଛି ସମୟ ଚିନ୍ତାକରି କହିଲା, ''ତା'ର କିଛି ଗୁରୁତ୍ୱ ଅଛିକି?'' ମୋର ଦକ୍ଷତା ଆପଣମାନେ ଦେଖିବା କଥା। ଆପଣମାନେ ମୋତେ ଯଦି ଉପଯୁକ୍ତ ମନେକରୁଛନ୍ତି ଦୟାକରି ମୋତେ ଗ୍ରହଣ କରନ୍ତୁ ଅଥବା ଯଦି ନୁହେଁ, ତେବେ ପ୍ରତ୍ୟାଖ୍ୟାନ କରନ୍ତୁ।''

– ତୁମେ କେତେ ଦରମା ଆଶା କରୁଛ?

ପିଲାଟି ଏପରି ଏକ ସଂଖ୍ୟା କହିଲା, ଯାହା ଆମେ ଯାଚୁଥିବା ଦରମାଠାରୁ ଅଧିକ ଥିଲା।

ତୁମେ ନିଜର ଅଭିଜ୍ଞତା ତୁଳନାରେ ଏତେ ଅଧିକ ଦରମାକୁ କାହିଁକି ଯୁକ୍ତିଯୁକ୍ତ ମନେକରୁଛ?

ମୁଁ କଠୋର ପରିଶ୍ରମ ଓ ସମ୍ପୂର୍ଣ୍ଣ ଦାୟିତ୍ୱ ନେଇ କାମ କରି ଏହାକୁ ଉପଯୁକ୍ତ ବୋଲି ପ୍ରମାଣ କରିବି। ମୁଁ ଏ କଥା ମଧ୍ୟ ସୁନିଶ୍ଚିତ କରିବି ଯେ ମୋର କାମ ସବୁଠାରୁ ଉଚ୍ଚମାନର ହେବ।

– କିଛିମନେ ନ କରି ତୁମେ କହିବ କି ତୁମେ କାହିଁକି ଏତେ ଅଧିକ ଦରମା ଚାହୁଁଛ?

– ମୁଁ ମୋ' ଦରମାର କିଛି ଅଂଶ ଏପରି ଏକ ଟ୍ରଷ୍ଟକୁ ଦେବାକୁ ଚାହେଁ, ଯାହା ପଇସା ନ ଦେଇ ପାରୁଥିବା ଭଲ ଛାତ୍ରମାନଙ୍କୁ ସାହାଯ୍ୟ କରିବ।

ତା' ଉତ୍ତର ଶୁଣି ମୋ' ମନ ଦ୍ରବୀଭୂତ ହୋଇଗଲା। ଏହାପରେ ପଚାରିବାକୁ ଆଉ କିଛି ନ ଥିଲା। ସେ ପିଲାଟି ରୁମ୍‌ରୁ ବାହାରି ଗଲାବେଳକୁ ଆମେ ସମସ୍ତେ ଏକମତ ହୋଇ ସାରିଥିଲୁ ଯେ ଆମେ ତାକୁ ହିଁ ନିଯୁକ୍ତ କରିବୁ। ଆମେମାନେ କଥା ହେଉଥିବା ବେଳେ ସେହି କିରାଣି ଜଣକ ରୁମ୍‌କୁ ଆସିଲା, ଯିଏକି ଇଣ୍ଟରଭ୍ୟୁ ପାଇଁ ଆସିଥିବା ପ୍ରାର୍ଥୀମାନଙ୍କୁ ଯିବାଆସିବା ଟଙ୍କା ଦେଉଥିଲା। ସେ କହିଲା– ''ଆପଣ ଶେଷ ପିଲାଟି ପାଇଁ ଦସ୍ତଖତ କରିଦେବେ କି? ସେ ତା'ର ଯିବାଆସିବା ପାଇଁ ଟଙ୍କା ନେଲା ନାହିଁ। ସେ କହିଲା ଯେ, ସେ ତା' ମାଉସୀଙ୍କ ପାଖରେ ରହୁଛି ଓ ନିଜର କିଛି କାମରେ ସେ ଏ ସହରକୁ ଆସିଥିଲା।''

ବର୍ତ୍ତମାନ ପିଲାଟିର ସଚ୍ଚୋଟତାରେ ମୁଁ ଏକବାରେ ଆଶ୍ଚର୍ଯ୍ୟ ହୋଇଗଲି। ମୁଁ ତା' ପ୍ରବେଶିକା ଫର୍ମଟିରେ ଭଲକରି ନଜର ପକାଇ ତା' ସ୍ଥାୟୀ ଠିକଣା ଦେଖିଲି। ସେ ଜଣେ ପ୍ରଖ୍ୟାତ ଡାକ୍ତରଙ୍କ ପୁଅ ଥିଲା। ଏ କଥା ସୁନିଶ୍ଚିତ ଥିଲା ଯେ ପଇସା କିମ୍ବା ସମ୍ମାନ ତା'ଠାରୁ ତା' ସଚ୍ଚୋଟତା ଓ ସରଳପଣିଆକୁ ଚୋରି କରିପାରି ନ ଥିଲା।

ମୋ: ୯୪୩୮୩୬୧୧୯୬



# କବିତା

## ଅପ୍ରେମ

**ପ୍ରବୀଣ କୁମାର କବି**

ଦେହରୁ ପ୍ରାଣ ଛାଡ଼ିଗଲା ପରେ ବି
ଦେହ ପ୍ରେମ ମାଗେ,
ନିଦ ମାଗେ, ଭୋକ ମାଗେ!

ଦେହର ଡାକରେ ପ୍ରେମ ଆସେ
ଦେହସାରା ନିଆଁର ମହକ ବାସେ
ବିରହୀ ବୟସ ହସେ,
ଖଣ୍ଡିଆ ମାଦଳ ବାଜେ,
ପାଉଁଶରୁ ଶୁଭେ ବଂଶୀସ୍ୱନ।

ବଂଶୀସ୍ୱନ ଶୁଣି
ନିଦ ଆସେ ଦେହକୁ,
ହେଲେ ସେ କ'ଣ ଆଉ
ଦେହ ହେଇଥାଏ!
ସେ ବନି ସାରିଥାଏ ପଦ୍ମବନ,
ଧରିସାରିଥାଏ କାମଦଣ୍ଡ
ଅଗ୍ନିସ୍ନାନର ମୋହରେ,
ଯାହାଠି ଜଳୁଥାନ୍ତି ଫୁଲ
ଜଳୁଥାନ୍ତି ମାତାଲ ମହୁମାଛିମାନେ
କିଞ୍ଚିତ୍ ମୁକ୍ତିର ଆଶାରେ।

ମୁକ୍ତି ମିଳୁ କି ନ ମିଳୁ
ମିଳେ ତାଙ୍କୁ ଆତଙ୍କର ଛାଇ,
ଯୋଉଠି ଅଠା ପରି ଲାଖିଥାଏ
ଗୋଟେ ଅଶ୍ଳୀଳ ରାତି,
କିଛି ଅଦୃଶ୍ୟ ନୀଳସ୍ୱପ୍ନ
ଖଣ୍ଡେ କାମନାର କଳାମେଘ
ବର୍ଷିବା ବାହାନା ନେଇ।

କଳାମେଘ ବର୍ଷିଗଲେ
ଭୋକଲାଗେ ଦେହକୁ,
ଆଉ ଭୋକର ଦାଉରେ
ଅଣନିଃଶ୍ୱାସୀ ହେଇ
ସେ ମାଟିକୁ ମାଗେ ମନ,
ପାଣିକୁ ପ୍ରଣୟ,
ପବନକୁ ସପନର ଛାଇ,

ହେଲେ, ମାଟି ଯାଚେ ପାଦଚିହ୍ନ,
ପବନ ଯାଚେ ଦୀର୍ଘଶ୍ୱାସ,
ଆଉ, ପାଣି ଯାଚେ ଲୁହଭିଜା ନଈ!

ଫୁଲର ରସକୁ ମନାକରିଦେବା ମହୁମାଛି
ଆହାର ନିଦ୍ରା ମୈଥୁନର ସୁଖକୁ ଦେହ,
ବର୍ଷା ଓ ଆଲୁଅର ଯୁଗଳବନ୍ଦୀରୁ
ଜନ୍ମ ନେଇଥିବା ଇନ୍ଦ୍ରଧନୁର ମରୀଚିକାକୁ,
ମାଟି ବୁଣିଥିବା ଶବ୍ଦ,
ରଙ୍ଗ ଓ ରସର ଶସ୍ୟରୁ
ଓହରି ଯିବା ସତେ କ'ଣ ସମ୍ଭବ
ଇନ୍ଦ୍ରିୟଙ୍କ ଲହ ଲହ ଶୁଣ୍ଢ

ନିଜକୁ କେନ୍ଦ୍ରକରି ନିଜ ଚାରିଆଡ଼େ
ବୁଣିଥିବା ଜାଲରେ
ନିଜକୁ ବାନ୍ଧି ରଖିଥିବା ବୁଢ଼ିଆଣୀ ପରି
ନିଜର ମାୟାଜାଲରେ
ଛନ୍ଦି ହୋଇଛି ଅନନ୍ତ ନୀଳ
ବାଟ ଖୋଜୁଛି ଖସିଯିବାକୁ
ଚାରିକାନ୍ଥ ଭିତରେ ଅନ୍ଧାର ମେଲିଥିବା
ସୁଖର ପସରାରୁ

ସତରେ କ'ଣ ଉଲଗ୍ନ ହେବା ଏତେ ସହଜ
ରକ୍ତମାଂସର ପ୍ରିୟ ପୋଷାକ ଉତାରିବା
ନର କଙ୍କାଳର?

ମୋ: ୭୯୭୮୦୫୫୬୩୪

## ବିବର୍ତ୍ତନ

**ରାମକୃଷ୍ଣ**

ମାଟି ପାଣି ପବନର ଅଠାକାଠି ପରି
ଏ ରଙ୍ଗବେରଙ୍ଗ ଅନ୍ଧାର
ନିଜର ସଂରଚନାରୁ ମୁକୁଳି ଯିବାକୁ
ବାଟଖୋଜୁଛି ଆକାଶର ଆଲୁଅ ଆଡ଼କୁ

ସତେ କ'ଣ ଏତେ ସହଜ
ସ୍ତନବୃନ୍ତରୁ ମୁକୁଳିଯିବା ଶିଶୁର ଓଠ

ମୋ: ୭୬୦୯୦୭୭୦୨୩

## ଶହୀଦର ପତ୍ନୀ

**ସ୍ମୃତିସୁଧା ସାହୁ**

ସମସ୍ତଙ୍କୁ ସୁଖର ନିଦ ଦେବା ପାଇଁ
ମୋ' ସିନ୍ଦୂରକୁ ମୁଁ
ନିଦ ହଜାଇବାକୁ କହେ,
ଶତ ନାରୀଙ୍କ ଚୁଡ଼ିର ଶବ୍ଦ
ସବୁଦିନ ଶୁଣାଯାଉ ଭାବି
ମୋ' ଚୁଡ଼ିର ଶବ୍ଦକୁ ନିଃଶବ୍ଦ
ହେବାକୁ ବାଧ୍ୟ କରେ,
କେତେ ଦୁଃଖ ଛାତିରେ ଚାପି ରଖି
ମୁଁ ଗର୍ବରେ ଛିଡ଼ା ହୁଏ,
ମୋ' ପଣତ କାନିରେ କାନ୍ଥରେ
ଟଙ୍ଗା ହୋଇଥିବା ଫଟୋକୁ
ପୋଛି ଦେଇ, ନିଜକୁ
ଏକ ଶହୀଦ ଯବାନର
ପତ୍ନୀ ବୋଲାଏ।

ଦେଶପ୍ରେମ ମୋ' ରକ୍ତରେ
ପ୍ରବାହିତ ହୁଏ,
ସେହି ବହ୍ନିରେ ମୁଁ ଝାସ ଦିଏ,
ଶତ ସିଂହର ବଳରେ ନିଜର
ଧୈର୍ଯ୍ୟକୁ ବାନ୍ଧିଦେଇ,
ଆଖିରେ ଆଖିଏ ଗର୍ବ ନେଇ,
ଅନେକ କିଛି ସହ୍ୟ କରେ,
ଅଜାଣତରେ ବୋହିଯାଉଥିବା
ଅଶ୍ରୁକୁ ପୋଛିଦେଇ,
ନିଜକୁ ଏକ ଶହୀଦ ଯବାନର
ପତ୍ନୀ ବୋଲାଏ।

ମୋ: ୮୬୫୮୫୨୮୫୭୭

## କାଳକାଳକୁ



**''ପାଗଳ ହେବାରେ ଏକ ଆନନ୍ଦ ଅଛି,
ଯାହା ଆଉ କେହି ନୁହେଁ,
ଏକା ପାଗଳ ହିଁ ଜାଣେ।''
– ଜନ୍ ଡ୍ରାଇଡେନ୍**

**ଜନ୍ ଡ୍ରାଇଡେନ୍‌ଙ୍କ** ଜନ୍ମ ୯ ଅଗଷ୍ଟ ୧୬୩୧ରେ, ଇଂଲଣ୍ଡର ଆଲ୍ଡୱଇଙ୍କଲ୍‌ରେ ଓ ପରଲୋକ ୧୨ ମେ ୧୭୦୦ରେ, ଲଣ୍ଡନରେ। ଏକାଧାରରେ କବି, ସମାଲୋଚକ, ଅନୁବାଦକ ଓ ନାଟ୍ୟକାର ଡ୍ରାଇଡେନ୍ ଇଂଲିଶ୍ ସାହିତ୍ୟରେ ତାଙ୍କର ବ୍ୟଙ୍ଗାତ୍ମକ ରଚନା ପାଇଁ ବେଶୀ ପ୍ରସିଦ୍ଧ। 'ଅଲ୍ ଫର୍ ଲଭ୍', 'ଦ ଇଣ୍ଡିଆନ୍ କୁଇନ୍', 'ଆଉରଙ୍ଗଜେବ୍' ଓ 'ଦ କଂକ୍ୱେଷ୍ଟ ଅଫ୍ ଗ୍ରାନାଡ଼ା' ନାଟକର ସେ ସଫଳ ସ୍ରଷ୍ଟା। ଜନ୍ ଡନ୍ ଓ ଜନ୍ ମିଲଟନ୍‌ଙ୍କ ପରେ ସେ ହେଉଛନ୍ତି ଇଂଲିଶ୍ ଭାଷାରେ ସବୁଠୁଁ ବଡ଼ କବି ତଥା ସେକ୍ସପିୟର୍ ଓ ବେନ୍ ଜନ୍‌ସନ୍‌ଙ୍କ ପରେ ସବୁଠୁଁ ଖ୍ୟାତନାମା ନାଟ୍ୟକାର। ତାଙ୍କ ସମୟକୁ ଇଂଲିଶ୍ ସାହିତ୍ୟର 'ଡ୍ରାଇଡେନ୍ ଯୁଗ' ବୋଲି ଅଭିହିତ କରାଯାଏ। ସେ କହିଥିଲେ– 'ଈର୍ଷା ହେଉଛି ଆତ୍ମାର ଜଣ୍ଡିସ୍' ଏବଂ ''ଆଗ ଆମେ ଆମ ଅଭ୍ୟାସ ତିଆରି କରୁ ଓ ପରେ ଆମ ଅଭ୍ୟାସ ଆମକୁ ତିଆରି କରେ।''

# ପୁସ୍ତକ ପରିଚୟ

## ଆଞ୍ଜୁଳାଏ ଜଳ




**ଲେଖିକା:** ଅର୍ଚ୍ଚନା ନାୟକ
**ପ୍ରକାଶକ:** ଗ୍ରନ୍ଥ ମନ୍ଦିର, ବିନୋଦ ବିହାରୀ, କଟକ–୨
**ପ୍ରଥମ ପ୍ରକାଶ:** ୨୦୨୨,
**ମୂଲ୍ୟ:** ଟ.୫୦୦/–

ଆଲୋଚ୍ୟ ପୁସ୍ତକଟି ଲେଖିକାଙ୍କର ଏକ ସ୍ମୃତିଲିପି। ପୁସ୍ତକର ପ୍ରଚ୍ଛଦଲେଖରେ କୁହାଯାଇଛି: ''ସାଧାରଣ ଭାବରେ ବଞ୍ଚୁଥିବା ଜଣେ ମଣିଷର ଜୀବନରେ ବେଳେବେଳେ କିଛି ଅସାଧାରଣ ଘଟଣା ଘଟିଥାଏ, କିଛି ଅସାମାନ୍ୟ ଅନୁଭୂତି ମଧ୍ୟ ହୋଇଥାଏ। ସେହି ପ୍ରକାରର କିଛି ସ୍ମୃତିକଥାକୁ ନେଇ ଏହି ପୁସ୍ତକଟିର ପରିକଳ୍ପନା କରାଯାଇଛି।'' ମୋଟ ୩୦ଟି ପ୍ରସଙ୍ଗ ଓ ଏଥିସହ କେତୋଟି ଉପପ୍ରସଙ୍ଗରେ ଲେଖିକା ତାଙ୍କ ଜୀବନର ଗୁରୁତ୍ୱପୂର୍ଣ୍ଣ ଅନୁଭବକୁ ଲିପିବଦ୍ଧ କରିଛନ୍ତି। ଆରମ୍ଭରେ କବିତାରେ ପାଠକମାନଙ୍କ ପ୍ରତି ଏକ ଆବେଦନ ରହିଛି। ସକାଳର ସୂର୍ଯ୍ୟଙ୍କୁ ଟେକିଦେଉଥିବା ଜଳ ଆଙ୍ଗୁଠି ସନ୍ଧିରୁ ଝରିଗଲା ପରେ ଯାହା ହାତପାପୁଲିରେ ରହେ, ସେତକ କଥା ସେ ଏ ବହିଟିରେ ସମ୍ପାଦିଛନ୍ତି ଓ ଏହାର ସଫଳତା/ବିଫଳତାର ବିଚାର ପାଠକଙ୍କ ଉପରେ ଛାଡ଼ିଦେଇଛନ୍ତି। ବହିଟିରେ ଏପରି ସବୁ କଥା କୁହାଯାଇଛି, ଯାହା ବେଳେବେଳେ ଅଲୌକିକ କାହାଣୀ ପରି ଲାଗେ। 'ଶୂନ୍ୟରୁ ଲଡୁ, ଶୂନ୍ୟରୁ ପଦ୍ମ' ଏହିପରି ଗୋଟିଏ ପ୍ରସଙ୍ଗ। ଜଣେ ସାଧାରଣ ପିଅନର ସ୍ତ୍ରୀ, ଯାହାଙ୍କୁ ପ୍ରତି ମଙ୍ଗଳବାର ମା' ଭଗବତୀ ପ୍ରସନ୍ନ ହୁଅନ୍ତି, ସେ ଶୂନ୍ୟରୁ ଲଡୁ ତୋଳି ଆଣିପାରନ୍ତି ଓ ଜଣେ ସାଧାରଣ ଲେଖକ ଶୂନ୍ୟରୁ ରକ୍ତପଦ୍ମ ଉପୁଜାଇ ପାରନ୍ତି। ଏହା ସହଜରେ ବିଶ୍ୱାସଯୋଗ୍ୟ ନ ହେଲେ ବି ଏହା ପଛର ପାରବୈଜ୍ଞାନିକ କାରଣ ଅନୁସନ୍ଧାନ ପାଇଁ ପାଠକର ମନ ବଳେ। ହେତୁବାଦୀମାନେ ଏ ବହିଟି ପଢ଼ିବା ଉଚିତ ଓ ଆମ ଗୋଚରୀଭୂତ ଜ୍ଞାନ ବାହାରେ ଥିବା ଅଗୋଚର ଓ ଅପ୍ରକଟ ରହସ୍ୟର ସୂତ୍ର ଉନ୍ମୋଚନ ଦିଗରେ ପ୍ରୟାସୀ ହେବା ପ୍ରୟୋଜନୀୟ ମନେହୁଏ। ଅର୍ଚ୍ଚନାଙ୍କ କହିବା ଢଙ୍ଗଟି ଆପାତତଃ ଅବିଶ୍ୱସନୀୟତାକୁ ବିଶ୍ୱାସରେ ରୂପାୟିତ କରିବାର କୌଶଳ ଜାଣେ, ତେଣୁ ଚେତନାରୁ ଚେତନାନ୍ତରକୁ ଘେନିଯାଏ।

## ଛାଇପଛରେ ଗୋଡ଼ାଉଥିବା ଅତୀତ

**କବି:** ଡ. ଜଗତ୍‌ବନ୍ଧୁ ଆଚାର୍ଯ୍ୟ
**ପ୍ରକାଶକ:** ସ୍ୱାବଲମ୍ବନ ପବ୍ଲିଶର୍ସ, ବାଲିଆ, ବାଲେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୨,
**ମୂଲ୍ୟ:** ଟ.୯୯/–




ମୋଟ ୪୮ଟି କବିତା ଆଲୋଚ୍ୟ କବିତାଗ୍ରନ୍ଥରେ ସ୍ଥାନିତ ଓ କବିତାଗୁଡ଼ିକୁ ପଢ଼ିଲେ ମନେହୁଏ ଯେପରି ଏହା କବିଙ୍କର ନିଜ ସହ ଏକାନ୍ତରେ କଥୋପକଥନ। କବି ''କବିତା ନିଜେ ନିଜର ସାକ୍ଷୀ'' ଶୀର୍ଷକ ଗଦ୍ୟଲେଖରେ ଲେଖିଛନ୍ତି: ''ମୋ' କବିତା ସ୍ୱପ୍ନର ଛବି ଆଙ୍କି ମୋ' ପଛରେ ଛାଇପରି ଗୋଡ଼ାଉଥାଏ। ମୁଁ ତା' ପଛରେ କି ସେ ମୋ' ପଛରେ ଗୋଡ଼ାଏ ଏବେ ବି ବୁଝିବାକୁ ସମୟ ଆସିନି।'' ଶୀର୍ଷକ କବିତା 'ଛାଇ ପଛରେ ଗୋଡ଼ାଉଥିବା ଅତୀତ'ରେ ଠାଏ କୁହାଯାଏ: ''ତା' ନିଜ ଶରୀରରୁ ଜନ୍ମ ନେଇ,/ ଛାଇ ତାକୁ ସବୁବେଳେ/ ସକାଳରୁ ସଞ୍ଜ, ଗୋଡ଼େଗୋଡ଼େ ଜଗି ବସିଥାଏ/ ଶୈଶବରୁ ଶବାଧାର x x ସମୟ ସୁଯୋଗ ଉଣ୍ଡି/ ଝାମ୍ପିନେବ ପୋଖରୀରୁ ମାଛ।'' ଜୀବନ ଆଉ ମୃତ୍ୟୁର ଏ ଖେଳ, ଯାହାକୁ ପ୍ରତୀକାତ୍ମକ ଭାବେ କବି କବିତାଟିରେ ଆଙ୍କିଛନ୍ତି। ବହିଟି ସାରା ଅବକାଶ ମାତ୍ରେ ପଛରେ ଛାଡ଼ି ଆସିଥିବା ଜୀବନକୁ କବି ଭେଟନ୍ତି, ମୁଗ୍ଧ ହୁଅନ୍ତି ଓ ବିଷାଦରେ ଦୀର୍ଘଶ୍ୱାସ ପକାନ୍ତି। 'ବାରିପଦାରେ ବିତିଥିବା ରାତିଟିଏ' ଓ 'ଜରି ଗୋଟାଉଥିବା ଝିଅ ପ୍ରତି' ଭଳି କବିତା ଚିହ୍ନାଇଦିଏ କବିତାରେ କବିଙ୍କର ଅନୁଭୂତି ଓ ଅଭିଜ୍ଞାନର ଆଢ଼ଦୀର୍ଘ ବହର। 'ବାପା: ବତିଶ ବର୍ଷ ପରେ' କବିତାଟି ଭିତରେ ଅକ୍ଷର ଅପେକ୍ଷା ଅଶ୍ରୁ ଓ ହାହାକାରକୁ ବେଶି ଭେଟିହୁଏ। 'ବାପା ଯେମିତି ଘରର ମୁଖ୍ୟ ଦ୍ୱାରର କବାଟ'– ଏ ଅନୁଭୂତି ଗଭୀର ହୁଏ ବାପା ଚାଲିଗଲା ପରେ। ଘରେ ଲାଗିଥିବା ପ୍ରତିମୂର୍ତ୍ତିଟି ଭିତରେ ବାପାଙ୍କୁ ଭେଟନ୍ତି କାବ୍ୟନାୟକ। ଏ ଆନନ୍ଦ ଲୁହକୁ ବାହନ କରି ଆସେ। କବି 'ପାଗଳ ବ୍ରହ୍ମା' ଓ 'ଦ୍ୱିତୀୟ ଈଶ୍ୱର' ଏବଂ କବିତା କବିର 'ପ୍ରଣବ ଧ୍ୱନି' ଯାହା କବିକଣ୍ଠରୁ ଅସୀମ ଆକାଶ ଆଡ଼େ ଉଠିଯାଏ। 'ଭଙ୍ଗାଚୁଲିରେ ଭୋକର ନିଆଁ ଜଳେ' ଭଳି ଦୁର୍ଲଭ ଧାଡ଼ିଗୁଡ଼ିକୁ ବହିଟିରେ ଭେଟେ ପାଠକ। ଯାହା ହାତକୁ ଯିବ ବହିଟି, ସେ ଅବଶ୍ୟ କୃତାର୍ଥ ହେବ।

# ପୁଣ୍ୟ

**ମୟୂରୀ ଦାଶ**

ଲଘୁ ଗଳ୍ପ

ଆଜି ଆଉ ଥରେ ମଉଳିଗଲା ସବୁ ଫୁଲ ଠାକୁରଙ୍କୁ ଚଢ଼େଇବା ପୂର୍ବରୁ। ବାରମାସି ହେଉ କି ଶୀତଦିନିଆ ଅବା ବର୍ଷାଦିନିଆ, ଏମିତି ସମୟରେ ଫୁଲ ମଉଳିଯିବା କେବେ ଦେଖିନାହାନ୍ତି ସୁଧାକର। କ'ଣ ହେଉଛି କେଜାଣି ଠାକୁରଙ୍କୁ ଚଢ଼େଇବାର କିଛି ସମୟ ପୂର୍ବରୁ ସବୁ ଫୁଲ ଝାଉଁଳି ଯାଉଛି। ଆଜି ପୁଣି ଥରେ ମୁହଁ ଆମ୍ବିଳା କରି ସବୁ ଫୁଲକୁ ଫିଙ୍ଗି ଆସିଲେ। ଏସବୁ କାମ ନିତିଦିନିଆ ହେଇଗଲାଣି। ଭୋର୍ ୫ଟାରୁ ଉଠନ୍ତି ସୁଧାକର ନିତ୍ୟକର୍ମ ସାରି ଫୁଲ ତୋଳିବା ପାଇଁ। ତାଙ୍କର କୋଉ ବଗିଚା ଅଛି ଯେ ତୋଳିବେ? ସେଥିପାଇଁ ନିର୍ଭର କରନ୍ତି ପଡ଼ୋଶୀ କେତେଜଣଙ୍କ ପାଚେରି ପାଖରେ ଠିଆ ହୋଇ ରାସ୍ତାକୁ ଦେଖୁଥିବା କେତୋଟି ଗଛ ଉପରେ। ହେଲେ ପଡ଼ୋଶୀମାନଙ୍କ ଅଧୁଆ ମୁହଁରେ ମୃଦୁ ଗୁଞ୍ଜରିତ ଗାଳି ସୁଧାକରଙ୍କର ଆଦୌ ପସନ୍ଦ ନୁହେଁ। ତେଣୁ ଭୋ'ରୁ ଉଠି ଫୁଲ ତୋଳିବା କାମ ସାରିଦିଅନ୍ତି। ଗାଁରେ ରହିବାବେଳେ ସେ ନିଜେ ଆକାଶୀ, ଟଗର, ଦୁଇଟି ରଙ୍ଗର ମନ୍ଦାର, ଚମ୍ପା, ଅପରାଜିତା ଆଦି ଗଛ ଲଗେଇ ତାହାର ଯତ୍ନ ନେଉଥିଲେ। ଆଉ ଏଇଆ ବି ଭାବିଥିଲେ ଗାଁ ଛାଡ଼ି ସହରରେ ରହିଲେ ଘର ସାମ୍ନାରେ ଗୋଟେ ବଡ଼ ବଗିଚା କରିବେ। ଘର ତ ହେଲା, ହେଲେ ବଗିଚାର ସ୍ୱପ୍ନ ଅଧାରେ ରହିଗଲା। ତାଙ୍କ ସ୍ତ୍ରୀ କଦାପି ଚାହୁଁ ନ ଥିଲେ ଜାଗା ବରବାଦ କରି ଏଣେତେଣେ ଗଛ ଲଗେଇ ସାପ ବେଙ୍ଗ ବିଛାଙ୍କୁ ଆମନ୍ତ୍ରଣ ଦେବାକୁ। ତାଙ୍କ ବରାଦରେ ଦାଣ୍ଡ ଅଗଣା ଓ ବାଡ଼ି ଅଗଣାର ଶତକଡ଼ା ନବେ ଭାଗକୁ ସିମେଣ୍ଟ ଅଗଣାରେ ପରିଣତ କରିଦିଆଗଲା। ତା' ଉପରେ ଗମଲା ରଖି କ୍ରୋଟନ, ଶୋ' ଗଛ, ଗୋଲାପ ଓ କେତୋଟି ଇଂରେଜୀ ଫୁଲଗଛ ଲଗାଗଲା, ଯୋଉ ଗଛଗୁଡ଼ିକରେ ଅକାଳେସକାଳେ କେବେ ଫୁଲ ଫୁଟେନାହିଁ। ସେଥିପାଇଁ ପଡ଼ୋଶୀମାନଙ୍କ ଫୁଲଗଛ ଉପରେ ନିର୍ଭର କରୁଥିଲେ ସୁଧାକର। ହେଲେ ବର୍ତ୍ତମାନ ପରିସ୍ଥିତି ଗମ୍ଭୀର ଆଡ଼କୁ ଗଲାଣି। ପ୍ରତିଦିନ ଏମିତି ଫୁଲ ମଉଳିଯିବା ଶୁଭ ସଂକେତ ନୁହେଁ, ଠାକୁର ଅସଜା ହେଇ ରହିଯାଉଛନ୍ତି। ତା'ଛଡ଼ା ନିତି ଫୁଲ ଦୋକାନରୁ ଫୁଲ କିଣି ଆଣି ଚଢ଼େଇବା ସମ୍ଭବ ନୁହେଁ।

ସୁଧାକର ଏମିତି ପରିସ୍ଥିତି ବିଶ୍ଳେଷଣ କଲାବେଳେ କାନ୍ଥଘଣ୍ଟାରେ ନଜର ପଡ଼ିଲା। ସମୟ ନଅଟା ବାଜି ଚାଳିଶ ମିନିଟ୍। ଧଡ଼ପଡ଼ ହେଇ ବାହାରିଲେ ଅଫିସ୍। ବାରଣ୍ଡାରୁ ଗାଡ଼ି କାଢ଼ିବା ବେଳେ ଦେଖିଲେ ଚଉଁରା ପାଖ ଗମଲାରେ ସମସ୍ତଙ୍କ ଦୃଷ୍ଟି ଆଢ଼ୁଆଳରେ ଫିକା ଲାଲ୍‌ରଙ୍ଗର ଗୋଟେ ଗୋଲାପ ଫୁଟିଛି। ତୋଳିବାକୁ ଚାହୁଁ ନ ଥିଲେ ମଧ୍ୟ ଫୁଲ ତୋଳି ଆଣି ସଙ୍ଗେ ସଙ୍ଗେ ଦଉଡ଼ିଯାଇ ଠାକୁରଙ୍କ ପାଦତଳେ ରଖିଦେଇ ଅଫିସ ବାହାରି ପଡ଼ିଲେ। ଅଫିସ୍ କାମରେ ଘର କଥା ସବୁ ଭୁଲିଯା'ନ୍ତି ସେ। ଆଜି ମଧ୍ୟ କିଛି ବ୍ୟତିକ୍ରମ ନ ଥିଲା। କିନ୍ତୁ ପ୍ରତିଦିନ ଭଳି ଘରକୁ ଆସି ଗୋଡ଼ ହାତ ଧୋଇ ସନ୍ଧ୍ୟା ଦେବାବେଳେ ତାଙ୍କ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ। କାରଣ ସକାଳର ସେଇ ଗୋଲାପ ଫୁଲଟି ସନ୍ଧ୍ୟା ପର୍ଯ୍ୟନ୍ତ ସତେଜ ହୋଇ ରହିଥିଲା, ଯେମିତି ସେ ଛାଡ଼ି ଯାଇଥିଲେ। ଏହାର ତାତ୍ପର୍ଯ୍ୟ ବୁଝିବାକୁ ଆଉ ସମୟ ଲାଗିଲା ନାହିଁ। ଆଖି ଆଗରେ ଝଲସି ଯାଉଥିଲା ଗଛ ଲଗେଇବାଠୁ ଆରମ୍ଭ କରି ଗୋବରଖତ ଦେବା, ପାଣି ସିଞ୍ଚିବା ସହ ଯତ୍ନନେବା ଆଉ ଗଛକୁ ବଡ଼ କରିବାର ପ୍ରକ୍ରିୟା। ସୁଧାକର ଏଥର ବୁଝିଯାଇଥିଲେ ଯେ, ଅନ୍ୟର ଝାଳବୁହା ପରିଶ୍ରମରେ ଉତୁରିଥିବା ଗଛରେ ନୁହେଁ, ପୁଣ୍ୟ ଫୁଲ ହେଇ ଫୁଟେ ନିଜର ହାତଲଗା ଗଛରେ।



ମୋ: ୬୩୭୧୮୦୬୩୦୨

# କାତାର-ଇକ୍ୱେଡର ଉଦ୍‌ଘାଟନୀ ନଭେମ୍ବର ୨୦ରେ

**ଜେନେଭା, ୧୨।୮(ଏପି)**

ପୁରୁଷ ଫୁଟ୍‌ବଲ ବିଶ୍ୱକପ୍ ଗୋଟିଏ ଦିନ ପୂର୍ବରୁ ଆରମ୍ଭ ହେବ। ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ଫୁଟ୍‌ବଲ ଆସୋସିଏଶନ୍ସ(ଫିଫା) ଏ ସମ୍ପର୍କରେ ଗୁରୁବାର ଆନୁଷ୍ଠାନିକ ନିଷ୍ପତ୍ତି ନେଇଛି। ଆୟୋଜକ ଦେଶ କାତାରର ମ୍ୟାଚ ରବିବାର ସନ୍ଧ୍ୟାରେ ଆୟୋଜନ କରାଯିବା ଦ୍ୱାରା ସମଗ୍ର ବିଶ୍ୱରେ ଅଧିକ ଖେଳପ୍ରେମୀ ଏହାକୁ ଉପଭୋଗ କରିପାରିବେ। କାତାର ବର୍ତ୍ତମାନ ନଭେମ୍ବର ୨୧ ପରିବର୍ତ୍ତେ ନଭେମ୍ବର ୨୦ରେ ଦୋହାଠାରେ ଇକ୍ୱେଡର ବିପକ୍ଷ ମ୍ୟାଚ ଖେଳିବ। ଫଳତଃ ବିଶ୍ୱକପ୍ ୨୮ ଦିନ ପରିବର୍ତ୍ତେ ୨୯ ଦିନ ଧରି ଚାଲିବ। ଫିଫା ବିଶ୍ୱକପ୍ ସାଧାରଣତଃ ଜୁନ୍-ଜୁଲାଇରେ ଖେଳାଯାଇଥାଏ। ମାତ୍ର ମରୁଭୂମି ଦେଶ କାତାରରେ ସେତେବେଳେ ଗ୍ରୀଷ୍ମଋତୁ ଚାଲିଥିବାରୁ ଉତ୍ତାପକୁ ଏଡାଇବା ଲାଗି ଟୁର୍ନାମେଣ୍ଟକୁ ଘୁଞ୍ଚାଇ ଦିଆଯାଇଥିଲା। ବିଳମ୍ବରେ ଉଦ୍‌ଘାଟନୀ ଦିବସ ପରିବର୍ତ୍ତନ ଅନେକଙ୍କୁ ବିସ୍ମିତ କରିଛି। ତେବେ ୬ଟି ମହାଦେଶୀୟ ଫୁଟ୍‌ବଲ ପରିଷଦର ସଭାପତି ଏବଂ ଫିଫା ସଭାପତି ଗିଆନି ଇନ୍‌ଫାଣ୍ଟିନୋଙ୍କୁ ନେଇ ଗଠିତ କମିଟି ବୈଠକରେ ସର୍ବସମ୍ମତି କ୍ରମେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ଯୋଜନା ସମ୍ପର୍କରେ ଫିଫା ତରଫରୁ ଗତ ବୁଧବାର ସୂଚନା ଦିଆଯାଇଥିଲା। କାତାର ବର୍ତ୍ତମାନ ବିଶ୍ୱକପ୍‌ରେ ଏହାର ପଦାର୍ପଣ ମ୍ୟାଚ ନଭେମ୍ବର ୨୦ରେ ସ୍ଥାନୀୟ ସମୟ ସନ୍ଧ୍ୟା ୭ଟାରେ ଇକ୍ୱେଡର ବିପକ୍ଷରେ ଉଦ୍‌ଘାଟନୀ ଖେଳିବ। ଏହା ପୂର୍ବରୁ ୬୦,୦୦୦ ଆସନ କ୍ଷମତା ବିଶିଷ୍ଟ ଅଲ୍ ବାୟତ୍ ଷ୍ଟାଡିୟମରେ ଉଦ୍‌ଘାଟନୀ ସମାରୋହ ହେବ। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ କାତାର-ଇକ୍ୱେଡର ଟୁର୍ନାମେଣ୍ଟର ତୃତୀୟ ମ୍ୟାଚ ଥିଲା। ଏହି ମ୍ୟାଚ ପୂର୍ବରୁ ଉଦ୍‌ଘାଟନୀ ସମାରୋହ ହେବାର ଥିଲା। ଇଂଲଣ୍ଡ ଓ ଇରାନ ମଧ୍ୟରେ ଦ୍ୱିତୀୟ ମ୍ୟାଚ ଖେଳାଯିବାର ଘଣ୍ଟାକ ପରେ ଏହା ଅନୁଷ୍ଠିତ ହୋଇଥାନ୍ତା। ଟୁର୍ନାମେଣ୍ଟ ପାଇଁ ଏପ୍ରିଲରେ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଥିଲା। ପରମ୍ପରା ଅନୁସାରେ ଆୟୋଜକ ଦେଶ କାତାର ମ୍ୟାଚକୁ କାହିଁକି ପ୍ରଥମେ ରଖା ନ ଗଲା ସେ ସମ୍ପର୍କରେ ସ୍ପଷ୍ଟ କରାଯାଇ ନ ଥିଲା। ଗୁରୁବାର ନିଷ୍ପତ୍ତି ପୂର୍ବରୁ କାତାରର ଗ୍ରୁପ୍ ଏ'ରେ ନେଦରଲାଣ୍ଡ୍ସ-ସେନେଗାଲ ପ୍ରଥମ ମ୍ୟାଚ୍ ନଭେମ୍ବର ୨୧ ସ୍ଥାନୀୟ ସମୟ ଅପରାହ୍ଣ ୧ଟା ବେଳେ ଖେଳାଯାଇଥାନ୍ତା। ବର୍ତ୍ତମାନ ତାହା ସୋମବାର ସନ୍ଧ୍ୟା ୭ଟାରେ ଖେଳାଯିବ, ଯେଉଁ ସମୟରେ କି ପୂର୍ବନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ କାତାର-ଇକ୍ୱେଡର ମ୍ୟାଚ ଖେଳାଯାଇଥାନ୍ତା। ଫିଫାର ଏହି ନିଷ୍ପତ୍ତିରେ ପ୍ରାୟୋଜକଙ୍କ ସମସ୍ୟା ସୃଷ୍ଟି କରିପାରେ ବୋଲି ବିଶ୍ୱର ଟପ୍ ଟାୟାର ବ୍ୟାକର୍ସ କୋକା-କୋଲା ଓ ଭିସାର ପୂର୍ବତନ ମାର୍କେଟିଂ କାର୍ଯ୍ୟନିର୍ବାହୀ ରିକାର୍ଡୋ ଫୋର୍ଟ ପ୍ରକାଶ କରିଛନ୍ତି। ଉଦାହରଣ ସ୍ୱରୂପ ପ୍ରାୟୋଜକମାନେ ସେମାନଙ୍କ ଅତିଥିଙ୍କ ଲାଗି ହୋଟେଲ, ବିମାନଯାତ୍ରା ପାଇଁ ପୂର୍ବରୁ ବୁକିଂ କରିସାରିଥିବେ। ସମସ୍ତ ଆବଶ୍ୟକ କାର୍ଯ୍ୟ ନେଇ ଚୁକ୍ତି କରିସାରିଥିବେ। ତାରିଖ ବଦଳିବା ଦ୍ୱାରା ସମସ୍ୟା ଉପୁଜିବା ନିଶ୍ଚିତ ବୋଲି ସେ କହିଛନ୍ତି।



**ଫିଫା ବିଶ୍ୱକପ୍**

# ଗ୍ରୀସ୍‌ରେ ଇସ୍ରାଏଲ ଫୁଟ୍‌ବଲ କ୍ଲବର ୧୫ ସମର୍ଥକ ଗିରଫ

**ଥେସାଲୋନିକି (ଗ୍ରୀସ୍), ୧୨।୮(ଏପି):** ଗ୍ରୀସ୍ ପୋଲିସ ଇସ୍ରାଏଲର ଏକ ଫୁଟବଲ କ୍ଲବ ମାକାବି ତେଲ୍ ଆଭିଭ୍‌ର ୧୫ ସମର୍ଥକଙ୍କୁ ଗିରଫ କରିଛି। ଆରିସ ବିପକ୍ଷ ୟୁରୋପା କନ୍‌ଫରେନ୍ସ ଲିଗ୍ ମ୍ୟାଚ୍ ପୂର୍ବରୁ ସେମାନଙ୍କ ନିକଟରୁ ଧୂଆଁ ବୋମା ଓ ଆତସବାଜି ଜବତ କରାଯାଇଛି। ଗୁରୁବାର ମ୍ୟାଚ ପୂର୍ବରୁ ସୁରକ୍ଷା ଯାଞ୍ଚ ବେଳେ ଗିରଫ ହୋଇଥିବା ଏହି ସମର୍ଥକମାନଙ୍କ ବୟସ ୧୬ରୁ ୩୫ ବର୍ଷ ମଧ୍ୟରେ ହେବ ବୋଲି ପୋଲିସ ସୂଚନା ଦେଇଛି। ସେମାନଙ୍କୁ ଶୁକ୍ରବାର ଜଣେ ପ୍ରସିକ୍ୟୁଟରଙ୍କ ସାମ୍ନାରେ ହାଜର କରାଯାଇଥିଲା। ସନ୍ଦିଗ୍ଧଙ୍କ ମଧ୍ୟରୁ ୫ଜଣ ହେଉଛନ୍ତି ନାବାଳକ। ଆରିସ ଏହି ମ୍ୟାଚ ୨-୧ ଗୋଲରେ ଜିତିଥିଲା। କିନ୍ତୁ ଏଗ୍ରିଗେଟ୍‌ରେ ମାକାବି ତେଲ୍ ଆଭିଭ୍ ୩-୨ରେ ଅଗ୍ରଣୀ ରହିଛି।

# ଉଜ୍‌ବେକିସ୍ତାନରେ ଖେଳିବ ଗୋକୁଲମ କେରଳ

**ଏଏଫ୍‌ସି ଓମେନ୍ସ କ୍ଲବ ଚାମ୍ପିୟନଶିପ୍**

**ନୂଆଦିଲ୍ଲୀ, ୧୨।୮(ପି.ଟି.):** ଅଗଷ୍ଟ ୨୩ରେ ଉଜବେକିସ୍ତାନର କ୍ୱାରଶିଠାରେ ଘରୋଇ ଦଳ ସଗ୍‌ଡିଆନା-ଡବ୍ଲ୍ୟୁ ବିପକ୍ଷ ମ୍ୟାଚ ଖେଳି ଇଣ୍ଡିଆନ୍ ଓମେନ୍ସ ଲିଗ୍ ଚାମ୍ପିୟନ ଗୋକୁଲମ କେରଳ ଏଫ୍‌ସି ଓମେନ୍ସ କ୍ଲବ ଚାମ୍ପିୟନଶିପ୍‌ରେ ଏହାର ଅଭିଯାନ ଆରମ୍ଭ କରିବ। କୋଝିକୋଡ୍‌ଭିତ୍ତିକ ଦଳ ଏହାର ପରବର୍ତ୍ତୀ ରାଉଣ୍ଡ ରବିନ ମ୍ୟାଚ ଅଗଷ୍ଟ ୨୬ରେ ଇରାନର ବାମ୍ ଖାତୁନ ଏଫ୍‌ସି ବିପକ୍ଷରେ ଖେଳିବ। ଗୋକୁଲମ କେରଳ ଏହି କଣ୍ଟିନେଣ୍ଟାଲ ଇଭେଣ୍ଟର ଗତ ସଂସ୍କରଣରେ ଖେଳିଥିଲା। ୪ଟି ଦଳକୁ ନେଇ ଅନୁଷ୍ଠିତ ଇଭେଣ୍ଟରେ ତୃତୀୟ ସ୍ଥାନ ଅଧିକାର କରିଥିଲା।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ଅଗଷ୍ଟ ୧୩/୨୦୨୨ (୧୨+୮=୨୦ ପୃଷ୍ଠା) | Sambalpur, Saturday, August 13/2022 | Page 20 | ପୃଷ୍ଠା-୧



## ଭାରତୀୟ ଦଳରେ ଆଶିଷ

ତେହେରାନଠାରେ ହେବାକୁ ଥିବା ୧୮ ବର୍ଷରୁ କମ୍ ଏସିଆନ ପୁରୁଷ ଭଲିବଲ ଚାମ୍ପିୟନଶିପ ପାଇଁ ଭାରତୀୟ ଦଳରେ ଓଡ଼ିଶାର ଆଶିଷ କୁମାର ସ୍ୱାଇଁ ସ୍ଥାନ ପାଇଛନ୍ତି।

୦୮

୦୨

## ମୌନୀଙ୍କ ଟଲିଉଡ୍ ପ୍ରେମ

ବଲିଉଡ୍ ଅଭିନେତ୍ରୀ ମୌନୀ ରାୟ ସାଉଥ୍ ଫିଲ୍ମରେ କାମ କରିବା ପାଇଁ ଇଚ୍ଛା ପ୍ରକଟ କରିଛନ୍ତି।



# ଓଡ଼ିଶା ଆଗକୁ ବଢ଼ିବା ଚିତ୍ର ସ୍ପଷ୍ଟ ହେଉଛି: ମୁଖ୍ୟମନ୍ତ୍ରୀ

**ବାରିପଦା ଅଫିସ/ ମୋରଡ଼ା, ୧୨।୮(ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ମୟୂରଭଞ୍ଜ ଜିଲା ଗସ୍ତରେ ଆସି ଦୁଇଟି ପ୍ରମୁଖ ଜଳସେଚନ ପ୍ରକଳ୍ପକୁ ଲୋକାର୍ପଣ କରିଛନ୍ତି। ଏହା ସହିତ ଜିଲାର ଅନେକ ବିକାଶମୂଳକ କାର୍ଯ୍ୟର ଶୁଭ ଉଦ୍‌ଘାଟନ ଓ ଶିଳାନ୍ୟାସ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସୁବର୍ଣ୍ଣରେଖା ପ୍ରକଳ୍ପ ମାଧ୍ୟମରେ ୬୮୫ କୋଟି ଟଙ୍କା ବ୍ୟୟ ଅଟକଳରେ ଅତିରିକ୍ତ ୧୭,୧୨୧ହେକ୍ଟର ଚାଷଜମି ପାଇଁ ଜଳସେଚନ ସୁବିଧା ଏବଂ ୮୨୩କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ କରଞ୍ଜିଆ ବ୍ଲକ ହାତୀବାରିଠାରେ ଦେଓ ନଦୀ ଉପରେ ନିର୍ମିତ ୧୨୮୦ମିଟର ଦୈର୍ଘ୍ୟ ବିଶିଷ୍ଟ ବନ୍ଧର ଉଭୟ ବାମ ଓ ଦକ୍ଷିଣ ପାର୍ଶ୍ୱରେ ୫୮କି.ମି. କେନାଲରେ ଜଳସେଚନର ଶୁଭ ଉଦ୍‌ଘାଟନ କରିଛନ୍ତି।

ରାସଗୋବିନ୍ଦପୁରସ୍ଥିତ ଟିକପଦାଠାରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜନଜାତି ଭଉଣୀଭାଇମାନଙ୍କ ପାଇଁ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମ ଆଜି ସୁଫଳ ଦେବା ଆରମ୍ଭ କରିଛି। ଶିକ୍ଷା ଓ ରୋଜଗାର ଜରିଆରେ ସେମାନଙ୍କୁ ସଶକ୍ତ କରିବା ପାଇଁ ରାଜ୍ୟ ସରକାରଙ୍କ କାର୍ଯ୍ୟକ୍ରମ ବହୁତ ଆଗକୁ ଯାଇପାରିଛି। ଜନଜାତି ପିଲାମାନେ ଆଜି ସେମାନଙ୍କ ଦକ୍ଷତା ବଳରେ ଦେଶବିଦେଶରେ ସୁନାମ ଅର୍ଜନ କରିପାରୁଛନ୍ତି। ସୁବର୍ଣ୍ଣରେଖା ଅତିରିକ୍ତ ଜଳସେଚନ ପ୍ରକଳ୍ପ ମାଧ୍ୟମରେ ୫୫ହଜାର ଚାଷୀ ଉପକୃତ ହୋଇପାରିବେ। ସୁବର୍ଣ୍ଣରେଖା ରାଜ୍ୟ ସରକାରଙ୍କ ଏକ ବୃହତ ଜଳସେଚନ ପ୍ରକଳ୍ପ। ଏହାଦ୍ୱାରା ସମୁଦାୟ ୭୦ହଜାର ହେକ୍ଟର ଜମିକୁ ଜଳସେଚିତ କରିବାର ଲକ୍ଷ୍ୟ ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ୫୦ହଜାର ହେକ୍ଟରରୁ ଅଧିକ ଚାଷ ଜମିକୁ ପାଣି ସୁବିଧା କରାଯାଇଛି। ସେହିପରି ଦେଓ ଜଳସେଚନ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସ ଜରିଆରେ ଲୋକାର୍ପଣ



ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ଲୋକାର୍ପଣ କାର୍ଯ୍ୟକ୍ରମରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭି.କେ ପାଣ୍ଡିଆନ, ବାଙ୍ଗିରିପୋଷି ବିଧାୟକ ସୁଦାମ ମାରାଣ୍ଡି ଓ ମୟୂରଭଞ୍ଜ ଜିଲା ପରିଷଦ ସଭାପତି ଭାରତୀ ହାଁସଦା।

କରିଥିଲେ। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ବିକାଶ ଏବଂ କଲ୍ୟାଣମୂଳକ ଯୋଜନା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମର ସବୁ କାର୍ଯ୍ୟକ୍ରମ ଲୋକଙ୍କୁ ସଶକ୍ତ କରିଛି ଏବଂ ଲୋକଙ୍କ ଆଦର ଲାଭ କରିଛି। ୫-ଟି ସ୍କୁଲ ରୂପାନ୍ତର କାର୍ଯ୍ୟ ପିଲାମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି କରିଛି। ଯେତେବେଳେ ମୟୂରଭଞ୍ଜର ପିଲାଟିଏ ଗାଁ ସ୍କୁଲରେ ବିଶ୍ୱସ୍ତରୀୟ ଶିକ୍ଷା ସୁବିଧା ପାଉଛି, ସେତେବେଳେ କେବଳ ପିଲା ନୁହେଁ ବା ଗାଁ ନୁହେଁ, ସାରା ଓଡ଼ିଶା ଆଗକୁ ବଢ଼ିବାର ଚିତ୍ର ସ୍ପଷ୍ଟ ହେଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଲୋକାର୍ପିତ ହୋଇଥିବା ପ୍ରକଳ୍ପ ଦ୍ୱାରା ମୟୂରଭଞ୍ଜର ପ୍ରାୟ ୯୯୦୦ ହେକ୍ଟର ଚାଷ ଜମିକୁ ଜଳସେଚନର ସୁବିଧା ମିଳିବା ସହିତ ୧୦୦ ଗ୍ରାମର ପ୍ରାୟ ୨ଲକ୍ଷ ଲୋକ ଉପକୃତ ହେବେ। ଅନ୍ୟମାନଙ୍କ ମଧ୍ୟରେ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର, ମୋରଡ଼ା ବିଧାୟକ ☞ପୃଷ୍ଠା-୭

- **ଦେଓ, ସୁବର୍ଣ୍ଣରେଖା ଅତିରିକ୍ତ ଜଳସେଚନ ପ୍ରକଳ୍ପ ଲୋକାର୍ପିତ**
- **ଉପକୃତ ହେବେ ମୟୂରଭଞ୍ଜ, ବାଲେଶ୍ୱର ଜିଲାର ୫୫ ହଜାର ଚାଷୀ**




# ସଲ୍‌ମାନ ରଶ୍‌ଡିଙ୍କୁ ଛୁରାମାଡ଼



ଛୁରାମାଡ଼ ପରେ ତଳେ ପଡ଼ିଯାଇଛନ୍ତି ସଲ୍‌ମାନ ରଶ୍‌ଡି। ଇନ୍‌ସେଟ୍‌ରେ ସଲ୍‌ମାନ ରଶ୍‌ଡି।

**ଚୌଟାଉକା, ୧୨।୮**

ବୁକର୍ ପୁରସ୍କାର ବିଜେତା ଭାରତ ଜନ୍ମିତ ଖ୍ୟାତନାମା ଔପନ୍ୟାସିକ ସଲ୍‌ମାନ ରଶ୍‌ଡି ଶୁକ୍ରବାର ଆମେରିକାର ନ୍ୟୁୟର୍କସ୍ଥିତ ଏକ ବକ୍ତୃତା ମଞ୍ଚରେ ଉପସ୍ଥିତ ଥିବାବେଳେ ତାଙ୍କୁ ଛୁରାମାଡ଼ ହୋଇଛି। ଚୌଟାଉକା ଇନ୍‌ଷ୍ଟିଚ୍ୟୁଶନ ପକ୍ଷରୁ ବକ୍ତୃତା କାର୍ଯ୍ୟକ୍ରମ ଚାଲିଥିବାବେଳେ ଜଣେ ବ୍ୟକ୍ତି ମଞ୍ଚ ଉପରକୁ ମାଡ଼ିଯାଇ ରଶ୍‌ଡିଙ୍କୁ ମୁଥ ମାରିବା ସହ ଛୁରାମାଡ଼ କରିଥିଲେ। ରଶ୍‌ଡି ମଞ୍ଚରେ ପଡ଼ିଯାଇଥିଲେ। ଆକ୍ରମଣକାରୀଙ୍କୁ ଅନ୍ୟମାନେ କାବୁ କରିନେଇଥିଲେ ବୋଲି ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

ସୂଚନାଯୋଗ୍ୟ, ରଶ୍‌ଡିଙ୍କ ପୁସ୍ତକ 'ସାଟାନିକ ଭର୍ସେସ'କୁ ୧୯୮୮ରୁ ଇରାନରେ ବେଆଇନ ଘୋଷଣା କରାଯାଇଛି। ଅଧିକାଂଶ ମୁସଲମାନ ଉକ୍ତ ପୁସ୍ତକକୁ ଆଲ୍ଲା ନିନ୍ଦାକାରୀ ବୋଲି ବିବେଚନା କରିଥାନ୍ତି। ଏହାର ବର୍ଷକ ପରେ ଇରାନର ତତ୍କାଳୀନ ନେତା ଆୟାତୋଲ୍ଲା ରୁହୋଲ୍ଲା ଖୋମିନି ଏକ ଫତୱା ବଳରେ ରଶ୍‌ଡିଙ୍କୁ ହତ୍ୟା କରିବା ପାଇଁ ଆହ୍ୱାନ ଦେଇଥିଲେ। ହତ୍ୟାକାରୀଙ୍କୁ ୩ ନିୟୁତ ଡଲାର ପୁରସ୍କାର ମିଳିବ ବୋଲି ଘୋଷଣା କରାଯାଇଥିଲା। ଇରାନ ସରକାର ଖୋମିନିଙ୍କ ଫତୱାଠାରୁ ନିଜକୁ ଦୂରେଇ ରଖିଥିଲେ ମଧ୍ୟ ସେଠାରେ ରଶ୍‌ଡି ବିରୋଧୀ ମନୋଭାବ ଦୀର୍ଘଦିନ ଧରି ରହିଥିଲା। ୨୦୧୨ରେ ଇରାନର ଏକ ଧର୍ମୀୟ ଫାଉଣ୍ଡେଶନ ରଶ୍‌ଡିଙ୍କ ହତ୍ୟା ଲାଗି ୨.୮ ନିୟୁତରୁ ୩.୩ ନିୟୁତ ଡଲାର ପର୍ଯ୍ୟନ୍ତ ପୁରସ୍କାର ଅର୍ଥ ସଂଗ୍ରହ କରିଥିଲା। ସେତେବେଳେ ଲେଖକ ହତ୍ୟା ଧମକକୁ ଖଣ୍ଡନ କରି ପୁରସ୍କାରରେ କେହି ଆଗ୍ରହୀ ଥିବାର ପ୍ରମାଣ ନାହିଁ ବୋଲି କହିଥିଲେ।

# ଘରଭଡ଼ା ଉପରେ ୧୮% ଜିଏସ୍‌ଟି

**ନୂଆଦିଲ୍ଲୀ, ୧୨।୮**

- **ପଞ୍ଜୀକୃତ ବ୍ୟବସାୟିକ ସଂସ୍ଥା ପୈଠ କରିବେ**
- **ଭଡ଼ାଘରେ ରହୁଥିବା ବେତନଭୋଗୀଙ୍କୁ ଦେବାକୁ ପଡ଼ିବନି ଟିକସ**

ଗତ ଜୁଲାଇ ୧୮ରେ କାର୍ଯ୍ୟକାରୀ ହୋଇଥିବା ନୂଆ ଜିଏସ୍‌ଟି ନିୟମାବଳୀ ଅନୁଯାୟୀ ଭଡ଼ାଟିଆମାନଙ୍କୁ ଘର ବା ସମ୍ପତ୍ତି ଭଡ଼ା ଉପରେ ୧୮ ପ୍ରତିଶତ ଦ୍ରବ୍ୟ ଓ ସେବା ଟିକସ ଦେବାକୁ ପଡ଼ିବ। ଏହା କେବଳ ଜିଏସ୍‌ଟି ଅଧୀନରେ ପଞ୍ଜୀକୃତ ଭଡ଼ାଟିଆଙ୍କ ପାଇଁ ଲାଗୁ ହେବ, ଅର୍ଥାତ୍ ଜିଏସ୍‌ଟି ପଞ୍ଜୀକୃତ ବ୍ୟକ୍ତି ଘର ବା ଜମି ଭଡ଼ାରେ ନେଇ ବ୍ୟବସାୟ ଚଳାଉଥିଲେ କିମ୍ବା କୌଣସି ପେସାରେ ନିୟୋଜିତ ଥିଲେ ସେ ମାଲିକଙ୍କୁ ୧୮ ପ୍ରତିଶତ ଜିଏସ୍‌ଟି ପ୍ରଦାନ କରିବେ। ଘର ଭଡ଼ା ନେଇ ରହୁଥିବା ବ୍ୟକ୍ତିଙ୍କୁ ଟିକସ ଦେବାକୁ ପଡ଼ିବ ନାହିଁ।

ପୂର୍ବରୁ କେବଳ ଅଫିସ୍ କିମ୍ବା ବ୍ୟବସାୟ ଚଳାଇବା ପାଇଁ ଭଡ଼ାରେ କିମ୍ବା ଲିଜ୍‌ରେ ନେଇଥିବା ବ୍ୟବସାୟିକ ସମ୍ପତ୍ତି ଉପରେ ଜିଏସ୍‌ଟି ଲାଗୁ ହେଉଥିଲା। ଆବାସିକ ସମ୍ପତ୍ତି କୌଣସି କର୍ପୋରେଟ ହାଉସ କିମ୍ବା ବ୍ୟକ୍ତିବିଶେଷ ଭଡ଼ା ଅଥବା ଲିଜ୍‌ରେ ନେଇଥିଲେ ଏଥିପାଇଁ ଜିଏସ୍‌ଟି ଦେବାକୁ ପଡୁ ନ ଥିଲା। ତେବେ ନୂଆ ନିୟମାବଳୀରେ ରିଭର୍ସ ଚାର୍ଜ ମେକାନିଜମ୍ (ଆର୍‌ସିଏମ୍) ଅଧୀନରେ ଜିଏସ୍‌ଟି ପଞ୍ଜୀକୃତ ଭଡ଼ାଟିଆ ଟିକସ ପୈଠ କରିବେ। ସେମାନେ ପୈଠ କରିଥିବା ଜିଏସ୍‌ଟି ଉପରେ ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟ୍‌ରେ ଡିଡକ୍ସନ ଦାବି କରିପାରିବେ ଏବଂ ଜିଏସ୍‌ଟି ରିଟର୍ନ ଫାଇଲ କରିପାରିବେ। ତେବେ ସମ୍ପତ୍ତିର ମାଲିକ ଜିଏସ୍‌ଟି ପ୍ରଦାନ କରିବେ ନାହିଁ।

ସେହିପରି ସାଧାରଣ ବେତନଭୋଗୀ କର୍ମଚାରୀ ଆବାସିକ ଘର ବା ଫ୍ଲାଟ ଭଡ଼ା କିମ୍ବା ଲିଜ୍‌ରେ ନେଇ ରହିଥିଲେ, ସେଥିପାଇଁ ଜିଏସ୍‌ଟି ଦେବାକୁ ପଡ଼ିବ ନାହିଁ। ଜିଏସ୍‌ଟିରେ ପଞ୍ଜୀକୃତ ହୋଇଥିବା ବ୍ୟକ୍ତି ଉକ୍ତ ଘରେ ବା ସମ୍ପତ୍ତିରେ ବ୍ୟବସାୟ ବା କୌଣସି ପେସା ଚଳାଇଥିଲେ, ମାଲିକଙ୍କୁ ଭଡ଼ା ଉପରେ ୧୮% ଜିଏସ୍‌ଟି ଦେବେ ବୋଲି କ୍ଲିୟରଟ୍ୟାକ୍ସର ପ୍ରତିଷ୍ଠାତା ତଥା ସିଇଓ ଅର୍ଚ୍ଚିତ ଗୁପ୍ତା କହିଛନ୍ତି। ବ୍ୟବସାୟ ବା ପେସା ଚଳାଇଥବା ବ୍ୟକ୍ତିଙ୍କ ବାର୍ଷିକ କାରବାର ଧାର୍ଯ୍ୟ ସୀମାରୁ ଅଧିକ ହୋଇଥିଲେ, ସେମାନଙ୍କ ପାଇଁ ଜିଏସ୍‌ଟି ପଞ୍ଜୀକରଣ ବାଧ୍ୟତାମୂଳକ।

# ରତ୍ନଭଣ୍ଡାର ଖୋଲିବା ନେଇ ଜୋର୍ ଧରିଲା ଚର୍ଚ୍ଚା

**ସ୍ଥିତି ଯାଞ୍ଚ ନେଇ ଏଏସ୍‌ଆଇର ଚିଠି ପ୍ରସଙ୍ଗ**

**ପୁରୀ ଅଫିସ, ୧୨।୮**

- **କମିଟି ସଦସ୍ୟ ଓ ଭଣ୍ଡାର ମେକାପ କହିଲେ ମରାମତି ଆବଶ୍ୟକ**
- **ପରିଚାଳନା କମିଟି ନିଷ୍ପତ୍ତି ଉପରେ ନିର୍ଭର: ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ**

ଶ୍ରୀମନ୍ଦିର ରତ୍ନଭଣ୍ଡାର ସ୍ଥିତି ଯାଞ୍ଚ ନେଇ ଶ୍ରୀମନ୍ଦିର ପ୍ରଶାସନକୁ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ଭେ (ଏଏସ୍‌ଆଇ) ଚିଠି ଲେଖିବା ପରେ ରତ୍ନଭଣ୍ଡାର ଖୋଲିବା ନେଇ ଚର୍ଚ୍ଚା ଜୋର ଧରିଛି। ଏହି ପ୍ରସଙ୍ଗରେ ଶ୍ରୀମନ୍ଦିର ପରିଚାଳନା କମିଟି କି ନିଷ୍ପତ୍ତି ନେଉଛି ତାହାରି ଉପରେ ସମସ୍ତଙ୍କ ନଜର ରହିଛି। ପରିଚାଳନା କମିଟି ସୁପାରିସ ଉପରେ ସବୁ କିଛି ନିର୍ଭର କରୁଛି। ତେଣୁ ଆଇନ ବିଭାଗକୁ ଶ୍ରୀମନ୍ଦିର ପରିଚାଳନା କମିଟି କ'ଣ ସୁପାରିସ କରିବ ତାହାକୁ ନେଇ ମଧ୍ୟ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ପରିଚାଳନା କମିଟି ବୈଠକରେ ଏଏସ୍‌ଆଇ ଚିଠିକୁ ଶ୍ରୀମନ୍ଦିର ପ୍ରଶାସନ ଉପସ୍ଥାପନ କରିବ। ରତ୍ନଭଣ୍ଡାର ଯାଞ୍ଚ ଓ ମରାମତି ପାଇଁ ଆବଶ୍ୟକ ପଦକ୍ଷେପ ନେବା ଲାଗି ଶ୍ରୀମନ୍ଦିର ପ୍ରଶାସନକୁ ଏଏସ୍‌ଆଇ ଚିଠି ଲେଖିଛି। ପରିଚାଳନା କମିଟି ବୈଠକରେ ଏନେଇ ଆଲୋଚନା କରାଯିବା ପରେ ସ୍ୱୀକୃତି ଲାଗି ଆଇନ ବିଭାଗକୁ ପଠାଯିବ। ଏହାପରେ ରାଜ୍ୟ ସରକାର ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ମୁଖ୍ୟତଃ ଶ୍ରୀମନ୍ଦିର ପରିଚାଳନା କମିଟିର ନିଷ୍ପତ୍ତି ଉପରେ ସବୁକିଛି ନିର୍ଭର କରୁଛି ବୋଲି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ ଜେନା କହିଛନ୍ତି।

୨୦୧୮ରେ ରତ୍ନଭଣ୍ଡାର ଯାଞ୍ଚ ପାଇଁ ଗଠିତ କମିଟିର ସଦସ୍ୟ ତଥା ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡ଼ି କହିଛନ୍ତି, ୨୦୧୮ ମସିହାରେ ପ୍ରାଧିକୃତ କମିଟି ସ୍ଥିତି ଯାଞ୍ଚ ବେଳେ ଉଭୟ ବାହାର ଓ ଭିତର ରତ୍ନଭଣ୍ଡାରର ମରାମତି ଆବଶ୍ୟକ ବୋଲି ହୃଦ୍‌ବୋଧ କରିଥିଲା। ଶ୍ରୀମନ୍ଦିର ସୁରକ୍ଷା ଦୃଷ୍ଟିକୋଣରୁ ରତ୍ନଭଣ୍ଡାର ମରାମତି ନିହାତି ଆବଶ୍ୟକ। ତେଣୁ ମୋର ବ୍ୟକ୍ତିଗତ ମତ ହେଉଛି, ରତ୍ନଭଣ୍ଡାର ମରାମତି ଲାଗି କାର୍ଯ୍ୟକ୍ରମ ହାତକୁ ନିଆଯାଉ। ସେହିଭଳି ଶ୍ରୀମନ୍ଦିର ଭଣ୍ଡାର ମେକାପ ନାରାୟଣ ମେକାପ ମଧ୍ୟ ସମାନ କଥା କହିଛନ୍ତି। ସେ କହିଛନ୍ତି, ଭଣ୍ଡାର ମେକାପ ଭାବେ ଆମେ ଆମ ଦାୟିତ୍ୱ ସମ୍ପାଦନ କରିଛୁ। ବିଭିନ୍ନ ସମୟରେ ରତ୍ନଭଣ୍ଡାର ☞ପୃଷ୍ଠା-୭

# ବାଘ ଶିକାରୀଙ୍କୁ ଧରାଇଦେଲା ଫଟୋ

**ନୟାଗଡ଼ ଅଫିସ, ୧୨।୮**

- **୪ ବର୍ଷ ତଳେ ୪ଜଣ ଶିକାର କରିଥିଲେ**
- **ଜଣେ ଗିରଫ, ତାର, ଛୁରି ଜବତ**

୪ ବର୍ଷ ତଳେ ୪ଜଣ ବ୍ୟକ୍ତି କଲରାପତରିଆ ବାଘ ଶିକାର କରିଥିଲେ। ଜଣେ ଶିକାରୀ ମୃତ ବାଘ ସହ ଫଟୋ ଉଠାଇଥିଲେ। ଏବେ ସେହି ଫଟୋ ସେମାନଙ୍କୁ ଧରାଇଦେଇଛି। ଏହି ଘଟଣାରେ ନୟାଗଡ଼ ବନଖଣ୍ଡ ପଞ୍ଚରିଡ଼ା ରେଞ୍ଜ ବନ କର୍ମଚାରୀମାନେ ଗୁରୁବାର ସମ୍ପୃକ୍ତ ଶିକାରୀ ସଞ୍ଜୟ ସ୍ୱାଇଁଙ୍କୁ ଗିରଫ କରିଛନ୍ତି। ତାଙ୍କୁ ଶନିବାର କୋର୍ଟଚାଲାଣ କରାଯିବ। ସଞ୍ଜୟଙ୍କଠାରୁ ଶିକାର ସମୟର ତାର ଓ ଛୁରି ଜବତ ହୋଇଛି। ଅନ୍ୟ ୩ ଶିକାରୀଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଥିବା ତଦନ୍ତରୁ ଜଣାପଡ଼ିଛି। ଅନ୍ୟ ୨ଜଣ ଶିକାରୀଙ୍କୁ ଗିରଫ କରିବାକୁ ବନ ବିଭାଗ ଚେଷ୍ଟା ଚଳାଇଛି। ଏନେଇ ନୟାଗଡ ବନଖଣ୍ଡ ଅଧିକାରୀ(ଡିଏଫ୍‌ଓ) କ୍ଷମା ଷଡ଼ଙ୍ଗୀ କୁହନ୍ତି, ବାଘ ଶିକାର ସମୟର ଏକ ଫଟୋ ବନ ବିଭାଗକୁ ଅଗଷ୍ଟ ପ୍ରଥମ ସପ୍ତାହରେ ମିଳିଥିଲା। ଖୋଳତାଡ଼ରୁ ଜଣାପଡ଼ିଲା ଯେ, ବାଘ ସହ ଫଟୋ ଉଠାଇଥିବା ଯୁବକ ଜଣକ ଶରଣକୁଳ ନିକଟ ପଞ୍ଚରିଡ଼ା ବନାଞ୍ଚଳ ଅନ୍ତର୍ଗତ ଗୋଡ଼ିପଲ୍ଲୀ ଗାଁର ସଞ୍ଜୟ ସ୍ୱାଇଁ। ସଞ୍ଜୟଙ୍କ ଘରେ ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସେହି ସମୟରେ ସଞ୍ଜୟ ନ ଥିଲେ। ସଞ୍ଜୟ ଗୁଜୁରାଟରେ ରହୁଛନ୍ତି ବୋଲି ତାଙ୍କ ସ୍ତ୍ରୀ କହିଥିଲେ। ବନବିଭାଗ ପକ୍ଷରୁ ଏନେଇ ଅଧିକ ତଦନ୍ତ କରିବା ପରେ ସଞ୍ଜୟ ଭୁବନେଶ୍ୱରରେ ରହୁଥିବା ଜଣା ପଡ଼ିଥିଲା। ବନ ବିଭାଗ ପକ୍ଷରୁ ଗିରଫ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବାବେଳେ ଶୁକ୍ରବାର ସଞ୍ଜୟ ଗୋଡ଼ିପଲ୍ଲୀସ୍ଥିତ ଘରକୁ ଆସିଥିଲେ। ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ତାଙ୍କୁ ଗିରଫ କରାଯାଇଥିଲା। ତାଙ୍କ ଘରୁ ତାର ଓ ଛୁରି ଜବତ କରାଯାଇଛି। ସଞ୍ଜୟଙ୍କ ସୂଚନା ଅନୁସାରେ ବାଘ ଶିକାରରେ ୪ଜଣଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି। ତନ୍ମଧ୍ୟରୁ ଜଣେ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ଅନ୍ୟ ଜଣଙ୍କର ନାଁ ସଞ୍ଜୟ କହିଥିବାବେଳେ ଚତୁର୍ଥ ଶିକାରୀଙ୍କ ନାଁ ମନେପଡୁନି ବୋଲି କହିଛନ୍ତି। ତେବେ ବାଘ ଛାଲ ବିକ୍ରି ହୋଇ ନାହିଁ, ତାହା ମୃତ ଶିକାରୀ ଜଣକ ନେଇଥିବା ସେ କହିଛନ୍ତି। ତେବେ ସଞ୍ଜୟ କିଛି କଥା ଲୁଚାଇବା ଭଳି ମନେ ହେଉଛି। ଏଭଳି ସ୍ଥଳେ ଚତୁର୍ଥ ଶିକାରୀଙ୍କୁ ଚିହ୍ନଟ ପାଇଁ ପଚରାଉଚରା ତ୍ୱରାନ୍ୱିତ କରାଯାଇଛି। ଚତୁର୍ଥ ଶିକାରୀ ବାଘ ଛାଲ ରଖିଥାଇପାରନ୍ତି ☞ପୃଷ୍ଠା-୭



# ନବବିବାହିତଙ୍କୁ ମିଳିବ 'ନବଦମ୍ପତି କିଟ୍'

**ଭୁବନେଶ୍ୱର, ୧୨।୮(ବ୍ୟୁରୋ)**



ନବଦମ୍ପତିଙ୍କ ବୈବାହିକ ଜୀବନକୁ ସୁସ୍ଥ, ସୁନ୍ଦର କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ଉପହାର ମାଧ୍ୟମରେ ସଚେତନ କରିବ ଜାତୀୟ ସ୍ୱାସ୍ଥ୍ୟ ମିଶନ। ଉକ୍ତ ଉପହାରର ନାଁ ରହିଛି 'ନବଦମ୍ପତି କିଟ୍'। ଏ ସମ୍ପର୍କରେ ସୂଚନା ଦେଇ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି ଯେ, ନବଦମ୍ପତିମାନେ ପ୍ରଥମ ସନ୍ତାନ ଓ ଦ୍ୱିତୀୟ ସନ୍ତାନ ଲାଗି ଅତିକମ୍‌ରେ ୩ ବର୍ଷର ବ୍ୟବଧାନ ରଖନ୍ତୁ। ନବଦମ୍ପତିଙ୍କ ମଧ୍ୟରେ ଏହାକୁ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ବିବାହ ଉପହାର ଯୋଜନା ଆରମ୍ଭ କରାଯାଉଛି। ସେଥିରେ କିଛି ପରିବାର କଲ୍ୟାଣ ପୁସ୍ତିକା, କଣ୍ଡୋମ, ଓରାଲ କଣ୍ଟ୍ରାସେପ୍ଟିକ ପିଲ୍‌ସ, ପ୍ରେଗ୍‌ନେନ୍ସି ଟେଷ୍ଟିଂ କିଟ୍, ଏମରଜେନ୍ସି କଣ୍ଟ୍ରାସେପ୍ଟିକ ପିଲ୍‌ସ, ରୁମାଲ, ତଉଲିଆ, ନେଲ୍ କଟର, ଆଇନା, ପାନିଆ, ଟିକିଲି ରହିବ। ଏଥିସହିତ ସେହି ଗିଫ୍ଟ ଭିତରେ ବିବାହ ପଞ୍ଜୀକରଣ ଫର୍ମ ମଧ୍ୟ ନବଦମ୍ପତିଙ୍କୁ ପ୍ରଦାନ କରାଯିବ। ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ ହୋଇସାରିଛି। ଉଭୟ ସହର ଓ ଗ୍ରାମରେ ଏହା ଚଳିତ ବର୍ଷ ସେପ୍ଟେମ୍ବରରୁ କାର୍ଯ୍ୟକାରୀ ହେବ। ଆଶାକର୍ମୀମାନେ ଏହି ଗିଫ୍ଟ ବାହାଘର ଦିନ ନେଇ ନବଦମ୍ପତିଙ୍କୁ ଦେବେ। ପ୍ରଥମ ରାଜ୍ୟ ଭାବେ ଓଡ଼ିଶାରେ ନବଦମ୍ପତିଙ୍କୁ ବିବାହ ଉପହାର ଯୋଜନା ଆରମ୍ଭ ହେଉଥିବା ଡା. ପାଣିଗ୍ରାହୀ କହିଛନ୍ତି।

**କେଏଫ୍‌ସିର ସ୍ୱତନ୍ତ୍ର ବକେଟ୍**

**ନୂଆଦିଲ୍ଲୀ:** ଭାରତରେ ପ୍ରଥମ ଥର ପାଇଁ କେଏଫ୍‌ସି ପକ୍ଷରୁ ଏକ ସୀମିତ ସଂସ୍କରଣର ସ୍ୱତନ୍ତ୍ର ୧୫ ବକେଟ୍‌ର ଉପସ୍ଥାପନ କରାଯାଇଛି। ଏହା ହେଉଛି ଏକ ସ୍ୱତନ୍ତ୍ର ଡିଜାଇନ ସହ ସୁନ୍ଦର ବକେଟ୍ (ବାଲ୍‌ଟି)। ଏହି ଆକର୍ଷଣୀୟ ବକେଟ୍ ଦେଶର ୧୫୦ ସହରରେ ବ୍ରାଣ୍ଡର ଉପସ୍ଥିତିକୁ ପାଳନ କରୁଛି ଏବଂ ଦେଶର ଉଦୀୟମାନ କଳାକାରଙ୍କ ଦ୍ୱାରା ଏହାର ଡିଜାଇନ ପ୍ରସ୍ତୁତ କରାଯାଇଛି। ୬୨୯ ଟଙ୍କାରେ ଉପଲବ୍ଧ ହେଉଥିବା ଏହି ସ୍ୱତନ୍ତ୍ର ୧୫ ବାଲ୍‌ଟି ଦେଶର ସମସ୍ତ କେଏଫ୍‌ସି ରେସ୍ତୋରାଁରେ ଚଳିତ ଅଗଷ୍ଟ ୧୧ରୁ ୧୭ ପର୍ଯ୍ୟନ୍ତ ଉପଲବ୍ଧ ହେବ ଏବଂ ଏହାକୁ କେଏଫ୍‌ସି ଆପ୍ କିମ୍ବା ୱେବ୍‌ସାଇଟ୍ ଜରିଆରେ ସହଜରେ ମଧ୍ୟ ମଗାଇହେବ। କେଏଫ୍‌ସିର ସବୁ ଜିନିଷ ଭଳି ଏହି ବାଲ୍‌ଟି ମଧ୍ୟ କେଏଫ୍‌ସିର ଏସ୍ୱେକ୍ସ ସୁରକ୍ଷା ପ୍ରତିଶ୍ରୁତି ସହ ଆସୁଛି।

# ରିଲାଏନ୍ସ ଡିଜିଟାଲର ସର୍ବବୃହତ୍ ଇଲେକ୍ଟ୍ରୋନିକ୍ସ ସେଲ୍

ନୂଆଦିଲ୍ଲୀ,୧୨।୮




ଦେଶର ପ୍ରମୁଖ ବାଣିଜ୍ୟିକ ପ୍ରତିଷ୍ଠାନ ରିଲାଏନ୍ସ ଇଣ୍ଡଷ୍ଟ୍ରି (ଆର୍‌ଆଇଏଲ୍) ର ରିଟେଲ ଚେନ୍ ୟୁନିଟ୍ ରିଲାଏନ୍ସ ଡିଜିଟାଲ ପକ୍ଷରୁ ଭାରତର ସର୍ବବୃହତ୍ ଇଲେକ୍ଟ୍ରୋନିକ୍ସ ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ଏଠାରେ ବର୍ତ୍ତମାନ ସମସ୍ତ ବର୍ଗରେ ଆକର୍ଷଣୀୟ ଅଫର ସହ ଅନେକ ସୁବିଧା ଅଗଷ୍ଟ ୧୬ ପର୍ଯ୍ୟନ୍ତ ଉପଲବ୍ଧ ରହିଛି। ସେହିଭଳି ଏଠାରେ ଫୋନ୍, ଲାପ୍‌ଟପ୍, ଟିଭି, କିଚେନ ଓ ଗୃହ ଉପକରଣ ଭଳି ଆହୁରି ଅନେକ ସାମଗ୍ରୀ କମ୍ପାନୀର ରିଲାଏନ୍ସ ଡିଜିଟାଲ, ମାଇଁ ଜିଓ ଷ୍ଟୋର ଓ ରିଲାଏନ୍ସ ଡିଜିଟାଲ (ଅନ୍‌ଲାଇନ) ରେ କିଣାକିଣି କରିପାରିବେ। ଏହି ପରିପ୍ରେକ୍ଷୀରେ ଆଧୁନିକ ଅଲ୍‌ଟ୍ରା ହାଇ ଡେଫିନିସନ ୬୫ ଇଞ୍ଚ ୟୁଏଚ୍‌ଡି ଆଣ୍ଡ୍ରଏଡ୍ ଟିଭି ସହ ୨ବର୍ଷର ୱାରେଣ୍ଟି ଯାହା ୪୯,୯୯୦ ଟଙ୍କାରୁ ଆରମ୍ଭ ହେଉଛି। ସେହିପରି ୪୩ ଇଞ୍ଚର ୟୁଏଚ୍‌ଡି ଆଣ୍ଡ୍ରଏଡ୍ ଟିଭିର ପ୍ରାରମ୍ଭିକ ମୂଲ୍ୟ ୧୯,୯୯୦ ଟଙ୍କା ସହ ୨ବର୍ଷର ୱାରେଣ୍ଟି ରହିଛି। ୨ୟ ଜେନେରେଶନ ଆପଲ ଏୟାରପଡ୍ ମୂଲ୍ୟ ୮୪୯୦ ଟଙ୍କାରେ ଉପଲବ୍ଧ। ଏପରିକି

## ଡିଜିଟାଲ ଇଣ୍ଡିଆ ସେଲ୍ ସହ ଆକର୍ଷଣୀୟ ଅଫର ଘୋଷଣା

ବିଭିନ୍ନ ବର୍ଗର ଲାପ୍‌ଟପ୍ ପାଇଁ ମଧ୍ୟ ରିଲାଏନ୍ସ ଡିଜିଟାଲରେ ଅନେକ ଅଫର ସହ ଏହାର କ୍ରେତାମାନେ ଆକର୍ଷଣୀୟ ଉପହାର ସାଙ୍ଗକୁ କିଛି ଭାଗ୍ୟଶାଳୀ ବିଜେତା ମଧ୍ୟ କାର,ବାଇକ୍, ଟିଭି, ଫୋନ୍ କିଣିବାର ସୁଯୋଗ ପାଇପାରିବେ।

ଅପରପକ୍ଷରେ ବିଭିନ୍ନ ବର୍ଗର ନୂଆ ଆଇଫୋନ୍ ସାଙ୍ଗକୁ ଗୃହ ଉପକରଣ, ସାଇଡ-ବାଏ-ସାଇଡ୍ ରେଫ୍ରିଜରେଟର ଏବଂ ଫ୍ରଣ୍ଟ ଲୋଡ୍ ୱାଶିଂମେଶିନ ଉପରେ ଆକର୍ଷଣୀୟ ଲାଭ ଉଠାନ୍ତୁ। ଏହି ସମସ୍ତ ଅଫର ଓ ମୂଲ୍ୟ ଉପରେ ସର୍ତ୍ତ ଓ ନିୟମାବଳୀ ଲାଗୁ ହେବ।

# ଯାଞ୍ଚ ହେବ ହରଡ଼ ଡାଲି ଷ୍ଟକ୍

ନୂଆଦିଲ୍ଲୀ,୧୨।୮

ଗତ କିଛିଦିନ ହେବ ସାରା ଦେଶରେ ହରଡ଼ ଡାଲିର ଦର ପୂର୍ବାପେକ୍ଷା ବୃଦ୍ଧି ପାଇଚାଲିଛି। କେନ୍ଦ୍ର ସରକାର ଏ ନେଇ ମଧ୍ୟ ରାଜ୍ୟ ସରକାରମାନଙ୍କ ଦୃଷ୍ଟିଗୋଚର ସହ ବଜାର ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷକରି ଦେଶର କେତେକ ଲାଭଖୋର ବ୍ୟବସାୟୀଙ୍କ ଅମାନୁଷିକତା ଯୋଗୁ ହରଡ ଡାଲିର କୃତ୍ରିମ ଅଭାବ ସୃଷ୍ଟି ହେବା ପରିସ୍ଥିତି ଦେଖାଦେଇଛି। ବଜାରରେ ଅଭାବୀ ବିକ୍ରି ଦେଖାଦେଲେ ଡାଲିର ଦର ବଢାଇବାକୁ ଉକ୍ତ ବ୍ୟବସାୟୀମାନେ ଯୋଜନା କରୁଥିବା ସରକାର ବିଶ୍ୱସ୍ତ ସୂତ୍ରରୁ ଖବର ପାଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଡାଲିର ଷ୍ଟକ୍ ଯାଞ୍ଚ କରିବାକୁ ରାଜ୍ୟଗୁଡ଼ିକୁ ଶୁକ୍ରବାର କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଛନ୍ତି।

# ଏଫ୍‌ସିଆଇ ସହ ଆକ୍ସିସ୍ ବ୍ୟାଙ୍କର ବୁଝାମଣାପତ୍ର




ନୂଆଦିଲ୍ଲୀ,୧୨।୮

ଅଲ୍‌ଟିମା ବେତନ ପ୍ୟାକେଜକୁ ନେଇ ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ) ଏବଂ ଆକ୍ସିସ୍ ବ୍ୟାଙ୍କ ମଧ୍ୟରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଯାଇଛି। ଏଥିରେ ଏଫ୍‌ସିଆଇର ସମସ୍ତ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ଓ ବୈଶିଷ୍ଟ୍ୟ ସହ ଶ୍ରେଷ୍ଠ ଶ୍ରେଣୀର ବେତନ ଖାତା ବ୍ୟାଙ୍କରେ ରହିଛି। ଏହି ଏମ୍‌ଓୟୁ ସହ ରାଷ୍ଟ୍ରାୟତ୍ତ ଉଦ୍ୟୋଗ କ୍ଷେତ୍ରର କର୍ମଚାରୀଙ୍କୁ ସାମଗ୍ରିକ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ କରିବାର ପ୍ରତିବଦ୍ଧତାକୁ ମଧ୍ୟ ବ୍ୟାଙ୍କ ଦୋହରାଇଛି। ଏହି ପରିପ୍ରେକ୍ଷୀରେ ଏଫ୍‌ସିଆଇ ମୁଖ୍ୟ କାର୍ଯ୍ୟାଳୟ ନୂଆଦିଲ୍ଲୀଠାରେ ଶୁକ୍ରବାର ଏକ ବୁଝାମଣାପତ୍ର ସ୍ୱାକ୍ଷର ସମାରୋହର ଆୟୋଜନ କରାଯାଇଥିଲା। ଏହି ଅବସରରେ ଏଫ୍‌ସିଆଇର ଜିଏମ୍ (ମୁଖ୍ୟ କାର୍ଯ୍ୟାଳୟ) ଜି.ଏନ୍. ରାଜୁ ,ଆକ୍ସିସ୍ ବ୍ୟାଙ୍କର ଆର୍ଥିକ ପ୍ରତିଷ୍ଠାନ ଗ୍ରୁପ୍‌ର ସଭାପତି ଅନିଲ ଅଗ୍ରୱାଲ ଏବଂ ଜାତୀୟ ଖାତା ମୁଖ୍ୟ ଲ୍ୟୁଟ୍‌ନାଣ୍ଟ କଲୋନେଲ ଏମ୍. କେ. ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଅଲ୍‌ଟିମା ବେତନ ପ୍ୟାକେଜରେ ବ୍ୟାଙ୍କ ପ୍ରଦାନ କରିବାକୁ ଥିବା ସୁବିଧା ସୁଯୋଗଗୁଡ଼ିକରେ ଅନେକ ସୁବିଧା ଓ ବ୍ୟବସ୍ଥା ସାମିଲ ରହିଛି। ସେହିପରି ବିଭିନ୍ନ ଗ୍ରାହକ ବର୍ଗର ବିବିଧ ଆବଶ୍ୟକତାକୁ ପୂରଣ କରି ସେମାନଙ୍କ ଆର୍ଥିକ ଅଭିଳାଷ ଓ ମାଇଲଖୁଣ୍ଟ ଅତିକ୍ରମ କରିବାରେ ଏହି ଏମ୍‌ଓୟୁ ବେଶ୍ ସହାୟକ ହେବା ସାଙ୍ଗକୁ ବ୍ୟାଙ୍କ ନିରନ୍ତର କରୁଥିବା ଉଦ୍ୟମର ପ୍ରତିଫଳନ ହେଉଛି।

# ସିବିଓଆଇ ପକ୍ଷରୁ 'ସେଣ୍ଟ କ୍ରାନ୍ତି ଅଭିଯାନ'

ଭୁବନେଶ୍ୱର,୧୨।୭

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସିବିଓଆଇ)ର ପ୍ରତିଷ୍ଠାତା ସାର୍ ସୋରାବ୍‌ଜୀ ପୋଚଖାନାୱାଲାଙ୍କ ୧୪୧ତମ ଜନ୍ମଦିବସ ଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ର ପକ୍ଷରୁ 'ସେଣ୍ଟ କ୍ରାନ୍ତି ଅଭିଯାନ'ର ଆରମ୍ଭ କରାଯାଇଛି। ଏହି ଅବସରରେ ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ଅନାଦି ବିଶ୍ୱାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଏମ୍.କେ. ତ୍ରିପାଠୀ, ଏସ୍.ସି.ମହାପାତ୍ର,ଏଲ୍. କେ. ଭଗତଙ୍କ ସମେତ ଅନ୍ୟ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଉକ୍ତ ଅଭିଯାନ ଅଧୀନରେ ଏକ ମୋବାଇଲ ଭ୍ୟାନ୍ ପ୍ରଚାର ଅଭିଯାନ କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମୋବାଇଲ ଭ୍ୟାନ୍ ଭୁବନେଶ୍ୱର ଓ କଟକ ସହରର ବିଭିନ୍ନ ସ୍ଥାନ ଦେଇ ଗତି କରିବ ଯାହା 'ସେଣ୍ଟ କ୍ରାନ୍ତି ଅଭିଯାନ' ଅଧୀନରେ ଥିବା ଯୋଜନାଗୁଡ଼ିକୁ ବ୍ୟାପକ ଭାବେ ଲୋକପ୍ରିୟ କରିପାରିବ।




# ସେବା କାର୍ଯ୍ୟକ୍ରମରେ ଖିମ୍‌ଜୀର ପ୍ରତିଷ୍ଠା ଦିବସ ପାଳିତ




ଭୁବନେଶ୍ୱର,୧୨।୮

ଖିମ୍‌ଜୀ ଜୁଏଲର୍ସର ପ୍ରତିଷ୍ଠାତା ଖିମ୍‌ଜୀ ଦୟାଭାଇଙ୍କୁ ସ୍ମରଣ କରି ଫାଉଣ୍ଡେଶନ ଦିବସ ପାଳନ କରିଛି। ଏହି ପରିପ୍ରେକ୍ଷୀରେ ଖିମଜୀ ଜୁଏଲର୍ସ ଦ୍ୱାରା ଭୁବନେଶ୍ୱରର କେତେଜଣ ବଞ୍ଚିତ ଲୋକଙ୍କ ପାଇଁ ଖାଦ୍ୟ ଏବଂ ପୋଷକ ବଣ୍ଟନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ୧୯୩୬ରେ ଜଣେ ଦକ୍ଷ କାରିଗର ଭାବେ ଖିମ୍‌ଜୀ ଦୟାଭାଇ ମୟୂରଭଞ୍ଜର ବାରିପଦାଠାରେ ଏକ ଅଳଙ୍କାର ଦୋକାନ ସ୍ଥାପନ କରିଥିଲେ। ଅଳ୍ପ ଦିନ ମଧ୍ୟରେ ସେ ଆକର୍ଷଣୀୟ ଡିଜାଇନ ଏବଂ ଶୁଦ୍ଧତା ସହ ଅଳଙ୍କାର ଶିଳ୍ପରେ ଏକ ନୂତନ ଅଧ୍ୟାୟ ମଧ୍ୟ ଆରମ୍ଭ କରିଥିଲେ। ବିଶେଷକରି ୨ୟ ବିଶ୍ୱଯୁଦ୍ଧ ଏବଂ ଗୋଲ୍ଡ କଣ୍ଟ୍ରୋଲ ଆକ୍ଟ ଦ୍ୱାରା ୧୪ କ୍ୟାରେଟ୍‌ରୁ ଅଧିକ କ୍ୟାରେଟ୍‌ର ସୁନା ଉପରେ ରୋକ୍ ଭଳି ଅଳଙ୍କାର ଅନେକ ପ୍ରତିବନ୍ଧକ ଦେଇ ସେ ଗତି କରିଥିଲେ। ତଥାପି ଶୁଦ୍ଧତାର ମାନକ ଥିବା କେ ଡି ୨୨କେ ମାର୍କକୁ ସେ ବଜାରରେ ଆଗକୁ ନେଇଥିଲେ। ଉଲ୍ଲେଖଯୋଗ୍ୟ , ଖିମଜୀ ପ୍ରଥମେ ହଲ୍‌ମାର୍କ ଅଳଙ୍କାରକୁ ଓଡ଼ିଶା ବଜାରରେ ପରିଚୟ ଦେଇଥିଲା। ସର୍ବୋତ୍ତମ ଅଳଙ୍କାର କ୍ଷେତ୍ରରେ ଖିମ୍‌ଜୀ ବର୍ତ୍ତମାନ ଶ୍ରେଷ୍ଠରେ ରହିଛି। ଖିମ୍‌ଜୀର ପରବର୍ତ୍ତୀ ପିଢି ଆନ୍ତରିକତା ସହ ଏହାର ଅଭିଜ୍ଞତାକୁ ଆଗକୁ ବଢାଇଛନ୍ତି ଏବଂ ସମଗ୍ର ଓଡ଼ିଶାରେ ତଥା ବାହାରେ ମଧ୍ୟ ଗ୍ରାହକଙ୍କ ବିଶ୍ୱାସ ଜିଣିଛନ୍ତି। ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି, ଆମର ଉତ୍ପତ୍ତି ବିଷୟରେ ମନେପକାଇ ଆମେ ଗର୍ବ ଅନୁଭବ କରୁଛୁ। ଖିମ୍‌ଜୀର ସମସ୍ତ ମୂଲ୍ୟବାନ୍ ଗ୍ରାହକ ଏବଂ ଯେଉଁମାନେ ଆମର ଏହି ସୁନ୍ଦର ଯାତ୍ରାରେ ଅଂଶ ହୋଇଛନ୍ତି ତାଙ୍କ ନିକଟରେ ଆମେ ସର୍ବଦା କୃତଜ୍ଞ।

# ସୋନିର ନୂତନ ଉତ୍ପାଦ ଉନ୍ମୋଚିତ

ନୂଆଦିଲ୍ଲୀ,୧୨।୮




ସୋନି ଇଣ୍ଡିଆ ପକ୍ଷରୁ ନୂତନ ଉତ୍ପାଦଗୁଡିକୁ ନିକଟରେ ଉନ୍ମୋଚନ କରାଯାଇଛି। କମ୍ପାନୀ ତା'ର ନୂଆ ଓ୍ୱାୟାରଲେସ୍ ଲିଙ୍କ୍‌ବଡ୍ସଗୁଡିକୁ ବଜାର ପ୍ରବେଶ କରାଇଛି। ଫଳରେ ଏକକାଳୀନ ଅନେକ କାର୍ଯ୍ୟ ଓ ସଙ୍ଗୀତ ଏବଂ ଜୀବନର ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତଗୁଡିକର ଆନନ୍ଦ ନେଇପାରିବେ। ଅଡିଓ ସ୍ୱଷ୍ଟତା, ଅତି ଛୋଟ ସୁପର ଫିଟ୍ ହେଉଥିବା ଏବଂ ସ୍ୱଷ୍ଟ ସାଉଣ୍ଡ ଏବଂ କଲ୍ କ୍ୱାଲିଟି ସହ ଏକ ଖୋଲା ରିଙ୍ଗ୍ ଡିଜାଇନ ସାହାଯ୍ୟରେ ସବୁବେଳେ ଯୋଡ଼ିହୋଇ ଏବଂ ସଚେତନ ରହିପାରିବେ। ଲିଙ୍କବଡ୍ସର ଅନନ୍ୟ ଡିଜାଇନ୍ ଏବଂ ଏହାର ସେନ୍‌ସର ଓ ସାଉଣ୍ଡ ଟେକ୍ନୋଲୋଜି ବ୍ୟବହାର କରି ସୋନି ସହଭାଗୀମାନଙ୍କ ସହ ଏଆର ଗେମିଂ, ନୂତନ ଭାବେ ଘରୁ କାମ କରିବାର ଅନୁଭବ, ସାଉଣ୍ଡ ଏଆର ନେଭିଗେସନ୍ ଓ ସଙ୍ଗୀତକୁ ଶୀଘ୍ର ଆକ୍ସେସ ପରି ନୂଆ ସାଉଣ୍ଡ ସୃଷ୍ଟି କରୁଛି। ଏହି ଲିଙ୍କ୍‌ବଡ୍ସ ଭାରତର ସମସ୍ତ ସୋନି ରିଟେଲ ଷ୍ଟୋର(ସୋନି ସେର ଏବଂ ସୋନି ଏକ୍ସକ୍ଲୁସିଭ୍) ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ.ସପ୍‌ଆଟ୍‌ଏସ୍‌ସି.କମପୋଟାଲ୍, ବଡ ଇଲେକ୍‌ଟ୍ରୋନିକ୍ ଷ୍ଟୋର ଏବଂ ଅନ୍ୟ ଇ-କମର୍ସ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ। ଏହାର ମୂଲ୍ୟ ୧୪,୯୯୦ ଟଙ୍କା ରହିଛି।

## ଫୁର୍‌ସତ୍

# ଇଚ୍ଛାମୃତ୍ୟୁ ପାଇଁ ସୁଇଜରଲାଣ୍ଡ ଯିବାକୁ ଆଗ୍ରହୀ

ନୂଆଦିଲ୍ଲୀ



ବିରଳ ରୋଗରେ ଆକ୍ରାନ୍ତ ଜଣେ ୪୨ ବର୍ଷୀୟ ବ୍ୟକ୍ତି ଇଚ୍ଛାମୃତ୍ୟୁର ନିଷ୍ପତ୍ତି ନେଇଛନ୍ତି। ପ୍ରତ୍ୟେକ ଦେଶରେ ଇଚ୍ଛାମୃତ୍ୟୁ ପାଇଁ ବିଭିନ୍ନ ଆଇନ ରହିଥିବାରୁ ସେ ୟୁଥେନେସିଆ ଲାଗି ସୁଇଜରଲ୍ୟାଣ୍ଡ ଯିବାକୁ ବାହାରିଛନ୍ତି। ତେବେ ଏହାକୁ ବିରୋଧ କରି ତାଙ୍କ ବାନ୍ଧବୀ ଦିଲ୍ଲୀର ଏକକୋର୍ଟରେ ଆବେଦନ କରିଛନ୍ତି। ସୁଇଜରଲ୍ୟାଣ୍ଡ ଯିବା ପାଇଁ ତାଙ୍କୁ ପାସ୍‌ପୋର୍ଟ ଦିଆ ନ ଯାଉ ବୋଲି ମହିଳା ଜଣକ ପିଟିଶନ୍‌ରେ ଉଲ୍ଲେଖ କରିଛନ୍ତି। ୨୦୧୪ରୁ ବ୍ୟକ୍ତି ଜଣକ ମ୍ୟାଲଜିକ୍ ଇନ୍‌ସେଫାଲୋମାଲିଟିସ୍ ରୋଗରେ ଆକ୍ରାନ୍ତ ଥିବାରୁ ଚଲାବୁଲା କରିପାରୁ ନାହାନ୍ତି। ତାଙ୍କ ଶାରୀରିକ ଯନ୍ତ୍ରଣା ଦିନକୁ ଦିନ ବଢ଼ିବାରେ ଲାଗିଛି। ବର୍ତ୍ତମାନ ସେ ଶଯ୍ୟାଶାୟୀ। କରୋନା ମହାମାରୀ ସଂକ୍ରମଣ ବୃଦ୍ଧି ସମୟରେ ଦିଲ୍ଲୀ ଏମ୍ସରେ ଚିକିତ୍ସିତ ହେଉଥିବାବେଳେ ଏଥିରେ ଅର୍ଥ ବାଧକ ସାଜିଥିଲା। ଚିକିତ୍ସା ପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼ କରି ନ ପାରିବାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ବିଗିଡ଼ିଯାଇଥିବା କୁହାଯାଉଛି।

### ମ୍ୟାଲଜିକ୍ ଇନ୍‌ସେଫାଲୋମାଇଲିଟିସ କ'ଣ?

ମ୍ୟାଲଜିକ୍ ଇନ୍‌ସେଫାଲୋମାଇଲିଟିସ ବା କ୍ରୋନିକ୍ ଫାଟିଗ୍ୟୁ ସିଣ୍ଡ୍ରୋମ୍ ରୋଗର ନିର୍ଦ୍ଦିଷ୍ଟ କାରଣ ବର୍ତ୍ତମାନ ସୁଦ୍ଧା ମେଡିକାଲ ସାଇନ୍ସ ଖୋଜି ପାଇନାହିଁ। ରକ୍ତଚାପ, ମଧୁମେହ ଭଳି ଏହା ଜୀବନସାରା ରୋଗୀକୁ ଏହାର ପୀଡ଼ା ଅନୁଭବ କରିବାକୁ ପଡ଼ିଥାଏ।

**ଲକ୍ଷଣ**

- ରୋଗ ପୁରୁଣା ହେବା ସହ ଶରୀର ଅଧିକ ଦୁର୍ବଳ ହେବାରେ ଲାଗିବ।
- ମାନସିକ ସ୍ତରରେ ମଧ୍ୟ ଅନେକ ପରିବର୍ତ୍ତନ ଦେଖାଯାଏ
- ନିଦ୍ରା ଜନିତ ସମସ୍ୟା ଅଧିକ ଦେଖାଯାଏ।
- ନିଃଶ୍ୱାସ ନେବାରେ ଅସୁବିଧା।
- ଦେହରୁ ଅଧିକମାତ୍ରାରେ ଝାଳ ବାହାରିଥାଏ।

# ମୌନୀଙ୍କ ଟଲିଉଡ୍ ପ୍ରେମ

ମୁମ୍ବାଇ



ବଲିଉଡ୍ ଅଭିନେତ୍ରୀ ମୌନୀ ରାୟ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ନିଜ ସ୍ୱତନ୍ତ୍ର ସ୍ଥାନ ତିଆରି କରିବା ପରେ ଏବେ ଟଲିଉଡ୍ ଆଡକୁ ଆଗ୍ରହ କରୁଥିବା ଚର୍ଚ୍ଚା ହେଉଛି। ମୌନୀ ରାୟ ସାଉଥ୍ ଫିଲ୍ମ କରିବା ପାଇଁ ଇଚ୍ଛା ପ୍ରକଟ କରିଛନ୍ତି। ଏକ ସାକ୍ଷାତ୍‌କାରରେ ସେ କହିଛନ୍ତି, କଳାକାର ପାଇଁ କୌଣସି ନିର୍ଦ୍ଦିଷ୍ଟ ସୀମା ନାହିଁ। ଜଣେ ଅଭିନେତା ଯେତେ ଅଧିକ ଓ ନୂଆ ଧରଣର ପ୍ରୋଜେକ୍ଟରେ କାମ କରିବ ତା'ର କାମ ଓ ଅଭିଜ୍ଞତା ସେତେମାତ୍ରାରେ ବଢ଼ିବ। ସାଉଥ୍ ଫିଲ୍ମରେ ଭିନ୍ନ ଧରଣର କାହାଣୀ ରହିଛି, ଯାହା ବର୍ତ୍ତମାନର ସିନେପ୍ରେମୀଙ୍କ ମନ ଜିଣିପାରିଛି। ବଲିଉଡ୍ ତୁଳନାରେ ବର୍ତ୍ତମାନ ଟଲିଉଡ୍ ତଥା ସାଉଥ୍ ଫିଲ୍ମର ଚାହିଦା ବଢ଼ିବାରେ ଲାଗିଛି। ହୁଏତ ସେଥିପାଇଁ ମୌନୀ ଟଲିଉଡ୍‌ରେ କାମ କରିବା ପାଇଁ ଏବେ ଆଗ୍ରହ ପ୍ରକାଶ କରିଥିବା ଚର୍ଚ୍ଚା ହେଉଛି। ଆଗାମୀ ଦିନରେ ମୌନୀଙ୍କ ଅଭିନୀତ 'ବ୍ରହ୍ମାସ୍ତ୍ର' ରିଲିଜ୍ ହେବାକୁ ଯାଉଛି।ଏଥିରେ ରଣବୀର କପୁର ଓ ଆଲିଆ ଭଟ୍ଟ ମୁଖ୍ୟ ଭୂମିକାରେ ଅଭିନୟ କରିଥିବାବେଳେ ଅମିତାଭ ବଚ୍ଚନ ଓ ନାଗାର୍ଜୁନଙ୍କୁ ମଧ୍ୟ ଦେଖିବେ ଦର୍ଶକେ। ସେପ୍ଟେମ୍ବର ୯ରେ ଫିଲ୍ମଟି ମୁକ୍ତିଲାଭ କରିବ।

# ଓଙ୍ଗ ଘାଟିରୁ ମିଳିଲା ୫୦ ଲକ୍ଷ ବର୍ଷ ପୁରୁଣା ହିମ ତତ୍ତ୍ୱ



ନୂଆଦିଲ୍ଲୀ

ଆଣ୍ଟାର୍କଟିକାର ଓଙ୍ଗ ଘାଟିରୁ ବୈଜ୍ଞାନିକମାନେ ୫୦ ଲକ୍ଷ ବର୍ଷ ପୁରୁଣା ହିମ ତତ୍ତ୍ୱ ଠାବ କରିଛନ୍ତି। ଏହାପୂର୍ବରୁ ବୈଜ୍ଞାନିକ ଅନୁସନ୍ଧାନ କରିଥିବା ହିମ ତତ୍ତ୍ୱ ପ୍ରାୟ ୨.୭ ମିଲିୟନ୍ ଅର୍ଥାତ୍ ୨୭ ଲକ୍ଷ ବର୍ଷ ପୁରୁଣା ଥିଲା। ତେବେ ବହୁ ଲକ୍ଷ ବର୍ଷ ପୁରୁଣା ହିମ ଠାବ ହେବା ଫଳରେ ବୈଜ୍ଞାନିକମାନେ ଏହା ସମ୍ବନ୍ଧରେ ଅଧିକ ତଥ୍ୟ ଆବିଷ୍କାର କରିବା ସମ୍ଭାବନା ଉପୁଜୁଛି। ଅନ୍ୟପଟେ ହିମରେ କେଉଁ ପ୍ରକାର ଗ୍ରୀନ୍ ହାଉସ୍ ଗ୍ୟାସ୍ ଗଚ୍ଛିତ ହୋଇ ରହିଛି ସେ ନେଇ ଅଧିକ ତଥ୍ୟ ମିଳିପାରିବ। ଠାବ ହୋଇଥିବା ହିମତତ୍ତ୍ୱର ଲମ୍ବ ପ୍ରାୟ ୧୦ ମିଟର। ୨୦୧୭-୧୮ରେ ବୈଜ୍ଞାନିକଙ୍କ ହସ୍ତଗତ ହୋଇଥିବା ୯.୫ ମିଟର ହିମ ତତ୍ତ୍ୱର ଅଧ୍ୟୟନରୁ ବର୍ତ୍ତମାନ ସମୟରେ ଠାବ ହିମତତ୍ତ୍ୱର ବୟସ ସମ୍ବନ୍ଧ ତଥ୍ୟ ହସ୍ତଗତ ହେବା ସମ୍ଭବ ହୋଇଥିବା କୁହାଯାଉଛି। ମିଳିଥିବା ହିମ ତତ୍ତ୍ୱର ଉପରି ଭାଗ ୩୦ ଲକ୍ଷ ବର୍ଷ ପୁରୁଣା ହୋଇଥିବାବେଳେ ଏହାର ନିମ୍ନଭାଗ ୪୩ ଲକ୍ଷରୁ ୫୧ ଲକ୍ଷ ବର୍ଷ ପୁରୁଣା ବୋଲି କୁହାଯାଉଛି। ଗ୍ରୀନ୍‌ଲ୍ୟାଣ୍ଡ ଏବଂ ଆଣ୍ଟାର୍କଟିକାର ହିମ ଅଧ୍ୟୟନ ଦ୍ୱାରା ମଡର୍ନ ଜଳବାୟୁ ବିଜ୍ଞାନ ବିଷୟରେ ଅଧ୍ୟୟନ ସମ୍ଭବ ହୋଇପାରିଛି। ୟୁରୋପ୍‌ର ଏକ ସ୍ୱତନ୍ତ୍ର ଯୋଜନା ଅଧୀନରେ ଏହି ହିମ ତତ୍ତ୍ୱ ଠାବ କରାଯାଇଛି। ଏ ନେଇ ୟୁରୋପୀୟ ଆୟୋଗ ପକ୍ଷରୁ ଅର୍ଥ ଲଗାଣ କରାଯାଇଛି।

# ଅନ୍ତର୍ଜାତୀୟ ବାମହାତୀ ଦିବସ

**ଅନ୍ତର୍ଜାତୀୟ** ବାମହାତୀ ଦିବସ ହେଉଛି ଏକ ଅନ୍ତର୍ଜାତୀୟ ଦିବସ, ଯାହାକି ପ୍ରତିବର୍ଷ ଅଗଷ୍ଟ ୧୩ରେ ବାମହାତୀ ବ୍ୟକ୍ତିବିଶେଷଙ୍କ ସ୍ୱତନ୍ତ୍ରତା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପାଳନ କରାଯାଇଥାଏ। ଏହି ଦିନଟି ପ୍ରଥମେ ୧୯୭୬ ମସିହାରେ ଲେଫ୍ଟ ହ୍ୟାଣ୍ଡର୍ସ ଇଣ୍ଟରନ୍ୟାଶନାଲର ପ୍ରତିଷ୍ଠାତା ଡିନ୍ ଆର. କ୍ୟାମ୍ପବେଲଙ୍କ ଦ୍ୱାରା ପାଳନ କରାଯାଇଥିଲା। ପୃଥିବୀରେ ଡାହାଣହାତୀ ବ୍ୟକ୍ତିଙ୍କ ସଂଖ୍ୟା ଅଧିକ। ସେମାନଙ୍କ ତୁଳନାରେ ବାମହାତୀଙ୍କ ସଂଖ୍ୟା ଯଥେଷ୍ଟ କମ୍ ରହିଥାଏ। ଏହି ଦିବସ ବାମହାତୀଙ୍କ ସୁବିଧା ଏବଂ ଅସୁବିଧା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ପାଳନ କରାଯାଇଥାଏ। ପୃଥିବୀ ଜନସଂଖ୍ୟାର ସାତରୁ ଦଶ ପ୍ରତିଶତ ହେଉଛନ୍ତି ବାମହାତୀ।

ବାମହାତୀ ପିଲାମାନଙ୍କ ପାଇଁ ବିଶେଷ ଆବଶ୍ୟକତାର ମହତ୍ତ୍ୱ ଏବଂ ବାମହାତୀମାନଙ୍କ ସ୍କିଜୋଫ୍ରେନିଆ ହେବାର ଆଶଙ୍କା ଅଧିକ ରହିଥାଏ। ତେବେ ବିଶ୍ୱରେ ସଫଳତାର ଶୀର୍ଷରେ ଅଧିକ ବାମହାତୀଙ୍କୁ ଦେଖିବାକୁ ମିଳିଥାଏ।

# ମା'ଙ୍କ ବୃକ୍କ, ଭଉଣୀଙ୍କ ଯକୃତ ଦେଲା ନୂଆ ଜୀବନ

**ନୂଆଦିଲ୍ଲୀ:** ମା' ଓ ଭଉଣୀଙ୍କ ପାଇଁ ନୂଆ ଜୀବନ ପାଇଛନ୍ତି ଉତ୍ତରାଖଣ୍ଡର ଜଣେ ୨୨ ବର୍ଷୀୟ ଯୁବକ। ପିଲାଦିନରୁ ସେ ବିରଳ ଜେନେଟିକ୍ କଣ୍ଡିଶନ୍ 'ପ୍ରାଇମେରି ହାଇପରୋକ୍ସିଲୁରିଆ ଟାଇପ୍ ୧'ରୋଗରେ ଆକ୍ରାନ୍ତ। କିନ୍ତୁ ଡବଲ୍‌ଅର୍ଗାନ ଟ୍ରାନ୍ସପ୍ଲାଣ୍ଟ ପାଇଁ ଏବେ ସେ ନୂଆ ଜୀବନ ପାଇଛନ୍ତି। ତାଙ୍କ ୪୬ ବର୍ଷ ବୟସ୍କା ମା' ପୁଅକୁ ବୃକ୍କ ଦାନ କରିଥିବାବେଳେ ତାଙ୍କ ୨୭ ବର୍ଷୀୟା ଭଉଣୀ ତାଙ୍କ ଯକୃତ ଦାନ କରିଛନ୍ତି। ରେୟାର ଜେନେଟିକ ରୋଗରେ ଆକ୍ରାନ୍ତ ହେବା ଦ୍ୱାରା ରୋଗୀ ଶରୀରରେ ଏଜିଏକ୍ସଟି ଜିନ୍‌ର ମାତ୍ରା କମିବାକୁ ଲଗେ। ଫଳରେ ଯକୃତରୁ ନିଶୃତ ଏନ୍‌ଜାଇମ୍‌ର ମାତ୍ରା କମିଥାଏ। ଫଳରେ ଏନ୍‌ଜାଇମ୍ ଜନୀତ ଶରୀରରେ ନାନା ପ୍ରକାର ବ୍ୟତିକ୍ରମ ଦେଖାଯାଏ। ଏଥିସହ କିଡ୍‌ନୀରେ ଷ୍ଟୋନ୍ ଭଳି ରୋଗ ମଧ୍ୟ ଏହା ଦ୍ୱାରା ବଢ଼ିବାର ଆଶଙ୍କା ରହିଛି। ଅସ୍ତ୍ରୋପଚାର ପରେ ଯୁବକଙ୍କ ଅବସ୍ଥା ଭଲ ଥିବା ଡାକ୍ତର। ଡା. ରଣଦୀପ ଗୁଲେରିଆଙ୍କ ତତ୍ତ୍ୱାବଧାନରେ ଏହି ବିଶେଷ ପ୍ରକାର ଅପରେଶନ୍ ହୋଇଥିବାବେଳେ ଏଥିରେ ପାଖାପାଖି ୧୬ ଘଣ୍ଟା ସମୟ ଲାଗିଥିବା କୁହାଯାଉଛି। ୨୧ ଦିନ ଡାକ୍ତରଖାନାରେ ରହି ବେଡ୍‌ରେଷ୍ଟ କରିବା ପରେ ଯୁବକଙ୍କୁ ଡିସ୍‌ଚାର୍ଜ କରାଯାଇଛି।

## ସଂକ୍ଷେପରେ

### ଅଜଣା ଗାଡି ଧକ୍କାରେ ଯୁବକଙ୍କ ମୃତ୍ୟୁ

**ଝାରସୁଗୁଡ଼ା ଅଫିସ୍,୧୨।୮:** ଝାରସୁଗୁଡା ଟାଉନ ଥାନା ଅଧୀନ ୪୯ନଂ ଜାତୀୟ ରାଜପଥ କୁମୁଡାପାଲି ନର୍ସରୀ ନିକଟରେ ଶୁକ୍ରବାର ଏକ ଅଜଣା ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ତାଙ୍କ ବୟସ ୩୦ରୁ ୩୫ବର୍ଷ ହେବ ବୋଲି ପୋଲିସ୍ ଅନୁମାନ କରୁଛି । ପୋଲିସ୍ ମୃତଦେହ ଜବତକରି ଜିଲା ମୁଖ୍ୟ ଚିକିତ୍ସାଳୟ ଶବସଂରକ୍ଷଣ(ମର୍ଗ)ରେ ରଖିଛି। ଶନିବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ୍ କହିଛି ।

### ସିରିଜ୍ ଦୁର୍ଘଟଣା: ଯାତାୟାତ ବାଧାପ୍ରାପ୍ତ

**ଝାରସୁଗୁଡା ଅଫିସ୍,୧୨।୮:** ଝାରସୁଗୁଡା-ବ୍ରଜରାଜନଗର ୪୯ନଂ ଜାତୀୟ ରାଜପଥ ଇବ୍‌ନଦୀ ନିକଟରେ ଶୁକ୍ରବାର ଅପରାହ୍ନରେ ସିରିଜ୍ ଦୁର୍ଘଟଣା ଯୋଗୁ ଦୀର୍ଘ ସମୟ ପର୍ଯ୍ୟନ୍ତ ରାସ୍ତା ଅବରୋଧ ହୋଇଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହାନ ଅଟକି ରହି ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା । ଖବରପାଇ ଗାନ୍ଧୀଛକ ଫାଣ୍ଡି ପୋଲିସ୍ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଗାଡିଗୁଡିକୁ ରାସ୍ତାରୁ ହଟାଇବା ପରେ ଯାନବାହାନ ଚଳାଚଳ ସ୍ୱଭାବିକ ହୋଇଥିଲା । ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ପୋଲିସ୍ ଜବତ କରିଥିବାବେଳେ ଚାଳକ ଫେରାର୍ ହୋଇଯାଇଛନ୍ତି। ଏନେଇ ପୋଲିସ୍ ବ୍ରଜରାଜନଗର ଥାନାରେ ଏକ ମାମଲା (ନଂ୨୪୪/୨୨) ରୁଜୁକରି ତଦନ୍ତ ଚଳାଇଛିବୋଲି ଆଇଆଇସି ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ କହିଛନ୍ତି। ସୂଚନା ଯୋଗ୍ୟ ଇବ୍ ବ୍ରିଜ୍ ଉପରେ ରାସ୍ତାଜାମ ରହିଥିବାରୁ ଗାଡି ଧିରେଧିରେ ଚଳାଚଳ କରୁଥିଲା । ଏହି ସମୟରେ ଏକ ଟ୍ରକ୍ ଗାନ୍ଧୀଛକ ପଟୁ ଆସି ପ୍ରଥମେ ଏକ ବୋଲେରୋକୁ ଧକ୍କା ଦେଇଥିଲା। ପରେ ବୋଲେରୋ ଆଗରେ ଥିବା ଓାଗନର ଓ ଅନ୍ୟ ଏକ କାର୍‌କୁ ଧକ୍କା ଦେଇଥିଲା । ଫଳରେ କାର୍ ଓ ବୋଲେରୋରେ ଥିବା ଯାତ୍ରୀମାନେ ଆହତ ହୋଇଥିଲେ ।

# ମହିମା ଆଶ୍ରମରେ ସାଧୁସନ୍ଥଙ୍କ ନବାନ୍ନ ଭକ୍ଷଣ

ଝାରସୁଗୁଡ଼ା ଅଫିସ,୧୨।୮

ଲଖନପୁର ବ୍ଲକ୍ ପଞ୍ଚଗାଁ ପଞ୍ଚାୟତ ମହିମାପରୁରମ୍ ବିଜାପାଲି ମହିମା ଆଶ୍ରମରେ ନବାନ୍ନ ଭକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଶ୍ରମର ଚିତ୍ରସେନ ଦାସ, ନିରଞ୍ଜନ ଦାସ, ସ୍ୱରୂପା ଦାସ, ନେପାଳ ଦାସ, ନିର୍ମାୟାନନ୍ଦ ଦାସ, ଅଭୟ ଦାସ, ନରହରି ତ୍ୟାଗୀ ପ୍ରମୁଖ ସାଧୁସନ୍ଥମାନେ ଯୋଗଦେଇଥିଲେ। ପ୍ରାରମ୍ଭରେ ମହାପ୍ରଭୁଙ୍କ ନିକଟରେ ଅଖଣ୍ଡବତୀ ପ୍ରଜ୍ୱଳନ କରିବା ସହ ବ୍ରହ୍ମଧ୍ୱନି କୁଣ୍ଡରେ ଘୃତାହୁତି ଅର୍ପଣ କରାଯାଇ ଜଗତର ମଙ୍ଗଳ କାମନା କରାଯାଇଥିଲା। ଏହି ଅବସରରେ ଆଶ୍ରମ ସଭାମଣ୍ଡପରେ ଏକ ଆଧ୍ୟାତ୍ମିକ ସଭା ଆୟୋଜନ ହୋଇଥିଲା। ଏଥିରେ ବହୁ ସାଧୁସନ୍ଥ ଯୋଗଦେଇ ସତ୍‌ପଥ ପ୍ରଦର୍ଶନ ପୂର୍ବକ ଧର୍ମମାର୍ଗରେ ପାରିଚାଳିତ ହେବାପାଇଁ ମାର୍ଗଦର୍ଶନ ଦେଇଥିଲେ। ଏହି ସଭାକୁ ବଡଭାଇ ଭକ୍ତ ବିରଞ୍ଚି ସାହୁ ପରିଚାଳନା କରିଥିଲେ। ମହାପ୍ରଭୁଙ୍କୁ ନବାନ୍ନ ସମର୍ପଣ ପରେ ସାଧୁସନ୍ଥ ଓ ପରେ ଭକ୍ତମାନେ ନବାନ୍ନ ଭକ୍ଷଣ କରିଥିଲେ। ଏଥିରେ ଭକ୍ତ ବାସୁଦେବ ପ୍ରଧାନ, ନଟବର ଭୋଇ, ନେହ୍ମୁର ବାଗ୍, ପଞ୍ଚାନନ ପ୍ରଧାନ, କୃଷ୍ଣଚନ୍ଦ୍ର ଭୋଇ, ବାବାଜୀ ପ୍ରଧାନ, ରାଜେନ୍ଦ୍ର ଦେହେରୀ ପ୍ରମୁଖ ଉପସ୍ଥିତ ଥିଲେ ।


ମହିମା ଆଶ୍ରମରେ ସାଧୁସନ୍ଥମାନେ ନବାନ୍ନ ଭକ୍ଷଣ କରୁଛନ୍ତି।

# ହେବାକୁ ଥିବା ଆନ୍ଦୋଳନ ସ୍ଥଗିତ

## ରାସ୍ତା ମରାମତି ପ୍ରସଙ୍ଗ

ଜମନକିରା,୧୨।୮(ଡି.ଏନ.ଏ.)

ଜମନକିରା ବ୍ଲକ ସଦର ମହକୁମା ଦେଇ ଯାଇଥିବା ରାସ୍ତା ମରାମତି ଦାବିରେ ଗ୍ରାମ ଉନ୍ନୟନ କମିଟି ଆନ୍ଦୋଳନ ନିଷ୍ପତ୍ତି ନେଇଥିଲା। ହେଲେ ପ୍ରଶାସନ ହସ୍ତକ୍ଷେପରେ ରାସ୍ତାକାମ କରାଯିବା ନେଇ ପ୍ରତିଶ୍ରୁତି ମିଳିବାରୁ ହେବାକୁ ଥିବା ଆନ୍ଦୋଳନ ସ୍ଥଗିତ ରଖାଯାଇଛି।

ପ୍ରକାଶ ଯେ, ଜମନକିରା ଷଣ୍ଢପଥରଠାରୁ ଦସଘରିଆ ପର୍ଯ୍ୟନ୍ତ ୩କି.ମି. ପୁରୁଣା ରାଜରାସ୍ତା ୫୩ର ଅବସ୍ଥା ଶୋଚନୀୟ ହୋଇଛି। ଖାଲଖମାପୂର୍ଣ୍ଣ ରାସ୍ତାରେ ଯାତ୍ରୀ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହି ସମସ୍ୟା ସମାଧାନ ପାଇଁ ଗ୍ରାମ ଉନ୍ନୟନ କମିଟି ୧୬ ତାରିଖରେ ଆନ୍ଦୋଳନ ପାଇଁ ଡାକରା ଦେଇଥିଲା। ରାସ୍ତାରୋକୋ ପାଇଁ କମିଟି ପ୍ରଶାସନକୁ ଦାବିପତ୍ର ଦେଇଥିଲା। ତହସିଲଦାର ଡ. ସୌମ୍ୟାରୂପା ରଥ ଜିଲାପାଳଙ୍କୁ ଜଣାଇ ସମାଧାନର ବାଟ ବାହାର କରିଥିଲେ। ଶୁକ୍ରବାର ଏନ୍‌ଏଚ୍‌ଏଆଇ ଟେକ୍ନିକାଲ ମ୍ୟାନେଜର ନୀତିନ ଗୁପ୍ତା, ଆର୍‌ଇ ସୁବୋଧ କୁମାର ରାୟ, ଟିଏଲ୍ ଆଲୋକ ଶ୍ରୀବାସ୍ତବ, ପ୍ରଶାସନ ପକ୍ଷରୁ ତହସିଲଦାର ରଥଙ୍କ ସମେତ ବିଡ଼ିଓ ଟୁନୁ ମେହେର, ଅତିରିକ୍ତ ତହସିଲଦାର ଗୋପୀନାଥ ଖାକା, ପୋଲିସ ଏସ୍‌ଆଇ ସୁଧାଂଶୁ ପାତ୍ରଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା। ୭ଦିନ ମଧ୍ୟରେ ଖାଲଖମା ମରାମତି କରିବା ସହ ବର୍ଷା ଛାଡିବା ପରେ ପିଚୁ ପକାଇ ରାସ୍ତାକୁ ମରାମତି କରାଯିବ। ଆସନ୍ତା ଅକ୍ଟୋବର ମଧ୍ୟରେ ନୂତନ ରାସ୍ତା ପାଇଁ ଟେଣ୍ଡର କରି ନଭେମ୍ବର ମଧ୍ୟରେ କାମ ସମ୍ପୂର୍ଣ୍ଣ କରାଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ସାମୟିକ ଭାବେ ଆନ୍ଦୋଳନ ବାତିଲ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ସାମ୍ବାଦିକ ସଂଘ ସମ୍ବଲପୁରର କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ଦାନି, ସମ୍ପାଦକ ସତ୍ୟପ୍ରିୟ ମହାପାତ୍ର, ଗ୍ରାମ ଉନ୍ନୟନ କମିଟି ସଭାପତି ସୁବାସ ଚନ୍ଦ୍ର ସାହୁ, ସୁବ୍ରତ ବଢେଇ, ସ୍ନେହାଶିଷ ପଟ୍ଟନାୟକ, ବିବେକ ବହିଦାର ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱଭାବକବି ଗଙ୍ଗାଧର ଜୟନ୍ତୀ

**ସମ୍ବଲପୁର,୧୨।୮(ବ୍ୟୁରୋ):** ଗଙ୍ଗାଧର ସାହିତ୍ୟରେ ଅମୃତର ବର୍ଷା ଓ ମଧୁମୟ ବାର୍ତ୍ତା ରହିଛି। ସମ୍ବଲପୁର ଶାସନ ସ୍ଥିତ ବିକାଶ କ୍ୟାମ୍ପସରେ ଆୟୋଜିତ ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ସଭାରେ ବକ୍ତାମାନେ ଏହା କହିଛନ୍ତି। ବିପ୍ଳବୀ ବୀର ସୁରେନ୍ଦ୍ର ସାଏ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଡ. ଗୌରିଦାସ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଙ୍ଗାଧର ସାହିତ୍ୟ ଉପରେ ଆଲୋଚନା କରିଥିଲେ। ସାହିତ୍ୟ ଜୀବନକୁ ମଧୁମୟ କରିଥାଏ, ତପସ୍ୱିନୀ କାବ୍ୟରେ ସ୍ୱଭାବକବିଙ୍କ ପ୍ରକୃତି ଚିତ୍ରଣ ପ୍ରତିଫଳିତ ହୋଇଛି। ବିକାଶ କନ୍‌ସେପ୍ଟ ସ୍କୁଲ ଅଧ୍ୟକ୍ଷ ମନୋରଞ୍ଜନ ପତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଇଟି ଅଧ୍ୟାପକ ମନୋରଞ୍ଜନ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ବିକାଶ ଗ୍ରୁପର ପରିଚାଳନା ନିର୍ଦ୍ଦେଶକ ଜି. ଭାସ୍କର ରାଓ, ଏକାଡେମୀ ଅଧିକାରିଣୀ ପୁଷ୍ପିତା ପଣ୍ଡା ବକ୍ତବ୍ୟ ପ୍ରଦାନ କରିଥିଲେ।

**ଝାରସୁଗୁଡ଼ା ଅଫିସ:** ଝାରସୁଗୁଡା ବେହାରମାଲସ୍ଥିତ ରାଧାମାଧବ ମନ୍ଦିର ପରିସରରେ ଶୁକ୍ରବାର ମଧୁମୟ ସାହିତ୍ୟ ପରିବାର ତରଫରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ପ୍ରଣତି ପଟ୍ଟନାୟକ ମୁଖ୍ୟଅତିଥି, ରାଧା ମୋହନ ପାଣ୍ଡେ ମୁଖ୍ୟବକ୍ତା, ଗୌନ୍ତିଆ ମହମ୍ମଦ ଜମିଉଲ୍ଲା, ଅଧ୍ୟାପିକା ମନ୍ଦାକିନୀ ଶତପଥୀ, ଅଧ୍ୟାପକ ହେମନ୍ତ କୁମାର ପଟେଲ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏଥିରେ ପ୍ରାଧ୍ୟପକ ଲଳିତ ମୋହନ ଦାସ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଅତିଥିମାନେ କବି ଗଙ୍ଗାଧରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ କବି ପ୍ରେସାଗର ଦେହେରିଆ ଓ କବି ପ୍ରଭାତ କୁମାର ଚୌହାନଙ୍କ ସଂଯୋଜନାରେ କବିତା ଆସର ଅନୁଷ୍ଠିତ ହୋଇଥିଲା। ଡ. ସ୍ୱର୍ଣ୍ଣମୟୀ ପୁରୋହିତ, ଇଶାନ ଚନ୍ଦ୍ର ମିଶ୍ର, ଆରତି ପଣ୍ଡା, ସୁଜାତା ମିଶ୍ର, ରାଧାମୋହନ ତ୍ରିପାଠୀ, ଭକ୍ତ ଚରଣ ଆଚାର୍ଯ୍ୟ, ଭୋଜରାଜ ପରୁଆ, କୃଷ୍ଣଚନ୍ଦ୍ର ମେହେର, ଆନନ୍ଦିନୀ ମିଶ୍ର, ପୁଷ୍ପାଞ୍ଜଳି ପଣ୍ଡା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କବୟିତ୍ରୀ ଅଞ୍ଜଳିପ୍ରଭା ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

**କୋଲାବିରା(ଡି.ଏନ.ଏ.):** ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ କୋଲାବିରା ସମଲେଶ୍ୱରୀ ସାହିତ୍ୟ ସଂସଦ ତରଫରୁ ସଂସଦର ଅସ୍ଥାୟୀ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ରଘୁନାଥପାଲି ପଞ୍ଚାୟତର ପୂର୍ବତନ ସରପଞ୍ଚ ଶୋଭା ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମୁଖ୍ୟଅତିଥି ଭାବରେ ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂ ଯୋଗଦେଇ କବି ଗଙ୍ଗାଧରଙ୍କ ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ତାଙ୍କ ଫଟୋଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ପ୍ରକାଶ ଚନ୍ଦ୍ର ହୋତା, ଗୋବିନ୍ଦ ଭୋଇ, ବୀରେନ୍ଦ୍ର ମହାପାତ୍ର, ହରିବଂଶ ପ୍ରଧାନ, ଲଳିନ୍ଦ୍ର ଗୋଖରା, ସମ୍ପାଦକ କିର୍ତ୍ତିଚନ୍ଦ୍ର ବହିଦାର ପ୍ରମୁଖ ଉପସ୍ଥିତ ଥିଲେ।


ସମ୍ବଲପୁର ବିକାଶ ଅନୁଷ୍ଠାନର ଛାତ୍ରୀଛାତ୍ର ସଂଗୀତ ଗାନ କରୁଛନ୍ତି ।

**ପଡିଆବାହାଲ,(ଡି.ଏନ.ଏ.):** ବଡ଼ତୁରାଙ୍ଗ ଭୁଲିଆ (ମେହେର) ସମାଜ ପକ୍ଷରୁ ଶୁକ୍ରବାର ଝୁଝୁମୁରା ବ୍ଲକ ତୁରାଙ୍ଗ ଗ୍ରାମରେ କବି ଗଙ୍ଗାଧର ମେହେର ଜୟନ୍ତୀ ପାଳିତ ହୋଇଯାଇଛି। କୁଚୁରାଚୁଆଁ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ସାହିତ୍ୟିକ ସୁବାସ ନାୟକ ମୁଖ୍ୟଅତିଥି ଓ ବାହାମ ସରପଞ୍ଚ ସରସ୍ୱତୀ ଭୁସାଗର, ପୂର୍ବତନ ସରପଞ୍ଚ ମିତ୍ରଭାନୁ ପଧାନ, ସମିତି ସଭ୍ୟ ପ୍ରଫୁଲ୍ଲ ମଗର ପ୍ରମୁଖଙ୍କ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଗ୍ରାମସ୍ଥିତ କବି ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଭୁଲିଆ ସମାଜ ସଭାପତି ହରିଶଙ୍କର ମେହେରଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସଭାରେ କବି ଗଙ୍ଗାଧରଙ୍କ କୃତି ଓ ସାହିତ୍ୟ ଉପରେ ଅତିଥିମାନେ ଆଲୋଚନା କରିଥିଲେ।

**ଜମନକିରା (ଡି.ଏନ.ଏ.):** ଜମନକିରା ବ୍ଲକ ଭୋଜପୁର କଲେଜରେ ଶୁକ୍ରବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ପ୍ରତାପ କୁମାର ମାହକୁଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ଯୋଗଦେଇ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅଧ୍ୟାପକ ଜନ୍ମେଜୟ କୁମୁରା ସଭା ପରିଚାଳନା କରିଥିଲେ। ଅଧ୍ୟାପିକା ଅନିତା ପଟେଲ, ଅଧ୍ୟାପକ ତପନ କୁମାର ଜୟପୁରିଆ, ଖେଳ ଶିକ୍ଷକ ଦେବେନ୍ଦ୍ର ନାଏକ, ଗ୍ରନ୍ଥାଗାରିକ ଗଣେଶ କୁମାର ପଟେଲ, ମୁଖ୍ୟ କିରାଣୀ ମୁଜମ ମହମ୍ମଦ, ଡିଇଓ ଆଶାରାଣୀ ପଲେଇ ସହଯୋଗ କରିଥିଲେ।

**ବ୍ରଜରାଜନଗର (ଡି.ଏନ.ଏ.):** ବ୍ରଜରାଜନଗର ସହରାଞ୍ଚଳସ୍ଥିତ ଓରିଏଣ୍ଟ କ୍ଷେତ୍ର ପ୍ରବନ୍ଧକଙ୍କ ସୁରକ୍ଷା କାର୍ଯ୍ୟାଳୟଠାରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଓରିଏଣ୍ଟ କ୍ଷେତ୍ର ସୁରକ୍ଷା ଅଧିକାରୀ ଅଶୋକ ଗଡ଼ନାୟକ ମୁଖ୍ୟଅତିଥି ଓ ବ୍ରଜରାଜନଗର ମହାବିଦ୍ୟାଳୟ ଅଧ୍ୟାପିକା ପଦ୍ମ ମହାପତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଗଙ୍ଗାଧର ମେହେର ସାଂସ୍କୃତିକ ଅନୁଷ୍ଠାନ ସଭାପତି କ୍ଷୀରୋଦ କୁଅଁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଅଞ୍ଚଳର ୫୦ରୁ କବୟିତ୍ରୀ ଓ କବି ଅଂଶଗ୍ରହଣ କରି ସ୍ୱରଚିତ କବିତା ପାଠ କରିଥିଲେ।

ADVERTISEMENT FOR PROJECT ASSISTANT
P.G. DEPARTMENT OF SOCIAL SCIENCE
FAKIR MOHAN UNIVERSITY
Vyasa Vihar, Balasore - 756089

Applications are invited from interested candidates for the engagement of one Project Assistant on purely temporary basis for the Odisha State Higher Education Council, Government of Odisha (OURIIP Seed Fund - 2022) sponsored project entitled as "A Multi-Level Analysis of Trends and Dimensions of Voting Behaviour in India since 1999. A Case study of Balasore district of Odisha" in the P.G. Department of Social Science, Fakir Mohan University, Balasore.
Please log into **http://fmuniversity.nic.in**. for details.

Sd./- Principal Investigator

# ଏନ୍‌ଏଲ୍‌ସି କମ୍ପାନୀରେ ଗାଡ଼ି ଭଙ୍ଗାରୁଜା

**ସମ୍ବଲପୁର,୧୨।୮(ବ୍ୟୁରୋ):** ସମ୍ବଲପୁର ଜିଲା ଠେଲକୁଲି ଥାନା ଅନ୍ତର୍ଗତ ଏନ୍‌ଏଲ୍‌ସି କମ୍ପାନୀରେ ଗୁରୁବାର ବିଳମ୍ବିତ ରାତ୍ରିରେ ଗାଡ଼ି ଭଙ୍ଗାରୁଜା ହୋଇଛି। ଚାରୋଟି ହାଇୱାର କାଚ ଭାଙ୍ଗିବା ସହ ଟାୟାରକୁ କାଟି ଦିଆଯାଇଥିବା ଅଭିଯୋଗ ହୋଇଛି। କମ୍ପାନୀର ମାଲ ପରିବହନକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ହେବାରୁ ଏଭଳି ହୋଇଥିବା ଜାଣିବାକୁ ମିଳିଛି । ଘଟଣାକୁ ନେଇ ଠେଲକୁଲି ଥାନା ଅଧିକାରୀ ବି. ମିଶ୍ର କହିଛନ୍ତି ଯେ, ଗତକାଲି ରାତ୍ରିରେ ଏଭଳି ଘଟଣା ଘଟିଛି। ପୋଲିସ ଘଟଣାସ୍ଥଳ ପରିଦର୍ଶନ କରିଛି। ମାମଲାର ତଦନ୍ତ କରାଯାଉଥିବା ସେ କହିଛନ୍ତି।




# ପ୍ରକୃତ ରକ୍ଷାବନ୍ଧନ, ବାସ୍ତବ ସ୍ୱାଧୀନତା କାର୍ଯ୍ୟକ୍ରମ

ସମ୍ବଲପୁର,୧୨।୮(ବ୍ୟୁରୋ)

ସମ୍ବଲପୁର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକୃତ ରକ୍ଷାବନ୍ଧନ ଓ ବାସ୍ତବ ସ୍ୱାଧୀନତା କାର୍ଯ୍ୟକ୍ରମ ଦାନିବନ୍ଧ ଶିବଦର୍ଶନ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅର୍କ କୁମାର ଦାସମହାପାତ୍ର ଓ ପୂର୍ବତଟ ରେଳ ବିଭାଗ, ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ପ୍ରଦୀପ କୁମାର ଓ ସମ୍ବଲପୁର ଲୋକ ଅଦାଲତର ଜଜ୍ ଦୁର୍ଗା ପ୍ରସାଦ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ବ୍ରହ୍ମାକୁମାରୀ ପଶ୍ଚିମାଞ୍ଚଳ ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପାର୍ବତୀ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଆମେ ସମସ୍ତେ ଗୋଟିଏ ଗୋଟିଏ ଆତ୍ମା। ଏଥିରେ ନାରୀ ପୁରୁଷର ଫରକ ନାହିଁ। ଆତ୍ମାର ପରମାତ୍ମାଙ୍କ ସହିତ ସଂଯୋଗ ହେଲେ ମାନସିକ ଶାନ୍ତି ଓ ପାପ ତାପରୁ ରକ୍ଷା ମିଳେ। ବାସ୍ତବି ସ୍ୱାଧୀନତା ପାଇବାକୁ ହେଲେ ମନ ଓ ତନ ସୁସ୍ଥ ରଖିବାକୁ ହେବ। ବନ୍ଧନ ଅନେକ ପ୍ରକାର। ପାରିବାରିକ ବନ୍ଧନ, କର୍ମ ବନ୍ଧନ, ଈଶ୍ୱରୀୟ ବନ୍ଧନ ଇତ୍ୟାଦି। ସବୁ ବନ୍ଧନରୁ ମୁକ୍ତି ପାଇବା ପାଇଁ ଭଗବାନଙ୍କଠାରେ ବନ୍ଧନଯୁକ୍ତ ହେବାକୁ ହେବ। ରାକ୍ଷୀରେ ଥିବା ଗଣ୍ଠି ପ୍ରତିଜ୍ଞାସୂଚକ ଓ ଡୋରି ଈଶ୍ୱରୀୟ ସ୍ନେହର। ବ୍ରହ୍ମକୁମାରୀ ଆରତୀ ମଞ୍ଚ ସଂଯୋଜନା କରିଥିଲେ।



## ସଂକ୍ଷେପରେ

### ପରିତ୍ୟକ୍ତ କୂଅରୁ ମୃତଦେହ ଉଦ୍ଧାର

ଝାରସୁଗୁଡ଼ା ଅଫିସ,୧୨।୮: ଝାରସୁଗୁଡା ସଦର ଥାନା ବିଟିଏମ୍ ଓରାମପଡା ନିକଟରେ ଥିବା ଏକ ପରିତ୍ୟକ୍ତ କୂଅରୁ ନିଖୋଜ ଥିବା ଗାଈ ଜୁଗୁଆଳିଙ୍କ ମୃତଦେହକୁ ଅଗ୍ନିଶମ ବିଭାଗ ଉଦ୍ଧାର କରିଛି। ସେ ହେଲେ ସ୍ଥାନୀୟ ଅଞ୍ଚଳର ରୋହିତ ପ୍ରସାଦ(୨୦)। ପୋଲିସ୍ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ସମ୍ପର୍କୀୟ ଆକାଶ ସାହୁଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ୍ ଏକ ମାମଲା (ନଂ୨୨/୨୨) ରୁଜୁକରି ତଦନ୍ତ ଚଳାଇଛି। ସୂଚନାକ୍ରମେ ରୋହିତ ଗୁରୁବାର ଗାଈ ଚରାଇବା ପାଇଁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ ସନ୍ଧାନ ପାଇ ନ ଥିଲେ। ଶୁକ୍ରବାର ସକାଳୁ ପରିବାର ଲୋକେ ପରିତ୍ୟକ୍ତ କୂଅରେ ରୋହିତଙ୍କ ଚପଲ ଭାସୁଥିବା ଦେଖି ପୋଲିସ୍‌କୁ ଜଣାଇଥିଲେ। ପୋଲିସ୍ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ କୂଅରୁ ମୃତଦେହ ଉଦ୍ଧାର କରିଥିଲେ।

### ଭାଜପା ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ

ଜମନକିରା,୧୨।୮(ଡି.ଏନ.ଏ.): ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ଭାଜପା କର୍ମୀମାନେ ଭୋଜପୁରଠାରୁ ଯାତ୍ରା ଆରମ୍ଭକରି ଘର ଘର ତ୍ରିରଙ୍ଗା ଉଡାଇବା ପାଇଁ ଲୋକଙ୍କୁ ସଚେତନ କରିଥିଲେ। ଶୋଭାଯାତ୍ରା ଭୋଜପୁର ଗ୍ରାମ ପରିକ୍ରମା କରି ଗ୍ରାମ ପଞ୍ଚାୟତ ଅଫିସରେ ଶେଷ କରାଯାଇଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ସମ୍ବଲପୁର ଜିଲା ଭାଜପା ସାଧାରଣ ସମ୍ପାଦକ ଶୁଶୀଳ କୁମାର କର, ଭାରତମାତା ବୈଦିକ ଆଶ୍ରମର ସ୍ୱାମୀ ଶିବାନନ୍ଦ ଜୀ ମହାରାଜ, ବନବାସୀ କଲ୍ୟାଣ ଆଶ୍ରମର ଘନଶ୍ୟାମ ମହନ୍ତ, ଭୋଜପୁର ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଟିକେଶର ପାତ୍ର, ନରେଶ ଅଗ୍ରୱାଲଙ୍କ ସମେତ ଶତାଧିକ କର୍ମୀ ଅଂଶଗ୍ରହଣ କରିଥିଲେ।

### ଶିକ୍ଷାନୁଷ୍ଠାନ ପାଇଁ ଗଛଟିଏ କାର୍ଯ୍ୟକ୍ରମ

ନାକଟିଦେଉଳ,୧୨।୮(ଡ଼ି.ଏନ.ଏ.): ନାକଟିଦେଉଳ ଉଚ୍ଚମାଧମିକ ବିଦ୍ୟାଳୟ ଜାତୀୟ ସେବା ଯୋଜନା ପକ୍ଷରୁ ଆଜାଦୀକା ଅମୃତ ମହୋତ୍ସବ ପାଳନ ଅବସରରେ ଛାତ୍ରୀଛାତ୍ର ଶିକ୍ଷାନୁଷ୍ଠାନ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି। ପୁରାତନ ଓ ବର୍ତ୍ତମାନର ଛାତ୍ରୀଛାତ୍ରଙ୍କୁ ଚାରା ପ୍ରଦାନ କରାଯାଇ ଅନୁଷ୍ଠାନ ପରିସରରେ ଗଛ ଲଗାଇବାକୁ ଆହ୍ୱାନ ଦିଆଯାଇଥିଲା। ପ୍ରଥମ କରି ବିଜ୍ଞାନ ବିଭାଗ ଦ୍ୱିତୀୟ ବର୍ଷ ଛାତ୍ରୀ ମିକି ଓ ପ୍ରଣିତା କଲେଜ ପରିସରରେ ଦୁଇଟି ଚାରା ରୋପଣ କରି ଏହାର ସୁରକ୍ଷା ଦାୟିତ୍ୱ ନେଇଥିଲେ। ପୁରାତନ ଛାତ୍ର ତଥା ଅଞ୍ଚଳର ବୁଦ୍ଧିଜୀବୀ କାର୍ଯ୍ୟକ୍ରମରେ ସାମିଲ ହୋଇ ସବୁଜ ସୁନ୍ଦର କ୍ୟାମ୍ପସ ସୃଷ୍ଟି କରିବାରେ ସହଯୋଗ କରିବାକୁ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ଡ. ପ୍ରଶାନ୍ତ କୁମାର ଦାଶ ଅନୁରୋଧ କରିଥିଲେ।

### କୋଲାବିରାରେ ଗହ୍ମା ପୂନେଇଁ

କୋଲାବିରା,୧୨।୮(ଡି.ଏନ.ଏ.): କୋଲାବିରା ଅଞ୍ଚଳରେ ଶୁକ୍ରବାର ଗହ୍ମା ପୂନେଇଁ ଅବସରରେ ଗୋରୁମାନଙ୍କୁ ସଜ୍ଜିତ କରାଯାଇ ବିଭିନ୍ନ ଭୋଜ୍ୟ ପଦାର୍ଥ ଖାଇବାକୁ ଦିଆଯାଇଥିଲା। ଗୋପାଳ ପରିବାରରେ ବିଧିପୂର୍ବକ ଗୋ ପୂଜନ କରାଯାଇଥିଲା। କୃଷି ଓ ଗୋସମ୍ପଦ ଅଭିବୃଦ୍ଧି ଲକ୍ଷ୍ୟ ରଖି ଏହି ପର୍ବର ପାଳନ କରାଯାଇଥାଏ। ବଳଦେବଙ୍କ ପୂଜା ବ୍ୟତିତ ଏହିଦିନ ଗୋ ଜାତିର ପୂଜା କରାଯାଇଥାଏ।

### ଆନ୍ତର୍ଜାତିକ ଯୁବ ଦିବସ

ନାକଟିଦେଉଳ,୧୨।୮(ଡ଼ି.ଏନ.ଏ.): ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟରେ ଶୁକ୍ରବାର ଆନ୍ତର୍ଜାତିକ ଯୁବ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ମୋ କଲେଜ ଅଭିଯାନ ଓ ଜାତୀୟ ସେବା ଯୋଜନା ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଦେବଗଡ଼ ଜିଲା ନେହେରୁ ଯୁବ କେନ୍ଦ୍ରର ସଂଗଠକ ପ୍ରଦୀପ କୁମାର ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ଦେଶ ଗଠନରେ ଯୁବ ସମାଜର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ଅଧାପକ ଦେବେଶ କୁମାର ବିଶ୍ୱାଳ, ଶେଷଦେବ ବିଶ୍ୱାଳ, ଅଧାପିକା ଗିରିଶବାଳା ନାଏକ, ଗ୍ରନ୍ଥାଗାରିକ ବିଭୂତି ଭୂଷଣ ସାହୁ ପ୍ରମୁଖ ଯୋଗଦେଇ ଏହି ଦିବସ ଉପରେ ଆଲୋଚନା କରିଥିଲେ। ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ର ମାନସ କୁମାର ମହାପାତ୍ର ଶେଷରେ ଧନ୍ୟବାଦ ଦେଇଥିଲେ।

## ସ୍କ୍ରାପ ବୋଝେଇ ଟ୍ରାକ୍ଟର

# ଥାନାକୁ ଆଣି ଛାଡ଼ିଦେଲା ପୋଲିସ

ସମ୍ବଲପୁର,୧୨।୮(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ଥାନା ପୋଲିସ ଶୁକ୍ରବାର ଏକ ସ୍କ୍ରାପ୍ ବୋଝେଇ ଟ୍ରାକ୍ଟର ଥାନାକୁ ଆଣି ଛାଡ଼ିଦେଇଥିବା ନେଇ ଚର୍ଚ୍ଚା ଜୋର ଧରିଛି। ସ୍ଥାନୀୟ କେତେଜଣ ରାଜନେତାଙ୍କ ଚାପରେ ପୋଲିସ ଏଭଳି କରିଥିବା କୁହାଯାଉଛି। ଅପରପକ୍ଷେ ଉକ୍ତ ଟ୍ରାକ୍ଟରଟି ସ୍ଥାନୀୟ ଗଡ଼ଗଡ଼ବାହାଲ ରାସ୍ତା ନିର୍ମାଣକାରୀ ସଂସ୍ଥା ଗାୟତ୍ରୀ କନ୍‌ଷ୍ଟ୍ରକଶନର ସାମଗ୍ରୀ ନେଉଥିବା ନେଇ ଚର୍ଚ୍ଚା ହେଉଛି। ସ୍ଥାନୀୟ ରାଜନେତାଙ୍କ ସମ୍ପର୍କୀୟଙ୍କ ଟ୍ରାକ୍ଟର ବୋଲି ଅଭିଯୋଗ ହେଉଛି।

ମିଳିଥିବା ସୂଚନା ଅନୁସାରେ ଗଡ଼ଗଡ଼ବାହାଲ ଏହି ଗାୟତ୍ରୀ କନ୍‌ଷ୍ଟ୍ରକଶନ କମ୍ପାନୀରୁ ଗୁରୁବାର ବିଳମ୍ବିତ ରାତ୍ରିରେ ଟ୍ରାକ୍ଟରରେ ଆଜବେଷ୍ଟସ୍ ଓ ଲୁହା ସାମଗ୍ରୀ ବୋଝେଇ ହୋଇ ଯାଉଥିଲା। ଏହି ସମୟରେ ଯୁଯୁମୁରା ପାଟ୍ରୋଲିଂ ଭ୍ୟାନ ଉକ୍ତ ଟ୍ରାକ୍ଟରକୁ ଜବତ କରିଥିଲା। ଘଟଣାସ୍ଥଳରୁ ୪ଜଣ ଫେରାର ହୋଇଯାଇଥିବା ବେଳେ ପୋଲିସ ୩ଜଣଙ୍କୁ କାବୁ କରିଥିଲା। ସେମାନଙ୍କୁ ଥାନାକୁ ଆଣି ଶୁକ୍ରବାର ଅପରାହ୍ନ ୨ଟା ପର୍ଯ୍ୟନ୍ତ ଅଟକ ରଖିଥିଲା ଓ ପରେ ଚାପରେ ପଡି ଗାଡ଼ି ଛାଡ଼ିଦେଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଯୁଯୁମୁରା ଥାନାଧିକାରୀ ରାଜକୁମାର ବିଶ୍ୱାଳ କହିଛନ୍ତି, ପୋଲିସ ସନ୍ଦେହ କରି ଥାନାକୁ ଟ୍ରାକ୍ଟର ଆଣିଥିଲା। ତଦନ୍ତ ପରେ ଏହା ସ୍ଥାନୀୟ ଜଣେ ବ୍ୟକ୍ତିଙ୍କର ବୋଲି ସେ ଦାବି କରିଥିଲେ। ଗାୟତ୍ରୀ କମ୍ପାନୀ ପକ୍ଷରୁ କୌଣସି ଅଭିଯୋଗ ନ ହେବାରୁ ପୋଲିସ ଛାଡ଼ିଦେଇଥିଲା। ଗାୟତ୍ରୀ କମ୍ପାନୀର ଦାୟିତ୍ୱରେ ଥିବା ଅଧିକାରୀ ଜି. ରମନ୍ନା କହନ୍ତି, ଆମ କମ୍ପାନୀର ସାମଗ୍ରୀ ଚୋରି ହୋଇଥିବା ନେଇ ମୋ ପାଖକୁ ସୂଚନା ଆସିଥିଲା। ହେଲେ କମ୍ପାନୀ ପରିଚାଳନା କରିବା ପାଇଁ ଆଉ ଏକ କମ୍ପାନୀକୁ ଦାୟିତ୍ୱ ଦିଆଯାଇଛି। ହେଲେ ମଧ୍ୟ ଥାନାରେ ଅଭିଯୋଗ କରିବି ବୋଲି ସେ କହିଥିଲେ। ସୂଚନାଯୋଗ୍ୟ ଏନ୍‌ଏଚ୍ ୫୫ର ୪ଥାକିଆ କାମ ଏହି ଗାୟତ୍ରୀ କନ୍‌ଷ୍ଟ୍ରକଶନ ହାତରେ ରହିଥିଲା। କମ୍ପାନୀ କାର୍ଯ୍ୟରେ ବିଳମ୍ବ କରିବାରୁ ଏବେ ଅନ୍ୟ ଏକ କମ୍ପାନୀକୁ ହସ୍ତାନ୍ତର କରାଯାଇଛି। ଗାୟତ୍ରୀ କମ୍ପାନୀର ଅଧିକାରୀ ଓ କର୍ମଚାରୀମାନେ ଏବେ ମଧ୍ୟ ରାସ୍ତା କାମର ସୁପରଭିଜନ କରିବା ପାଇଁ ରହିଛନ୍ତି। କମ୍ପାନୀର ଉଚ୍ଚ କର୍ତ୍ତୃପକ୍ଷ ନ ଥିବାରୁ ପର୍ଯ୍ୟାୟକ୍ରମେ ପ୍ରାୟ ୫୦ଲକ୍ଷ ଟଙ୍କାର ସ୍କ୍ରାପ ଆକାରରେ ବିକ୍ରି କରାଯାଇଥିବା ଏହି କମ୍ପାନୀର ଜଣେ କର୍ମଚାରୀ କହିଛନ୍ତି।


ପୋଲିସ ଜବତ କରିଥିବା ସ୍କ୍ରାପ ବୋଝେଇ ଟ୍ରାକ୍ଟର।

# ଟାଇସର ନାଳରେ ବନ୍ୟାପାଣି: ଯାତାୟାତ ଠପ


ଟାଇସର ନାଳରେ ବନ୍ୟାପାଣି।

କୁଚିଣ୍ଡା,୧୨।୮(ଡି.ଏନ.ଏ.)

କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତର ଟାଇସର ନାଳରେ ଥିବା କଜୱେ(ରପଟା) ଉପରେ ୩ଫୁଟ ବନ୍ୟା ପାଣି ପ୍ରବାହିତ ହୋଇଥିଲା। ଫଳରେ ଶୁକ୍ରବାର ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ଲାପଠାରୁ ଫାଫିମାଲ ଯାଇଥିବା ରାସ୍ତାରେ ଯାତାୟାତ ବନ୍ଦ ହୋଇଯାଇଥିଲା। ଏଥିଯୋଗୁ ଲୋକେ ହଇରାଣ ହୋଇଥିଲେ। ଟାଇଁସର ନାଳରେ ଏକ ହ୍ୟୁମପାଇପ କଜୱେ ନିର୍ମିତ ହୋଇଛି। ଲଗାଣବର୍ଷା ହେଲେ ଏହା ଉପରେ ବନ୍ୟା ପାଣି ଆସି ଯିବାଆସିବାରେ ବାଧା ସୃଷ୍ଟି କରିଥାଏ। ଏହି ରାସ୍ତା ଦେଇ ୮/୧୦ଗୋଟି ପଞ୍ଚାୟତର ଜନସାଧାରଣ କୁଚିଣ୍ଡା ଉପଖଣ୍ଡ ମୁଖ୍ୟାଳୟକୁ ଆସିଥାନ୍ତି। ପ୍ରତିବର୍ଷ ବର୍ଷାଦିନେ ଏଭଳି ସମସ୍ୟା ଦେଖାଦେଇଥାଏ। ଏହି ନାଳ ଉପରେ ଏକ ସ୍ଥାୟୀ ସେତୁ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଗାୟତ୍ରୀ ଶକ୍ତିପୀଠରେ ଶ୍ରାବଣୀ ପର୍ବ

ସମ୍ବଲପୁର,୧୨।୮(ବ୍ୟୁରୋ)

ସମ୍ବଲପୁର କମଳିବଜାରସ୍ଥିତ ଗାୟତ୍ରୀ ଶକ୍ତି ପୀଠରେ ଶ୍ରାବଣୀ ପର୍ବ ସମ୍ପନ୍ନ ହୋଇଛି। ପରମ୍ପରା ଅନୁସାରେ ପ୍ରାତଃ ସମୟରେ ନୂତନ ଯଜ୍ଞୋପବିତ ଧାରଣ ସହ ବିଭିନ୍ନ ନୀତି କରି ଚାରା ରୋପଣର ସଙ୍କଳ୍ପ ନିଆଯାଇଥିଲା। ଏଥିସହ ହୋମଯଜ୍ଞ କରାଯାଇଥିଲା। ଦିନଦୟାଲ ଅଗ୍ରୱାଲ, ରାଜେନ ପଟେଲ, ସତ୍ୟନାରାୟଣ ପଟେଲ, ଦୁର୍ଗାଚରଣ ମହାରଣା, ନଳନୀକାନ୍ତ ନାଥ, ଶିବନାରାୟଣ ଶତପଥୀ, ଶିବନାରାୟଣ ପାଣିଗ୍ରାହୀ, ଅରୁଣ ପୂଜାରୀ, ବସନ୍ତ ଦାଶ, ସୀତାରାମ ଅଗ୍ରୱାଲ, ନଳିନୀ ପୂଜାରୀ, ଯବାକ୍ଷୀ ସାହୁ, ପ୍ରତିମା କାଲୋ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଗାୟତ୍ରୀ ପରିବାରର ବରିଷ୍ଠ ସଦସ୍ୟ ଯୁଗଳ କିଶୋର ଶତପଥୀଙ୍କ ବିୟୋଗରେ ପାଞ୍ଚ ମିନିଟ୍ ଗାୟତ୍ରୀ ଓ ପାଞ୍ଚ ମିନିଟ ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରାଯାଇଥିଲା।


ଗାୟତ୍ରୀ ଶକ୍ତିପୀଠରେ ଶ୍ରାବଣୀ ପର୍ବ ପାଳନ କରାଯାଉଛି।

# ସ୍କୁଲ ଛାତରେ ଉପୁଡ଼ିପଡ଼ିଲା ଗଛ

କୁଚିଣ୍ଡା,୧୨।୮(ଡି.ଏନ.ଏ.)

ବାମରା ବ୍ଲକ ମହୁଲପାଲି ଥାନା ଜରାବଗା ପଞ୍ଚାୟତ ସରକାରୀ ହାଇସ୍କୁଲ ଛାତ ଉପରେ ଶୁକ୍ରବାର ଅପରାହ୍ନ ୩ଟାରେ ଦୁଇଟି ବଡ ବଡ ଗଛ ଉପୁଡିପଡିବାରୁ ଶ୍ରେଣୀ କୋଠରୀରେ ପାଠ ପଢୁଥିବା ପିଲାମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ହାଇସ୍କୁଲ ପଛପଟ ପାଚେରି ବାହାରେ ପୁରୁଣା ଶାଳ ଓ ଆମ୍ବଗଛ ରହିଥିଲା। ଲଗାଣ ବର୍ଷା ଯୋଗୁ ମାଟି ଓଦା ହୋଇ ଶାଳଗଛଟି ହଠାତ୍ ଉପୁଡି ଆମ୍ବଗଛ ଉପରେ ପଡିଥିଲା। ଶାଳଗଛର ଓଜନ ସମ୍ଭାଳି ନ ପାରି ଆମ୍ବଗଛ ମଧ ଉପୁଡି ୯ମ ଶ୍ରେଣୀ କୋଠରି ଛାତ ଉପରେ ପଡିଥିଲା। ଶବ୍ଦ ଶୁଣି ଶ୍ରେଣୀରେ ବସିଥିବା ପିଲା ଭୟରେ ଚିତ୍କାର କରି ବାହାରକୁ ଦୌଡି ପଳାଇଥିଲେ। ଗଛ ଦୁଇଟି କୋଠରି ଉପରେ ପଡି ଆଜବେଷ୍ଟସ୍ ଭାଙ୍ଗି ଚୁରମାର ହୋଇଯାଇଛି। ସୌଭାଗ୍ୟବଶତଃ ଗଛ ଦୁଇଟି ଛାତ ଉପରେ ଅଟକିଯିବାରୁ କାହାରି କିଛି କ୍ଷତି ହୋଇନାହିଁ। ହାଇସ୍କୁଲ ପ୍ରଧାନ ଶିକ୍ଷକ ବିଭୀଷଣ କିଷାନଙ୍କ ସମେତ ସମସ୍ତ ଶିକ୍ଷକ ଓ ଷ୍ଟାଫ୍ ଦୌଡି ଆସି ପିଲାମାନଙ୍କୁ ସୁରକ୍ଷିତ ସ୍ଥାନକୁ ନେଇଥିଲେ। ଘଟଣା ସମ୍ପର୍କରେ ପ୍ରଧାନ ଶିକ୍ଷକ କିଷାନ ବାମରା ବିଡିଓ, ତହସିଲଦାର ଓ ସମ୍ବଲପୁର ଜିଲା ଶିକ୍ଷା ଅଧିକାରୀଙ୍କୁ ଜଣାଇଥିବା କହିଛନ୍ତି। ପ୍ରକାଶଥାଉ କି ୧୯୭୧ ମସିହାରେ ସ୍ଥାପିତ ଏହି ହାଇସ୍କୁଲରେ ୬ଷ୍ଠରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ପାଠ ପଢନ୍ତି। ୨୦୨୦-୨୧ରେ ଏହା ସରକାରଙ୍କ ୫-ଟି ଅଧୀନରେ ରୂପାନ୍ତରିତ ହୋଇଥିଲା। ଏଥିଯୋଗୁ ସ୍କୁଲ ପରିବେଶ ଓ ସମସ୍ତ କୋଠରୀ ଚକାଚକ୍ ହୋଇଉଠିଥିଲା। ୨/୩ଦିନ ଧରି ହୋଇଥିବା ଲଗାଣ ବର୍ଷା ଯୋଗୁ ମାଟି ଓଦା ହୋଇଯିବା ଫଳରେ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଉଛି।


ହାଇସ୍କୁଲ କୋଠା ଉପରେ ଉପୁଡିପଡିଥିବା ଗଛ।

### ଅଳ୍ପକେ ବର୍ତ୍ତିଲେ ପିଲା

# ଦୁର୍ଗାପାଲି ଖଡ଼ିଆପଡ଼ାରେ ବିଶ୍ୱ ଆଦିବାସୀ ଦିବସ

ସମ୍ବଲପୁର,୧୨।୮(ବ୍ୟୁରୋ)

ସୋସିଆଲ ଆଣ୍ଡ କଲଚରାଲ ଆଡଭାନ୍ସ ନେଟୱର୍କ (ସ୍କାନ) ପକ୍ଷରୁ ସମ୍ବଲପୁର ମହାନଗର ନିଗମ ଦୁର୍ଗାପାଲି ଖଡ଼ିଆପଡ଼ାଠାରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଉତ୍ସବ ହୋଇଥିଲା। ଆୟୋଜକ ଅନୁଷ୍ଠାନ ଅଧ୍ୟକ୍ଷ ସୁଧାଂଶୁ ଶେଖର ମହାରଣା ଅତିଥି ପରିଚୟ ଓ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି ଅବସରରେ ଅଞ୍ଚଳବାସୀଙ୍କ ସହ ସ୍କାନ ସଭ୍ୟାସଭ୍ୟ ଓ ନିମନ୍ତ୍ରିତ ଅତିଥିମାନେ ଆମ୍ବ, ନିମ୍ବ, ଜାମୁ, ବେଲ, କୃଷ୍ଣଚୂଡ଼ା ପ୍ରଭୃତି ଚାରା ରୋପଣ କରିଥିଲେ। ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ, ବିଜେଡି ମହାନଗର ସଭାପତି ପ୍ରଫୁଲ୍ଲ କୁମାର ଦାଶ, ଯୁବ ବିଜେଡି ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ଜିଲା ଓବିସି ମଞ୍ଚ ଆବାହକ ସରୋଜ ସାହୁ ନିମନ୍ତ୍ରିତ ଅତିଥି ଥିଲେ। ସ୍କାନ ସମ୍ପାଦକ କୁଳଶେଖର ବାରିକ ଧନ୍ୟବାଦ ଦେଇଥିଲେ। ଦୁର୍ଗାପାଲି ଗ୍ରାମର ବରିଷ୍ଠ ନାଗରିକ ଦ୍ୱାରିକା ପ୍ରସାଦ ମିଶ୍ର, ରମେଶ ଚନ୍ଦ୍ର ସେଠ, ଚୈତନ୍ୟ ମେହେର, ଜୟମଙ୍ଗଳ ସାହୁ, ଯୋଗେଶ୍ୱର ବନଛୋର, ରାଜାରାମ ବାରିକ, ଜହର ମଣ୍ଡଳ, ରାଧେଶ୍ୟାମ ବାରିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଲଖନପୁରରୁ କନକତୋରା ତ୍ରିରଙ୍ଗା ବାଇକ୍ ରାଲି

ଝାରସୁଗୁଡା ଅଫିସ୍,୧୨।୮

ଦେଶ ସ୍ୱାଧୀନତାର ୭୫ବର୍ଷରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ହରଘର ତ୍ରିରଙ୍ଗା ସଚେତନତା ନେଇ ଲଖନପୁର ବଜରଙ୍ଗ ଦଳ ତରଫରୁ ଶୁକ୍ରବାର ଏକ ତ୍ରିରଙ୍ଗା ବାଇକ୍ ରାଲି ଅନୁଷ୍ଠିତ ହୋଇଯାଇଛି। ଏହି ରାଲି ଲଖନପୁର ବେହେରାଗୁଡାରୁ ବାହାରି ଛତିଶଗଡ ସୀମାନ୍ତ କନକତୋରା ନିକଟରେ ପହଞ୍ଚିଥିଲା । ଏଥିରେ ଶତାଧିକ ବାଇକ୍ ସାମିଲ ହୋଇଥିଲା। ରାସ୍ତାରେ ବାଘମୁଣ୍ଡା, କଦମ୍ବଡିହି, ଗୋବିନ୍ଦପୁର, ସମରବଗା, ମାହାସିଂହ, ପଂଚଗାଁ, ଭିକମପାଲି ଓ କନକତୋରା ଆଦି ସ୍ଥାନରେ ଲୋକେ ରାଲି ଅଟକାଇ ସ୍ୱାଗତ କରିଥିଲେ। ଏଥିରେ ବଜରଙ୍ଗ ଦଳର ସଂଯୋଜକ ରଣଜିତ ପ୍ରଧାନ, ରାଜେଶ ସାହୁ, ପିଣ୍ଟୁ ଖମାରୀ, ପରିତୋଷ ମିଶ୍ର, ଫକୀର ପ୍ରଧାନ, ଅଜୟ ସାହୁ, ସୌମ୍ୟରଞ୍ଜନ ବାଗ୍, ପ୍ରମୋଦ ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ ।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ପଡିଆବାହାଲ, ୧୨।୮(ଡି.ଏନ.ଏ.)

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ତରଫରୁ ଜିଲା ପ୍ରଶାସନ ଆନୁକୂଲ୍ୟରେ ଶୁକ୍ରବାର ଯୁଯୁମୁରା ବ୍ଲକ ପଡିଆବାହାଲ ମାର୍କେଟ କମ୍ପ୍ଲେକ୍ସଠାରେ ପଞ୍ଚାୟତସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାହାମ, ଜୟନ୍ତପୁର, କବରାପାଲି, କୁକୁଡ଼ାପାଲି ପଞ୍ଚାୟତର ଶତାଧିକ ଅସ୍ଥି, ଦୃଷ୍ଟି, ଶ୍ରବଣ, ମାନସିକ ଦିବ୍ୟାଙ୍ଗ ତାଲିକାଭୁକ୍ତ ହୋଇ ଡାକ୍ତରଙ୍କ ପରାମର୍ଶ ନେଇଥିଲେ। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଶିବିର ଚାଲିଥିଲା।

# ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ମାନେଶ୍ୱର ବ୍ଲକ ଗସ୍ତ

ସମ୍ବଲପୁର,୧୨।୮(ବ୍ୟୁରୋ)

ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ରେଢ଼ାଖୋଲ ବିଧାୟକ ଇଂ. ରୋହିତ ପୂଜାରୀ ଶୁକ୍ରବାର ମାନେଶ୍ୱର ବ୍ଲକ ଗସ୍ତ କରିଛନ୍ତି। ଏହି ଅବସରରେ ଟାଙ୍ଗରପାଲି ସେତୁର ଲୋକାର୍ପଣ କରିଛନ୍ତି। ଏହାସହ ଧମାରେ କଲ୍ୟାଣ ମଣ୍ଡପ, ଅଇଁଲାପାଲି ରାସ୍ତାର ଭିତ୍ତି ପ୍ରସ୍ତର ସ୍ଥାପନ, ଛଚାନପାଲିରେ ଆୟୁର୍ବେଦିକ କଲେଜର ଅତିରିକ୍ତ କୋଠା ଉଦ୍‌ଘାଟନ କରିଥିଲେ। ମାନେଶ୍ୱର ବିଡିଓ ନିଳାମ୍ବର ମହାନନ୍ଦ, ମାନେଶ୍ୱର ବ୍ଲକ ବିଜେଡି ସଭାପତି ଗୋପି ରଞ୍ଜନ ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ସତ୍ୟନାରାୟଣ ମେଣ୍ଡଲି ପ୍ରମୁଖ ଉପସ୍ଥିତ ଥିଲେ। ପରେ ମା' ଝାଡ଼େଶ୍ୱରୀ କଲେଜରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇଥିଲେ। ଯୁକ୍ତ ୨ କଲେଜ ଅଧ୍ୟକ୍ଷ ଅଶୋକ ପୁରୋହିତଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଆର୍ଥିକ ବର୍ଷ ୨୦୨୨ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦରେ କଳା ଓ ବିଜ୍ଞାନରେ କଲେଜର ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ପ୍ରଦାନ ସହ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ରବିନ୍ଦ୍ର ନାରାୟଣ ଠାକୁର ପୁରସ୍କାର ବିତରଣୀ ସଭାକୁ ସଂଯୋଜନା କରିଥିଲେ। ଯୁକ୍ତ ୩ ଅଧ୍ୟକ୍ଷ ଅନୀଲ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ରକ୍ଷା ବନ୍ଧନ

କୋଲାବିରା,୧୨।୮(ଡି.ଏନ.ଏ.): ପବିତ୍ର ରକ୍ଷା ବନ୍ଧନ ଅବସରରେ ଭଉଣୀ ଭାଇ ହାତରେ ଓ ବ୍ରାହ୍ମଣ ଯଜମାନଙ୍କ ହାତରେ ରାଖୀ ବାନ୍ଧିଛନ୍ତି। ରକ୍ଷା ବନ୍ଧନର ଅନ୍ୟନାମ ପୂଣ୍ୟ ପ୍ରଦାୟକ ପର୍ବ। ଅନ୍ୟ ଅର୍ଥରେ ଏହା ହେଉଛି ପବିତ୍ରତା ବା ଧର୍ମରକ୍ଷାର ସଂକେତ। ଶ୍ରୀ ବଳଭଦ୍ରଙ୍କ ଜନ୍ମ ଉତ୍ସବ ମଧ୍ୟ ମନ୍ଦିରରେ ପୂଜାର୍ଚ୍ଚନା ସହ ପାଳିତ ହୋଇଯାଇଛି।

# ଆଜାଦୀ କା ଅମୃତ ମହୋତ୍ସବ

ନାକଟିଦେଉଳ,୧୨।୮(ଡି.ଏନ.ଏ.)

ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ଅବସରରେ ସମଗ୍ର ଦେଶ ପାଳନ କରୁଛି ଆଜାଦୀ କା ଅମୃତ ମହୋତ୍ସବ। ଏହି ଅବସରରେ ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସମସ୍ତ ଶିକ୍ଷାନୁଷ୍ଠାନରେ ଗୁରୁବାରଠାରୁ ଜାତୀୟ ପତାକା ଉତ୍ତୋଳନ କରାଯିବା ସହ ପ୍ରଭାତଫେରି କରାଯାଇଛି। ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ପକ୍ଷରୁ ମଧ ଆଜାଦୀ କା ଅମୃତ ମହୋତ୍ସବ ଅବସରରେ ହର୍ ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ଅଧାପକ ଓ ଛାତ୍ରୀଛାତ୍ର ଜାତୀୟ ପତାକା ଧରି ଶୋଭାଯାତ୍ରାରେ ବାହାରିବା ସହ ହର୍‌ଘର ତ୍ରିରଙ୍ଗା ଅଭିଯାନକୁ ସଫଳ କରିବାକୁ ସଚେତନ କରାଇଥିଲେ।



ଶୋଭାଯାତ୍ରା ପୂର୍ବରୁ ତ୍ରିରଙ୍ଗା ସହ ଛାତ୍ରୀ ଓ ଅଧାପକ।

# ନ୍ୟାୟାଳୟର ଦ୍ୱାରସ୍ଥ ହେବ ଆଦିବାସୀ ସମାଜ

ଝାରସୁଗୁଡ଼ା ଅଫିସ,୧୨।୮

ଝାରସୁଗୁଡା ଜିଲାର ଲଇକେରା, କିର୍ମିରା ଓ ସମ୍ବଲପୁର ଜିଲାର ଯୁଯୁମୁରା ବ୍ଲକ ଆଇଟିଡିଏର ଅନ୍ତର୍ଭୁକ୍ତ ହେବା ପାଇଁ ସମସ୍ତ ସାମ୍ବିଧାନିକ ବିଧି ବ୍ୟବସ୍ଥା ପୂରଣ କରୁଛି। ଏହି ବିଷୟରେ ସମ୍ମିଳିତ ଆଦିବାସୀ ସମାଜ ୬ବର୍ଷ ହେଲା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଗୁହାରି କରିଆସୁଛି। ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ନଭେମ୍ବର ୨୦୧୭ରୁ ପ୍ରସ୍ତାବ ଦେଇଥିଲେ ମଧ ଅଦ୍ୟାବଧି ଘୋଷଣା ନ ହେବା ଆଦିବାସୀଙ୍କ ପ୍ରତି ଅନ୍ୟାୟ ବୋଲି ଆଦିବାସୀ ସମାଜ କହିଛି। ଅନ୍ୟପକ୍ଷେ ଦୀର୍ଘ ୪ବର୍ଷ ପରେ କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପାର ବିଭାଗ ୧୧ ଅକ୍ଟୋବର ୨୦୨୧ରେ ରାଜ୍ୟ ସରକାରଙ୍କୁ ଚିଠି ଲେଖି ୨୦୧୭ରୁ ଦେଇଥିବା ପ୍ରସ୍ତାବ ସମୟ ଅତିକ୍ରାନ୍ତ ହୋଇଯାଇଛି ବୋଲି ଜଣାଇଛନ୍ତି। ଏଥିପାଇଁ ନୂତନ ପ୍ରସ୍ତାବ ପଠାଇବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏଥିରୁ ସ୍ପଷ୍ଟ ହେଉଛି ଆଇଟିଡିଏ ବ୍ଲକ ଘୋଷଣା କରିବା ପାଇଁ କେନ୍ଦ୍ର ସରକାରଙ୍କ ଆନ୍ତରିକତା ନାହିଁ। ଗତ ୯ ତାରିଖରେ କେନ୍ଦ୍ର ଶିଳ୍ପମନ୍ତ୍ରୀ ଫଗନ ସିଂହ କୁଲସ୍ତେ ତତ୍କାଳୀନ ଆଦିବାସୀ ବ୍ୟାପାର ମନ୍ତ୍ରୀ ତଥା ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମଙ୍କ ଝାରସୁଗୁଡା ଗସ୍ତ ସମୟରେ ସମ୍ମିଳିତ ଆଦିବାସୀ ସମାଜ ସଭାପତି ମାଧବ ସିଂହ ନାଏକ, ଉପଦେଷ୍ଟା ରତ୍ନାକର ପ୍ରଧାନ, ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭା ଝାରସୁଗୁଡା ଜିଲା ସଭାପତି ଡମ୍ବରୁଧର ନାଏକ, ଲିଙ୍ଗରାଜ ବଡେଇ, ବୀର ଧୁରୁଆ, ଫକୀର ନାଏକ, ଅଶୋକ ମାଝି, ଚିନ୍ତାମଣି କାଲୋ ପ୍ରମୁଖ ଭେଟି ଆଇଟିଡିଏ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ଭରସା ତୁଟିଯିବା ପରେ ସମ୍ମିଳିତ ଆଦିବାସୀ ସମାଜ ଆସନ୍ତା ସପ୍ତାହରେ ଆଇଟିଡିଏ ପ୍ରସ୍ତାବ ନିର୍ଣ୍ଣୟ ପାଇଁ ନ୍ୟାୟାଳୟର ଦ୍ୱାରସ୍ଥ ହେବ ବୋଲି ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭା ରାଜ୍ୟ ସଭାପତି ମହେନ୍ଦ୍ର ନାଏକ, ସମ୍ମିଳିତ ଆଦିବାସୀ ସାମାଜ ସଭାପତି ମାଧବ ସିଂହ ନାଏକ ଓ ଉପଦେଷ୍ଟା ପ୍ରଭାକର ଓରାମ ସ୍ପଷ୍ଟ କରିଛନ୍ତି।


ବିଭାଗୀୟ କେନ୍ଦ୍ରମନ୍ତ୍ରୀ ଓ ଏମ୍‌ପିଙ୍କ ସହିତ ଆଦିବାସୀ ସମାଜର କର୍ମକର୍ତ୍ତା ଆଲୋଚନା କରୁଛନ୍ତି।

### ଆଇଟିଡିଏ ବ୍ଲକ ଘୋଷଣା ପାଇଁ କେନ୍ଦ୍ର ସରକାରଙ୍କ ଆନ୍ତରିକତା ନାହିଁ

# ଆଜି ଏନ୍‌ଆଇଟିର ସମାବର୍ତ୍ତନ ଉତ୍ସବ

ରାଉରକେଲା ଅଫିସ,୧୨।୮

ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ରାଉରକେଲାର ୧୯ତମ ସମାବର୍ତ୍ତନ ଉତ୍ସବ ଶନିବାର ଭୁବନେଶ୍ୱର ବେହେରା ପ୍ରେକ୍ଷାଳୟରେ ଅନୁଷ୍ଠିତ ହେବ। ଏଥିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି, ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ ଓ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିବେ। ଏ ନେଇ ଶୁକ୍ରବାର ଏନ୍‌ଆଇଟିର ଏଫ୍‌ଟିବିଆଇ ସେମିନାର ହଲ୍ ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସମ୍ମିଳନୀରେ ଏନ୍‌ଆଇଟିର ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ଯୋଗଦେଇ ସମାବର୍ତ୍ତନ ଉତ୍ସବ ଉପରେ ବିବରଣୀ ପ୍ରଦାନ କରିଥିଲେ। ଏନ୍‌ଆଇଟିର ୧୯ତମ ହୀରକ ଜୟନ୍ତୀ



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ଏନ୍‌ଆଇଟି କର୍ତ୍ତୃପକ୍ଷ।

ପାଳନ ସହ ୭୫ତମ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯିବ ବୋଲି ସେ କହିଥିଲେ। ଏହି ସମାରୋହରେ ହର୍ ଘର୍ ତ୍ରିରଙ୍ଗା ଉତ୍ସବ ପାଳିତ ହେବ। ଏନ୍‌ଆଇଟି କ୍ୟାମ୍ପସ ବାସିନ୍ଦାଙ୍କ ପାଇଁ ଜାତୀୟ ପତାକା ଉତ୍ତୋଳନର ଆଚରଣ ବିଧି ବିଷୟରେ ସଚେତନତା ସହ ବିଦ୍ୟାର୍ଥୀଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା, ମାରାଥନ୍, ଏନସିସି କ୍ୟାଡେଟ ଓ କ୍ୟାମ୍ପସ ପିଲାମାନଙ୍କୁ ନେଇ ପରେଡ ପ୍ରସ୍ତୁତି ସହ ବିଭିନ୍ନ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପ୍ରଫେସର ରାଓ ସୂଚନା ଦେଇଥିଲେ। ଏହି ସମ୍ମିଳନୀରେ ଡିନ୍ ଏକାଡେମିକ ସସ୍ମିତା ମିଶ୍ର, ସମାବର୍ତ୍ତନ ଉତ୍ସବର ଭାରପ୍ରାପ୍ତ ଅଧିକାରୀ ପ୍ରଫେସର ମହାବୀର ପଣ୍ଡା, ପିପିଆରସି ପ୍ରଫେସର ହିମାଂଶୁ ଭୂଷଣ ସାହୁ, ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମାନ, ବ୍ଲକଚେନ ଉପସ୍ଥାପକ ପ୍ରଫେସର ମନୀଷ ଓକାଡେ ଉପସ୍ଥିତ ଥିଲେ। ଏନ୍‌ଆଇଟିର ଲୋକ ସମ୍ପର୍କ ଅଧିକାରୀ ଅର୍ଚ୍ଚନା ଗୁପ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ପ୍ରଫେସର ଉଇନି ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ତିନି ମହଲାରୁ ଖସି ଚିକିତ୍ସାଧୀନ ଶ୍ରମିକ ମୃତ

ରାଉରକେଲା ଅଫିସ,୧୨।୮

ଟାଙ୍ଗରପାଲି ଥାନା ଅନ୍ତର୍ଗତ ନବକୃଷ୍ଣ ନଗରରେ ୩ମହଲାରେ ଚଢ଼ି କାମ କରୁଥିବା ବେଳେ ଖସି ପଡିବାରୁ ଜଣେ ଠିକା ଶ୍ରମିକଙ୍କ ମୃତ୍ୟୁ ହୋଇଛି। ମୃତ ଠିକା ଶ୍ରମିକ ହେଲେ କ୍ରିଷ୍ଣା ପ୍ରସାଦ(୫୨)। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୩।୨୨) ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ଜଲଦା 'ଡି' ବ୍ଲକ ଅଞ୍ଚଳର କ୍ରିଷ୍ଣା ସେଣ୍ଟ୍ରିଂ ମିସ୍ତ୍ରୀ ଭାବେ କାମ କରନ୍ତି। ଜୁଲାଇ ୨୬ ତାରିଖରେ ସେ ନବକୃଷ୍ଣନଗରରେ ଏକ ତିନି ମହଲା ଘର ଉପରେ ଚଢ଼ି ସେଣ୍ଟ୍ରିଂ କାମ କରୁଥିବାବେଳେ ତାଙ୍କ ଗୋଡ ଖସିଯାଇଥିଲା। ଫଳରେ ସେ ତଳକୁ ଖସିପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଆରଜିଏଚ୍ ଓ ପରେ ଜେପି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ଶୁକ୍ରବାର ପୂର୍ବାହ୍ନ ସାଢ଼େ ୧୧ଟାରେ ତାଙ୍କର ମୃତ୍ୟୁ ହୋଇଥିଲା।

## ବିଶ୍ୱଦେଖ ମଧୁମୟ ଧ୍ୱନିରେ ମୁଖରିତ ସହର

ସମ୍ବଲପୁର,୧୨।୮(ବ୍ୟୁରୋ)

**ସ୍ୱଭାବକବି ଗଙ୍ଗାଧର ମେହେର ଜୟନ୍ତୀ**

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୧ତମ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ସମ୍ବଲପୁର ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନ, ସାମାଜିକ ଅନୁଷ୍ଠାନ, କ୍ରୀଡ଼ାନୁଷ୍ଠାନ, ସାଂସ୍କୃତିକ ଅନୁଷ୍ଠାନରେ ସ୍ୱଭାବ କବିଙ୍କ ରଚିତ କାବ୍ୟ ଓ କବିତା ବିଷୟରେ ଆଲୋଚନା କରାଯାଇଛି। ବିଶ୍ୱ ଦେଖ ମଧୁମୟରେ ଜୀବନ, ବିଶ୍ୱ ଦେଖ ମଧୁମୟ... ଧ୍ୱନିରେ ସମ୍ବଲପୁର ସହର ପ୍ରକମ୍ପିତ ହୋଇଛି। ପ୍ରାତଃରେ ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଭାତଫେରି କରାଯାଇଥିଲା। କବିଙ୍କ ଫଟୋଚିତ୍ର ନେଇ ଶିକ୍ଷାବିତ୍‌ମାନେ ସାମିଲ ହୋଇ କବିଙ୍କ ରଚିତ କବିତା ଗାନ କରିଥିଲେ। ସକାଳ ସାଢ଼େ ୮ଟାରେ ସହରର ବିଭିନ୍ନ ଅଞ୍ଚଳରୁ ମହିଳାପୁରୁଷ, ଛାତ୍ରୀଛାତ୍ର ସମବେତ ହୋଇ ସ୍ୱଭାବ କବିଙ୍କ ପ୍ରତିମୂର୍ତ୍ତିରେ ଜୟଧ୍ୱନି ଦେଇଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍. ନାଗାରାଜୁ, କୁଳ ସଚିବ ଯୁଗଳେଶ୍ୱରୀ ଦାଶ, ଉପକୁଳ ସଚିବ ଡ. ଉମାଚରଣ ପତି, ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି ଅଶୋକ କୁମାର ମିଶ୍ର, ସାଧାରଣ ସମ୍ପାଦକ ଡ. ସିଦ୍ଧାର୍ଥ ପଣ୍ଡା, ବିଜେଡି ରାଜ୍ୟ ପ୍ରବକ୍ତା ସଞ୍ଜୟ କୁମାର ବାବୁ, ସମ୍ବଲପୁର କଳାପରିଷଦ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ହୋତା, ପବ୍ଲିକ ଲାଇବ୍ରେରୀ ସଭ୍ୟସଚିବ ରଘୁନାଥ ମିଶ୍ର, ହୀରାଖଣ୍ଡ ନାଗରିକ ପରିଷଦ ସଭାପତି ଡ. ଜୟଦେବ ମେହେର, ମେହେର ସମାଜର ଶିବ ପ୍ରସାଦ ମେହେର ଓ ଗୋକୁଳ ମେହେର, ଚାଷି ନେତା ଅଶୋକ ପ୍ରଧାନ, ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ। ପୂର୍ବାହ୍ନ ୧୦ଟାରେ ଜିଏମ୍‌ୟୁ ସଭାକକ୍ଷରେ ଜୟନ୍ତୀ କାର୍ଯ୍ୟକ୍ରମ ଓ ସନ୍ଧ୍ୟା ସାଢ଼େ ୬ଟାରେ ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ସ୍ୱାଧୀନତା ସ୍ମୃତି ଭବନଠାରେ ସ୍ୱଭାବ କବିଙ୍କ ଜୟନ୍ତୀ ସମାରୋହ ହୋଇଥିଲା। ଏଥିରେ ସାହିତ୍ୟିକ ଡ. ରଘୁନାଥ ମେହେର ମୁଖ୍ୟବକ୍ତା ଓ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅର୍କ କୁମାର ଦାସ ମହାପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ଗଙ୍ଗାଧର ସାହିତ୍ୟ ଉପରେ ଆଲୋଚନା କରିଥିଲେ।



ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ପ୍ରଭାତଫେରି।

## ବେକରେ ଫାଶ ଲଗାଇ ଯୁବକ ମୃତ

ରାଉରକେଲା ଅଫିସ,୧୨।୮

ଟାଙ୍ଗରପାଲି ଥାନା ଅନ୍ତର୍ଗତ ବନ୍ଦବସା ଅଞ୍ଚଳରେ ଜଣେ ଯୁବକ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ହେଲେ ରଘୁ ଲୋହାର(୨୮)। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୪।୨୨) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ବନ୍ଦବସା ଅଞ୍ଚଳର ରଘୁ ଗୁରୁବାର ରାତିରେ ଘର ଝରକାରେ ଏକ ଗାମୁଛା ବାନ୍ଧି ବେକରେ ଗୁଡାଇ ଝୁଲି ପଡିଥିଲେ। ରଘୁଙ୍କ ସାନ ଭାଇ ଗୋବିନ୍ଦ ତାଙ୍କୁ ଉଦ୍ଧାର କରି ଚିକିତ୍ସା ଲାଗି ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଅଳଙ୍କାର ଚୋରି: ୬ ଗିରଫ

ରାଉରକେଲା ଅଫିସ,୧୨।୮

ସୁନା ଅଳଙ୍କାର ଚୋରି ଘଟଣାରେ ରଘୁନାଥପାଲି ପୋଲିସ ୬ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମାଲଗୋଦାମ ଅଞ୍ଚଳର ଚନ୍ଦନ ସିଂ(୨୯), ଅନମୋଲ ତନ୍ତୀ ଓରଫ କରନ ଗୁଡିଆ(୨୩), ପ୍ରମୋଦ ଶ୍ରୀବାସ୍ତବ(ଗୋଜଓ)(୨୮), ଜୁବିଲ ଓରଫ ପୋଲି(୨୫), ମାନୁ ସାହୁ ଓରଫ ଲାଙ୍ଗଡା(୨୪) ଏବଂ ବନ୍ଧମୁଣ୍ଡା ଅଞ୍ଚଳର ଚନ୍ଦନ ସୋନି(୨୭)। ସୂଚନାଯୋଗ୍ୟ, ଗତ ଜୁଲାଇ ୨୨ ତାରିଖରେ ସିଭିଲଟାଉନସିପ୍ ଅଞ୍ଚଳର ଜଣେ ଶିଳ୍ପପତିଙ୍କ ଘରୁ ଏହି ୬ ଜଣ ଅଭିଯୁକ୍ତ ୩୦ ଗ୍ରାମ ସୁନା ଅଳଙ୍କାର ଓ ଆସବାବପତ୍ର ନେଇ ଯାଇଥିଲେ। ଏ ନେଇ ରଘୁନାଥପାଲି ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୨୦୫।୨୨) ରୁଜୁ କରି ଶୁକ୍ରବାର ମାଲଗୋଦାମ ଅଞ୍ଚଳର ଚନ୍ଦନଙ୍କ ଠାରୁ ୪ ଗ୍ରାମ ଓ ଅନ୍ୟ ଅଭିଯୁକ୍ତଙ୍କ ଠାରୁ ୨୬ ଗ୍ରାମର ସୁନା ଅଳଙ୍କାର ଜବତ କରିଥିଲା।

## ୧୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ଉଡ଼ିବ ପତାକା

ଦେବଗଡ଼, ୧୨।୮(ଡି.ଏନ୍.ଏ.)

ଆଜାଦିକା ଅମୃତ ମହୋତ୍ସବ ପାଳନ ଅବସରରେ ମାଗଣାରେ ବଣ୍ଟାଯିବ ୨୦,୦୦୦ ଜାତୀୟ ପତାକା। ହର୍ ଘର୍ ତିରଙ୍ଗା ସଫଳତା ପାଇଁ ଦେବଗଡ଼ ଜିଲ୍ଲାରେ ଜିଲ୍ଲା ପ୍ରଶାସନ ତରଫରୁ ଯୁଦ୍ଧକାଳୀନ ଭିତ୍ତିରେ ପତାକା ବାଣ୍ଟିବା ପାଇଁ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ବୈଠକ ହୋଇଯାଇଛି। ଜାତୀୟ ପତାକା ବଣ୍ଟାଯିବା ପାଇଁ ପୌରପରିଷଦର ଅଧ୍ୟକ୍ଷ ଓ ସମସ୍ତ ବିଡ଼ିଓ, ଅଙ୍ଗନୱାଡ଼ି କର୍ମୀଙ୍କୁ କୁହାଯାଇଛି। ପତାକା ବାଣ୍ଟିବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପତାକା ସହରାଞ୍ଚଳ ବିଶେଷକରି ଜାତୀୟ ରାଜପଥ, ମୁଖ୍ୟରାସ୍ତା ପାର୍ଶ୍ୱ, ଗ୍ରାମାଞ୍ଚଳ ମଧ୍ୟରେ ମାଗଣାରେ ବଣ୍ଟନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଲୋକମାନେ ନିଜ ଘର ଉପରେ ଜାତୀୟ ପତାକାକୁ ସମ୍ମାନର ସହ ଦିନ ରାତି ଉଡ଼ାଇବେ। ୧୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ଫରଫର ପତାକାକୁ ଉଡେଇ ସାରିବା ପରେ ଏହାକୁ ଏଣେ ତେଣେ ନ ପକାଇବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି। ମାଗଣାରେ ପତାକା ପାଇ ପାରୁ ନ ଥିବା ଲୋକମାନେ ଡାକ ଘରୁ ଏବଂ ଦୋକାନରୁ କିଣି ବ୍ୟବହାର କରିପାରିବେ ବୋଲି ପ୍ରଶାସନ ତରଫରୁ କୁହାଯାଇଛି। ସମସ୍ତ ସରକାରୀ କାର୍ଯ୍ୟାଳୟରେ ଓ କୋଠାରେ ଜାତୀୟ ପତାକାକୁ ଉଡ଼ାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।


**SAMBALPUR UNIVERSITY**
**PRIVATE EXAMINATION CELL**
**Jyoti Vihar-768019,Odisha**
Letter No.274/PEC Dt.12.08.2022

**Admission Open for UG and PG courses from date 16.08.2022**

Online Applications are invited for Admission-cum-Examination into PG and UG courses under Private Examination Cell of Sambalpur University.
UG Course: BA/B.Com. (Hons.)
PG Courses: PG in Commerce, Economics, English, Hindi, History, IRPM, LLPM, Mathematics, Odia, Political Science, Public Administration and Sanskrit.
Last date of Online submission of Application: 30th September 2022.
Candidates are advised to visit website of Private Examination Cell, Sambalpur University. (https://www.pec.suniv.ac.in) for details information of admission procedure.

Sd./- Director
Private Examination Cell, S.U.

**MILK UNION,SAMBALPUR**
**VEHICLE REQUIRED ON HIRE**
TATA ACE or similar type of vehicle required on Hire for Bheden to MCP Bargarh Milk Route running both morning & evening covering 120 K.M.
Interested Parties may purchase and submit Tenders by 25.08.2022.
Tender Paper Cost- Rs.200/-+GST
EMD- Rs.2,000/-

**OFFICE OF THE REVENUE DIVISIONAL COMMISSIONER NORTHERN DIVISION, ODISHA, SAMBALPUR**
e-Mail ID: rdcsbp@nic.in
File No. XV-10/2022 No. 7272/Estt.(A) Dated: 12.08.2022
**ADVERTISEMENT FOR ENGAGEMENT OF RETIRED GOVT. SERVANT**
Applications are invited from the willing retired personnel for re-engagement in the Office of the RDC (ND), Sambalpur against 03 (Three) numbers of vacant posts of Senior Stenographer on Contractual Basis for a period of one year or till the vacancies are filled up, whichever is earlier. The application duly filled in may be sent to the O/o. RDC, ND. Sambalpur by Regd./Speed Post only and should be reached on or before 30.08.2022 by 5.00 P.M. The application forms, details of terms and conditions, related Government guidelines etc. will be available at district website **www.sambalpur.nic.in** till 30.08.2022.
Sd./- RDC, ND, Sambalpur

**OFFICE OF THE COLLECTOR, CUTTACK**
(Social Security Section)
**CORRIGENDUM NOTICE**
No. F-191: This is to notify that the last date for submission of Tender Call Notice - 3273/SS, dated 06.08.2022 for supply of materials for running of Special School at IIC, CDA, Cuttack is extended to 19.08.2022 before 03.00 P.M. and the same will be opened at 05.00 P.M. on the same day. The remaining conditions of the advertisement are same and unchanged.
Detailed quotation document along with terms and conditions can be downloaded from the district website **www.cuttack.nic.in**.
OIPR-24178/11/0006/2223 Sd./- Collector, Cuttack

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
(ରାସ୍ତା ଓ ଗୃହ) ବିଭାଜନ ନଂ.୧,ଭୁବନେଶ୍ୱର
**OFFICE OF THE SUPERINTENDING ENGINEER**
**BHUBANESWAR (R&B) DIVISION NO. I, BHUBANESWAR**
Email: - eebbsr1@yahoo.co.in, Phone/Fax: 06742597097
**INVITATION FOR BIDS (IFB)**
No.B-477: Estg No-6491 Date-12.08.2022
Government of Odisha
e-Procurement Bid Identification No- C.C. (R&B) - 01
e - Procurement Notice No. (49) of 2022-23

| | | |
|---|---|---|
| 1 | Name of the Work | 1. Supply, Installation, testing & commissioning of 6 Passenger (G+3) (408 kg) Lift with MS structure at Geeta Gobinda Sadan, Bhubaneswar |
| 2 | Total no of works | 1 No. work |
| 3 | Estimated cost | 1.Rs.43,03,898.00 |
| 4 | Class of Contractor | 1.Manufacturer/authorised dealer |
| 5 | Period of Completion | 03 [Three] calendar Months |
| 6 | Type of Tender | **Single Cover** |
| 7 | Date & Time of availability of Bid Document in the portal | From 11.00 Hours of 17.08.2022 to 17.00 Hours of 29.08.2022. |
| 8 | Last Date & Time for receipt of Bids in the Portal | 17.00 PM on 29.08.2022. |
| 9 | Name & Address of the officer inviting Bid | Er. Trinatha Behera Superintending Engineer, Bhubaneswar (R&B) Division -1, Bhubaneswar |

Further details can be seen from the e-procurement portal https://tenderodisha.gov.in.
N.: Subsequent corrigendum/addendum if required shall be available in the website as indicated above.
Sd./- Superintending Engineer
OIPR-34076/11/0012/2223 Bhubaneswar (R&B] Division No.I, BBSR

**PARADIP PORT AUTHORITY**
**e-Tender Call Notice**
Name of the work "Construction of Culvert and Drain Connecting from Sanjaya Gandhi School to STP - 2 at Nuabazar". Estimated cost Rs.1,21,03,552.60. Last date & time of submission of Bid 29.08.2022 at 17.15 hrs. For details please refer our website **https://eprocure.gov.in/eprocure/app**.
E.E., R&B
Paradip Port Authority
PPA/PR/185/22-23 dtd.11.08.2022

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. 17/ET/SBP/ENGG/ 2022-23, ତା:108.08.2022
1.ଇ-ଟେଣ୍ଡର ବିଜ୍ଞପ୍ତି ସଂ. 12-eT-SDENE-SBP-22
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ରେଢାଖୋଲ ଙ୍କ ପରିସୀମା ଅଧୀନସ୍ଥ ସମ୍ବଲପୁର - ଅନୁଗୁଳ ସେକ୍ସନ ଠାରେ ବିଭିନ୍ନ ପ୍ୟାଚଗୁଡ଼ିକରେ ସେସ୍ ଏବଂ ଅନ୍ୟ ଆବଶ୍ୟକ କାର୍ଯ୍ୟର ପ୍ରଶସ୍ତିକରଣ (Widening)।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹1,24,98,583.37, EMD(ଟଙ୍କାରେ): ₹2,12,500/-
2.ଇ-ଟେଣ୍ଡର ବିଜ୍ଞପ୍ତି ସଂ. 14-eT-SDENE-SBP-22
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସମ୍ବଲପୁର ସିଟି-ଅନୁଗୁଳ ସେକ୍ସନ ରେ ବିଭିନ୍ନ ପ୍ୟାଚଗୁଡ଼ିକରେ 7.697 TKM. ପାଇଁ କମ୍ପ୍ଲିଟ୍ ଟ୍ରାକ୍ ନବୀକରଣ (ସେକେଣ୍ଡାରୀ)।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹2,60,01,104.50, EMD(ଟଙ୍କାରେ): ₹2,80,100/-
3.ଇ-ଟେଣ୍ଡର ବିଜ୍ଞପ୍ତି ସଂ. 15-eT-SDENE-SBP-22
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ସମ୍ବଲପୁର-ଅନୁଗୁଳ ସେକ୍ସନ ଠାରେ 12.090 TKM. ଏବଂ ଝାରସୁଗୁଡ଼ା ଜଂ. - ବରଗଡ଼ ରୋଡ୍ ସେକ୍ସନ ଠାରେ 5.934 TKM. ନିମନ୍ତେ ଥ୍ରୁ ରେଲ୍ ନବୀକରଣ (ପ୍ରାଥମିକ)।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : ₹2,08,27,891.85, EMD(ଟଙ୍କାରେ): ₹2,54,200/-
କାର୍ଯ୍ୟ ଶେଷ ହେବା ଅବଧି : 08(ଆଠ) ମାସ (କ୍ରମ ସଂ. 1 ପାଇଁ), 12(ବାର) ମାସ (କ୍ରମ ସଂ. 2 ଏବଂ 3 ପାଇଁ)।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) : ତା.07.09.2022 ରିଖ 1500 ଘଣ୍ଟିକାରେ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର
PR-377/N/22-23

WORKS DEPARTMENT
**OFFICE OF THE CHIEF CONSTRUCTION ENGINEER, EASTERN CIRCLE (R&B), BALASORE**
e-mail: - seec_bls@rediffmail.com
**Government of Odisha "e" Procurement Notice**
**Bid Identification No.CCEEC-09/ 2022-23**
No.B-479: No: 3888 / Dt: 08.08.2022
1. Nature of work :- OAV Building Works
2. Number of works :- 6 (Six) No Buildings
3. Amount put to Tender :- Rs.113.18 Lakh to Rs. 319.55 Lakh
4. Class of Contractor :- "B" Class / "A" Class / "Special"
5. Date & Time of availability of bid document in the portal :- Dt.16.08.2022 at 10:00 A.M.
6. Last Date / Time of receipt of bid in the portal :- Dt.30.08.2022 upto 05:00 P.M.
7. Date of opening of bid :- Dt.02.09.2022 at 11:00 A.M.
8. Name & address of the Office inviting bid :- Chief Construction Engineer, Eastern Circle (R&B), Balasore
9. The bidders have to participate in ONLINE bidding only. Further details can be seen from the e-procurement portal "http//tendersodisha.gov.in." All future corrigendum will be available on ONLINE mode only.
Sd./- R.Rout
Chief Construction Engineer
Eastern Circle (R&B) Balasore
OIPR-34026/11/0011/2223

**OFFICE OF THE SUPERINTENDING ENGINEER, RWSS DIVISION, BERHAMPUR**
Near Jarada Bunglow, PIN - 760004, Ph.: 0680-2296344
eerwss_bam@nic.in, rwssbam@gmail.com
**Government of Odisha "e" Procurement Notice**
**NATIONAL COMPETITIVE BIDDING**
Bid Identification No. EERWSSBAM-10/2022-23
No. O-823: The Superintending Engineer, RWS&S Division, Berhampur, Ganjam on behalf of Governor of Odisha invites Bids in Single Cover System according to the norm of "e" Procurement System in Online mode for Supply, Drawing, Design, Construction, Testing and Commissioning and Maintenance of different PWS Schemes in Ganjam district from the eligibile contractors as per DTCN.

| | | |
|---|---|---|
| 1 | Name of the work | Execution of different works of different P.W.S. Scheme in Ganjam District |
| 2 | No. of Work (Tender) | 06 Nos. |
| 3 | Estimated Cost (Approximate) | From Rs.27.87 lakhs to Rs.40.47 lakhs |
| 4 | Period of Completion | From 180 to 180 days |
| 5 | Date & time of availability of bid document in the portal | From 19.08.2022 at 11.00 hrs. to 02.09.2022 upto 17.00 hrs. |
| 6 | Last date & time for seeking clarification | 30.08.2022 upto 17.00 hrs. |
| 7 | Dt. of Opening of Bid | 03.09.2022 at 11.00 hrs. |
| 8 | Last date/time for receipt of bids in the portal | 02.09.2022 upto 17.00 hrs. |
| 9 | Name & address of the Officer Inviting Tender | Superintending Engineer, RWSS Division, Near Jarada Bunglow, Berhampur - 760004, Dist.- Ganjam, Odisha |

Further details can be seen from the e-procurement portal https://tendersorissa.gov.in.
Superintending Engineer
OIPR-25035/11/0006/2223 RWS&S Division, Berhampur

**NOTICE INVITING BIDS**
sudaodisha1990@gmail.com
**No. 003/SUDA Dtd.12.08.2022/Bhubaneswar**
No. CAD-1473: SUDA (State Urban Development Agency) under Housing & Urban Development Department, Govt. of Odisha intends to select agencies/organisations for engagement as resource organisations for capacity building for Mission Shakti Groups & Slum Dwellers Associations under MUKTA.
For this purpose, SUDA now invites eligible entities to indicate their interest in providing the above services. For details, interested Bidders may refer to the website of SUDA i.e. **www.sudaodisha.org**. The proposal complete in all respect may be delivered to the undersigned by Registered Post/ Speed Post/in person (by Hand) to SUDA on or before 25th August 2022 upto 1.00 P.M. in a sealed envelope clearly mentioning on the top of it. **RFP for selection of Resouce Organisations for Capacity Building for Mission Shakti Groups & Slum Dwellers Associations under MUKTA**. The administrative officer SUDA - Odisha reserves the right to accept or reject all or any of the proposals and terminate the selection process without assigning any reason thereof.
**Sd./- Administrative Officer**
OIPR-13036/11/0007/2223

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE**
E-Mail ID: serw_balasore@yahoo.in, Ph. No.: 06782-260318, Balia, Balasore
No. O-822 **"e" Procurement Notice for Road Work**
Letter No. 3163 Identification No. - Online Tender - Road N.C.B. No. 350 for 2022-23 Date: 10.08.2022
1. Name of the Work : Periodical Maintenance of PMGSY Road
2. Total No. of Work : 07 Nos. of work
3. Estimated Cost : From Rs.99.59 lakhs to Rs.208.41 lakhs (Approximately)
4. Eligible Class of Contractor : 'B' & 'A' Class (of Odisha PWD) or relevant Class of other licencing authorities (as per annexure).
5. Period of Completion : From 03 to 04 Calendar months for the work
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No. 350 | 16.08.2022 at 11.00 A.M. | 25.08.2022 upto 5.00 P.M. | 24.08.2022 upto 5.00 P.M. | 26.08.2022 at 11.00 A.M. | Will be intimated later |

• Further details can be seen from the website: **www.tendersodisha.gov.in**.
OIPR-25105/11/0029/2223 Sd./- Chief Construction Engineer, R.W. Circle, Balasore

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**NUHASS**
Require one Project-Manager for Targeted Intervention Project, At-Danguasahi, Basudevpur, Bhadrak. Qualification-MSW/M.A. in Sociology with 2 yrs experience & Computer knowledge. Salary-15,000/- P.M. Apply within 7 days.
Contact-9437041228,
Email-nuhassbbsr@gmail.com

**WANTED**
Male candidate having knowledge of CorelDRAW, Photoshop & Online form fill up for a Cyber café & Xerox shop at Cuttack
**Salary: 12000**
Contact with Bio-data:
**Prudent Communication**
Link Road, Cuttack-12
Mob:9337273594

**TELECALLERS REQUIRED**
Telecallers Required for Worlds Best Airhostess Training Institute
**Female only,**
**Experience:1-2 years**
**Salary: 10,000/- to 12,000/- per month (Incentive Extra)**
**CONTACT-9040048566**

See Career Appointment on every **Wednesday & Saturday**

**STEWART SCHOOL, BHUBANESWAR**
UNIT-8, CRP SQUARE, BHUBANESWAR-751012
**APPOINTMENT**
Applications are invited from candidates with requisite qualification and training to fill the following post of Assistant Teachers in Stewart School, Bhubaneswar.

| SL. | Subject |
|---|---|
| 1 | **English** – M.A./B.A. with B.Ed. and must have cleared CTET/OTET |
| 2 | **Hindi** – M.A./B.A. with B.Ed. and must have cleared CTET/OTET |
| 3 | **Primary Teacher** – Requisite training with proficiency in English |

Interested candidates may send their applications with complete Bio-data and Photocopy of Certificates/Testimonials to the undersigned within seven days from the publication of this advertisement.
Fluency in spoken English and experienced candidates will be preferred.
SECRETARY

**OFFICE OF THE PRINCIPAL**
**+3 KASHI BISWANATH MAHAVIDYALAYA**
**PAIKSAHI, DIST-ANGUL-759125**
**WALK-IN-INTERVIEW**
The interested candidates are requested to come with their all documents on date 22.08.2022 at 10.00 AM for the post of Lecturers and Non-Teaching Staffs on Management basis.

| Sl.No. | Post | Qualification |
|---|---|---|
| 1 | Lecturer in Education | M.A. in Education (55%) |
| 2 | Lecturer in Sanskrit | M.A. in Sanskrit (55%) |
| 3 | 2nd Junior Clerk | B.A. with PGDCA |
| 4 | Assistant Librarian | B.A. B.Lib |

Sd./-Principal
+3 K.B. Mahavidyalaya, Paiksahi

**OFFICE OF THE PRINCIPAL**
**GOVT. AUTONOMOUS COLLEGE, ANGUL**
Ph.-06764-230342, Email-principalgaca@gmail.com
No.1846/Dt.12.08.22
A Walk-In-Interview for empanelment to engage Guest Faculties for the Session 2022-23 and 2023-24 in Govt. Autonomous College, Angul will be held from 20.08.2022 to 29.08.2022. For details visit the College Website www.gaca.nic.in.
Sd./- Principal
Govt. Autonomous College, Angul

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ବଡ଼ଗାଁ, ୧୨।୮(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଜରଙ୍ଗଲୋଇ ନିକଟ ଝାରମୁଣ୍ଡା ଗ୍ରାମର ଜଣେ ଯୁବକଙ୍କୁ ଶୁକ୍ରବାର ଭୋର୍ ପ୍ରାୟ ୪ଟା ବେଳେ ଏକ ଗାଡ଼ି ଧକ୍କା ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି। ସେ ହେଲେ କନ୍ଦର୍ପ ମାଝି (୩୨)। ସେ ଅବିବାହିତ ଥିଲେ। ସୂଚନା ଅନୁଯାୟୀ, ସେ ଘରେ କାହାକୁ ନ ଜଣାଇ ଭୋର୍ ଘରୁ ବାହାରି ୧୦ନଂ. ରାଜ୍ୟ ରାଜପଥରେ ଚାଲି ଚାଲି ବଡ଼ଗାଁ ପଟକୁ ଆସୁଥିଲାବେଳେ ଟିକିଲିପଡା ନିକଟରେ କୌଣସି ଭାରିଯାନ ଧକ୍କା ଦେଇ ଚାଲିଯାଇଥିଲା। ପୋଲିସ ମୃତଦେହ ଉଦ୍ଧାର କରି ଘଟଣାର ତଦନ୍ତ କରୁଛି।

### କୃମିନାଶ ଦିବସ ପାଳିତ

ସୁନ୍ଦରଗଡ଼,୧୨।୮(ଡି.ଏନ.ଏ.): ସୁନ୍ଦରଗଡ ସଦର ବ୍ଲକର ମଝାପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ କୁଲଟା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଦ୍ୱାରା ଫିଲିଙ୍ଗ ବାହାଲ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର କୃମି ନାଶକ ଦିବସ ପାଳନ କରାଯାଇଥିଲା। କୁଲଟା ସିଏଚଓ ପଦ୍ମିନୀ ଗର୍ଡିଆଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟରେ ଏକ କୃମି ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସିଏଚଓ ଗର୍ଡିଆ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ବୁଝାଇଥିଲେ। ନିଜେ କୃମି ନାଶକ ଔଷଧ ଖୁଆଇଥିଲେ। ଏହି କାର୍ଯ୍ୟକ୍ରମରେ ଏଏନଏମ୍ ମତିନ୍ଦା ଲୁଗୁନ, ଆଶାକର୍ମୀ ରଜନୀ କମାର ତଥା ଫିଲିଙ୍ଗ ବାହାଲ ବିଦ୍ୟାଳୟର ଶିକ୍ଷକ ଘନଶ୍ୟାମ ସା, ରେବତୀ ନାଏକ ତଥା ଅନ୍ୟାନ୍ୟ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ।

### ସ୍ତ୍ରୀଙ୍କୁ ହତ୍ୟା ଘଟଣା: ସ୍ୱାମୀ ଗିରଫ

ରାଉରକେଲା ଅଫିସ,୧୨।୮: ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଗୋପବନ୍ଧୁପାଲି ଅଞ୍ଚଳରେ ସ୍ତ୍ରୀଙ୍କୁ ହତ୍ୟା ଘଟଣାରେ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଏମ୍‌ଡି. ସାକିର ଆଲାମ। ତାଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୩୦୭।୨୨) ରୁଜୁ କରିଛି। ପୋଲିସ ସୂଚନା ଅନୁସାରେ, ଗୋପବନ୍ଧୁପାଲି ସ୍ଥିତ ଟିଙ୍ଗଟାଙ୍ଗ ବସ୍ତିର ସାକିର ଗତବର୍ଷ ଜୁବେଦା ଖାତୁନଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ଗୁରୁବାର ରାତି ୭ଟାରେ କୌଣସି କଥାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ସାକିର ରାଗିଯାଇ ଏକ ପେଚ୍‌କସ୍‌ରେ ତାଙ୍କ ବେକକୁ ବାରମ୍ବାର ଆକ୍ରମଣ କରିଥିଲେ ଏବଂ ଏକ ଗାମୁଛାରେ ତଣ୍ଟିକୁ ଚିପି ମାରିଦେବା ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା।

# କୃମିନାଶକ ଔଷଧ ଖାଇବେ ୫ଲକ୍ଷ ୧୦ହଜାର ପିଲା

- ସୁନ୍ଦରଗଡ଼ ଜିଲାରେ ୧ରୁ ୧୯ବର୍ଷର ପିଲାଙ୍କୁ 'କୃମିନାଶକ ଔଷଧ'
- ଔଷଧ ସେବନ କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ସିଡିଏମ୍‌ଓ

ସୁନ୍ଦରଗଡ଼, ୧୨।୮(ଡି.ଏନ.ଏ.)



ସୁନ୍ଦରଗଡ଼ରେ କୃମିନାଶ ଔଷଧ ସେବନ କାର୍ଯ୍ୟକ୍ରମର ଶୁଭାରମ୍ଭରେ ମଞ୍ଚାସୀନ ଅଧିକାରୀ, ଅତିଥି।

ପିଲାମାନଙ୍କ ମଧ୍ୟରେ ଦେଖାଯାଉଥିବା କୃମି ସଂକ୍ରମଣକୁ ନିୟନ୍ତ୍ରଣ କରିବା ପାଇଁ ସରକାରଙ୍କ ପକ୍ଷରୁ ୧ରୁ ୧୯ବର୍ଷ ବୟସର ପିଲାମାନଙ୍କୁ ମାଗଣାରେ କୃମିନାଶକ ଔଷଧ 'ଆଲବୋଣ୍ଡାଜୋଲ' ବଣ୍ଟନ କରାଯାଉଛି। ଶୁକ୍ରବାର ଜାତୀୟ କୃମିନାଶକ ଦିବସ ପାଳନ ଅବସରରେ ସୁନ୍ଦରଗଡ଼ ଜିଲାରେ ସ୍କୁଲ ଏବଂ ଅଙ୍ଗନୱାଡ଼ି ସ୍ତରରେ ପିଲାମାନଙ୍କୁ ଏହି ଔଷଧ ଦିଆଯାଇଛି। ଶିକ୍ଷକ ଏବଂ ଅଙ୍ଗନୱାଡ଼ି କର୍ମୀଙ୍କ ଉପସ୍ଥିତିରେ ପିଲାମାନେ ଏହି ଔଷଧ ଖାଇଛନ୍ତି। ସୁନ୍ଦରଗଡ଼ ସେଣ୍ଟମେରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଜିଲାସ୍ତରୀୟ କୃମିନାଶକ ଦିବସ ଆୟୋଜନ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡାକ୍ତର ସରୋଜ କୁମାର ମିଶ୍ର ଏଥିରେ ଉପସ୍ଥିତ ରହି କୃମିନାଶକ ଔଷଧ ସେବନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମିଶ୍ର କହିଥିଲେ ଯେ, କୃମି ରୋଗ ଯୋଗୁ ପିଲାମାନଙ୍କଠାରେ ରକ୍ତହୀନତା ଭଳି ସମସ୍ୟା ଦେଖାଦିଏ। ସେମାନଙ୍କ ଶାରୀରିକ ବିକାଶରେ ବାଧା ଉପୁଜିଥାଏ। ତେଣୁ ଏସବୁ ସମସ୍ୟାର ସମାଧାନ କରିବା ପାଇଁ ପିଲାମାନଙ୍କୁ କୃମିନାଶକ ଔଷଧ ଖାଇବାକୁ ଦିଆଯାଉଛି। ସୁନ୍ଦରଗଡ଼ ଜିଲାରେ ୫ ଲକ୍ଷ ୧୦ ହଜାରରୁ ଅଧିକ ପିଲାଙ୍କୁ ଏହି ଔଷଧ ଦେବାକୁ ଲକ୍ଷ୍ୟ ରଖାଯାଇଛି।ସୁନ୍ଦରଗଡ଼ ଜିଲାରେ ଯେଉଁ ପିଲାମାନେ ସ୍କୁଲକୁ ଆସୁନାହାନ୍ତି ସେମାନଙ୍କ ଘରକୁ ଯାଇ ଆଶା କର୍ମୀମାନେ ଏହି ଔଷଧ ଖୁଆଇବେ। ସେହିପରି ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ଚାଲିଥିବା ମମତା ଦିବସ କାର୍ଯ୍ୟକ୍ରମରେ ସାମିଲ ହେଉଥିବା କିଶୋରୀ ବାଳିକାମାନଙ୍କୁ ଏହି ଔଷଧ ଦିଆଯାଉଛି। ଯେଉଁମାନେ କୌଣସି କାରଣରୁ ଏହି ଔଷଧ ଖାଇପାରି ନାହାନ୍ତି ସେମାନେ ୧୯ ତାରିଖରେ ଏହା ପାଇପାରିବେ। ଜିଲାସ୍ତରୀୟ କୃମିନାଶକ ଦିବସ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡାକ୍ତର ପୂର୍ଣ୍ଣଚନ୍ଦ୍ର ସାହୁ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ ରୋଗ) ଡାକ୍ତର ଅଶ୍ୱିନୀ କୁମାର ମିଶ୍ର, ଜାତୀୟ ସ୍ୱାସ୍ଥ୍ୟ ମିଶନ ଡିପିଏମ ଶଙ୍କର ଆଚାର୍ଯ୍ୟ, ସେଣ୍ଟମେରୀ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସିଷ୍ଟର ପାଟ୍ରେସିଆ ଲାକ୍ରାଙ୍କ ସହ ବିଭିନ୍ନ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସ୍ନାତକ, ଯୁକ୍ତ୨ ପରୀକ୍ଷାରେ ସୁନ୍ଦରଗଡ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସଫଳତା

ସୁନ୍ଦରଗଡ଼, ୧୨।୮ (ଡି.ଏନ୍.ଏ.)

ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ଦ୍ୱାରା ପରିଚାଳିତ ଚଳିତ ବର୍ଷ ସ୍ନାତକ ପରୀକ୍ଷାରେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଛାତ୍ରୀ ଛାତ୍ର ସଫଳତା ହାସଲ କରିଛନ୍ତି। ସ୍ନାତକ ପରୀକ୍ଷାର ପ୍ରଥମ ୧୦ଜଣଙ୍କ ମଧ୍ୟରେ ଏହି ମହାବିଦ୍ୟାଳୟର ରସାୟନ ବିଭାଗ ଛାତ୍ର ସୋନମ ପଟେଲ ତୃତୀୟ ସ୍ଥାନ ହାସଲ କରିଥିବା ବେଳେ ରିତୁ ମେହେର ସପ୍ତମ ସ୍ଥାନ ହାସଲ କରିଛନ୍ତି। ଭୂତତ୍ତ୍ୱ ବିଜ୍ଞାନ ବିଭାଗର ଚିନ୍ମୟ ପଟେଲ ତୃତୀୟ ସ୍ଥାନ, ସୁମନ୍ତ କୁମାର ଖଟୁଆ ଚତୁର୍ଥ ସ୍ଥାନ, କୈଳାଶ ପାଢୀ ପଞ୍ଚମ ସ୍ଥାନ, ଓମପ୍ରକାଶ ଭୋଳ ସପ୍ତମ, ଓମପ୍ରକାଶ ମହାନ୍ତି ଅଷ୍ଟମ, ମାତୃପ୍ରଭା ସାମନ୍ତରାୟ ନବମ ଓ ଦିନେଶ କୁମାର ନାଏକ ଦଶମସ୍ଥାନ ହାସଲ କରିଛନ୍ତି। ଗଣିତ ବିଭାଗର ସତ୍ୟମ କୁମାର ପଟେଲ ଷଷ୍ଠ ସ୍ଥାନ ଅଧିକାର କରିଥିବାବେଳେ ସୁଚରିତା ମହାନ୍ତି ନବମ ସ୍ଥାନ ହାସଲ କରିଛନ୍ତି। ବାଣିଜ୍ୟ ବିଭାଗର ଆୟୁଷ ଅଗ୍ରୱାଲ ନବମ ସ୍ଥାନ ଅଧିକାର କରି ମହାବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ମହାବିଦ୍ୟାଳୟର କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ୯୦ ପ୍ରତିଶତରୁ ଅଧିକ ଛାତ୍ରୀଛାତ୍ର ଉତ୍କର୍ଷର ସହିତ ପ୍ରଥମ ଶ୍ରେଣୀ ସମ୍ମାନରେ କୃତିତ୍ୱ ହାସଲ କରିଛନ୍ତି। ସେହିପରି ସୁନ୍ଦରଗଡ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇ କଳା ବିଭାଗରେ ପ୍ରକାଶ ସାହୁ ,ବିଜ୍ଞାନରେ ପୂଜା ଯାଦବ ଓ ବାଣିଜ୍ୟରେ ବର୍ଷା ସେଠ୍ ପ୍ରଥମ ସ୍ଥାନ ଅଧିକାର କରି ସର୍ବୋଚ୍ଚ ନମ୍ବର ରଖି କୃତିତ୍ୱ ହାସଲ କରିଛନ୍ତି। ଯୁକ୍ତଦୁଇ କଳାରେ ୮୮, ବାଣିଜ୍ୟରେ ୫୩ ଓ ବିଜ୍ଞାନରେ ୫୬ଜଣ ଛାତ୍ରୀଛାତ୍ର ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀଛାତ୍ରଙ୍କ ଏହି କୃତିତ୍ୱ ପାଇଁ ମହାବିଦ୍ୟାଳୟର ଅଧକ୍ଷ ଡ. ଲଳିତ ରଞ୍ଜନ ସାହୁଙ୍କ ସମେତ ସମସ୍ତ ଅଧାପିକା, ଅଧାପକ ଶୁଭେଚ୍ଛା ଓ ସାଧୁବାଦ ଜଣାଇଛନ୍ତି।

## ସୁନ୍ଦରଗଡ଼ର ୮ଖେଳାଳି ଖେଳିବେ ଜାତୀୟ କିକ୍‌ବକ୍ସିଂ

ବଡ଼ଗାଁ, ୧୨।୮(ଡି.ଏନ୍.ଏ.)

**ବଡ଼ଗାଁ ବ୍ଲକ ବରଙ୍ଗାକଛାର ଗାଁର ଖ୍ରୀଷ୍ଟିନା କାଣ୍ଡୁଲାନା ସାମିଲ**


ଖ୍ରୀଷ୍ଟିନା କାଣ୍ଡୁଲାନା।

ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ଜିଲାରେ ଖେଳ ପ୍ରତିଭାର ଅଭାବ ନାହିଁ। କିନ୍ତୁ ଗ୍ରାମାଞ୍ଚଳରେ ଥିବା ପ୍ରତିଭାକୁ ଚିହ୍ନଟ କରି ସେମାନଙ୍କୁ ପ୍ରସ୍ତୁତ କରିବାର ବ୍ୟବସ୍ଥା କରାଯାଉ ନ ଥିବାରୁ ଅନେକ ପ୍ରତିଭା ସମ୍ପନ୍ନ ଖେଳାଳି ବଣମଲ୍ଲି ଭଳି ରହି ଯାଉଛନ୍ତି। ହେଲେ ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକର ଯୋଗୀମାଲଠାରେ ଥିବା ଜନସେବା ସମିତି ସଙ୍ଗଠନ ପକ୍ଷରୁ ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭାକୁ ଚିହ୍ନଟ କରି ସେମାନଙ୍କୁ ତାଲିମ ଦେବା ବ୍ୟବସ୍ଥା କରିଥିବାରୁ ଏଯାଏ ୫୦ରୁ ଊର୍ଦ୍ଧ୍ୱ ଖେଳାଳି ବକ୍ସିଂ, କିକ୍‌ବକ୍ସିଂ, ଉଷୁ ଆଦିରେ ଜାତୀୟସ୍ତରରେ ଖେଳି କୃତିତ୍ୱ ଅର୍ଜନ କରିଛନ୍ତି। ଚଳିତବର୍ଷ ତାମିଲନାଡୁର ଚେନ୍ନାଇସ୍ଥିତ ନେହେରୁ ଷ୍ଟାଡିୟମରେ ଆସନ୍ତା ୧୮ରୁ ୨୨ତାରିଖ ପର୍ଯ୍ୟନ୍ତ ଜାତୀୟ କିକ୍ ବକ୍ସିଂରେ ଜନସେବା ସମିତିର ୮ଜଣ ଖେଳାଳି ଅଂଶଗ୍ରହଣ କରିବେ। ସେମାନେ ହେଲେ ସୁନ୍ଦରଗଡ ଜିଲା ବିଲେଇଗଡ଼ର ବିକାଶ କୁଆ, କ୍ଷୀରୋଦ ବାଗ, ରସାନନ୍ଦ ମହାନନ୍ଦିଆ, ଯୋଗିମାଲର ଲିପ୍ସା ଷଡଙ୍ଗୀ, ପଣ୍ଡରିପାନୀ ଗାଁର ସୁସ୍ମିତା ଏକା, ଶରଧାପାଲି ଗାଁର ସୋନାଲି ପଟେଲ, ଓ ବଡ଼ଗାଁ ବ୍ଲକ ବରଙ୍ଗାକଛାର ଗାଁର ଖ୍ରୀଷ୍ଟିନା କାଣ୍ଡୁଲାନା। ବାପା ପ୍ରଦୀପ କାଣ୍ଡୁଲାନା ଓ ମା' ଫ୍ଲୋରେନସିଆଙ୍କ ୪ଝିଅ ମଧ୍ୟରୁ ଖ୍ରିଷ୍ଟିନା ସାନଝିଅ। ଛୋଟ ବୟସରୁ ଖେଳ ପ୍ରତି ରୁଚି ରଖୁଥିବା ଖ୍ରୀଷ୍ଟିନା ସ୍କୁଲ କ୍ରୀଡା ପ୍ରତିଯୋଗିତାରେ ଭାଗ ନେଉଥିଲେ। ହାଇସ୍କୁଲ ପଢୁଥିଲାବେଳେ ୨୦୧୭ରେ ଯାଜ୍ଞସେନୀ ସିଂଙ୍କ ଠାରୁ ବକ୍ସିଂ ତାଲିମ ନେଇଥିଲେ। ଜନସେବା ସମିତିର କର୍ମକର୍ତ୍ତା ରୂପକ ପ୍ରସାଦ ଖ୍ରୀଷ୍ଟିନାଙ୍କ ଖେଳ ଦେଖି ସୁନ୍ଦରଗଡ଼ ଷ୍ଟାଡିୟମରେ କୋଚିଂ ବ୍ୟବସ୍ଥା କରିଛନ୍ତି। ଖ୍ରୀଷ୍ଟିନା ବର୍ତ୍ତମାନ ଟାଙ୍ଗରପାଲି ବ୍ଲକର ଶରଧାପାଲି କଲେଜରେ ସ୍ନାତକ ଶେଷ ବର୍ଷ ଛାତ୍ରୀ। ୨୦୧୭ ମସିହାରେ ସ୍କୁଲ ସ୍ତରୀୟ ଜାତୀୟ ବକ୍ସିଂ ଡେରାଡୁନରେ ,୨୦୧୮ରେ ବକ୍ସିଂ ଫେଡେରେସନ ପକ୍ଷରୁ ପଞ୍ଜାବର ଜଳନ୍ଧର୍‌ରେ ଖେଳିଥିଲେ। ୨୦୨୦ରେ ମହାରାଷ୍ଟ୍ରରେ ଆଷ୍ଟାଡିଓ ଆଖଡାରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ଚେନ୍ନାଇରେ ୧୮ତାରିଖରୁ ହେବାକୁ ଥିବା ଜାତୀୟ କିକ୍ ବକ୍ସିଂରେ ସେ ଅଂଶଗ୍ରହଣ କରିବେ।

## ଏନ୍‌ଟିପିସି ପକ୍ଷରୁ ଜାତୀୟ ପତାକା ବଣ୍ଟନ

ସୁନ୍ଦରଗଡ଼,୧୨।୮(ଡି.ଏନ୍.ଏ.)

**ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ**

ହର୍ ଘର୍ ତ୍ରିରଙ୍ଗା ଅଭିଯାନରେ ସାମିଲ ହେବା ପାଇଁ ସମସ୍ତଙ୍କୁ ପ୍ରୋତ୍ସାହିତ କରିବା ସହ ସ୍ୱାଧୀନତାର ଅମୃତ ମହୋତ୍ସବର ୭୫ତମ ସ୍ୱାଧୀନତା ଦିବସକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିବା ସକାଶେ ସୁନ୍ଦରଗଡ଼ ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ଜନପ୍ରତିନିଧିମାନଙ୍କ ଜରିଆରେ ଜାତୀୟ ପତାକା ବିତରଣର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମଙ୍କୁ ୪୦୦୦ଜାତୀୟ ପତାକା ପ୍ରଦାନ କରାଯାଇଛି। ଶୁକ୍ରବାର ସୁନ୍ଦରଗଡ଼ ବିଧାୟିକା କୁସୁମ ଟେଟେଙ୍କୁ ୨୫୦୦ , ତଳସରା ବିଧାୟକ ଭବାନୀ ଶଙ୍କର ଭୋଇଙ୍କୁ ୧୫୦୦ ଏବଂ ଦର୍ଲିପାଲି ଓ ରାଏଡିହି ସରପଞ୍ଚଙ୍କୁ ୫୦୦ ଲେଖାଏଁ ଜାତୀୟ ପତାକା ପ୍ରଦାନ କରାଯାଇଥିବା ଏନ୍‌ଟିପିସି ପକ୍ଷରୁ ସୂଚିତ କରାଯାଇଛି। ଏହି ଅଭିଯାନରେ ଏନ୍‌ଟିପିସି ଦର୍ଲିପାଲି ପ୍ରକଳ୍ପର ମୁଖ୍ୟ ଏକେ ଟଣ୍ଡନ ଓ ବରିଷ୍ଠ ଅଧିକାରୀମାନେ ସାମିଲ ହୋଇ ପ୍ରତ୍ୟେକ ନାଗରିକ ନିଜ ଘରେ ଜାତୀୟ ତ୍ରିରଙ୍ଗା ପତାକା ଉଡାଇବାକୁ ଅନୁରୋଧ କରିଛନ୍ତି। ଏହି ଅବସରରେ କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ(ସିଆଇଏସ୍‌ଏଫ) ପକ୍ଷରୁ ଦର୍ଲିପାଲି ଗ୍ରାମରେ ରାଲି କରି ହରଘର୍ ତ୍ରିରଙ୍ଗା ଅଭିଯାନରେ ସାମିଲ ହେବା ପାଇଁ ସମସ୍ତଙ୍କୁ ଉତ୍ସାହିତ କରିଥିଲେ।


ଏନ୍‌ଟିପିସି ଦର୍ଲିପାଲି ପକ୍ଷରୁ ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମଙ୍କୁ ଜାତୀୟ ପତାକା ପ୍ରଦାନ କରାଯାଉଛି।

## ଲେଫ୍ରିପଡ଼ା ବିଡିଓଙ୍କ ବଦଳି

ଲେଫ୍ରିପଡା,୧୨।୮(ଡି.ଏନ୍.ଏ. )

ରାଜ୍ୟ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ପକ୍ଷରୁ ପ୍ରକାଶିତ ନିର୍ଦ୍ଦେଶାନାମା ଅନୁଯାୟୀ ଓଏଏସ ସ୍ତରରେ ଏକ ବଡ ଅଦଳବଦଳ ହୋଇଛି। ଏହି ନିର୍ଦ୍ଦେଶ ଅନୁସାରେ ଲେଫ୍ରିପଡା ବିଡ଼ିଓ ରମେଶ ହାଁସଦାଙ୍କୁ ରାଜ୍ୟ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗକୁ ଫେରସ୍ତ କରି ନିଆଯାଇଥିବାବେଳେ ସୁନ୍ଦରଗଡ଼ ଜିଲା ଅନ୍ତର୍ଗତ ବିଶ୍ରା ବ୍ଲକର ବିଡିଓ ଜନ୍ମେଜୟ ବେହେରାଙ୍କୁ ଲେଫ୍ରିପଡା ବିଡିଓ ଭାବେ ବଦଳି କରାଯାଇଛି।

## ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ମାଗଣାରେ ତ୍ରିରଙ୍ଗା ପତାକା ବିତରଣ



ଦେବଗଡ଼,୧୨।୮(ଡି.ଏନ୍.ଏ.)

ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ଜନସାଧାରଣଙ୍କୁ ମାଗଣାରେ ଜାତୀୟ ପତାକା ବିତରଣ କରାଯାଇଛି। ସନ୍ଧ୍ୟାରେ ସ୍ଥାନୀୟ ଗୋପବନ୍ଧୁ ଛକଠାରେ ଭାଜପା ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଧିର କୁମାର ବ୍ରହ୍ମାଙ୍କ ନେତୃତ୍ୱରେ ବହୁ ସଂଖ୍ୟକ ଯୁବ ଭାଜପା ନେତା ଓ କର୍ମୀ ଉକ୍ତ ରାସ୍ତାଦେଇ ଯାତାୟତ କରୁଥିବା ଜନସାଧାରଣଙ୍କୁ ମାଗଣାରେ ତ୍ରିରଙ୍ଗା ପତାକା ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ଏସ୍.ସି. ମୋର୍ଚ୍ଚା ସମ୍ପାଦକ ଦେବାନନ୍ଦ ନାୟକ, ଭାଜପା ଯୁବ ମୋର୍ଚ୍ଚା କର୍ମୀ ବିଜୟ କୁମାର ଦେହୁରୀ, ଶିବା ମୁଖି ଓ ବବଲୁ ନାୟକଙ୍କ ସମେତ ବରିଷ୍ଠ ନାଗରିକ ମାର୍କଣ୍ଡେଶ୍ୱର ଶତପଥି, ମିତ୍ରଭାନୁ ମହାପାତ୍ର, ଉଦୀପ୍ତ କୁମାର ନାୟକ ଓ ସଞ୍ଜୟ ସାହୁ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ଆଜି ସୁନ୍ଦରଗଡ ଆସୁଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ସୁନ୍ଦରଗଡ଼,୧୨।୮(ଡି.ଏନ.ଏ)

କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଦିନିକିଆ ସୁନ୍ଦରଗଡ ଜିଲା ଗସ୍ତରେ ଆସୁଛନ୍ତି। ଏହି ଦିନ ସେ ରାଉରକେଲାରେ ପ୍ରଥମେ ପହଞ୍ଚି ହର ଘର ତ୍ରିରଙ୍ଗା ଓ ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ରାଉରକେଲା ରେଳ ଷ୍ଟେସନରେ ସକାଳ ୯ ଟାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେବେ। ଏହା ପରେ ସେ ସୁନ୍ଦରଗଡରେ ପହଞ୍ଚି ଅପରାହ୍ନ ୪ଟାରେ ଭୋଜପୁର ସ୍ଥିତ ଜିଲା ଭାଜପା କାର୍ଯ୍ୟାଳୟଠାରୁ ତ୍ରିରଙ୍ଗା ଯାତ୍ରା ପାଇଁ ଏକ ବିଶାଳ ବାଇକ ଶୋଭାଯାତ୍ରାରେ ସହର ଦେଇ ଶଙ୍କର୍ଷଣ ମେମୋରିଆଲ ପାର୍କ ପର୍ଯ୍ୟନ୍ତ ଯିବେ। ସେଠାରୁ କେନ୍ଦ୍ର ମନ୍ତ୍ରୀ ଭଷ୍ମା ଯିବେ। ସେଠାରେ୨୦୦୦ମହିଳାଙ୍କ ତ୍ରିରଙ୍ଗା ଯାତ୍ରାରେ ଯୋଗଦେଇ ଝାରସୁଗୁଡା ଅଭିମୁଖେ ଯିବାର କାର୍ଯ୍ୟକ୍ରମ ରହିଥିବା କେନ୍ଦ୍ର ସୂଚନା ଓ ପ୍ରସାରଣ ବିଭାଗ ସମ୍ବଲପୁର କ୍ଷେତ୍ରିୟ କାର୍ଯ୍ୟାଳୟ ପକ୍ଷରୁ ସୂଚିତ କରାଯାଇଛି।

# ଜିଂକନଗରଠାରୁ ମୁଣ୍ଡାଗାଁ ରାସ୍ତାମରଣଯନ୍ତା

ଲେଫ୍ରିପଡ଼ା,୧୨।୮(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଅନ୍ତର୍ଗତ ସର୍ଗିପାଲି ଜିଂକନଗର ଠାରୁ ଭଷ୍ମା ପିଡକ୍ଯୁଡ଼ି ରାସ୍ତାର ମୁଣ୍ଡାଗାଁଠାରୁ ରେମଣ୍ଡା ପର୍ଯ୍ୟନ୍ତ ପ୍ରଶସ୍ତିକରଣ ଓ ଉନ୍ନତିକରଣ କରାଯାଇଥିବାବେଳେ ବଡ଼ବଙ୍ଗାଠାରୁ ମୁଣ୍ଡାଗାଁପର୍ଯ୍ୟନ୍ତ ଆର୍‌ଡିବିଭାଗ ଜରିଆରେ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ନିର୍ମାଣ କରାଯାଇଥିଲା। ଏହି ରାସ୍ତାରେ ନିୟମିତ ଶହଶହ ସଂଖ୍ୟାରେ ବାଲି ବୋଝେଇ ଭାରିଯାନ,କୋଇଲା ଟ୍ରକ ସମେତ ଏମସିଏଲ ଏବଂ ଏନଟିପିସିକୁ ଭାରିଯାନ ଚଳାଚଳ କରୁଥିବାରୁ ରାସ୍ତାର ଅବସ୍ଥା ଏବେ ଶୋଚନୀୟ ହୋଇପଡିଛି। ଏହି ରାସ୍ତାଦେଇ ଟାଙ୍ଗରପାଲି, ଲେଫ୍ରିପଡା ଏବଂ ହେମଗିର ବ୍ଲକ ଅଞ୍ଚଳର ହଜାର ହଜାର ଲୋକ ନିୟମିତ ଦୁଇ ଓ ଚାରିଚକିଆ ଯାନରେ ଯାତାୟାତ କରୁଛନ୍ତି। ଝାରସୁଗୁଡା ଯିବା ପାଇଁ ଜନସାଧାରଣଙ୍କ ଏହା ମୁଖ୍ୟ ଓ ଟ୍ରାଫିକ ରାସ୍ତା ହୋଇଥିବା ସ୍ଥଳେ ଏଥିରେ ବେଆଇନ ଭାବେ ବହୁଚକିଆ ଭାରିଯାନ ଚଳାଚଳ କରିବା ଦ୍ୱାରା ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ବଡବଙ୍ଗା ରୁ ଛୋଟବଙ୍ଗା ତଥା ମୁରିଆଘାଟୀ ମଧ୍ୟରେ ଏକାଧିକ ଖାଲଖମା ଓ ବଡ଼ବଡ଼ ଗାଡ଼ ରହିଛି। ରାସ୍ତାର ଉଭୟପଟ ଫୁଟେ ଦିଫୁଟ ଲେଖାଏଁ ଖାଲ ହୋଇଗଲାଣି। ଫଳରେ ନିୟମିତ ଛୋଟବଡ ଦୁର୍ଘଟଣା ହେବା ସହିତ ଛୋଟିଆ କାର୍ ଗୁଡିକ ଖାଲରେ ପଡି ଭାଙ୍ଗି ନଷ୍ଟ ହେଉଛି । ବର୍ଷା ହେଲେ ଦୁଇଚକିଆ ଯାନଗୁଡିକ ଗାଡ଼ଗୁଡିକରେ ପଡି ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ତେଣୁ ରାସ୍ତାର ଜରୁରୀକାଳୀନ ମରାମତି ଆବଶ୍ୟକ ହୋଇପଡିଛି। ବିଭିନ୍ନ ଗଣମାଧ୍ୟମରେ ଏନେଇ ଅନେକ ଥର ଖବର ପ୍ରକାଶ ହେବା ସହିତ ସ୍ଥାନୀୟ ଏକ ସାମାଜିକ ସଙ୍ଗଠନ ଆନ୍ଦୋଳନ କରିସାରିଥିଲେ ବି ପ୍ରଶାସନ ଚୁପ ରହିବା ବାସ୍ତବିକ ଉଦବେଗର ବିଷୟ ହୋଇଛି। ଏଥିମଧ୍ୟରେ ରେମଣ୍ଡାରୁ ଭଷ୍ମା ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ମଧ୍ୟ ବିପଦଜନକ ହୋଇଛି। ତେବେ ପିଡବ୍ଲ୍ୟୁଡ଼ି ପକ୍ଷରୁ ଜିଂକନଗର ଠାରୁ ମୁଣ୍ଡାଗାଁ ରାସ୍ତା ଉନ୍ନତିକରଣ ଓ ପ୍ରଶସ୍ତିକରଣ କରାଯାଉ ବୋଲି ଅଞ୍ଚଳବାସୀ ଦାବୀ କରିବା ସହ ବେଆଇନ ଓ ବେପରୁଆ ଭାବେ ଗାଡି ଚଳାଚଳ କରୁଥିବା ବହୁଚକ ବିଶିଷ୍ଟ ବାଲିବୋଝେଇ ଯାନକୁ ନିୟନ୍ତ୍ରଣ କରିବା ଦିଗରେ ଜିଲା ପ୍ରଶାସନ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଅଞ୍ଚଳବାସୀ ପକ୍ଷରୁ ଦାବୀ ହେଉଛି ।


ରାସ୍ତାରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି।

# କୃଷକ ସଂଘର୍ଷ ସଂଘର ଧାରଣା ପ୍ରତ୍ୟାହୃତ


ଦେବଗଡ଼ ଜିଲାପାଳଙ୍କୁ ସ୍ମାରକପତ୍ର ଦେବାକୁ ଯାଉଥିବା ଚାଷୀମାନେ।

ଦେବଗଡ଼,୧୨।୮(ଡ଼ି.ଏନ୍.ଏ.)

**କ୍ଷତିଗ୍ରସ୍ତ ଚାଷୀଙ୍କୁ ଫସଲ ବୀମା ପ୍ରଦାନ ଦାବିରେ ଚାଲିଥିଲା ଧାରଣା**

ପ୍ରଧାନମନ୍ତ୍ରୀ ଫସଲ ବୀମା ପ୍ରଦାନ ଦାବିରେ ଦେବଗଡ଼ ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଗତ ୧୦ ତାରିଖ ଠାରୁ ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚାଲିଥିବା ଧାରଣା ସାମୟିକ ଭାବେ ପ୍ରତ୍ୟାହାର ପାଇଁ ସଂଘର୍ଷ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପବିତ୍ର ସ୍ୱାଧୀନତା ଦିବସକୁ ସମ୍ମାନ ଜଣାଇ ସଂଘର୍ଷ ସଂଘ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ସହ ଆଗାମୀ ୨୧ ତାରିଖ ସୁଦ୍ଧା ଜିଲାର କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ବୀମାରାଶି ପ୍ରଦାନ ପାଇଁ ଦାବି କରାଯାଇଛି। ଅନ୍ୟଥା ଆଗାମୀ ୨୨ ତାରିଖ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସଂଘ ପକ୍ଷରୁ ହରତାଳ କରାଯିବା ସହ ଦେବଗଡ଼ ଜିଲାକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବ ବୋଲି ଶୁକ୍ରବାର ସ୍ମାରକପତ୍ର ଜରିଆରେ ଜିଲାପାଳଙ୍କୁ ଲିଖିତ ଚେତାବନୀ ଦିଆଯାଇଛି। ଏହି ସ୍ମାରକପତ୍ର ଜିଲାପାଳଙ୍କ ଅନୁପସ୍ଥିତିରେ ସଂଘର୍ଷ ସଂଘ ପକ୍ଷରୁ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗଙ୍କୁ ପ୍ରଦାନ କରାଯାଇଥିବା ଜଣାପଡିଛି। ଏଠାରେ ସୂଚନାଯୋଗ୍ୟ ଯେ, ଗତ ଖରିଫ ଋତୁରେ ସ୍ୱଳ୍ପ ବର୍ଷା ଯୋଗୁ ଦେବଗଡ଼ ଜିଲାରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହା ସତ୍ତ୍ୱେ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବୀମାଭୁକ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ବୀମାରାଶି ପ୍ରଦାନ କରାଯାଇନାହିଁ। ଫଳରେ ଚାଷୀମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖିନ ହେବାସହ ଅର୍ଥାଭାବ ଯୋଗୁ ଚଳିତ ଖରିଫ ଋତୁରେ ଭଲ ଭାବେ ଚାଷ କାର୍ଯ୍ୟ କରିପାରୁନାହାନ୍ତି। ଏଣୁ ସେମାନଙ୍କୁ ତୁରନ୍ତ ବୀମାରାଶି ପ୍ରଦାନ ପାଇଁ ଗତ ବୁଧବାର କୃଷକ ସଂଘର୍ଷ ସଂଘର ସଭାପତି ସେମ ହେମ୍ବ୍ରମ ଓ ସମ୍ପାଦକ ଗୁଣନିଧି ବେହେରାଙ୍କ ନେତୃତ୍ୱରେ ୫୦୦ରୁ ଊର୍ଦ୍ଧ୍ୱ ଚାଷୀ ଏକ ବିଶାଳ ଶୋଭାଯାତ୍ରାରେ ନଗର ପରିକ୍ରମା କରିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିସହ ବହୁ ଚାଷୀ ସେହିଦିନଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। ତେବେ ୧୫ ତାରିଖ ଦିନ ପବିତ୍ର ସ୍ୱାଧୀନତା ଦିବସ ରହିଥିବାରୁ ଏହାକୁ ସମ୍ମାନ ଜଣାଇ ସେମାନେ ଉକ୍ତ ଧାରଣାକୁ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିବା ଜିଲା କୃଷକ ସଂଘର୍ଷ ସଂଘର ସଭାପତି ହେମ୍ବ୍ରମ ସୂଚନା ଦେଇଛନ୍ତି।

# ସ୍ୱାଧୀନତା ସଂଗ୍ରାମୀଙ୍କ ସଂଘର୍ଷର କାହାଣୀ 'ସ୍ୱରାଜ'

## ୧୪ରୁ ଦୂରଦର୍ଶନରେ ଆରମ୍ଭ ହେବ ନୂଆଯୁଗ

ଭୁବନେଶ୍ୱର,୧୨।୮



ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶରେ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷର ସ୍ୱାଧୀନତା ଦିବସକୁ ଅଧିକ ସ୍ମରଣୀୟ କରିବା ପାଇଁ ଦୂରଦର୍ଶନ (ଡିଡି-୧)ରେ ପ୍ରସାରିତ ହେବାକୁ ଯାଉଛି ଏକ ଭିନ୍ନ ଧରଣର ମେଗା ଧାରାବାହିକ 'ସ୍ୱରାଜ'। ଏହି ଧାରାବାହିକଟି ସମ୍ପୂର୍ଣ୍ଣ ଭାବେ ଭାରତର ବୀର ସଂଗ୍ରାମୀଙ୍କ ବଳିଦାନ ଓ ଅବଦାନକୁ ପ୍ରସାରଣ କରିବ। ଚଳିତ ମାସ ୧୪ରୁ ଏହି ୭୫ ଅଧ୍ୟାୟ ବିଶିଷ୍ଟ ଧାରାବାହିକ ପ୍ରତି ରବିବାର ରାତି ୯ରୁ ୧୦ଟା ପର୍ଯ୍ୟନ୍ତ ଡିଡି ନ୍ୟାଶନାଲ (ଡିଡି-୧)ରେ ପ୍ରସାରଣ ହେବାକୁ ଯାଉଛି। ଉକ୍ତ ଧାରାବାହିକର ପ୍ରସାରଣ ପୂର୍ବରୁ ଦୂରଦର୍ଶନ କେନ୍ଦ୍ର ଭୁବନେଶ୍ୱର ପକ୍ଷରୁ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ଅବସରରେ ଭୁବନେଶ୍ୱର କେନ୍ଦ୍ରର ଡିଡିଜେ ନରସିଂହ ଜେଠୀ, ସମାଚାର ନିର୍ଦ୍ଦେଶକ ବଦ୍ରିନାରାୟଣ ଅଧିକାରୀ ଏବଂ ପ୍ରୋଗ୍ରାମ୍ ମୁଖ୍ୟ ଦୀପ୍ତି ମିଶ୍ର ପ୍ରମୁଖ ଉପସ୍ଥିତ ରହି ସ୍ୱରାଜ ସମେତ ଦୂରଦର୍ଶନର ଆଗାମୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ବିଶେଷକରି ସ୍ୱରାଜ ଜରିଆରେ ଡିଡି ତା'ର ପୂର୍ବ ଗୌରବର ପୁନରାବୃତ୍ତି ସହ ପୁଣି ଥରେ ଦର୍ଶକଙ୍କ ନିକଟତର ହେବାକୁ ପ୍ରୟାସ ଆରମ୍ଭ କରିଛି। ସେହିଭଳି ସ୍ୱରାଜ ୯ଟି ପ୍ରମୁଖ ଆଞ୍ଚଳିକ ଭାଷା ସମେତ ଇଂରାଜୀରେ ମଧ୍ୟ ଡବିଂ କରାଯାଇଛି। ଉକ୍ତ ୯ଟି ଭାଷା ମଧ୍ୟରେ ତାମିଲ, ତେଲୁଗୁ, କନ୍ନଡ, ମାଲୟାଲମ, ମରାଠୀ, ଗୁଜରାଟୀ, ବଙ୍ଗଳା, ଅହମିଆ ଏବଂ ଓଡ଼ିଆ ଭାଷା ମଧ୍ୟ ଅନ୍ତର୍ଭୁକ୍ତ ରହିଛି। ଏପରିକି ଅଗଷ୍ଟ ୧୪ ପରେ ସ୍ୱରାଜ ଉପରୋକ୍ତ ଆଞ୍ଚଳିକ ଭାଷାରେ ଅଗଷ୍ଟ ୨୦ଠାରୁ ଦୂରଦର୍ଶନ ଚ୍ୟାନେଲରେ ରାତି ୮ ଟାରୁ ୯ ଘଣ୍ଟିକା ପର୍ଯ୍ୟନ୍ତ ପ୍ରସାରଣ କରାଯିବ। ସେହିପରି ଓଡ଼ିଆରେ ମଧ୍ୟ ଶନିବାର ଓ ସୋମବାର ରାତି ୯ରୁ ୧୦ ଘଣ୍ଟିକା ପର୍ଯ୍ୟନ୍ତ ଏବଂ ବୁଧବାର ଓ ଶୁକ୍ରବାର ଅପରାହ୍ନ ୨ ଟାରୁ ୩ ଘଣ୍ଟିକା ପର୍ଯ୍ୟନ୍ତ ପ୍ରସାରଣ ହେବ ବୋଲି ଜଣାପଡ଼ିଛି। ଅନୁରୂପ ଭାବେ ଉକ୍ତ ଧାରାବାହିକଟି ଆକାଶବାଣୀର ବିଭିନ୍ନ କେନ୍ଦ୍ର ଜରିଆରେ ଅଗଷ୍ଟ ୨୦ଠାରୁ ଶନିବାର ପୂର୍ବାହ୍ନ ୧୧ ଘଣ୍ଟିକାରେ ପ୍ରସାରଣ କରାଯିବ। ସ୍ୱାଧୀନତାର ଏହି ସ୍ୱତନ୍ତ୍ର ଧାରାବାହିକ ୧୪୯୮ ଭାସ୍କୋଡାଗାମାଙ୍କଠାରୁ ଆରମ୍ଭକରି ୧୯୪୭ ଅଗଷ୍ଟ ୧୫ ମଧ୍ୟରେ କେତେକ ପ୍ରମୁଖ ମହାନାୟକଙ୍କ ମହାନ ଗାଥାକୁ ଅଭିଜ୍ଞ ଭାରତୀୟ କଳାକାରଙ୍କ ଜରିଆରେ ଅତ୍ୟାଧୁନିକ ଜ୍ଞାନକୌଶଳ ସାଙ୍ଗକୁ ଉଚ୍ଚମାନର କ୍ୟାମେରାଗୁଡ଼ିକରେ ରେକର୍ଡିଂ କରାଯାଇ ଭାରତବାସୀଙ୍କୁ ପ୍ରତ୍ୟକ୍ଷ କାହାଣୀ ଦେଖାଇବାର ଶତ ପ୍ରୟାସ ଦୂରଦର୍ଶନ ପକ୍ଷରୁ କରାଯାଇଛି। ସେହିପରି ଖୁବ୍‌ଶୀଘ୍ର ଡିଡି ନ୍ୟାଶନାଲରେ ୪ଟି ଧାରାବାହିକ ସାଙ୍ଗକୁ ଏକ ରିଆଲିଟି ଶୋ'ର ମଧ୍ୟ ପ୍ରସାରଣ ହେବାକୁ ଯାଉଛି। ସାରା ଦେଶର ଦର୍ଶକଙ୍କୁ ପୁଣିଥରେ ବାନ୍ଧି ରଖିବା ପାଇଁ ଡିଡି-୧ରେ ସବୁ ବର୍ଗର କାର୍ଯ୍ୟକ୍ରମ ଫିଲ୍ମ, ଧାରାବାହିକ, ଖବର ପ୍ରସାରଣ ସାଙ୍ଗକୁ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମର ମଧ୍ୟ ପ୍ରସାରଣ କରାଯିବ ବୋଲି ଦୂରଦର୍ଶନ କର୍ତ୍ତୃପକ୍ଷ ମତବ୍ୟକ୍ତ କରିଥିଲେ।

ଜନ୍ମଦିନର ଶୁଭେଚ୍ଛା



ଅଞ୍ଜଳି କୁମାରୀ ସାହ
ଗୁଡିଆକାଟେଣୀ, ଢେଙ୍କାନାଳ
ତୁମକୁ ତୁମ ଜନ୍ମଦିନ ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କି ତୁମେ ସବୁବେଳେ ଖୁସିରେ ରୁହ ଏବଂ ଦୀର୍ଘାୟୁ ହୁଅ। ଆଗାମୀ ଦିନରେ ବଡ଼ ମଣିଷ ହୋଇ ଆମ ସମସ୍ତଙ୍କୁ ଗୌରବାନ୍ୱିତ କର।
ଈଶ୍ୱରଙ୍କ ସୃଷ୍ଟିରେ ଏକ ମୂଲ୍ୟବାନ ଅବଦାନ
"ବନ୍ଧୁତା ରୂପେ ସେ ଦେଲେ ଆମକୁ ଉପହାର
ବନ୍ଧୁଟିଏ ସିନା ବୁଝିପାରିଥାଏ ଏକ କୋମଳ ହୃଦୟ ମନ,
ଶୂନ୍ୟତାରେ ଭରିଦେଇଥାଏ ଅସଂଖ୍ୟ ଖୁସିର ଫଗୁଣ।"
ଧ-୭୪୦୦୪

## ରାଜ୍ୟପାଳଙ୍କୁ ସାକ୍ଷାତ କଲେ ଏମ୍ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ

ଭୁବନେଶ୍ୱର,୧୨।୮(ବ୍ୟୁରୋ): ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡା. ଆଶୁତୋଷ ବିଶ୍ୱାସ ଶୁକ୍ରବାର ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ଡା. ବିଶ୍ୱାସ ରାଜ୍ୟପାଳଙ୍କୁ ଏମ୍ସ ଭୁବନେଶ୍ୱରରେ ହେଉଥିବା ରୋଗୀ ସେବା ସମ୍ବନ୍ଧୀୟ ଅନେକ ବିକାଶମୂଳକ କାର୍ଯ୍ୟ, ଗବେଷଣା ଆଦି ବିଭିନ୍ନ ପ୍ରସଙ୍ଗରେ ଅବଗତ କରାଇଥିଲେ। ରାଜ୍ୟପାଳ ମଧ୍ୟ ରୋଗୀ ସେବା ଓ ସମାଜ ପ୍ରତି ଏମ୍ସ ଭୁବନେଶ୍ୱରର ସେବା ମନୋଭାବ ଏବଂ ସକାରାତ୍ମକ ଆଭିମୁଖ୍ୟକୁ ପ୍ରଶଂସା କରିଥିଲେ।

# ହାତୀ ଦିବସରେ ଅଭିନବ ପ୍ରତିବାଦ




ଭୁବନେଶ୍ୱର, ୧୨।୮(ବ୍ୟୁରୋ)

ସାରା ବିଶ୍ୱରେ ଅଗଷ୍ଟ ୧୨କୁ ହାତୀ ଦିବସ ଭାବରେ ପାଳନ କରାଯାଉଛି। ହାତୀ ସଂରକ୍ଷଣ ଓ ହାତୀ-ମଣିଷ କିପରି ଭାବରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ କରିପାରିବେ, ସେହି ବାର୍ତ୍ତା ବହନ କରିଥାଏ ହାତୀ ଦିବସ। ହେଲେ ଓଡ଼ିଶାରେ ହାତୀ ମୃତ୍ୟୁରେ ଖୋଦ୍ ବନ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ସମ୍ପୃକ୍ତି ରହୁଛି। ପୁଣି ଖାଲି ପୋଷ୍ଟର ବ୍ୟାନର ଓ ବୈଠକରେ ଅଯଥା ପଇସା ଖର୍ଚ୍ଚ କରି ରାଜ୍ୟ ବନ ବିଭାଗ ହାତୀ ଦିବସ ପାଳନ କରୁଥିବାରୁ ଏହାର ଅଭିନବ ପ୍ରତିବାଦ କରିଛି ଆନିମଲ ୱେଲଫେୟାର ଟ୍ରଷ୍ଟ ଏକାମ୍ର।

ଶୁକ୍ରବାର ସକାଳ ପ୍ରାୟ ୧୧ଟାରେ ଟ୍ରଷ୍ଟ ମୁଖ୍ୟ ପୁରବୀ ପାତ୍ର ନିଜର ଦୁଇ ସହଯୋଗୀଙ୍କ ସହ ଶହୀଦନଗରସ୍ଥିତ ପିସିସିଏଫ ବନ୍ୟପ୍ରାଣୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଥିଲେ। ହାତୀ ବେଶ ହୋଇ ହାତରେ ପ୍ଲାକାର୍ଡ ଧରି ଶାନ୍ତିପୂର୍ଣ୍ଣ ଭାବେ ଓଡ଼ିଶା ହାତୀ ବଂଶ ସମ୍ମୁଖୀନ ହେଉଥିବା ସ୍ଥିତିକୁ ପ୍ରଦର୍ଶନ କରିଥିଲେ। ଏପରିକି ଅଭୟାରଣ୍ୟ ଓ ସୁରକ୍ଷିତ ଅଞ୍ଚଳରେ କିପରି ଶିକାରୀ, ବନ୍ୟପ୍ରାଣୀ ମାଫିଆ ଓ ବନ ବିଭାଗ କର୍ମଚାରୀଙ୍କ ଚକ୍ରବ୍ୟୂହରେ ଫସି ହାତୀମାନେ ମୃତ୍ୟୁବରଣ କରୁଛନ୍ତି, ତାହାର ବାସ୍ତବତାକୁ ଅଭିନୟ ମାଧ୍ୟମରେ ସାମ୍ନାକୁ ଆଣିଥିଲେ। ପିସିସିଏଫ୍ ବନ୍ୟପ୍ରାଣୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମୃତ ହାତୀ ରୂପରେ ଶୋଇ ରହିବା ସହ 'ସେଭ୍ ମି' ବା 'ମୋତେ ବଞ୍ଚାଅ' ସ୍ଲୋଗାନ ଦେଇଥିଲେ। ପ୍ରାୟ ଅଧଘଣ୍ଟା ଧରି ଏଭଳି ପ୍ରତିବାଦ ପରେ ନନ୍ଦନକାନନ ଫାଟକ ସାମ୍ନାରେ ମଧ୍ୟ ଅନୁରୂପ ଭାବରେ ମୃତ ହାତୀର ଅଭିନୟ କରି ପ୍ରତିବାଦ କରାଯାଇଥିଲା। ଏନେଇ ପୁରବୀ କହିଛନ୍ତି, ଓଡ଼ିଶାରେ ଘଟୁଥିବା ହାତୀ ମୃତ୍ୟୁ ବିଭିନ୍ନ ବନ୍ୟପ୍ରାଣୀ ବା ଟେରିଟୋରିଆଲ ଡିଏଫ୍‌ଓଙ୍କ ଦାୟିତ୍ୱହୀନତା ଏବଂ ଉଚ୍ଚ ଅଧିକାରୀଙ୍କ ନେତୃତ୍ୱ ନେବାରେ ଅକ୍ଷମତାକୁ ପଦାରେ ପକାଇଛି। ଜଙ୍ଗଲରେ ହାତୀଙ୍କୁ ମାରି ପୋତି ଦେଇ ଭୁବନେଶ୍ୱରରେ ଡ୍ରାମା କରୁଛି ବନ ବିଭାଗ। ହାଇକୋର୍ଟରେ ସତ୍ୟପାଠରେ ବି ହାତୀ ଶିକାରକୁ ଫାଙ୍କି ଦେଉଛନ୍ତି ପିସିସିଏଫ। ଆଠଗଡ଼ରେ ଯେଉଁସବୁ କଙ୍କାଳକୁ ମାଟି ତଳୁ ବାହାର କରାଯାଇଥିଲା, ସେଗୁଡ଼ିକ ପିସିସିଏଫ ନିଜ ସତ୍ୟପାଠରେ ସ୍ଥାନ ଦେଇନାହାନ୍ତି। ସେହି ହାତୀମାନେ କ'ଣ ଆତ୍ମହତ୍ୟା କରିଥିଲେ ନା ସମାଧି ନେଇଥିଲେ ବୋଲି ପୁରବୀ ପ୍ରଶ୍ନ କରିଛନ୍ତି।

# ଡିଭାଇଡରରେ ପିଟି ହୋଇ ଓଲଟିଲା ବସ୍

## ହେଲ୍‌ପର ମୃତ, ୧୫ରୁ ଉର୍ଦ୍ଧ୍ୱ ଆହତ

ପିପିଲି,୧୨।୮(ଡି.ଏନ୍.ଏ./ସ୍ୱ.ପ୍ର.)




ପୁରୀ ଜିଲା ପିପିଲି ବ୍ଲକ ନିକଟ ୩୧୬ ନମ୍ବର ଜାତୀୟ ରାଜପଥରେ ଶୁକ୍ରବାର ଏକ ଯାତ୍ରୀବାହୀ ବସ୍ ଡିଭାଇଡରରେ ପିଟି ହୋଇ ଓଲଟି ପଡ଼ିଛି। ଫଳରେ ଏଥିରେ ଜଣେ ହେଲ୍‌ପରଙ୍କ ମୃତ୍ୟୁ ହୋଇଥିବା ବେଳେ ୧୫ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଖବରପାଇ ସ୍ଥାନୀୟ ପୋଲିସ, ଦମକଳ ବାହିନୀ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ପିପିଲି ଓ ଭୁବନେଶ୍ୱର ମେଡିକାଲ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ବସ୍‌ଟିକୁ ରାସ୍ତାରୁ ହଟାଇ ତଦନ୍ତ ଚଳାଇଛି। ସୂଚନା ମୁତାବକ, ଭୁବନେଶ୍ୱରରୁ ସାରଳା ନାମକ ଘରୋଇ ବସ୍ (ନଂ. ଓଆର୍ ୦୨ ୟୁ ୯୯୫୪)ଟି ୪୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କୁ ନେଇ ଅସ୍ତରଙ୍ଗ ଅଭିମୁଖେ ଯାଉଥିଲା। ହେଲେ ଅପରାହ୍ନରେ ଝିପି ଝିପି ବର୍ଷା ହେଉଥିବାବେଳେ ପିପିଲି ଟୋଲଗେଟ୍ ନିକଟରେ ହଠାତ୍ ବସ୍‌ଟି ଏକ ଡିଭାଇଡରରେ ପିଟି ହୋଇ ମଝିରାସ୍ତାରେ ଓଲଟି ପଡ଼ିଥିଲା। ଫଳରେ ବସ୍ ତଳେ ହେଲ୍‌ପର ଚାପି ହୋଇ ଯାଇଥିବା ବେଳେ ୧୫ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏହାଦେଖି ସ୍ଥାନୀୟ ଲୋକେ ବସ୍‌ରୁ ଯାତ୍ରୀଙ୍କୁ ଉଦ୍ଧାର କରିବା ସହ ମେଡିକାଲ ପଠାଇଥିଲେ। ହେଲେ ପିପିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ହେଲ୍‌ପର ନିମାପଡ଼ା ଥାନା ଅଞ୍ଚଳର ଅଭିଜିତ ପାତ୍ର(୨୦)ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ବସ୍‌ଟି ରାସ୍ତା ଉପରେ ପଡି ରହିଥିବାରୁ ପ୍ରାୟ ଏକ ଘଣ୍ଟା ରାସ୍ତା ଜାମ ହୋଇ ରହିଥିଲା। ଖବରପାଇ ପିପିଲି ପୋଲିସ, ଦମକଳ ବାହିନୀ ପହଞ୍ଚି କ୍ରେନ ସାହାଯ୍ୟରେ ପ୍ରାୟ ୧ଘଣ୍ଟାର ପରିଶ୍ରମ ପରେ ବସ୍‌କୁ ରାସ୍ତାରୁ ହଟାଇବାରୁ ଚଳାଚଳ ସ୍ୱାଭାବିକ ହୋଇଥିଲା। ଅନ୍ୟପଟେ ଦୁର୍ଘଟଣା ଘଟାଇ ବସ୍ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି।

# ୧୨୦୦ ମିଟର ପତାକା ଧରି ଭାଜପାର ତ୍ରିରଙ୍ଗାଯାତ୍ରା

ଭୁବନେଶ୍ୱର, ୧୨।୮(ବ୍ୟୁରୋ)



ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଦେଶ ଶୁକ୍ରବାର ଆଜାଦୀ କା ଅମୃତ ମହୋତ୍ସବ ପାଳନ କରୁଛି। ଆସନ୍ତା ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ଘରେ ଘରେ ତ୍ରିରଙ୍ଗା ଉଡ଼ାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। 'ହର୍ ଘର୍ ତ୍ରିରଙ୍ଗା' କାର୍ଯ୍ୟକ୍ରମକୁ ସଫଳ କରିବା ଲାଗି କ୍ରାନ୍ତି ଦିବସରୁ ଦେଶବ୍ୟାପୀ ତ୍ରିରଙ୍ଗାଯାତ୍ରା ଆରମ୍ଭ ହୋଇଛି। ଯୁବପିଢ଼ିଙ୍କୁ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ସମ୍ପର୍କରେ ଭଲଭାବେ ଅବଗତ କରାଇବା ଏହି ଯାତ୍ରାର ମୂଳ ଉଦ୍ଦେଶ୍ୟ ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ଶୁକ୍ରବାର ଭୁବନେଶ୍ୱର ସାଙ୍ଗଠନିକ ଜିଲା ଭାଜପା ତରଫରୁ ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ତ୍ରିରଙ୍ଗାଯାତ୍ରା ଅନୁଷ୍ଠିତ ହୋଇଥିଲା। ସମୀର ମହାନ୍ତିଙ୍କ ସମେତ ହଜାର ହଜାର ସଂଖ୍ୟାର କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ୧୨୦୦ ମିଟର ଲମ୍ବର ବିଶାଳ ତ୍ରିରଙ୍ଗା ପତାକା ଯାତ୍ରା ହାତରେ ଧରି ପ୍ରଭୁ ଲିଙ୍ଗରାଜ ମନ୍ଦିର ନିକଟରୁ ବାହାରି ମାଷ୍ଟର କ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଆସିଥିଲେ। ସ୍ୱାଧୀନତା ସଂଗ୍ରାମରୁ ଶକ୍ତି ଓ ସ୍ୱାଧୀନତା ସେନାନୀଙ୍କ ବିଚାରକୁ ପାଥେୟକରି ଅମୃତ କାଳଖଣ୍ଡରେ ଭାରତବର୍ଷକୁ ଆତ୍ମନିର୍ଭର, ବିଶ୍ୱର ଶ୍ରେଷ୍ଠ ଦେଶ ଏବଂ ବିଶ୍ୱଗୁରୁ ଭାବେ ଗଢ଼ି ତୋଳିବା ପାଇଁ ଯୁବପିଢ଼ିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସମୀର କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

### ଓଡ଼ିଶା ଆଗକୁ ବଢ଼ିବା...

ରାଜକିଶୋର ଦାସ, ବାଙ୍ଗିରିପୋଷି ବିଧାୟକ ସୁଦାମ ମାରାଣ୍ଡି ଓ ମୟୂରଭଞ୍ଜ ଜିଲା ପରିଷଦ ସଭାପତି ଭାରତୀ ହାଁସଦା ପ୍ରମୁଖ ଉପସ୍ଥିତ ରହି ଚାଷୀଙ୍କ ପାଇଁ ଏହି ଦୁଇଟି ପ୍ରକଳ୍ପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଆଲୋକପାତ କରିଥିଲେ। ସେହିପରି କରଞ୍ଜିଆ ହାତୀବାରିଠାରେ ଆୟୋଜିତ ଲୋକାର୍ପଣ ଉତ୍ସବରେ କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ରାଜ୍ୟସଭା ସଦସ୍ୟା ମମତା ମହାନ୍ତ, ଜଳସମ୍ପଦ ମନ୍ତ୍ରୀ ଟୁକୁନୀ ସାହୁ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଅତିଥି ଭାବେ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଶର ସବୁଠାରୁ ଲୋକପ୍ରିୟ ଓ ସର୍ବଶ୍ରେଷ୍ଠ ମୁଖ୍ୟମନ୍ତ୍ରୀ ବୋଲି ବର୍ଣ୍ଣନା କରିଥିଲେ। ଓଡ଼ିଶାବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିବଦ୍ଧତା ତାଙ୍କୁ ସମସ୍ତଙ୍କ ପ୍ରିୟଭାଜନ କରିପାରିଛି ବୋଲି ମତ ରଖିଥିଲେ। ଜିଲାପାଳ ବିନୀତ ଭରଦ୍ୱାଜ ଧନ୍ୟବାଦ ଅର୍ପଣ କରିଥିଲେ। ରାସଗୋବିନ୍ଦପୁରରେ ୫-ଟି ସଚିବ ଭି. କାର୍ତ୍ତିକେୟନ ପାଣ୍ଡିଆନ ଓ କରଞ୍ଜିଆରେ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ସହିତ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ ଜିଲା ସମସ୍ତ ପ୍ରଶାସନିକ ଅଧିକାରୀ, ନିର୍ବାଚିତ ପ୍ରତିନିଧି ଓ ପୂର୍ବତନ ଜନପ୍ରତିନିଧିଗଣ ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳା ପାଇଁ ପୂର୍ବାଞ୍ଚଳ ପୋଲିସ ଆଇଜି ହିମାଂଶୁ ଲାଲ୍‌ଙ୍କ ସହିତ ଏସ୍‌ପି ଋଷିକେଶ ଦ୍ୟାନଦେଓ ଖିଲାରୀ ଉପସ୍ଥିତ ଥିଲେ।

### ରତ୍ନଭଣ୍ଡାର ଖୋଲିବା...

ସ୍ଥିତି ଦୁର୍ବଳ ଥିବା ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଇଛୁ। ରତ୍ନଭଣ୍ଡାରରେ କ୍ରମାଗତ ଭାବେ ପାଣି ଗଳୁଥିବା ପ୍ରସଙ୍ଗ ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଇଛୁ। ପ୍ରଶାସନ ଏନେଇ ପଦକ୍ଷେପ ନେବା ଦରକାର। ତେବେ ପରିଚାଳନା କମିଟି ସଦସ୍ୟମାନେ ବୈଠକ ପୂର୍ବରୁ ଏନେଇ କ'ଣ ନିଷ୍ପତ୍ତି ନିଆଯିବ ତାହା କହିବା କଷ୍ଟ ବୋଲି ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଯେଉଁ ପରିଚାଳନା କମିଟି ରତ୍ନଭଣ୍ଡାର ପ୍ରସଙ୍ଗରେ ଆଲୋଚନାଠାରୁ ଦୂରେଇ ରହୁଛି, ସେହି କମିଟି ଏହି ପ୍ରସଙ୍ଗରେ କ'ଣ ନିଷ୍ପତ୍ତି ନେବ କୋଟି କୋଟି ଜଗନ୍ନାଥପ୍ରେମୀଙ୍କର ତା' ଉପରେ ନଜର ରହିବ। ସୂଚନା ଅଧିକାର କର୍ମୀ ଦିଲୀପ କୁମାର ବରାଳ କହିଛନ୍ତି, ସବୁଠୁ ବଡ଼ କଥା ହେଉଛି, ପରିଚାଳନା କମିଟିର ସୁପାରିସ ନିରପେକ୍ଷ ଭାବେ ଓ ସମସ୍ତଙ୍କ ମତକୁ ସମ୍ମାନ ଦେଇ କରାଯିବା ଦରକାର। ପରିଚାଳନା କମିଟିର ସୁପାରିସ ଅନୁଯାୟୀ ରାଜ୍ୟ ସରକାର ନିଷ୍ପତ୍ତି ନେବେ। ତେଣୁ ପରିଚାଳନା କମିଟି ଯାଞ୍ଚ ରିପୋର୍ଟ ଉପରେ ବିଚାରବିମର୍ଶ କରି ରତ୍ନଭଣ୍ଡାର ମରାମତି ଲାଗି ସୁପାରିସ କରିବା ଉଚିତ ବୋଲି ବରାଳ କହିଛନ୍ତି।

### ବାଘ ଶିକାରୀଙ୍କୁ...

ବୋଲି ସନ୍ଦେହ ହେଉଛି। ଦରକାର ପଡ଼ିଲେ ସଞ୍ଜୟଙ୍କୁ ରିମାଣ୍ଡରେ ଅଣାଯିବ। ବାଘକୁ ପଞ୍ଚରିଡ଼ା ଚଢ଼େୟାପଲ୍ଲୀ ବାଣିଝରୀ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ଶିକାର କରାଯାଇଥିଲା। ବନ ବିଭାଗ ପକ୍ଷରୁ ୧୦/୨୦୨୨-୨୩ ରେ ମକଦ୍ଦମା କରାଯାଇ ତଦନ୍ତ କରାଯାଉଛି।

**ବାଘ ଗଣନା ରିପୋର୍ଟକୁ ପ୍ରଶ୍ନବାଚୀ**

୨୦୧୭ ବାଘ ଗଣନା ରିପୋର୍ଟ ଅନୁଯାୟୀ ନୟାଗଡ଼ ଜଙ୍ଗଲରେ ବାଘ ନ ଥିଲେ। କିନ୍ତୁ ରଣପୁର ବନାଞ୍ଚଳର ନେଳିପଡ଼ାର ଜଣେ ବାଘ ଶିକାରୀଙ୍କୁ ଏସ୍‌ଟିଏଫ୍ ପ୍ରାୟ ୨ ବର୍ଷ ତଳେ ଧରିଥିଲା। ବନ ବିଭାଗ ଏବେ ଆଉ ଜଣେ ଶିକାରୀଙ୍କୁ ଗିରଫ କରିଛି। ଯଦି ନୟାଗଡ ଜଙ୍ଗଲରେ ବାଘ ନାହାନ୍ତି, ତେବେ ୨ଟି ବାଘ ଶିକାର ହେଲାଣି କିପରି। ପୁଣି କିଛି ମାସ ତଳେ ବଜ୍ରକୋଟ ଅଞ୍ଚଳରେ ଆଉ ଏକ ବାଘ ଶିକାର ହୋଇଥିଲା ବୋଲି ଅଭିଯୋଗ ଉଠିଥିଲା। ଏନେଇ ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀ କୁହନ୍ତି, ବାଘ ପାଦଚିହ୍ନ ମିଳୁଛି। ୨୦୨୨ ଜାନୁୟାରୀରେ ପୁଣି ବାଘ ଗଣନା ହୋଇଛି। ତାହାର ରିପୋର୍ଟ ପ୍ରକାଶ ପାଇଲେ ନୟାଗଡ଼ରେ ବାଘ ଅଛନ୍ତି କି ନାହିଁ ଜଣାପଡ଼ିବ ବୋଲି ଷଡ଼ଙ୍ଗୀ କହିଛନ୍ତି।

## ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ନବଜାତକର ଶରୀରବିହୀନ ମୁଣ୍ଡ

ଚାନ୍ଦବାଲି, ୧୨।୮(ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ନବଜାତ ଶିଶୁର ଶରୀର ବିହୀନ ମୁଣ୍ଡ ପଡ଼ିଥିବା ଶୁକ୍ରବାର ସକାଳେ ଦେଖିବାକୁ ମିଳିଛି। ତାହା କେଉଁଠୁ ଆସିଲା ଏବଂ କାହାର ଜଣାପଡ଼ିନାହିଁ କି ଏନେଇ କେହି ଅଭିଯୋଗ କରିନାହାନ୍ତି। ତେବେ ଏହି ଘଟଣା ସାମ୍ନାକୁ ଆସିବା ପରେ ବିଭିନ୍ନ ମହଲରେ ନାନା ଚର୍ଚ୍ଚା ହେଉଛି। ଏନେଇ ଡାକ୍ତରଖାନା ସ୍ତ୍ରୀ ଓ ପ୍ରସୂତି ବିଭାଗ ଡା. ପ୍ରଦ୍ୟୁମ୍ନ କୁମାର ସାହୁ କହିଛନ୍ତି, ଗୁରୁବାର ରାତିରେ ଏଠାରେ ମୃତ ଶିଶୁ ଜନ୍ମ ହୋଇନାହାନ୍ତି। ତେବେ ଏହି ମୁଣ୍ଡ କେଉଁଠୁ ଓ କିପରି ଏଠାକୁ ଆସିଲା ସେ ବିଷୟରେ ଜାଣିନାହୁଁ।

ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଦ୍ୱାଦଶାହ ଉପଲକ୍ଷେ



୰ ରେଣୁବାଳା ମିଶ୍ର
ଆବିର୍ଭାବ- ୧୪।୦୯।୧୯୫୦
ତିରୋଧାନ- ୦୨।୦୮।୨୦୨୨
ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ଦୂରଦୃଷ୍ଟି, ଆଦର୍ଶ, ତ୍ୟାଗ ଓ ଆଶୀର୍ବାଦ ଆଗାମୀ ଦିନପାଇଁ ଅକ୍ଷୁଣ୍ଣ ସ୍ମୃତି ହୋଇ ରହିବ। ଏହି ସ୍ନେହ ଆଉ ଶ୍ରଦ୍ଧା ଆମ ଉପରେ ଚିରଦିନ ପାଇଁ ଆଶୀର୍ବାଦ ପରି ରହିଥାଉ। ତୁମେ ଛାଡିଯାଇଥିବା ତୁମର ସ୍ୱାମୀ ରାଜକିଶୋର, ଜ୍ୟେଷ୍ଠପୁତ୍ର ଓ ପୁତ୍ରବଧୂ (କିଟୁନି ଓ ମାନୀ), କନିଷ୍ଠ ପୁତ୍ର ଓ ପୁତ୍ରବଧୂ (ବୁବୁନ୍ ଓ ମିଠୁ), ଜ୍ୟେଷ୍ଠା କନ୍ୟା ଓ ଜାମାତା (ମାନୀ ଓ ମନ୍ଟୁ), କନିଷ୍ଠା କନ୍ୟା ଓ ଜାମାତା (ଇନି ଓ ଅନିଲ) ଏବଂ ନାତି ଓ ନାତୁଣୀ (ଗୁଡୁଲ, ଗୁଗୁ, କାକୁଲ ଓ ମିକୁଲ) ଅଶ୍ରୁପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ। ଶ୍ରୀଜଗନ୍ନାଥଙ୍କ ପଦାରବିନ୍ଦରେ ଆମର ବିନମ୍ର ପ୍ରାର୍ଥନା ତୁମର ଅମର ଆତ୍ମା ଚିର ଶାନ୍ତି ଓ ସଦ୍‌ଗତି ଲାଭ କରୁ।
ଧ-୧୨୫୦

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଅଗଷ୍ଟ ୧୩/୨୦୨୨ Sambalpur, Saturday, August 13/ 2022

# ଜାତୀୟ କ୍ରୀଡ଼ା ପାଇଁ ଶ୍ରଦ୍ଧାଞ୍ଜଳି ଓଡ଼ିଶା ମହିଳା ଫୁଟବଲ କୋଚ୍

**ଭୁବନେଶ୍ୱର, ୧୨।୮ (କ୍ରୀଡ଼ା ପ୍ରତିନିଧି)**



ଶ୍ରଦ୍ଧାଞ୍ଜଳି ସାମନ୍ତରାୟ

ଆସନ୍ତା ସେପ୍ଟେମ୍ବର ୨୭ରୁ ଅକ୍ଟୋବର ୧୦ ପର୍ଯ୍ୟନ୍ତ ୩୬ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ଗୁଜରାଟରେ ଅନୁଷ୍ଠିତ ହେବ। ଏଥିପାଇଁ ଓଡ଼ିଶା ମହିଳା ଫୁଟବଲ ଖେଳାଳିଙ୍କୁ ନେଇ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଜାତୀୟ କ୍ରୀଡ଼ା ପାଇଁ ଏକ ସୁସଙ୍ଗଠିତ ମହିଳା ଫୁଟବଲ ଦଳ ଗଠନ କରିବାକୁ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ପୂର୍ବତନ ଭାରତୀୟ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କୁ କୋଚ୍‌ଭାବେ ନିଯୁକ୍ତ କରାଯାଇଛି। ପୂର୍ବରୁ ଶ୍ରଦ୍ଧାଞ୍ଜଳିଙ୍କୁ ରାଜ୍ୟଠାରୁ ଆରମ୍ଭ କରି ଜାତୀୟ ସ୍ତର ପର୍ଯ୍ୟନ୍ତ ଯେଉଁ ଦାୟିତ୍ୱ ଦିଆଯାଇଛି ତାହାକୁ ସେ ଅତ୍ୟନ୍ତ ନିଷ୍ଠାର ସହ ପାଳନ କରିଛନ୍ତି। ତେଣୁ ଏବେ ମିଳିଥିବା ଗୁରୁଦାୟିତ୍ୱକୁ ମଧ୍ୟ ସେ ଠିକ୍‌ଭାବେ ତୁଲାଇ ପାରିବେ ବୋଲି ଦୃଢ଼ ଆଶା ରଖିଛନ୍ତି। ପ୍ରକାଶଯୋଗ୍ୟ ଯେ, ଗତ ସପ୍ତାହରେ ଦିଲ୍ଲୀଠାରେ ଅନୁଷ୍ଠିତ ଫିଫା ଲିଜେଣ୍ଡ୍ସ ମ୍ୟାଚ ଖେଳି ଶ୍ରଦ୍ଧାଞ୍ଜଳି ରାଜ୍ୟ କ୍ରୀଡ଼ା ପାଇଁ ଗୌରବ ଆଣିଥିଲେ। ଗତ ୧୧ ବର୍ଷ ମଧ୍ୟରେ ସେ କେବଳ ରାଜ୍ୟ ଦଳ ନୁହେଁ ଜାତୀୟ ଦଳରେ ମଧ୍ୟ କୋଚିଂ ଦାୟିତ୍ୱକୁ ଦକ୍ଷତାର ସହ ସମ୍ପାଦନ କରିଛନ୍ତି। ଏଥିପାଇଁ ସେ ନିଯୁକ୍ତିଦାତା ନାଲ୍‌କୋ, ଫାଓ ଏବଂ ରାଜ୍ୟ କ୍ରୀଡ଼ା ବିଭାଗ ପ୍ରତି ଗଭୀର କୃତଜ୍ଞତା ଜଣାଇଛନ୍ତି। ଓଡ଼ିଶା ମହିଳା ଫୁଟବଲର କୋଚିଂ କ୍ୟାମ୍ପ କିଟ୍ ପରିସରରେ ୧୧ ତାରିଖରୁ ଆରମ୍ଭ ହୋଇଛି ଏବଂ ଏହା ସେପ୍ଟେମ୍ବର ୨୭ ପର୍ଯ୍ୟନ୍ତ ଚାଲିବ।

# ଆସନ୍ତା ମାର୍ଚ୍ଚରେ ମହିଳା ଆଇପିଏଲ୍

**ନୂଆଦିଲ୍ଲୀ, ୧୨।୮(ପି.ଟି.):** ବହୁ ପ୍ରତୀକ୍ଷିତ ମହିଳା ଆଇପିଏଲ୍ ୨୦୨୩ ମାର୍ଚ୍ଚରୁ ଖେଳାଯିବ। ଏଥିପାଇଁ ଏକ ମାସ ସମୟ ରଖାଯାଇଥିବା ବିସିସିଆଇର ଜଣେ ବରିଷ୍ଠ କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଫେବୃୟାରୀ ୯ରୁ ୨୬ ଦକ୍ଷିଣ ଆଫ୍ରିକାରେ ହେବାକୁଥିବା ମହିଳା ଟି୨୦ ବିଶ୍ୱକପ୍ ପରେ ଏହା ଅନୁଷ୍ଠିତ ହେବ। ବର୍ତ୍ତମାନ ଆପାତତଃ ୫ଟି ଦଳକୁ ନେଇ ମହିଳା ଆଇପିଏଲ୍ କରିବାକୁ ସ୍ଥିର କରାଯାଇଛି। ନିବେଶକଙ୍କ ଆଗ୍ରହ ବଢିଲେ ଦଳ ସଂଖ୍ୟା ୬କୁ ବୃଦ୍ଧି କରାଯାଇପାରେ। ଠିକଣା ସମୟରେ ଟିମ୍ ନିଲାମ ପ୍ରକ୍ରିୟା ସମ୍ପର୍କରେ ସୂଚନା ଦିଆଯିବ। ଉଭୟ ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଓ ସମ୍ପାଦକ ଜୟ ଶାହା ପୂର୍ବରୁ ସେମାନଙ୍କର ପୃଥକ୍ ପୃଥକ୍ ସାକ୍ଷାତ୍‌କାରରେ ୨୦୨୩ରେ ମହିଳା ଆଇପିଏଲ୍ ଖେଳାଯିବା ସମ୍ପର୍କରେ ସୂଚନା ଦେଇ ସାରିଛନ୍ତି। ଅନେକ ଖେଳପ୍ରେମୀଙ୍କ ମତରେ ମହିଳା ଆଇପିଏଲ୍ ହେଲେ ଦେଶରେ ମହିଳା କ୍ରିକେଟରେ ବୈପ୍ଳବିକ ପରିବର୍ତ୍ତନ ହେବ।

# ଭାରତୀୟ ଦଳରେ ଓଡ଼ିଶାର ଆଶିଷ



କର୍ମକର୍ତ୍ତାଙ୍କ ଗହଣରେ ୧୮ ବର୍ଷରୁ କମ୍ ଭାରତୀୟ ଭଲିବଲ ଦଳ।

**ଭୁବନେଶ୍ୱର, ୧୨।୮ (କ୍ରୀଡ଼ା ପ୍ରତିନିଧି)**

ଇରାନର ତେହେରାନଠାରେ ୧୪ତମ ୧୮ ବର୍ଷରୁ କମ୍ ଏସିଆନ ପୁରୁଷ ଭଲିବଲ ଚାମ୍ପିୟନଶିପ୍ ଚଳିତ ମାସ ୧୫ରୁ ୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ଶୁକ୍ରବାର ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ଆଶିଷ କୁମାର ସ୍ୱାଇଁ ସ୍ଥାନ ପାଇଛନ୍ତି। ମନୋନୀତ ୧୨ ଖେଳାଳି ଓ ୪ ଅଫିସିଆଲ୍ ତେହେରାନ ଯାତ୍ରା କରିଛନ୍ତି। ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ) ପକ୍ଷରୁ ଓଡ଼ିଶା ଭଲିବଲ ଆସୋସିଏଶନକୁ ସମ୍ଭାବ୍ୟ ୨୦ ଖେଳାଳିଙ୍କୁ ନେଇ କୋଚିଂ କ୍ୟାମ୍ପ ଆୟୋଜନ ଦାୟିତ୍ୱ ଦିଆଯାଇଥିଲା। କୋଚିଂ କ୍ୟାମ୍ପ କିଟ୍ ବିଶ୍ୱବିଦ୍ୟାଳୟସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ମେ' ୨୦ ତାରିଖରୁ ଆରମ୍ଭ ହୋଇ ଗତ ୧୧ରେ ଶେଷ ହୋଇଥିଲା। ପ୍ରଦର୍ଶନଭିତ୍ତିରେ ଉକ୍ତ ୨୦ ଖେଳାଳିଙ୍କ ମଧ୍ୟରୁ ୧୨ ଜଣଙ୍କୁ ଚୟନ କରାଯାଇଥିଲା। ଏହି ୧୨

**୧୮ ବର୍ଷରୁ କମ୍ ଏସିଆନ ପୁରୁଷ ଭଲିବଲ**

ଜଣଙ୍କ ମଧ୍ୟରେ ଓଡ଼ିଶାର ଜଣେ ଖେଳାଳି ଆଶିଷ ସ୍ୱାଇଁ (ନୟାଗଡ଼) ଅନ୍ତର୍ଭୁକ୍ତ। କ୍ୟାମ୍ପ ପରିଚାଳନା ପାଇଁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେବା ସହ ଖେଳାଳି ଓ ଅଫିସିଆଲ୍‌ଙ୍କୁ କିଟ୍ ପ୍ରଦାନ କରିଥିବା ଭିଏଫ୍‌ଆଇ ସଭାପତି ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଆଗାମୀ ପ୍ରତିଯୋଗିତା ପାଇଁ ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

**ଭାରତୀୟ ଦଳ:** ଖୁସ୍ ସିଂ, ଶେଖର ତରୁନ, ଆଦିତ୍ୟ ରାଣା, ନୟନଭାଇ ଧ୍ରୁଭିଲ ପଟେଲ, ଲାଭି କୁମାର, ଆଶିଷ କୁମାର ସ୍ୱାଇଁ, କାର୍ତ୍ତିକ ଶର୍ମା (ଅଧିନାୟକ), କାର୍ତ୍ତିକ ୟମନ (ଲିବେରୋ), ଅତୁଲ ସିଂ, ଅଭିଷେକ, କାବିଲନ ମହେନ୍ଦ୍ରନ, ଆର୍ଯ୍ୟନ ବଲିଆନ। ଅଫିସିଆଲ୍: ଜୟକୁମାର ନଦରାଜନ (ମ୍ୟାନେଜର), ବୀର ସିଂ ଯାଦବ (ମୁଖ୍ୟ କୋଚ୍), ଶୈଳେଶ ଚୌଧୁରୀ (ସହକାରୀ କୋଚ୍), ମହେନ୍ଦ୍ର ସିଂ ସରନ (ରେଫରି)।

# ମାଳତୀ, ରାଖାଲ, ରମେଶଙ୍କୁ ରୌପ୍ୟ ପଦକ



ରାଜ୍ୟଗୋଷ୍ଠୀ ହୁଇଲଚେୟାର ଫେନ୍‌ସିଂ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ହାସଲକାରୀ ଓଡ଼ିଶାର ମାଳତୀ ପାନାଉରେ, ରାଖାଲ କୁମାର ସେଠୀ ଓ ରମେଶ ରାଓ।

**ଭୁବନେଶ୍ୱର, ୧୨।୮ (କ୍ରୀଡ଼ା ପ୍ରତିନିଧି)**

ଲଣ୍ଡନରେ ଚାଲିଥିବା ରାଜ୍ୟଗୋଷ୍ଠୀ ହୁଇଲଚେୟାର ଫେନ୍‌ସିଂ ଚାମ୍ପିୟନଶିପ୍‌ରେ ଓଡ଼ିଶାର ମାଳତୀ ପାନାଉରେ, ରାଖାଲ କୁମାର ସେଠୀ ଓ ରମେଶ ରାଓ ରୌପ୍ୟ ପଦକ ହାସଲ କରିଛନ୍ତି। ମାଳତୀ ବ୍ୟକ୍ତିଗତ ଫଏଲ ଇଭେଣ୍ଟରେ ଅନ୍ୟତମ ଭାରତୀୟ ପ୍ରତିଯୋଗୀ ରେଖାଙ୍କୁ ୧୫-୧୩ରେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ମାତ୍ର ନିର୍ଣ୍ଣାୟକ

**ରାଜ୍ୟଗୋଷ୍ଠୀ ହୁଇଲଚେୟାର ଫେନ୍‌ସିଂ ଚାମ୍ପିୟନଶିପ୍**

ମୁକାବିଲାରେ ସେ ଇଂଲଣ୍ଡର ଜେମା କଲମେନଙ୍କଠାରୁ ୪-୧୫ରେ ହାରି ଯାଇଥିଲେ। ଫଳରେ ତାଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ସେହିପରି ହୁଇଲ ଚେୟାର ପୁରୁଷ ଇପି ଦଳଗତ ବିଭାଗରେ ରୌପ୍ୟ ପଦକ ପାଇଥିବା ଭାରତୀୟ ଦଳରେ ରାଖାଲ ଓ ରମେଶ ସାମିଲ ଥିଲେ। ପ୍ରବୀଣ ରାଘାଭେନ୍ଦ୍ର, ରାଖାଏ ଓ ରମେଶଙ୍କୁ ନେଇ ଗଠିତ ଭାରତୀୟ ଦଳ ଫାଇନାଲରେ ଇଂଲଣ୍ଡଠାରୁ ୩୭-୪୫ରେ ହାରି ଯାଇଥିଲା। ପ୍ରକାଶଯୋଗ୍ୟ ଯେ, ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ୧୦ ଜଣିଆ ଭାରତୀୟ ଦଳରେ ଓଡ଼ିଶାର ୩ ଖେଳାଳି ମାଳତୀ, ରମେଶ ରାଓ ଏବଂ ରାଖାଲ୍ କୁମାର ସେଠୀ ସାମିଲ ହୋଇଥିଲେ। ଏହି ସଫଳତା ପାଇଁ ଖେଳାଳିମାନଙ୍କୁ ହୁଇଲଚେୟାର ଫେନ୍‌ସିଂ ଆମ୍ପ୍ୟୁଟି ସ୍ପୋର୍ଟ୍ସ ଅଫ୍ ଇଣ୍ଡିଆ ସଭାପତି ଜେ. ଚନ୍ଦ୍ରଶେଖର, ଓଡ଼ିଶା ହୁଇଲଚେୟାର ଫେନ୍‌ସିଂ ଅଧ୍ୟକ୍ଷ ବେଲା ଜସୱାଲ ଓ ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ସଭାପତି କମଳାକାନ୍ତ ରଥ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

# ସର୍ବଭାରତୀୟ ଏଲ୍‌ଆଇସି କ୍ରୀଡ଼ା ପାଇଁ ୧୬ ମନୋନୀତ



ଜୋନାଲ ଚାମ୍ପିୟନ ମହିଳା ଗ୍ରାଣ୍ଡମାଷ୍ଟର କିରଣ ମନୀଷା ମହାନ୍ତିଙ୍କୁ ପୁରସ୍କୃତ କରାଯାଉଛି।

**ଭୁବନେଶ୍ୱର, ୧୨।୮ (କ୍ରୀଡ଼ା ପ୍ରତିନିଧି)**

ଭାରତୀୟ ଜୀବନବୀମା ନିଗମ (ଏଲ୍‌ଆଇସି)ର ପୂର୍ବ ମଧ୍ୟ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ କ୍ୟାରମ୍ ଏବଂ ଚେସ୍ (ମହିଳା ଓ ପୁରୁଷ) ଖେଳ ପାଇଁ ଚୟନ ପ୍ରତିଯୋଗିତା ଶେଷ ହୋଇଛି। ଏଥିରୁ ପ୍ରଦର୍ଶନଭିତ୍ତିରେ ଭୋପାଳରେ ଆସନ୍ତା ନଭେମ୍ବରରେ ହେବାକୁଥିବା ସର୍ବଭାରତୀୟ ଏଲ୍‌ଆଇସି କ୍ରୀଡ଼ା ପାଇଁ ୧୬ ଖେଳାଳି ମନୋନୀତ ହୋଇଛନ୍ତି। ମହିଳା ଗ୍ରାଣ୍ଡମାଷ୍ଟର (ଡବ୍ଲ୍ୟୁଜିଏମ୍) କିରଣ ମନୀଷା ମହାନ୍ତି ଜୋନାଲ ଚାମ୍ପିୟନ ହୋଇଛନ୍ତି।

**କ୍ୟାରମ୍ ଓ ଚେସ୍ ପାଇଁ ଚୟନ ପ୍ରତିଯୋଗିତା ଶେଷ**

କ୍ୟାରମର ମହିଳା ବିଭାଗରେ ସର୍ବଭାରତୀୟ ଯୋଗ୍ୟତା ପାଇଥିବା ପ୍ରତିଯୋଗୀମାନେ ହେଲେ ଦୀପିକା ସିହ୍ନା (ପାଟନା-୧ ଡିଭିଜନ), ଡି.ଆର. ଆଧା (ଭୁବନେଶ୍ୱର), ପୁନମ କୁମାରୀ (ଭାଗଲପୁର) ଓ ଏସ.ଟି. ମିଞ୍ଜ୍ (ଜାମସେଦପୁର)। ସେହିପରି ପୁରୁଷ ବିଭାଗରେ ଜେ.କେ. ସିହ୍ନା (ପାଟନା-୧), ଏସ.କେ. ସିହ୍ନା (ମୁଜାଫରପୁର), ଆର.ଏସ. ସାହୁ (ସମ୍ବଲପୁର) ଓ ସନ୍ତୋଷ କୁମାର ବେହେରା (ବ୍ରହ୍ମପୁର) ଯୋଗ୍ୟତା ହାସଲ କରିଛନ୍ତି। ଚେସ୍‌ର ମହିଳା ବିଭାଗରେ କିରଣ ମୀନଷା ମହାନ୍ତି (ଭୁବନେଶ୍ୱର), ମନୀଷା ତ୍ରିବେଦୀ (ପାଟନା-୧), ଏ.ଆର. ଟୁଡୁ (ହଜାରିବାଗ), ଅନୁଜ ପ୍ରଭା ବେହେରା (କଟକ) ଏବଂ ପୁରୁଷରେ ଆଶୁତୋଷ ମହାପାତ୍ର (ଭୁବନେଶ୍ୱର), ବିଧୁ ଭୂଷଣ ମିଶ୍ର (ସମ୍ବଲପୁର), ହିମାଂଶୁ ଚକ୍ରବର୍ତ୍ତୀ (ଜାମସେଦପୁର) ଓ ଅମରେଶ କୁମାର (ମୁଜାଫରପୁର ଡିଭିଜନ) ସର୍ବଭାରତୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ହାସଲ କରିଛନ୍ତି।

# ଜିମ୍ବାୱେ ଟୁର୍ ପାଇଁ ଲକ୍ଷ୍ମଣ ମୁଖ୍ୟ କୋଚ୍

**ନୂଆଦିଲ୍ଲୀ, ୧୨।୮ (ପି.ଟି.):** ଆସନ୍ତା ଜିମ୍ବାୱେ ଟୁର୍ ପାଇଁ ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନ୍‌ସିଏ) ମୁଖ୍ୟ ଭି.ଭି.ଏସ୍. ଲକ୍ଷ୍ମଣ ଭାରତୀୟ ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ତୁଲାଇବେ ବୋଲି ବିସିସିଆଇ ସମ୍ପାଦକ ଜୟ ଶାହା ଶୁକ୍ରବାର ସୂଚନା ଦେଇଛନ୍ତି। ନିୟମିତ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ କିନ୍ତୁ ଛୁଟିରେ ନାହାନ୍ତି। ଜିମ୍ବାୱେ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ସିରିଜ ଅଗଷ୍ଟ ୨୨ରେ ଶେଷ ହେଉଥିବା ବେଳେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଅଗଷ୍ଟ ୨୭ରୁ ଏସିଆ କପ୍ ଖେଳାଯିବ। ଏହି ଦୁଇଟି ମଧ୍ୟରେ ସମୟ ବ୍ୟବଧାନ ଖୁବ୍ କମ୍ ରହିଛି। ଫଳତଃ ଦ୍ରାବିଡ ଭାରତୀୟ ଟି୨୦ ଦଳ ସହ ସିଧାସଳଖ ୟୁଏଇରେ ପହଞ୍ଚିବେ। ଜିମ୍ବାୱେ ବିପକ୍ଷ ୩ ଦିନିକିଆ ହରାରେଠାରେ ଅଗଷ୍ଟ ୧୮, ୨୦ ଓ ୨୨ରେ ଖେଳାଯିବ। କେ.ଏଲ. ରାହୁଲ ଓ ଦୀପକ ହୁଡା ହରାରେରୁ ଦୁବାଇଯିବେ।

# ଅଶୋକଙ୍କୁ ଜାତୀୟ ଦାୟିତ୍ୱ

**ଭୁବନେଶ୍ୱର, ୧୨।୮ (କ୍ରୀଡ଼ା ପ୍ରତିନିଧି)**



ଅଶୋକ କୁମାର ସାହୁ

ଅନ୍ତର୍ଜାତୀୟ ବାସ୍କେଟବଲ ଆସୋସିଏଶନ (ଏଫ୍‌ଆଇବିଏ)ର ୧୮ ବର୍ଷରୁ କମ୍ ଏସିଆନ ବାସ୍କେଟବଲ ଚାମ୍ପିୟନଶିପ୍ ଇରାନର ତେହେରାନଠାରେ ଚଳିତ ମାସ ୨୧ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ପାଇଁ ଓଡ଼ିଶା ବାସ୍କେଟବଲ ଆସୋସିଏଶନ (ଓବିଏ) ସମ୍ପାଦକ ଅଶୋକ କୁମାର ସାହୁଙ୍କୁ ଭାରତୀୟ ଦଳର ମ୍ୟାନେଜର ନିଯୁକ୍ତ କରାଯାଇଛି। ଆଗାମୀ ପ୍ରତିଯୋଗିତାରେ ଭାରତ ସମେତ ୧୦ଟି ଦେଶ ଭାଗନେବେ। ଜାତୀୟ ଦାୟିତ୍ୱ ପାଇଥିବାରୁ ଅଶୋକ ସାହୁଙ୍କୁ ଓବିଏର ସଦସ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।

# ଇଡେନ ଗାର୍ଡେନ୍ସରେ ଖେଳାଯିବ ସ୍ୱତନ୍ତ୍ର ମ୍ୟାଚ୍

**ନୂଆଦିଲ୍ଲୀ, ୧୨।୮ (ପି.ଟି.):** ଲିଜେଣ୍ଡ୍ସ ଲିଗ୍ କ୍ରିକେଟ (ଏଲ୍‌ଏଲ୍‌ସି)ର ଦ୍ୱିତୀୟ ସଂସ୍କରଣର ପ୍ରଥମ ମ୍ୟାଚ କୋଲକାତାରେ ଇଡେନ ଗାର୍ଡେନ୍ସରେ ସେପ୍ଟେମ୍ବର ୧୬ରେ ଖେଳାଯିବ ବୋଲି ଆୟୋଜକଗଣ ଶୁକ୍ରବାର ପ୍ରକାଶ କରିଛନ୍ତି। ଇଣ୍ଡିଆ ମହାରାଜାଜ୍ ବନାମ ୱାର୍ଲ୍ଡ ଜାଏଣ୍ଟ୍ସ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ ଭାରତ ସ୍ୱାଧୀନତାପ୍ରାପ୍ତିର ୭୫ତମ ବର୍ଷ ପାଳନ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯିବ। ଏଲ୍‌ଏଲ୍‌ସିର କମିଶନର ରବି ଶାସ୍ତ୍ରୀ ଏ ବିଷୟରେ ସୂଚନା ଦେଇଛନ୍ତି। ଭାରତର ପୂର୍ବତନ ଅଧିନାୟକ ତଥା ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ଇଣ୍ଡିଆନ ମହାରାଜାସ୍ ଦଳର ନେତୃତ୍ୱ ନେବେ। ସେହିପରି ୱାର୍ଲ୍ଡ ଜାଏଣ୍ଟ୍ସର ଅଧିନାୟକତ୍ୱ କରିବେ ଇଂଲଣ୍ଡର ୨୦୧୯ ବିଶ୍ୱକପ୍ ବିଜୟୀ ଅଧିନାୟକ ଇଅନ ମୋର୍ଗାନ। ସ୍ୱତନ୍ତ୍ର ମ୍ୟାଚ ଖେଳାଯିବାର ଦିନକ ପରେ ଏଲ୍‌ଏଲ୍‌ସି ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୮ ପର୍ଯ୍ୟନ୍ତ ଖେଳାଯିବ। ଫ୍ରାଞ୍ଚାଇଜ୍‌ଭିତ୍ତିକ ଫର୍ମାଟରେ ଚାରୋଟି ଦଳକୁ ନେଇ ଏହା ଖେଳାଯିବ।

# ଆନ୍ତଃସ୍କୁଲ, ୱାଇଜିଟିଟିଏ ଟେବୁଲ ଟେନିସ ଉଦ୍‌ଘାଟିତ

**ଭୁବନେଶ୍ୱର, ୧୨।୮ (କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ଆସୋସିଏଶନ (ଓଏସ୍‌ଟିଟିଏ) ଆନୁକୂଲ୍ୟରେ ଆନ୍ତଃ-ସ୍କୁଲ ଏବଂ ୨୭ତମ ୱାଇଜିଟିଟିଏ ଟେବୁଲ ଟେନିସ ଟୁର୍ନାମେଣ୍ଟ ଶୁକ୍ରବାର କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। ଆନ୍ତଃ-ସ୍କୁଲ ଟୁର୍ନାମେଣ୍ଟରେ ୭୦ଟି ବିଭିନ୍ନ ସ୍କୁଲରୁ ୯୫ ବାଳିକା ଓ ୧୯୦ ବାଳକ ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାରେ ମୋଟ ୮ଟି ଇଭେଣ୍ଟ ଅନୁଷ୍ଠିତ ହେବ। ଓଏସ୍‌ଟିଟିଏ ସଭାପତି ତଥା ଗ୍ରାମ୍ୟ ଉନ୍ନୟନ ଏବଂ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କଟକ ମହାନଗର ନିଗମ କମିଶନର ନିଖିଲ ପଵନକଲ୍ୟାଣ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଓଏସ୍‌ଟିଟିଏ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା, ଉପସଭାପତି ଚିତ୍ତରଞ୍ଜନ ମହାନ୍ତି, କୋଷାଧ୍ୟକ୍ଷ ନୀହାର ରଞ୍ଜନ ମିଶ୍ର, ଯୁଗ୍ମ ସମ୍ପାଦକ ଜୟଦିଥ ଦେବତା ପ୍ରମୁଖ ଉପସ୍ଥିତ ଥିଲେ। ସୁଜିତ ରାୟ ମୁଖ୍ୟ ରେଫରି ଦାୟିତ୍ୱ ନିର୍ବାହ କରୁଛନ୍ତି। ୱାଇଜିଟିଟିଏ ଚାମ୍ପିୟନଶିପ୍‌ର ମ୍ୟାଚ ୧୪ ତାରିଖରୁ ଆରମ୍ଭ ହେବ।




କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଶୁକ୍ରବାର ଆନ୍ତଃ-ସ୍କୁଲ ଏବଂ ୱାଇଜିଟିଟିଏ ଟେବୁଲ ଟେନିସ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ଅତିଥି ଏବଂ ଖେଳାଳିମାନେ।



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ବୃଷ୍ଟି ପାଇଁ ଇନ୍ଦ୍ରପୂଜା, ବେଙ୍ଗ ବେଙ୍ଗୁଲୀ ବିବାହ

ପଦ୍ମପୁର,(ଡି.ଏନ.ଏ.): ବୃଷ୍ଟି ପାଇଁ ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଲମ୍ବରଜୁନା ଗ୍ରାମରେ ଇନ୍ଦ୍ରଦେବତା ପୂଜା ଓ ବେଙ୍ଗ ବେଙ୍ଗୁଲି ବିବାହ କରାଯାଇଛି। ବେଙ୍ଗ ବେଙ୍ଗୁଲି ବିବାହ ଉତ୍ସବରେ ବର ମାତାପିତା ଭାବେ ମଝିପଡାର ମାଧବ ସିଂ ବରିହା ଓ ମଧୁସ୍ମିତା ବରିହା ଏବଂ କନ୍ୟା ମାତାପିତା ଭାବେ ଲୁହାରପଡାର ଅଭି ଧରୁଆ ଓ ଧାରା ଧରୁଆ ଦାୟିତ୍ୱ ତୁଲାଉଛନ୍ତି। ଏହି ପୂଜା ଉତ୍ସବ ସପ୍ତାହ ବ୍ୟାପୀ ଅନୁଷ୍ଠିତ ହେବ। ପୂଜା କାର୍ଯ୍ୟ ପରିଚାଳନାରେ ମଧୁକର ବିଶ୍ୱାଳ, ଭାନୁ ଶଙ୍କର ବିଶ୍ୱାଳ, ଯାଦବ ସିଂ ବରିହା, ସାନନ୍ଦ ବାରିକ, ମିତ୍ରଭାନୁ ବିଶ୍ୱାଳ, କୈଳାସ ବାରିକ ସହଯୋଗ କରୁଛନ୍ତି।

### ସଂକ୍ଷେପରେ

## ଆହତ ଶମ୍ବର ମୃତ

ପାଇକମାଲ,୧୨।୮(ଡି.ଏନ.ଏ.): ବରଗଡ ଜିଲା ନୃସିଂହନାଥ ଫରେଷ୍ଟ ରେଞ୍ଜ୍ ଅଞ୍ଚଳରେ ଥିବା ବିଏସ୍ଏନ୍ଏଲ୍ ଟାୱାର ଗେଟ୍ ସମ୍ମୁଖରେ ଶୁକ୍ରବାର ଅପରାହ୍ନରେ ଏକ ଶମ୍ବର ଆହତ ଅବସ୍ଥାରେ ପଡିଥିଲା। ଖବର ପାଇ ଅଗ୍ନିଶମ, ପୋଲିସ ଓ ଜଙ୍ଗଲ ବିଭାଗର ଅଧିକାରୀମାନେ ସେଠାକୁ ଆସି ତାକୁ ଉଦ୍ଧାର କରି ନୃସିଂହନାଥ ସ୍ଥିତ ପୁରୁଣା ରେଞ୍ଜ୍ ଅଫିସକୁ ନେଇଥିଲେ। ତେବେ ରେଞ୍ଜ୍ ଅଫିସକୁ ପହଞ୍ଚିବା ମାତ୍ରେ ସମ୍ବରଟିର ମୃତ୍ୟୁ ହୋଇଥିଲା। ରେଞ୍ଜ ଅଫିସ ପରିସରରେ ମୃତ ସମ୍ବର ବ୍ୟବଚ୍ଛେଦ କରାଯିବା ପରେ ନିୟମ ମୁତାବକ ସଂସ୍କାର କରାଯାଇଛି ବୋଲି ରେଞ୍ଜର ରାଜେନ୍ଦ୍ର ଭୋଇ ଜଣାଇଛନ୍ତି।


ବିଏସ୍ଏନ୍ଏଲ୍ ଟାୱାର ଗେଟ୍ ସମ୍ମୁଖରେ ଶମ୍ବର।

## ବଞ୍ଚିବା ପାଇଁ ଗଛଟିଏ, ନିଶାମୁକ୍ତି ଅଭିଯାନ

ପଦ୍ମପୁର,୧୨।୮(ଡି.ଏନ.ଏ.): ବରଗଡ଼ ଜିଲା ପଦ୍ମପୁର ଟାଉନ ଉଚ୍ଚ ବିଦ୍ୟାଳୟରେ ପରିଚାଳନା କମିଟି ସଭାପତି ପ୍ରୀତମ ମେହେରଙ୍କ ଅଧକ୍ଷତାରେ ନିଶାମୁକ୍ତ ଭାରତ ଅଭିଯାନ ପାଇଁ ଏକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରକୃତିବନ୍ଧୁ ମୀନକେତନ ସାହୁ ଅତିଥି ଭାବେ ଯୋଗଦାନ କରିଥିଲେ। ନିଶା କବଳରେ ଯୁବଗୋଷ୍ଠୀ ପଥଭ୍ରଷ୍ଟ ହୋଇ ଅନେକ ଅସାମାଜିକ କାମ କରୁଛନ୍ତି। ତେଣୁ ସମସ୍ତେ ସଚେତନ ହେବା ଆବଶ୍ୟକ ବୋଲି ସଭାପତି ମେହେର ପରାମର୍ଶ ଦେଇଥିଲେ। ପ୍ରକୃତିବନ୍ଧୁ ସାହୁ ସୁରକ୍ଷିତ ଭବିଷ୍ୟତ ପାଇଁ ଗଛଟିଏ ଲଗାଇବାକୁ ଆହ୍ୱାନ ଦେଇଥିଲେ ଏବଂ ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଁଳା ଚାରା ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ତରଣୀସେନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ଗଙ୍ଗାଧର ଜୟନ୍ତୀ ଅବସରରେ ବରଗଡ଼ ବିଜୁ ପଟ୍ଟନାୟକ ହଲରେ ଅନୁଷ୍ଠିତ ସାରସ୍ୱତ ସଭା।


ବରଗଡ଼ ବିଜ୍ଞାନ କେନ୍ଦ୍ରରେ କବି ଗଙ୍ଗାଧରଙ୍କ ରଚିତ କବିତାକୁ ସାମୁହିକ ଗାନ କରାଯାଉଛି ।

# ବିଶ୍ୱ ସାହିତ୍ୟକୁ ଋଦ୍ଧିମନ୍ତ କରିଛି ଗଙ୍ଗାଧର ସାହିତ୍ୟ

ବରଗଡ଼ ଅଫିସ୍,୧୨।୮

ଗଙ୍ଗାଧର ସାହିତ୍ୟ କୃତି କେବଳ ଓଡ଼ିଆ ସାହିତ୍ୟକୁ ସମୃଦ୍ଧି କରିନାହିଁ। ବରଂ ବିଶ୍ୱ ସାହିତ୍ୟକୁ ଋଦ୍ଧିମନ୍ତ କରିଛି। ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଶୁକ୍ରବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୧ତମ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏହା କହିଛନ୍ତି। ସମାରୋହରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଡଃ ନୃପରାଜ ସାହୁ କହିଥିଲେ, ଗଙ୍ଗାଧର ସାହିତ୍ୟ କୃତୀର ପ୍ରାସଙ୍ଗିକତା ଦିନକୁ ଦିନ ବଢ଼ି ଚାଲିଥିବା ଯୋଗୁ ଗଙ୍ଗାଧରଙ୍କ ଉପରେ ଆଲୋଚନା ମଧ୍ୟ ବଢ଼ି ଚାଲିଛି। ଜୀବନର ଯାବତୀୟ ଜଞ୍ଜାଳ ସତ୍ତ୍ୱେ ଜୀବନ ମଧୁମୟ ହୋଇପାରେ, କବି ଗଙ୍ଗାଧର ଆମକୁ ଏହି ଆଶ୍ୱାସନା ପ୍ରଦାନ କରିଛନ୍ତି । ଜୀବନରେ ସମସ୍ୟାକୁ ସ୍ୱୀକାର କରିବା ଏବଂ ଗ୍ରହଣଶୀଳତାର ଧରୋହର ସୃଷ୍ଟି କରିବା ଗଙ୍ଗାଧରଙ୍କ ଅନନ୍ୟତା ବୋଲି ଡଃ ସାହୁ କହିଥିଲେ। କବି ଲକ୍ଷ୍ମୀ ନାରାୟଣ ହୋତା ସମ୍ମାନିତ ବକ୍ତା ଭାବେ ଯୋଗଦେଇ କହିଥିଲେ, ଗଙ୍ଗାଧରଙ୍କ ସାହିତ୍ୟ କୃତୀ କାଳଜୟୀ। ତେଣୁ ସେ ସ୍ୱଭାବ କବି। ତାଙ୍କର ଛଳନାବିହୀନ ଜୀବନ ଓ ସାହିତ୍ୟ ତାଙ୍କୁ କାଳଜୟୀ କରିପାରିଛି ବୋଲି ସେ କହିଥିଲେ। ସୁଲେଖକ ଡଃ ସୁଜିତ ପୃଷ୍ଠେଠ ସଭା ସଞ୍ଚାଳନ କରିଥିଲେ।


ବରପାଲି କବି ଭବନରୁ ଗଙ୍ଗାଧର ଜ୍ୟୋତି ବାହାରୁଛି।

ସଙ୍ଗୀତ ନିର୍ଦ୍ଦେଶକ ନବ ମହନ୍ତଙ୍କ ନିର୍ଦ୍ଦେଶନାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓଡ଼ିଆ ବିଭାଗ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସଞ୍ଜୀବ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ସମାରୋହ ପୂର୍ବରୁ କବିଙ୍କ ଜନ୍ମପୀଠ ବରପାଲିରୁ ଗଙ୍ଗାଧର ଜ୍ୟୋତିଯାତ୍ରା ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲ ଅଭିମୁଖେ ବାହାରିଥିଲା। ଜ୍ୟୋତି ପ୍ରଜ୍ୱଳନ ପୂର୍ବକ ହସ୍ତତନ୍ତ ଓ ବୟନ ଶିଳ୍ପମନ୍ତ୍ରୀ ରୀତା ସାହୁ ଆୟୋଜକଙ୍କୁ ଜ୍ୟୋତି ହସ୍ତାନ୍ତର କରିଥିଲେ। ବରଗଡ଼ ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ ନବୀନ ପ୍ରଧାନ, କବିଙ୍କ ପ୍ରପୌତ୍ର ମହେନ୍ଦ୍ର ମେହେର, ମନୋରଞ୍ଜନ ମେହେର, ବାଦ୍ୟଶିଳ୍ପୀ ଡଃ ସୁରେନ୍ଦ୍ର ମେହେର, ପ୍ରାଧ୍ୟାପକ ଶୁକମୁନି ମେହେର, ଡଃ ଦୁର୍ବାଦଳ ମେହେର, ପାଣ୍ଡବ ବେହେରା, ଶିକ୍ଷାବିତ୍ ସୁନୀତି ମୁଣ୍ଡ, ବରପାଲି ପୌରାଧ୍ୟକ୍ଷ ଦିନେଶ ଗହୀର ପ୍ରମୁଖ ଜ୍ୟୋତିଯାତ୍ରାରେ ସାମିଲ ହୋଇଥିଲେ। କଣ୍ଠଶିଳ୍ପୀ ସ୍ୱପ୍ନାରାଣୀ ତ୍ରିପାଠୀଙ୍କ ଗଙ୍ଗାଧର ଗାନ ସହିତ ଜ୍ୟୋତି କବି ଭବନରୁ ବାହାରିଥିଲା। ବରଗଡ଼ ଆସିବା ବାଟରେ ଗଙ୍ଗାଧର ଜ୍ୟୋତିକୁ ବିଭିନ୍ନ ସ୍ଥାନରେ ସମ୍ମାନ, ସମ୍ବର୍ଦ୍ଧନା ଦିଆଯାଇଥିଲା।

### ଜୟନ୍ତୀ ସମାରୋହରେ ବକ୍ତାଙ୍କ ମତ

ସେହିପରି ବରଗଡ଼ ସହର ଉପକଣ୍ଠ ଟୁକୁର୍ଲାସ୍ଥିତ ବିଜ୍ଞାନ କେନ୍ଦ୍ର ସଭାଗୃହରେ ବରଗଡ଼ ଶିକ୍ଷାଜିଲା ସ୍ତରୀୟ ଗଙ୍ଗାଧର ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଛପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ କବି ମନୋରଞ୍ଜନ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦାନ କରି କବି ଗଙ୍ଗାଧର ପୁରାତନ ଭିତରେ ନୂତନତ୍ୱର ସନ୍ଧାନୀ ଥିଲେ ବୋଲି କହିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ଛତ୍ରପତି ସାହୁ, ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଗଙ୍ଗାଧର କାବ୍ୟର ମହନୀୟତା ଉପରେ ଆଲୋକପାତ କରିଥିଲେ। ସୋହେଲା ବିଇଓ ଅମୃତା ସାହୁ, ଭଟଲି ବିଇଓ ସରୋଜ ଭୋଇ, ସରକାରୀ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରେଣୁଦାଶ ଶର୍ମା, ଭାର୍ଗବ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ଡଃ ମନୋଜ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ଡଃ ଡୋଲାମଣି ଶତପଥି, ଗୌରୀଚରଣ ସା ପ୍ରମୁଖ କବିତା ମାଧ୍ୟମରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶିକ୍ଷକ ଗୋପବନ୍ଧୁ ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଜ୍ଞାନ କେନ୍ଦ୍ରର ଗୋପୀନାଥ ପ୍ରଧାନ, ପରିତୋଷ ବେହେରାଙ୍କ ତତ୍ତ୍ୱାବଧାନରେ ଶତାଧିକ ଛାତ୍ରୀଛାତ୍ର ସାମୂହିକ ଗାନରେ ସାମିଲ ହୋଇଥିଲେ। ଜିଲାର ୧୮ଶହରୁ ଊର୍ଦ୍ଧ୍ୱ ସ୍କୁଲରେ ପ୍ରାୟ ଅଢ଼େଇ ଲକ୍ଷ ଛାତ୍ରୀଛାତ୍ର ନିଜ ସ୍କୁଲରେ ଦିନ ୧୦ଟା ୧୫ମିନିଟ୍‌ରେ ଏକକାଳୀନ କବିଙ୍କ ରଚିତ କବିତା ସାମୂହିକ ଗାନ କରିଥିଲେ। ଆଗାମୀ ଦିନରେ ପ୍ରତ୍ୟେକ ସ୍କୁଲରେ କବି ଗଙ୍ଗାଧରଙ୍କ ରଚିତ କବିତାକୁ କିଭଳି ପ୍ରାର୍ଥନାରେ ସାମିଲ କରାଯିବ, ସେ ନେଇ ବିଚାର କରାଯିବ ବୋଲି ସୂଚନା ଦିଆଯାଇଥିଲା।

## ଜେଇଙ୍କ ପଦୋନ୍ନତି ପାଇଁ ଚିଠି ଲେଖିଲେ ବିଧାୟକ

### ବିରୋଧ କଲେ ବିଭିନ୍ନ ସଙ୍ଗଠନ

ଭବାନୀପାଟଣା,୧୨।୮(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକରେ କାର୍ଯ୍ୟରତ ଜଣେ ଜେଇ (କନିଷ୍ଠ ଯନ୍ତ୍ରୀ)ଙ୍କୁ ନେଇ ଏବେ ବିବାଦ ଦେଖାଦେଇଛି। ଜେଇଙ୍କୁ ଅତିରିକ୍ତ ଯନ୍ତ୍ରୀ ଭାବେ ପଦୋନ୍ନତି ଦେବା ପାଇଁ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି ବିଧାୟକ ପ୍ରଦୀପ ଦିଶାରୀ। ଏହାକୁ ବିଭିନ୍ନ ସଙ୍ଗଠନ ବିରୋଧ କରିଛନ୍ତି। ଭବାନୀପାଟଣାଠାରେ ଶୁକ୍ରବାର ଥୁଆମୂଳ ରାମପୁର ଶିକ୍ଷିତ ଯୁବକ ମଞ୍ଚ ଏକ ଖବରଦାତା ସମ୍ମିଳନୀ କରି ଜିଲା ପ୍ରଶାସନ ଓ ବିଧାୟକଙ୍କ ଉପରେ ବର୍ଷିଛନ୍ତି। ଅଭିଯୋଗ ଅନୁଯାୟୀ, ଥୁଆମୂଳ ରାମପୁର ବ୍ଲକରେ କାର୍ଯ୍ୟରତ ଜେଇ ବାଞ୍ଛାବଟ ପାଣ୍ଡେ ଅନେକ ଦିନ ଧରି ବିଭିନ୍ନ ଦୁର୍ନୀତିରେ ସମ୍ପୃକ୍ତ ଅଛନ୍ତି। କିନ୍ତୁ ଏ ନେଇ ଯଦି କିଏ ଅଭିଯୋଗ କରୁଛି ତେବେ ତାକୁ ନାଲି ଆଖି ଦେଖାଉଛନ୍ତି। ଲାଞ୍ଜିଗଡ଼ ବିଧାୟକ ଦିଶାରୀଙ୍କ ଛତ୍ରଛାୟା ତଳେ ରହି ବାବୁଜଣଙ୍କ ଦୁର୍ନୀତି ରାଜ ଚଳାଇଥିବା ଅଭିଯୋଗ ହୋଇଛି। ତେବେ ଏତେ ସବୁ ପରେ ମଧ୍ୟ ଗତ କିଛି ଦିନ ତଳେ ପାଣ୍ଡେଙ୍କୁ ଜେଇରୁ ଅତିରିକ୍ତ ଯନ୍ତ୍ରୀ ପଦୋନ୍ନତି କରି ଥୁଆମୂଳ ରାମପୁରେ ହିଁ ନିଯୁକ୍ତି ଦେବା ନେଇ ବିଧାୟକ ପ୍ରଦୀପ କଳାହାଣ୍ଡି ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କୁ ଚିଠି ମାଧ୍ୟମରେ ଜଣାଇଥିଲେ। ଯାହା ଏବେ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହାସହ ବ୍ଲକରେ କାର୍ଯ୍ୟରତ ଅତିରିକ୍ତ ଯନ୍ତ୍ରୀ ସାଲୁଖ ହେମ୍ବ୍ରମଙ୍କୁ ସରକାର ଗତ ୬ ମାସ ତଳେ ଥୁଆମୂଳ ରାମପୁର ବ୍ଲକରେ ନିଯୁକ୍ତି କରିଥିବା ବେଳେ ତାଙ୍କୁ ପୁଣି ଥରେ ଅନ୍ୟତ୍ର ବଦଳି କରି ଜେଇ ପାଣ୍ଡେଙ୍କୁ ନିଯୁକ୍ତି କରିବାକୁ ଚିଠି ଲେଖିବାରୁ ଶିକ୍ଷିତ ଯୁବକ ମଞ୍ଚ ଏହାକୁ ବିରୋଧ କରିଛି।

ADVERTISEMENT FOR PROJECT ASSISTANT
P.G. DEPARTMENT OF SOCIAL SCIENCE
FAKIR MOHAN UNIVERSITY
Vyasa Vihar, Balasore - 756089

Applications are invited from interested candidates for the engagement of one Project Assistant on purely temporary basis for the Odisha State Higher Education Council, Government of Odisha (OURIIP Seed Fund - 2022) sponsored project entitled as "A Multi-Level Analysis of Trends and Dimensions of Voting Behaviour in India since 1999. A Case study of Balasore district of Odisha" in the P.G. Department of Social Science, Fakir Mohan University, Balasore.
Please log into **http://fmuniversity.nic.in**. for details.

Sd./- Principal Investigator

## ଏଆଇଏସ୍ଏଫ୍‌ର ପ୍ରତିଷ୍ଠା ଦିବସ ପାଳିତ

ଜୁନାଗଡ,୧୨।୮(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ କରଚଲା ସ୍ୱାମୀ ଚିଡାନନ୍ଦ ମହାବିଦ୍ୟାଳରେ ଶୁକ୍ରବାର ଅଖିଳ ଭାରତ ଛାତ୍ର ସଂଘ (ଏଆଇଏସ୍ଏଫ୍)ର ୮୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଜିଲା ସଭାପତି ରାଜାରାମ ଡଙ୍ଗରୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ଜଗଦିଶ ଦୁର୍ଗା, ଉପସଭାତି ଲିଙ୍କନ ବାଗ, ନରେନ୍ଦ୍ର ନାଏକ, ଉପେନ୍ଦ୍ର କୁମାର, ଶିବା ମୁଣ୍ଡା, ରାକେଶ ନିଆଲ, ରାଜ ଡଙ୍ଗରୀ ସମେତ କଲେଜ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଅଭିଯୁକ୍ତ ବାପ, ପୁଅ କୋର୍ଟଚାଲାଣ

### ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ସମ୍ପର୍କୀୟ ଭାଇଙ୍କୁ ହତ୍ୟା ଘଟଣା

ବୌଦ୍ଧ,୧୨।୮(ସ୍ୱ.ପ୍ର.)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପୁରୁଣାକଟକ ଥାନା ଲୁଣିବାହାଲ ବଜାର ଉପରେ ଗତ ଗୁରୁବାର ବାପ ପୁଅଙ୍କ ଆକ୍ରମଣରେ ଯୁବରାଜପୁର ଗ୍ରାମର ସମ୍ପର୍କୀୟ ଭାଇ ଝରିଆ ବାରିକ(୫୬)ଙ୍କ ମୃତ୍ୟୁ ଘଟିଥିଲା। ପୋଲିସର ତଦନ୍ତ ଓ ମୃତକ ଝରିଆଙ୍କ ପରିବାର ଅଭିଯୋଗକୁ ଭିତ୍ତିକରି ପୋଲିସ ଯୁବରାଜପୁର ଗ୍ରାମର ସୁବାସ ବାରିକ(୫୫) ଓ ପୁଅ ଅସିତ ଓରଫ ସିଲୁ (୩୩)ଙ୍କୁ ଗିରଫ କରି ହତ୍ୟା ଅଭିଯୋଗରେ କୋର୍ଟ ଚାଲାଣ କରିଛି। ପ୍ରକାଶ ଥାଉକି, ଯୁବରାଜପୁର ଗ୍ରାମର ଝରିଆ ଓ ସୁବାସଙ୍କ ମଧ୍ୟରେ ପୂର୍ବରୁ ଜମିବାଡି ବିବାଦକୁ ନେଇ ଉଭୟ ପରିବାର ମଧ୍ୟରେ ଗଣ୍ଡଗୋଳ ଲାଗିରହିଥିଲା। ଗୁରୁବାର ଲୁଣିବାହାଲଠାରେ ବାପ ପୁଅ ମିଶି କାଠଫାଳିଆ ଓ କଇଁଚିରେ ଝରିଆଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ପୁରୁଣାକଟକ ପୋଲିସ ପହଞ୍ଚି ଝରିଆଙ୍କୁ ଉଦ୍ଧାର କରି ପୁରୁଣାକଟକ ମେଡିକାଲକୁ ନେଇଥିଲେ। ସେଠାରେ ଝରିଆଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସୁବାସ ଓ ଅସିତଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଜ୍ୟୋସ୍ନା କାଉରି ପ୍ରକାଶ କରିଛନ୍ତି।






**ଏଟିଏମ୍ ଖୋଲିବା ନେଇ ସବୁଜ ସଙ୍କେତ**

ଦେଓଗାଁ,(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝରଠାରେ ଏଟିଏମ କାଉଣ୍ଟର ଖୋଲିବା ପାଇଁ ଅଞ୍ଚଳବାସୀଙ୍କ ତରଫରୁ ବାରମ୍ବାର ଦାବି ହୋଇଆସୁଛି । ଏ ସମ୍ପର୍କିତ ଖବର ଧରିତ୍ରୀରେ ଗତ ଫେବୃୟାରୀ ୧୯ରେ ପ୍ରକାଶିତ ହୋଇଥିଲା । ଏହି ଖବରକୁ ଉପରଝରର ଗ୍ରାମର ସାମାଜିକ କର୍ମୀ ରମେଶ କୁମାର ମହାପାତ୍ର ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭିନ୍ନ ବ୍ୟାଙ୍କର ଅଫିସିଆଲକୁ ଟ୍ୱିଟ ଜରିଆରେ ଅନୁରୋଧ କରିଥିଲେ । ତେବେ ଶୁକ୍ରବାର ଏକ୍ସିସ ବ୍ୟାଙ୍କ ପକ୍ଷରୁ ଉପରଝରରେ ଏଟିଏମ କାଉଣ୍ଟର ଖୋଲିବା ନେଇ ସବୁଜ ସଂକେତ ମିଳିଥିବା ଜଣାପଡିଛି ।

**ସଂକ୍ଷେପରେ**

## ଜାତୀୟ କୃମି ନାଶକ ଦିବସ

ବୋଡେନ,୧୨।୮(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ବ୍ଲକ ବୋଇରଗାଁ ପଞ୍ଚାୟତ ଚିକଲଚିଆଁ ସେବାଶ୍ରମରେ ଜାତୀୟ କୃମି ନାଶକ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅଲବେଣ୍ଡାଜଲ ବଟିକା ବଣ୍ଟନ ଶୁଭାରମ୍ଭ ହୋଇଯାଇଛି। ସ୍କୁଲ ପ୍ରଧାନ ଶିକ୍ଷକ ଟିକେରାମ ମେହେରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିପିଏଚ୍ଓ ଡା.ସିବ ନାୟକ ଓ ଏମ୍‌ଟିଏସ୍ ଦିବ୍ୟରନ ନାଏକ ଯୋଗଦାନ କରି କୃମିର ଲକ୍ଷଣ ଓ ଅପକାରିତା ଉପରେ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟକର୍ମୀ ଦୀପେଶ ପତି ଓ ବବିତା ବେହେରା ସ୍କୁଲ ସହ ଗ୍ରାମର ୧ ବର୍ଷରୁ ୧୯ ବର୍ଷ ପର୍ଯ୍ୟନ୍ତ ବାଳକ ବାଳିକାଙ୍କୁ ଔଷଧ ଖୁଆଇ ଥିଲେ।

## ବିଜୁ ପଟ୍ଟନାୟକ କଲେଜରେ ରକ୍ଷାବନ୍ଧନ

ବୋଡେନ,୧୨।୮(ଡି.ଏନ.ଏ.): ନୂଆପଡା ଜିଲା ବୋଡେନ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ (ଯୁକ୍ତ ୨ କଲେଜ)ରେ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କଲେଜ ଅଧକ୍ଷ ହେମନ୍ତ କୁମାର ମୁଣ୍ଡଙ୍କ ଅଧକ୍ଷତାରେ ସମସ୍ତ ଅଧାପକ ଅଧାପିକା ତଥା କର୍ମଚାରୀ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା ଡଲି ମାଝି ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ କଲେଜ ପରିସରରେ ଦେଶାତ୍ମ ବୋଧକ ସଙ୍ଗୀତ, ବକ୍ତୃତା, କୁଇଜ୍, ରଙ୍ଗୋଲି ଓ ପାରମ୍ପରିକ ବେଶଭୁଷା ପ୍ରତିଯୋଗୀତା ଆୟୋଜିତ ହୋଇଯାଇଛି। ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ସ୍ୱାଧୀନତା ଦିବସ ଅବସରରେ ପୁରସ୍କୃତ କରାଯିବ ବୋଲି କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ମିଳିଛି।

## ଆଜାଦୀ କା ଅମୃତ ମହୋତ୍ସବ ପାଇଁ ବାଇକ୍ ରାଲି

କୋକସରା,୧୨।୮(ଡି.ଏନ.ଏ.): ହର୍‌ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ ସଫଳ ପାଇଁ ଭାଜପା କର୍ମକର୍ତ୍ତାମାନେ ଲାଗି ପଡିଛନ୍ତି। ଏହିକ୍ରମରେ ଶୁକ୍ରବାର କଳାହାଣ୍ଡି ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଯୁବମୋର୍ଚ୍ଚା ସଭାପତି ବିଜୟଦେ ସାହୁଙ୍କ ନେତୃତ୍ୱରେ ଏକ ବାଇକ୍ ରାଲି କରାଯାଇଛି। ଏହି ରାଲି କୋକସରା ବ୍ଲକ ମୋଟେରଛକରୁ ବାହାରି କୋକସରା, ଲଡୁଗାଁ ଦେଇ ଆମପାଣିରେ ପହଞ୍ଚିଛି। ଆମପାଣି ବୁଢ଼ାରଜା ମନ୍ଦିରରେ ଦର୍ଶନ କରି ଧର୍ମଗଡ ଅଭିମୁଖେ ଯାତ୍ରା କରିଛନ୍ତି। ବାଇକ୍ ରାଲିରେ କଲମପୁର, କୋକସରା, ଧର୍ମଗଡ ବ୍ଲକର ଯୁବମୋର୍ଚ୍ଚା କର୍ମକର୍ତ୍ତା ଯୋଗଦେଇ ଆଜାଦି କା ଅମୃତ ମହୋତ୍ସବ ପାଳନ ଅବସରରେ ଜାତୀୟ ପତାକା ତ୍ରିରଙ୍ଗାକୁ ୧୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ସବୁ ଘର ଅଗଣାରେ ଉଡାଇବାକୁ ଅନୁରୋଧ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲା ଭାଜପା ସାଧାରଣ ସମ୍ପାଦକ ସୁଧୀର ରଞ୍ଜନ ପାଟ୍ଟଯୋଷୀ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଜନାର୍ଦ୍ଦନ ପଣ୍ଡା, ଉପସଭାପତି ଲକ୍ଷ୍ମୀକାନ୍ତ ବାଗ, ନବରଙ୍ଗପୁର ପ୍ରଭାରି ହିମାଂଶୁ ପଣ୍ଡା, ଅପ୍ରେଶ ସ୍ୱାଇଁ, ଧର୍ମଗଡ ନଗର ପ୍ରଭାରୀ ହରେକୃଷ୍ଣ ପଣ୍ଡା, ଦୁର୍ଗା ପ୍ରଧାନୀ, ବିଭୁଦତ୍ତ ପ୍ରଧାନୀଙ୍କ ସମେତ ଶତାଧିକ କର୍ମକର୍ତ୍ତା ସାମିଲ ରହିଥିଲେ। କୋକସରା ବ୍ଲକରେ ବାଇକ୍ ରାଲିକୁ ସମସ୍ତେ ସ୍ୱାଗତ କରିଥିଲେ।

# କୃମିନାଶ ଔଷଧ ଖାଇ ୧୦ରୁ ଉର୍ଦ୍ଧ୍ୱ ଶିଶୁ ଅସୁସ୍ଥ

ଲାଞ୍ଜିଗଡ,୧୨।୮(ଡି.ଏନ.ଏ.)

ଜାତୀୟ କୃମି ନାଶକ ଦିବସରେ ଶୁକ୍ରବାର କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକର ବିଭିନ୍ନ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରରେ ୧ରୁ ୫ ବର୍ଷର ଶିଶୁମାନଙ୍କୁ ଏଲବେଣ୍ଡଯାଲ ସିରପ୍ ଖାଇବାକୁ ଦିଆଯାଇଥିବା ବେଳେ ୫ରୁ ୧୯ ବର୍ଷ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ବଟିକା ଦିଆଯାଇଥିଲା।

ଏହି କ୍ରମରେ ଲାଞ୍ଜିଗଡ଼ ବ୍ଲକର ବାଟେର୍ଲିମା ଅଙ୍ଗନୱାଡି କେନ୍ଦ୍ର ଓ ରିହାବ କଲୋନୀ ଅଙ୍ଗନୱାଡି କେନ୍ଦ୍ରରେ ଶିଶୁମାନଙ୍କୁ ଏହି ସିରପ୍ ଖାଇବାକୁ ଦିଆଯାଇଥିଲା। ସିରପ ଖାଇବା ପରେ ୧୦ରୁ ଉର୍ଦ୍ଧ୍ୱ ଶିଶୁ ଅସୁସ୍ଥ ହୋଇ ପଡ଼ିଥିଲେ। ସେମାନଙ୍କୁ ଲାଞ୍ଜିଗଡ ସିଏଚସିରେ ଭର୍ତ୍ତି କରାଯାଇଛି। ସୂଚନାମତେ, କୃମି ନାଶକ ଦିବସରେ ବାଟେର୍ଲିମା ଅଙ୍ଗନୱାଡି କେନ୍ଦ୍ରରେ କର୍ମୀ ଶାନ୍ତିଲତା ସାମଲ ଓ ଆଶା କର୍ମୀ ୪୫ଜଣ ୧ରୁ ୫ ବର୍ଷ ଶିଶୁଙ୍କୁ ଏଲବେଣ୍ଡଜାଲ ସିରପ ଖାଇବାକୁ ଦେଇଥିଲେ। ଦେବାର କିଛି ସମୟ ପରେ ୧୫ଜଣ ଶିଶୁ ଅସୁସ୍ଥ ହୋଇଥିଲେ। ଏ ନେଇ ବିଶ୍ୱନାଥପୁର ସିଏଚ୍‌ସିକୁ ଫୋନ କରି ଜଣାଇଥିଲେ। ବିଶ୍ୱନାଥପୁର ଡାକ୍ତରୀଟିମ ଡ଼. ନରେନ୍ଦ୍ର ଦାସଙ୍କ ସମେତ ଅନ୍ୟମାନେ ପହଞ୍ଚି ସ୍ୱାସ୍ଥ୍ୟ ପରୀକ୍ଷା ପରେ ଶିଶୁ ସୁସ୍ଥ ହୋଇଥିଲେ। ସେହିପରି ବ୍ଲକର ରିହାବ କଲୋନୀ କେନ୍ଦ୍ରରେ ୩୦ ଶିଶୁ ମଧ୍ୟରୁ କେନ୍ଦ୍ରରେ ଉପସ୍ଥିତ ୧୭ଜଣ ଶିଶୁଙ୍କୁ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି କର୍ମୀ ସରସ୍ୱତୀ ମହାନନ୍ଦ ଓ ଆଶା କର୍ମୀ ନରସୀମା ନାଗ ଏଲବେଣ୍ଡଜାଲ ସିରପ୍ ଖାଇବାକୁ ଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୦ରୁ ୧୨ ଜଣ ଶିଶୁ ଅସୁସ୍ଥ ହେବା ପରେ ଭୟରେ ସିରପ୍ ଖାଇଥିବା ସମସ୍ତ ଶିଶୁଙ୍କୁ ଲାଞ୍ଜିଗଡ ସିଏଚସିରେ ପରିବାର ଲୋକେ ଆଣି ଭର୍ତ୍ତି କରିଥିଲେ। ସିଏଚସି ଡାକ୍ତର ଭବାନୀ ଶଙ୍କର ଲେଙ୍କା ସମେତ ଟୁନା ପାଣିଗ୍ରାହୀ, ତପନ ସାହୁ ଅସୁସ୍ଥ ଶିଶୁଙ୍କୁ ଇଞ୍ଜେକଶନ ଦେବା ପରେ ଶିଶୁମାନେ ସୁସ୍ଥ ହୋଇଥିଲେ। ଖବର ପାଇ ବଶନ୍ତପଡା ସରପଞ୍ଚ ଚାଙ୍ଗେର ମାଝି, ଜଗନ୍ନାଥପୁର ସମିତି ସଭ୍ୟ ପ୍ରଦୀପ ମାଝି, ବିଶ୍ୱନାଥପୁର ପିଏଚଇଓ ଦିବାକର ପ୍ରଧାନ, ଲାଞ୍ଜିଗଡ ବେଦାନ୍ତ ଆଲୁମିନା ସିଏସଆର ମୁଖ୍ୟ ବିଭୁଦେନ୍ଦୁ ପଣ୍ଡା, ବେଦାନ୍ତ ମେଡ଼ିକାଲ ମୁଖ୍ୟ ଅକ୍ଷୟ ସାହୁ, ବେଦାନ୍ତ ପରିଚାଳନା ଅଧିକାରୀ ଅମର ମହାନ୍ତି, ଅଙ୍ଗନୱାଡି ସୁପରଭାଇଜର ଜୋସ୍ନା ମିଶ୍ରଙ୍କ ସମେତ ଅନ୍ୟମାନେ ପହଞ୍ଚିଥିଲେ। ସେମାନଙ୍କ ଉପସ୍ଥିତରେ ଶିଶୁ ସୁସ୍ଥ ହେବା ପରେ ନିଜ ଘରକୁ ପରିବାର ଲୋକେ ନେଇଥିଲେ। କେଉଁ କାରଣରୁ ଏଭଳି ହେଲା ଏହାର କୌଣସି ସୂଚନା ମିଳି ପାରିନାହିଁ।


ଅସୁସ୍ଥ ଶିଶୁମାନଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଛି।

# ବିଦ୍ୟୁତ୍ ଆଘାତରେ ସୁରକ୍ଷା କର୍ମଚାରୀ ମୃତ

ଟିଟିଲାଗଡ଼,୧୨।୮(ନି.ପ୍ର.)

ଟିଟିଲାଗଡ ସହର ନିକଟସ୍ଥ ସିକେର ରେଳଷ୍ଟେଶନଠାରେ କାର୍ଯ୍ୟରତ ଜଣେ ସୁରକ୍ଷା କର୍ମଚାରୀଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତକ ହେଲେ ସୋନପୁର ଜିଲା ପାଇକବାହାଲ ଗ୍ରାମର କୁଦ୍ରା ଧରୁଆଙ୍କ ପୁତ୍ର ଶ୍ରୀକାନ୍ତ ଧରୁଆ (୩୦)।

ପ୍ରକାଶ ଯେ, ଗୁରୁବାର ରାତିରେ ଶ୍ରୀକାନ୍ତ ଷ୍ଟେଶନରେ କାର୍ଯ୍ୟରତ ଥିବା ସମୟରେ ଜଣେ ରେଳବାଇ କର୍ମଚାରୀ ତାଙ୍କୁ କୁଆଡେ ବିଦ୍ୟୁତ୍ ଟ୍ରାନ୍ସଫର୍ମରରେ ଫ୍ୟୁଜ ବାନ୍ଧିବାକୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ ସେ ଜାଣି ନ ଥିବା କହିଥିବା ବେଳେ ପରେ ଉକ୍ତ କର୍ମଚାରୀଙ୍କ ରୋଷର କାଳେ ଶିକାର ହେବେ ସେହି ଭୟରେ ଫ୍ୟୁଜ ବାନ୍ଧିବାକୁ ଯାଇ ବିଦ୍ୟୁତ୍ ଆଘାତ ପାଇଥିଲେ। ତାଙ୍କୁ ରାତି ପ୍ରାୟ ଗୋଟାଏ ୧୯ରେ ଟିଟିଲାଗଡ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ଶ୍ରୀକାନ୍ତଙ୍କୁ ମୃତ ଘୋଷଣା କରିଥିଲେ। ସକାଳୁ ଖବର ପାଇ ଟିଟିଲାଗଡ ଗରିବ ସେନା ସଭାପତି ଆଇନଜୀବୀ ବିରେନ୍ଦ୍ର ବାଗ ଡାକ୍ତରଖାନାରେ ପହଞ୍ଚି ଶ୍ରୀକାନ୍ତଙ୍କୁ ନିଯୁକ୍ତି ଦେଇଥିବା ସିକ୍ୟୁରିଟି ସଂସ୍ଥାର ମୁଖ୍ୟ ତ୍ରିବିକ୍ରମ ଯୋଷୀଙ୍କୁ ଯୋଗାଯୋଗ କରିବା ସହ ପରିବାରକୁ ଉପଯୁକ୍ତ ସହାୟତା ଏବଂ ସମ୍ପୃକ୍ତ ରେଳବାଇ କର୍ମଚାରୀଙ୍କ ନାମରେ ଥାନାରେ ମାମଲା କରିବାକୁ ଦାବି କରିଥିଲେ। ସିକ୍ୟୁରିଟି ସଂସ୍ଥାର ଜଣେ କର୍ମଚାରୀ ପହଞ୍ଚି ଶବ ସତ୍କାର ପାଇଁ ୧୦ ହଜାର ଟଙ୍କା ଦେବା ସହ ୭ ଦିନ ମଧ୍ୟରେ ୧ ଲକ୍ଷ ଟଙ୍କା ପ୍ରଦାନ କରିବେ ବୋଲି କହିଥିବା ଜଣାଯାଇଛି। ଅନ୍ୟପକ୍ଷରେ ଜିଲା ଆଦିବାସୀ ସଂଘ ପକ୍ଷରୁ ଜିଲା ସଂଗଠକ ଥବିର ପୂଝାରୀ, ନଗର ସଭାପତି ନିତ୍ୟାନନ୍ଦ ମାଝୀ, ହେମନ୍ତ ମାଝୀ, ଦିଲିପ ମାଝୀ ପ୍ରମୁଖ ମୃତ ଆଦିବାସୀ ଯୁବକଙ୍କ ପରିବାରଙ୍କୁ ସାକ୍ଷାତ କରିବା ସହ ସିକ୍ୟୁରିଟି କମ୍ପାନୀ ପକ୍ଷରୁ ପରିବାରବର୍ଗଙ୍କୁ ୨୦ ଲକ୍ଷ ଟଙ୍କାର ସହାୟତା ପ୍ରଦାନ ଦାବି କରିଛନ୍ତି। ଏ ସମ୍ପର୍କରେ ସିକ୍ୟୁରିଟି ସଂସ୍ଥାର ମୁଖ୍ୟ ଯୋଷୀଙ୍କୁ ଯୋଗାଯୋଗ କରିବାରୁ ନିୟମ ଅନୁଯାୟୀ ଆମେ ସହାୟତା କରିବୁ ବୋଲି କହିଛନ୍ତି।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ ।

# ରାଜା ଅନୁପ ସିଂହ ଫୁଟ୍‌ବଲ: ଭୋଜପୁର ବିଜୟୀ

ଖଡ଼ିଆଳ,୧୨।୮(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ରାଜାଏଟି ଖେଳ ପଡିଆଠାରେ ଚାଲିଥିବା ୧୩ତମ ରାଜା ଅନୁପ ସିଂହ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଭୋଜପୁର ସହିତ ଜାମଖୁଣ୍ଟା ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଭୋଜପୁର ଦଳ ୧–୦ ଗୋଲରେ ବିଜୟୀ ହୋଇଛି। ମ୍ୟାଚରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ବସ ମାଲିକ ସଂଘ ସଭାପତି ଅକ୍ଷୟ ନନ୍ଦ ଓ ସମ୍ମାନିତ ଅତିଥି ସମ୍ପାଦକ ସୁନୀଲ ବିଭାର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରେଫରି ଭାବେ ତାପସ ରଞ୍ଜନ ପତି, ଅମୂଲ୍ୟ ବାରିକ ଓ ସୌରଭ ପଣ୍ଡା ପରିଚାଳନା କରିଥିଲେ। ଧାରା ବିବରଣୀ ପ୍ରକାଶ ଚନ୍ଦ୍ର ପାତ୍ର ସମ୍ପାଦନ କରିଥିଲେ। ମ୍ୟାଚରେ ଟୁନା ନାଏକ, ଅକିମ ମହମ୍ମଦ, ଡୋଳାମଣି ଶବର, ପ୍ରଭୁ ଗୌଡ଼, ପ୍ରଶାନ୍ତ ପଟ୍ଟନାୟକଙ୍କ ସମେତ ଅନ୍ୟ କର୍ମକର୍ତ୍ତା ସହଯୋଗ କରୁଛନ୍ତି। ଏହି ଟୁର୍ନାମେଣ୍ଟରେ ୮ଟି ଦଳ ଯୋଗଦାନ କରିଥିବା ବେଳେ ଆସନ୍ତା ଅଗଷ୍ଟ ୧୫ରେ ଫାଇନାଲ ଖେଳ ଅନୁଷ୍ଠିତ ହେବ।

# ବିଭିନ୍ନ ସମସ୍ୟା ନେଇ ଦାବିପତ୍ର

**ଝୋଲପଥର, ସାନମହେଶ୍ୱର ପଞ୍ଚାୟତ**

ଖଡ଼ିଆଳ,୧୨।୮(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଝୋଲପଥର ଗ୍ରାମ ତଥା ସାନମହେଶ୍ୱର ଗ୍ରାମପଞ୍ଚାୟତରେ ବିଭିନ୍ନ ସମସ୍ୟା ଲାଗି ରହିଛି। ବିଭିନ୍ନ ସମୟରେ ଜିଲାପାଳଙ୍କୁ ସମସ୍ୟା ଜଣାଇଥିବା ବେଳେ ସେହିଗୁଡ଼ିକ ଆଜି ପର୍ଯ୍ୟନ୍ତ ସମାଧାନ ହୋଇ ନ ଥିବାରୁ ପୁଣି ଥରେ ଅବଗତ ନିମନ୍ତେ ଗ୍ରାମବାସୀ ଜଣାଇଛନ୍ତି। ସମସ୍ୟାଗୁଡିକ ମଧ୍ୟରୁ ରାସ୍ତା ମରାମତି, ପନୀୟଜଳ ଯୋଗାଣର ଭୁଲ ପ୍ରଣାଳୀ ଯୋଗୁ ସମସ୍ତ ପଡ଼ାବସୀ ପାଣି ପାଇପାରୁ ନାହାନ୍ତି, ଚାଷ ପାଇଁ ଜଳସେଚନ ବ୍ୟବସ୍ଥା ନ ଥିବାରୁ ବର୍ଷ ବର୍ଷ ଧରି ମରୁଡ଼ି ସମ୍ମୁଖୀନ ହେବା ଆଦି ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ନାରାୟଣ ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ବେଳେ ଅସରପ୍ରାପ୍ତ ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ମହାପାତ୍ର, ଅସର ପ୍ରାପ୍ତ ଶିକ୍ଷକ ଗୌତମ ମୁଣ୍ଡଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଗ୍ରାମ ସଭାରେ ମୌଳିକ ସମସ୍ୟା ଉପସ୍ଥାପନ କରାଯିବ

ନୂଆପଡ଼ା ଅଫିସ,୧୨।୮

ରାଜ୍ୟସ୍ତରୀୟ ଲୋକ ସଙ୍ଗଠନ ଓଡିଶା ଶ୍ରମଜୀବୀ ଓ ମହିଳା ଶ୍ରମଜୀବୀ ମଞ୍ଚର ଆହ୍ୱାନକ୍ରମେ ଆଜାଦୀ କା ଅମୃତ ମହୋତ୍ସବ ପାଳନ ଅବସରରେ ତୃଣମୂଳସ୍ତରରେ ଲୋକମାନଙ୍କ ରାଜନୈତିକ ସଶକ୍ତିକରଣ ଏବଂ ଲୋକମାନଙ୍କ ମୌଳିକ ସମସ୍ୟା ଉପସ୍ଥାପନ ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। ଏଥିରେ ଗାଁସ୍ତରରୁ ଲୋକମାନଙ୍କ ଖାଦ୍ୟ, ପାଣି, ଶିକ୍ଷା ଆଦି ସମସ୍ୟା ଗାଁ ସଭାରେ ଚିହ୍ନଟ କରି ୧୫ ଅଗଷ୍ଟରେ ବିଧିବଦ୍ଧ ଭାବେ ଘୋଷଣା ହୋଇଥିବା ସ୍ୱତନ୍ତ୍ର ଗ୍ରାମ ସଭାରେ ସମସ୍ୟାଗୁଡିକ ଗାଁ ଲୋକଙ୍କ ତରଫରୁ ଉପସ୍ଥାପନ କରାଯିବ। ଏହିକ୍ରମରେ ନୂଆପଡା ଶ୍ରମ ଜିବି ବିକାଶ ମଞ୍ଚ ଲୋକ ସଙ୍ଗଠନ ଦ୍ୱାରା ୫୦ଟି ଗାଁରୁ ପିଇବା ପାଣି, ବିଦ୍ୟାଳୟ ଭିତ୍ତିଭୂମି ଓ ଅନ୍ୟାନ୍ୟ ସମସ୍ୟା ଚିହ୍ନଟ କରାଯାଇଛି। ଯାହାକୁ ୫ ବ୍ଲକର ୨୭ଟି ପଞ୍ଚାୟତ ଗ୍ରାମ ସଭାରେ ନାଗରିକଙ୍କ ପକ୍ଷରୁ ଉପସ୍ଥାପନ କରାଯିବ। ପରବର୍ତ୍ତୀ ସମୟରେ ସମସ୍ୟାଗୁଡିକ ସ୍ଥାନୀୟ ବିଡିଓ, ଲୋକ ପ୍ରତିନିଧି ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସଭାପତି ଅନୁପମା ବାଗ, ସମ୍ପାଦକ ଟିକେମଣି ସୁନାନୀ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

# ନିଶାମୁକ୍ତ ଭାରତ ପାଇଁ ଶପଥପାଠ


କଲେଜ ପରିସରରେ ଛାତ୍ରୀଛାତ୍ର ଓ କର୍ମଚାରୀ ଶପଥ ପାଠ କରୁଛନ୍ତି।

ଲାଠୋର,୧୨।୮(ଡ଼ି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ପଞ୍ଚାୟତ ଡ଼ିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ନିଶାମୁକ୍ତ ଭାରତ ପାଇଁ ଶପଥ ପାଠ କରାଯିବା ସହ ଏକ ବାଇକ୍ ଶୋଭାଯାତ୍ରା ବାହାରିଥିଲା। ମହାବିଦ୍ୟାଳୟ ଅଧକ୍ଷ ପ୍ରସନ୍ନ ଦାସ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରଥମେ ଛାତ୍ରୀଛାତ୍ରଙ୍କୁ ନେଇ ମହାବିଦ୍ୟାଳୟ ପରିସରରେ ନିଶାମୁକ୍ତ ଭାରତ ପାଇଁ ଶପଥ ପାଠ କରାଯାଇଥିଲା। ପରେ ହର୍ ଘର୍ ତ୍ରିରଙ୍ଗା ଲେଖା ଥିବା ପ୍ଲାକାର୍ଡ଼ ଧରି ପ୍ରାୟ ୩୦ ଗୋଟି ବାଇକ୍‌ରେ ୫୦ରୁ ଉର୍ଦ୍ଧ୍ୱ ଛାତ୍ର ଗ୍ରାମ ପରିକ୍ରମା କରିଥିଲେ । ଏହି ଅବସରରେ ଦେଶ ସ୍ୱାଧୀନତାର ୭୫ତମ ଆଜାଦୀ କା ଅମୃତ ମହୋତ୍ସବ ପାଳନ କରୁଥିବାରୁ ଘରେ ଘରେ ତ୍ରିରଙ୍ଗା ପତାକା ଉଡ଼ାଇବା ପାଇଁ ବାର୍ତ୍ତା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର କର୍ମଚାରୀମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

**ଆନ୍ଦୋଳନ ପାଇଁ ଗ୍ରାମବାସୀଙ୍କ ସଜବାଜ**

# ୨୫ ଦିନ ହେଲା ଜଳ ଯୋଗାଣ ବନ୍ଦ

ଖଡ଼ିଆଳ,୧୨।୮(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବାଦୀ ପଞ୍ଚାୟତ ଜୁନାନୀ ଗ୍ରାମ ତଥା ଆଖପାଖ ଅଞ୍ଚଳକୁ ୨୫ ଦିନ ହେଲା ଜଳ ଯୋଗାଣ ବନ୍ଦ ହୋଇଛି। ଫଳରେ ପାଣି ନ ପାଇ ଗ୍ରାମବାସୀ ଅସୁବିଧା ସମ୍ମୁଖୀନ ହେଉଥିବା ବେଳେ ଆଗାମୀ ଦିନରେ ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ଜଣାପଡିଛି। ଜୁନାନୀ, ପୋଡପଡା, ଧରୁଆପଡା, ବୁଏରଭଟ୍ଟା, ଗୁରୁପଡାର ମୋଟ ଜନସଂଖ୍ୟା ପାଞ୍ଚରୁ ଅଧିକ ଥିବାବେଳେ ଦୀର୍ଘ ୨୫ ଦିନରୁ ଅଧିକ ଦିନ ହେଲା ଜଳ ଯୋଗାଣ ବନ୍ଦ ହୋଇଥିବାରୁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଅଞ୍ଚଳକୁ ୨୦୨୦ରେ ମେଗା ଜଳ ଯୋଗାଣରେ ସାମିଲ କରି ଜଳଯୋଗାଣ ହେଉଛି। କିନ୍ତୁ ଅନେକ ସମୟରେ ମାସ ମାସ ଧରି ଜଳ ଯୋଗାଣ ବନ୍ଦ ରହୁଥିଲା। ଏବେ ବର୍ଷା ଋତୁରେ ଜଳ ଯୋଗାଣ ବନ୍ଦ ରହିଥିବା ଯୋଗୁ ଜନସାଧାରଣ ବହୁତ ଅସୁବିଧାର ସମ୍ମୁଖୀନ ହୋଇ ଖୋଲା କୂଅ, ଫ୍ଲୋରାଇଡ଼ଯୁକ୍ତ ନଳକୂଅ ପାଣି ପିଇବାକୁ ବାଧ ହେଉଛନ୍ତି। ଗ୍ରାମ ଠାରୁ ଏକ କିମି ଦୂର ନଳକୂଅର ପାଣି ଆଣି ପିଉଛନ୍ତି। ବର୍ତ୍ତମାନ ମଧ ଜୁନାନୀ ଗ୍ରାମରେ ଥିବା ୩ଟି ନଳକୂଅ ଖରାପ ହୋଇଥିବା ଯୋଗୁ ଜଳ କଷ୍ଟ ଦ୍ୱିଗୁଣିତ ହୋଇଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ଜଳ ଯୋଗାଣ ନେଇ ପଦକ୍ଷେପ ନେଉ ନ ଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଆଗାମୀ ଦିନରେ ରାସ୍ତା ଅବରୋଧ କରି ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ଗ୍ରାମବାସୀ କହିଛନ୍ତ। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇବାରୁ ବିଦ୍ୟୁତ୍ ବିଲ ପୈଠ କରି ନ ଥିବାରୁ ବିଭାଗ ବିଜୁଳି କାଟି ଦେଇଥିବାରୁ ଜଳ ଯୋଗାଣ ବନ୍ଦ ରହିଛି ବୋଲି ପ୍ରକାଶ କରିଛନ୍ତି।

# ବର୍ଷା ପାଣିରେ ବୁଡ଼ିଛି ବାଦୀ ଛକ ମୁଖ୍ୟ ରାସ୍ତା

ଖଡ଼ିଆଳ,୧୨।୮(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ବଙ୍ଗୋମୁଣ୍ଡା ଜାତୀୟ ରାଜପଥ ୩୫୩କୁ ଲାଗି ଥିବା ବାଦୀ ଛକଠାରେ ଦୀର୍ଘ ଦିନ ହେବ ବର୍ଷା ପାଣି ଜମି ରହିଛି। ଫଳରେ ଯିବାଆସିବାରେ ନାହିଁ ନ ଥିବା ଅସୁବିଧା ଭୋଗୁଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତା ଦେଇ ଦୈନିକ ହଜାର ହଜାର ଲୋକ ଯାଆଆସ କରନ୍ତି। ଏହା ଏକ ମାତ୍ର ରାସ୍ତା ଦେଇ ବାଦୀ, ପଦମପୁର, ଛତା, ବିରିପାଲି ତଥା ବଲାଙ୍ଗୀର ଜିଲାର ଅନେକ ଗାଁ ଲୋକେ ଯାତାଯାତ କରିଥାନ୍ତି। ଏହି ଗାଁଗୁଡ଼ିକରୁ ହଜାର ହଜାର ଲୋକେ ଦୈନିକ ବିଭିନ୍ନ କାମ ଶିକ୍ଷା, ସ୍ୱାସ୍ଥ୍ୟ ପାଇଁ ଖଡ଼ିଆଳ ସହରକୁ ଆସିଥାନ୍ତି। ଖଡ଼ିଆଳ ସହର ହେଉଛି ଏହି ଅଞ୍ଚଳର ଏକ ପ୍ରମୁଖ ସହର। ମୁଖ୍ୟତଃ ଏହି ରାସ୍ତା ଦେଇ ଯାଇଥିବା ବାଦୀ ଗ୍ରାମରେ ଖଡ଼ିଆଳ ଆଦର୍ଶ ବିଦ୍ୟାଳୟ, ସରକାରୀ ଶିଳ୍ପ ତାଲିମ କେନ୍ଦ୍ର, କୋଭିଡ୍ ସେଣ୍ଟର ଆଦି ବିଭିନ୍ନ ସରକାରୀ ଅନୁଷ୍ଠାନ ଥିବାରୁ ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ଶହ ଶହ ଛାତ୍ରୀଛାତ୍ର ଯାଆଆସ କରନ୍ତି। ଜମିଥିବା ପାଣିରେ ଅନେକ ସମୟରେ ସ୍କୁଲକୁ ଯାଉଥିବା ଛାତ୍ରୀଛାତ୍ର ପଡ଼ି ଯାଉଥିବା ଅଭିଯୋଗ ହେଉଛି। ଏ ନେଇ ଲୋକେ ଅନେକ ଥର ପ୍ରଶାସନ ପାଖରେ ଅଭିଯୋଗ କଲେ ମଧ୍ୟ ପ୍ରଶାସନ କୌଣସି ବ୍ୟବସ୍ଥା କରୁ ନ ଥିବା ଅଭିଯୋଗ ହେଉଛି। ଆଗାମୀ ଦିନରେ ରାସ୍ତା ମରାମତି କରା ନ ଗଲେ ଅଞ୍ଚଳବାସୀ ତଥା ଛାତ୍ରଛାତ୍ରୀ ରାସ୍ତାରୋକୋ କରିବାକୁ ସଜବାଜ ହେଉଥିବା ଜଣାପଡ଼ିଛି। ଜିଲା ପ୍ରଶାସନ ତୁରନ୍ତ ଧ୍ୟାନ ଦେଇ ଏହି ରାସ୍ତା ଶୀଘ୍ର ମରାମତି କରିବାକୁ ସାଧାରଣରେ ଦାବି ହେଉଛି।



ବାଦୀ ଛକଠାରେ ଦୀର୍ଘ ଦିନ ହେବ ବର୍ଷା ପାଣି ଜମି ରହିଛି।

# ମାନବୀୟ ମୂଲ୍ୟବୋଧ ପରିଚୟ କରାଏ କବିଙ୍କ କୃତି

ସିନାପାଲି,୧୨।୮(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ଜଗନ୍ନାଥ ମନ୍ଦିରରେ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଗଙ୍ଗାଧର ସାରସ୍ୱତ ସମିତି ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜନ୍ମଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ସମିତି ଉପଦେଷ୍ଟା ବରିଷ୍ଠ ଆଇନଜୀବୀ ବୈଶମ୍ପାୟନ ମେହେରଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଏବଂ ମୁଖ୍ୟବକ୍ତା ଭାବେ କେନ୍ଦୁଝର ବିଶ୍ୱବିଦ୍ୟାଳୟ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ପ୍ରଫେସର ବବ୍ରୁବାହନ ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅବସରପ୍ରାପ୍ତ ପ୍ରଶାସନୀକ ଅଧିକାରୀ ହରିଶ୍ଚନ୍ଦ୍ର ବେହେରା, ସୁରେଶ୍ୱରୀ ବାଘ ଓ ହରିଲାଲ ସାହୁ ଉପସ୍ଥିତ ରହି କବି ଗଙ୍ଗାଧରଙ୍କ ସୃଷ୍ଟି ମାନବୀୟ ମୂଲ୍ୟବୋଧର ପରିଚୟ କରାଏ ବୋଲି ମତବ୍ୟକ୍ତ କରିଥିଲେ। ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ତୁଳସୀରାମ ମେହେର ପରିଚୟ ପ୍ରଦାନ କରିଥିଲେ। ସାରସ୍ୱତ ସମିତି ସଭାପତି ବୈଷ୍ଣବ ମେହେର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପ୍ରସିଦ୍ଧ କବି ଭବାନୀଶଙ୍କର ନିଆଲ ଏବଂ ଯୁବ ସାହିତ୍ୟିକ ଗୌରାଙ୍ଗ କୁମାର ସାହୁଙ୍କୁ ସମିତି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ତରୁଣ କୁମାର ମେହେର ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ପୂର୍ବାହ୍ନରେ ସମିତି ସଭାପତି ବୈଷ୍ଣବ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ଅଧିବେଶନ କବିତା ଆସରରେ ମୁଖ୍ୟଅତିଥି ଭାବେ ନୂଆପଡ଼ ବିଇଓ ହେମସାଗର ମହାନନ୍ଦ ଓ ସମ୍ମାନିତ ଅତିଥି ସିନାପାଲି ବିଇଓ ଚୈତ୍ୟନ ହୋତା, ଜିଲା ପରିଷଦ ସଦସ୍ୟା ଆଶା ଜୈନ, ସରପଞ୍ଚ ସୁନୀତା ମେହେର, ସମିତିସଭ୍ୟ ମନିଷ କୁମାର ପଟେଲ ଓ ସିନାପାଲି ନାଗରିକ କମିଟି ଅଧକ୍ଷ ଡମ୍ବରୁଧର ମେହେର ପ୍ରମୁଖ ଯୋଗଦେଇଥିଲେ। ଶିବପ୍ରସାଦ ମେହେର ସ୍ୱାଗତ କରିଥିବା ବେଳେ ଲଳିତ କୁମାର ସୁନାରୀ ଏବଂ ଧ୍ରୁବଚରଣ ପଧାନଙ୍କ ସଂଯୋଜନାରେ ଜିଲା ଓ ଜିଲା ବାହାରର ପ୍ରାୟ ୪୦ଜଣ କବିକବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ନିଳାଞ୍ଜଳ ମେହେର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ନୂଆପଡ଼ ଓ କଳାହାଣ୍ଡି ଜିଲା ସମେତ ଅଞ୍ଚଳର ଶତାଧିକ ସାହିତ୍ୟିକ ଓ ଗଙ୍ଗାଧର ପ୍ରେମୀ ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

**ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସମାରୋହ**

## ଅମୃତ ମହୋତ୍ସବରେ ଶୋଭାଯାତ୍ରା

ପଦ୍ମପୁର,(ଡି.ଏନ.ଏ.): ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ଶୁକ୍ରବାର ବରଗଡ଼ ଜିଲ୍ଲା ପଦ୍ମପୁର ଷ୍ଟେଟବ୍ୟାଙ୍କ ତରଫରୁ ଏକ ଶୋଭାଯାତ୍ରା କରାଯାଇଥିଲା। ଶାଖାର ମୁଖ୍ୟ ପ୍ରବନ୍ଧକ ବିକ୍ରମ କୁମାର ସାହୁଙ୍କ ନେତୃତ୍ୱରେ କର୍ମଚାରୀମାନେ ପ୍ଲାକାର୍ଡ ଧରି ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରାରେ ପଦ୍ମପୁର ଆର୍‌ଏସିସି ଶାଖାର ମୁଖ୍ୟ ପରିଚାଳକ ପ୍ରମୋଦ କୁମାର ସାହୁ, ଦୀପ୍ତିପୁର ଶାଖା ପରିଚାଳକ ପ୍ରଦୀପ ବୁଡାଙ୍କ ସମେତ ଅନ୍ୟ ୫ ଟି ଶାଖାର କର୍ମଚାରୀମାନେ ଯୋଗଦାନ କରିଥିଲେ।

## ସଂକ୍ଷେପରେ

### କୋଶଳ ସାହିତ୍ୟ ଏକାଡେମୀ ପକ୍ଷରୁ ଗଙ୍ଗାଧର ମେହେର ଜୟନ୍ତୀ



ତରଭା,୧୨।୮(ଡି.ଏନ.ଏ.): କୋଶଳ ସାହିତ୍ୟ ଏକାଡେମୀ ତରଫରୁ ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦର ଗଙ୍ଗାଧର ମେହେର ପାର୍କଠାରେ ସାହିତ୍ୟିକ ଦେବେନ୍ଦ୍ର କୁମାର ନାଏକଙ୍କ ସଭାପତିତ୍ୱରେ ଗଙ୍ଗାଧର ମେହେର ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି । ଏହି ଉତ୍ସବରେ ମଧୁମଙ୍ଗଳ ପାଣ୍ଡେ ମୁଖ୍ୟଅତିଥି, ଯୁବକବି ହିରଣ୍ମୟ ପଟ୍ଟନାୟକ ମୁଖ୍ୟବକ୍ତା,ସଞ୍ଜୀବ ସେଠୀ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ଗଙ୍ଗାଧର ସାହିତ୍ୟ ଉପରେ ବିଶଦ ଆଲୋଚନା କରିଥିଲେ। ଗଙ୍ଗାଧର ମେହେରଙ୍କ ସୃଷ୍ଟି ଯେଉଁ ପରିମାଣରେ ଓଡ଼ିଆ ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିପାରିଛି ,ସେହି ପରିମାଣରେ ଗଙ୍ଗାଧର ସାହିତ୍ୟ ବିଶ୍ୱ ଦରବାରରେ ଉପସ୍ଥାପିତ ହୋଇ ପାରିନାହିଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କବିଙ୍କ ରଚିତ ତପସ୍ୱିନୀ, ପ୍ରଣୟବଲ୍ଲରୀ, ଇନ୍ଦୁମତୀ ଭଳି କାବ୍ୟ କବିତା ଏକ ତପସ୍ୟା କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି କହିଥିଲେ । କବି ଶଙ୍କର୍ଷଣ ବାଘ,ପାରିଷଦ ଆକବର ଅଲ୍ଲୀ, ପ୍ରମୋଦ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସୀମାଞ୍ଚଳ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### କଳାପଥର କଲେଜରେ ନିଶାମୁକ୍ତ ଭାରତ ଅଭିଯାନ

ଅମରପାଲି,୧୨।୮(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କଳାପଥରସ୍ଥିତ ସତ୍ୟବାଦୀ ଜୁନିୟର କଲେଜରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ପାଳିତ ହେଇଯାଇଛି । ଏହି ଅବସରରେ ଅନୁଷ୍ଠିତ ସଭାରେ କଲେଜ ଅଧକ୍ଷ ଶ୍ରୀକାନ୍ତ ପ୍ରଧାନ ପୌରୋହିତ୍ୟ କରିଥିଲେ। ଅଧାପିକା ପ୍ରତିମା ବାରିକ ଯୁବସମାଜକୁ ନିଶାମୁକ୍ତ ହେବା ପାଇଁ ଆହ୍ୱାନ କରିଥିଲେ । ସଭାରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅଧାପିକା ଅଧାପକ ନିଶାମୁକ୍ତ ସମାଜ ଗଠନ କରିବା ପାଇଁ ଶପଥ ପାଠ କରିଥିଲେ। ବିଶ୍ୱ କୃମି ଦିବସ ଉପଲକ୍ଷେ ଉଲୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଛାତ୍ରୀଛାତ୍ରଙ୍କୁ କୃମି ବଟିକା ବଣ୍ଟନ କରାଯାଇଥିଲା। ଅଧାପିକା ଦେବଜାନୀ ମେଶୁଆ ସଭା ପରିଚାଳନା କରିଥିବା ବେଳେ ଶଶାଙ୍କ ଶେଖର ସୁଆର ଧନ୍ୟବାଦ ଅର୍ପଣ କରିଥିଲେ।

### କଂଗ୍ରେସର ଗୌରବ ଶୋଭାଯାତ୍ରା

ତରଭା,୧୨।୮(ଡି.ଏନ.ଏ.): ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ତରଭା ବ୍ଲକ କଂଗ୍ରେସ ତରଫରୁ ଶୁକ୍ରବାର ପୂର୍ବାହ୍ନରେ ବ୍ଲକ ଛକରୁ ଶତାଧିକ କର୍ମୀ ହାତରେ ତ୍ରିରଙ୍ଗା ଧରି ବାହାରି ସହର ପରିକ୍ରମା କରିଥିଲେ । ଏହି ଅବସରରେ କର୍ମୀମାନେ ଜିଏସଟି, ଦରଦାମ ବୃଦ୍ଧି ବିରୋଧରେ ସ୍ଲୋଗାନ ଦେଇଥିଲେ । ତରଭା ବ୍ଲକ କଂଗ୍ରେସ ସଭାପତି କାର୍ତ୍ତିକ ନାଗ ରାଲିର ନେତୃତ୍ୱ ନେଇଥିଲେ । ରାଲିରେ ଜିଲ୍ଲା ପର୍ଯ୍ୟବେକ୍ଷକ ଦୁର୍ଗା ପାଢ଼ୀ, ପିସିସି ସଭ୍ୟ ଜିତେନ୍ଦ୍ର ପଟ୍ଟନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ଚନ୍ଦ୍ରମଣି ତ୍ରିପାଠୀ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ସୂର୍ଯ୍ୟକାନ୍ତି ବାଗ, ଜିଲ୍ଲା ଲିଗାଲ ସେଲ ର ସୁଧୀର ପଣ୍ଡା, ଯୁବ ସଭାପତି ପ୍ରିୟବ୍ରତ ସାହୁ, ସୋନପୁର ବ୍ଲକ ସଭାପତି ରାଜେନ୍ଦ୍ର ମେହେର, ଟାଉନ ସଭାପତି ପ୍ରବୀଣ ସାହୁ, ଶିବକୁମାର ଅଗ୍ରୱାଲ ପ୍ରମୁଖ ସାମିଲ ଥିଲେ ।

# ବୀମାରାଶି ମିଳୁନି, ରାସ୍ତା ରୋକିଲେ ଚାଷୀ

ସୋହେଲା,୧୨।୮(ଡି.ଏନ.ଏ.)



ଚାଷୀମାନେ ରାସ୍ତା ଅବରୋଧ କରିଛନ୍ତି।

୨୦୨୧ରେ ମରୁଡି ଯୋଗୁ ବ୍ୟାପକ ଫସଲହାନି ସହିଥିବା ବରଗଡ଼ ଜିଲ୍ଲା ସୋହେଲାର ଚାଷୀମାନେ ଏପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଫସଲ ବୀମା କ୍ଷତିପୂରଣ ଟଙ୍କା ପାଇନାହାନ୍ତି। ବାରମ୍ବାର ଆନ୍ଦୋଳନ ସତ୍ତ୍ୱେ ସରକାର କିମ୍ବା ବୀମା କମ୍ପାନୀ ଶୁଣୁନାହାନ୍ତି। ଏହାର ପ୍ରତିବାଦରେ ସୋହେଲା କୃଷକ ବିକାଶ ମଞ୍ଚ ତରଫରୁ ଶୁକ୍ରବାର ସକାଳ ୮ଟା ୩୦ମିନିଟ୍‌ରେ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଚାଷୀମାନେ ସମ୍ବଲପୁର-ରାୟପୁର ଜାତୀୟ ରାଜପଥ ଏବଂ ସୋହେଲା-ପଦ୍ମପୁର ବିଜୁ ଏକ୍ସପ୍ରେସ ୱେକୁ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଚଳାଚଳ ବ୍ୟାହତ ହୋଇପଡିଥିଲା। ଖବର ପାଇ ସୋହେଲା ବିଡିଓ ବିଶ୍ୱରଞ୍ଜନ କର, ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ, ସୋହେଲା ଥାନାଧିକାରୀ ହାଡ଼ିବନ୍ଧୁ

### ପ୍ରତିଶ୍ରୁତି ପରେ ଆନ୍ଦୋଳନ ହଟିଲା

ଗଡ଼ତିଆ ପ୍ରମୁଖ ଆନ୍ଦୋଳନସ୍ଥଳକୁ ଆସି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ସରକାରୀ ଅଧିକାରୀମାନେ ଆଗାମୀ ଦିନରେ ବୀମା ପ୍ରାପ୍ୟ ଦେବାକୁ ପ୍ରତିଶ୍ରୁତି ଦେବା ପରେ ପ୍ରାୟ ୯ଟା ସମୟରେ ଅବରୋଧ ହଟିଥିଲା। ଚାଷୀ ନେତା ମନୋହର ମାଝୀଙ୍କ ନେତୃତ୍ୱରେ ଜୟକୃଷ୍ଣ ସାହୁ, କପିଳ ଥପା, ଅନ୍ତର୍ଯାମୀ ପାତ୍ର, ଯୁଧିଷ୍ଠିର ନାୟକ, ନନ୍ଦିକିଶୋର ଭୋଇ, ଚନ୍ଦ୍ରଶେଖର ପଧାନ, ଶ୍ରୀକାନ୍ତ ନାୟକ, ବାସୁଦେବ ପରୁଆ, କାନ୍ତ ଗଡ଼ତିଆ, ହେମକାନ୍ତ ପଧାନଙ୍କ ସମେତ ଶହ ଶହ ଚାଷୀ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।

# ସୁବର୍ଣ୍ଣପୁର ଜିଲ୍ଲା କ୍ରୀଡ଼ା ସଂଘର କାର୍ଯ୍ୟକାରୀ ପରିଷଦ ବୈଠକ

ସୋନପୁର,୧୨।୮(ନି.ପ୍ର.)

ସୁବର୍ଣ୍ଣପୁର ଜିଲ୍ଲା କ୍ରୀଡା ସଂଘର କାର୍ଯ୍ୟକାରୀ ପରିଷଦ ବୈଠକ ଗାନ୍ଧୀପଡିଆସ୍ଥିତ ଜିଲ୍ଲା କ୍ରୀଡା ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଘର ଉପସଭାପତି ଚିତ୍ତରଞ୍ଜନ ତରାସିଆ ବୈଠକରେ ଅଧକ୍ଷତା କରିବା ସହିତ ଆଭିମୁଖ୍ୟ ସମ୍ପର୍କରେ ଜଣାଇଥିଲେ। ଜିଲ୍ଲା କ୍ରୀଡା ସଂଘର ସାଧାରଣ ସମ୍ପାଦକ ପିୟୁଷ କୁମାର ପଣ୍ଡା ବିଗତ ଦିନରେ ସଂଘ ଦ୍ୱାରା ଗ୍ରହଣ କରା ଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଆସନ୍ତା ଅଗଷ୍ଟ ୨୯ ତାରିଖ ଜାତୀୟ କ୍ରୀଡା ଦିବସ ଅବସରରେ ସଂଘ ଦ୍ୱାରା ଏକ ରାଜ୍ୟସ୍ତରୀୟ ମହିଳା ଓ ପୁରୁଷ ମାରାଥନ ପ୍ରତିଯୋଗିତା ଆୟୋଜନ କରାଯିବା ନେଇ ନିଷ୍ପତ୍ତି ନିଆଯାଇଛି। ସେହିପରି ସଂଘର ନୂତନ ସଦସ୍ୟ ଗ୍ରହଣ କରିବା ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗ୍ରହଣ କରାଯାଇଛି । ଜିଲ୍ଲାର ପ୍ରତିଭାବାନ କ୍ରୀଡାବିତ୍‌ଙ୍କୁ ସଦସ୍ୟ ଭାବେ ନିଆଯିବ। ସେହିପରି ଆଗାମୀ ଦିନରେ ଜିଲ୍ଲା କ୍ରୀଡା ସଂଘ ପକ୍ଷରୁ ଏକ ପୁରୁଷ ଫୁଟବଲ ଲିଗ୍ ଫୁଟବଲ ସମ୍ପାଦକ ରାଜୀବ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜନ କରାଯିବା ନେଇ ନିଷ୍ପତ୍ତି ହୋଇଛି। ଜିଲ୍ଲା କ୍ରୀଡା ସଂଘର ସନ୍ତରଣ ସମ୍ପାଦକ ଜୟନାରାୟଣ ମେଣ୍ଡିଲିଙ୍କ ଆଚରଣ ସମ୍ପର୍କରେ ବୈଠକରେ ଆଲୋଚନା ହେବା ସହିତ ତାଙ୍କୁ କ୍ରୀଡା ସଂଘର ପ୍ରାଥମିକ ସଦସ୍ୟ ପଦରୁ ନିଲମ୍ବନ କରିବା ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଛି। ବୈଠକରେ କାର୍ଯ୍ୟକାରୀ ସଦସ୍ୟ ଗୌରୀଶ୍ୟାମ ପଣ୍ଡା, କଇରୁ ସ୍ୱାଇଁ, ଦିଲିପ କୁମାର ଗୁରୁ, ପୁରୁଷୋତ୍ତମ ପାଣିଗ୍ରାହୀ, ନନ୍ଦକିଶୋର ତ୍ରିପାଠୀ, ଦିଗାମ୍ବର ଶତପଥୀ, ସତ୍ୟନାରାୟଣ ରାଓ, ବିଦ୍ୟାଧର ମିଶ୍ର, ଜିତେନ୍ଦ୍ର ସାହୁ, ବଳରାମ ପଟ୍ଟନାୟକ, କଲିମ ମହମ୍ମଦ, ସୁବାଷ ବିଶ୍ୱାଳ, ବିକାଶ ପଣ୍ଡା, ସୋମନାଥ ମିଶ୍ର, ଚନ୍ଦ୍ରଶେଖର ଦଳାଇ, ଚନ୍ଦନ ବେହେରା, ପୁରେନ୍ଦ୍ର ନାଏକ, ହୃଷିକେଶ ପଣ୍ଡା, ସନ୍ତୋଷ ପାଢୀ ଓ ରାଜକୁମାର ନାଏକ ପ୍ରମୁଖ ଉପସ୍ଥିତ ଥିବା ସଂଘର ସାଧାରଣ ସମ୍ପାଦକ ପିୟୁଷ କୁମାର ପଣ୍ଡା ଜଣାଇଛନ୍ତି।

# କୃମିନାଶ ବଟିକା ଖାଇଲେ ଛାତ୍ରୀଛାତ୍ର



କୋଶଲ ସ୍କୁଲରେ ଅନୁଷ୍ଠିତ କୃମିନାଶ ଦିବସ ।

ସରଣ୍ଡା/ଅମ୍ବାଭୋନା, ୧୨।୮(ଡି.ଏନ.ଏ)

ବରଗଡ଼ ଜିଲ୍ଲା ଅତାବିରା ବ୍ଲକ ନୂଆ ଖଇରପାଲି ସ୍ଥିତ କୋଶଲ ସ୍କୁଲରେ ଶୁକ୍ରବାର ଜାତୀୟ କୃମିନାଶକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍କୁଲର ହଜାରେରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର କୃମିନାଶକ ବଟିକା ସେବନ କରିଥିଲେ। ସ୍କୁଲର ନିର୍ଦ୍ଦେଶିକା ନଳିନୀ ପଟ୍ଟନାୟକ, ଉପନିର୍ଦ୍ଦେଶିକା ମଧୁ ପଟ୍ଟନାୟକ, ଅଧ୍ୟକ୍ଷ ରବିନ୍ଦ୍ର କୁମାର ବେହେରାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡ଼ିକାଲ ଅଫିସର ଡା. ରବିନ୍ଦ୍ର କୁମାର ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶ, ରକ୍ତହୀନତା, ଅପପୃଷ୍ଟି ଏବଂ କୃମିନାଶନ ପାଇଁ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ସେହିପରି ଭୁଲ୍କା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବ୍ଲକର ସମସ୍ତ ସ୍କୁଲ, କଲେଜ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରରେ କୃମି ନାଶକ ବଟିକା ଏବଂ ସିରପ୍ ପ୍ରଦାନ କରାଯାଇଥିଲା। ଭୁଲ୍କା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡା. ଟେମରାମ ଦେହେରୀ ଔଷଧ ଖୁଆଇ ଶୁଭାରମ୍ଭ କରିଥିଲେ। ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ମନୋରଞ୍ଜନ ପ୍ରଧାନ, ବ୍ଲକ ଡାଟା ମ୍ୟାନେଜର ମେଘନାଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଲଖନପୁରସ୍ଥିତ କମଳ ସିଂ ଦାଓ ହାଇସ୍କୁଲରେ ଡା. ଦୁର୍ଗାପ୍ରସାଦ ଦାଶ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବାବେଳେ ପ୍ରଧାନ ଶିକ୍ଷକ ବିଶ୍ୱନାଥ ସାହୁ, ବିଜ୍ଞାନ ଶିକ୍ଷକ ମନୋହର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଡୁଙ୍ଗୁରୀ ବୀର ସୁରେନ୍ଦ୍ର ସାଏ ହାଇସ୍କୁଲରେ ଚାଲିଥିବା କାର୍ଯ୍ୟକ୍ରମକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବିଧୁଭୂଷଣ ମିଶ୍ର, ସତୀଶ କୁମାର ନାଏକ ପ୍ରମୁଖ ତଦାରଖ କରିଥିଲେ । ବାଞ୍ଜିପାଲି ମହାନଦୀ ହାଇସ୍କୁଲକୁ ମଧ୍ୟ ଏହି ଟିମ୍ ଯାଇଥିଲେ।

## ଜନ୍ମପୀଠରେ ଗଙ୍ଗାଧର ଜୟନ୍ତୀ ପାଳନ

ବରପାଲି,୧୨।୮(ଡି.ଏନ.ଏ.)

ଜନ୍ମପୀଠ ବରପାଲିରେ ସ୍ୱଭାବ କବି ଗଙ୍ଗାଧରଙ୍କ ୧୬୧ତମ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ଗଙ୍ଗାଧର ମେହେର କ୍ଲବ ପକ୍ଷରୁ ସକାଳେ କବିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଅପରାହ୍ନରେ ଗଙ୍ଗାଧର କଲ୍ୟାଣ ମଣ୍ଡପଠାରେ କବିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଗଙ୍ଗାଧର ମେହେର କ୍ଲବର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ରୀତା ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। କ୍ଲବ ସଭାପତି ଡ. ଘନଶ୍ୟାମ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟ ଅତିଥି, ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ ମୁଖ୍ୟ ବକ୍ତା, ମେଜର ଚିନ୍ତାମଣି ଭାରତୀ, ବରପାଲି ନଗରପାଳ ଦିନେଶ ଗହୀର ଓ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଡ. ଶୁକମୁନି ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମେହେର ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ବିନୋଦାନନ୍ଦ ସାହୁ ସ୍ୱାଗତ ଭାଷଣ, ସମ୍ପାଦକ ଆନନ୍ଦ ମେହେର ଅତିଥି ପରିଚୟ ଓ ସହ ସମ୍ପାଦକ ବାଲ କିଶୋର ଖାଡଙ୍ଗା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଶିଷ୍ଟ ସାହିତ୍ୟିକ ଛାୟାକାନ୍ତ ଷଡ଼ଙ୍ଗୀଙ୍କୁ ହରିପ୍ରିୟା ମୁଣ୍ଡ ସ୍ମାରକୀ ଗଙ୍ଗାଧର ସମ୍ମାନ ପ୍ରଦାନ କରାଯାଇଥିଲା। ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ବୌଦ୍ଧରେ ଜାତୀୟ କୃମିନାଶ ଦିବସ ପାଳିତ



କୃମିନାଶ ଦିବସ ପାଳନ କାର୍ଯ୍ୟକ୍ରମରେ ଉପସ୍ଥିତ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, ଅତିଥି।

ବୌଦ୍ଧ,୧୨।୮(ସ୍ୱ.ପ୍ର.)

ବୌଦ୍ଧ ସରକାରୀ ଏଏନ୍‌ଏମ୍ ତାଲିମ୍ କେନ୍ଦ୍ରଠାରେ ଜାତୀୟ କୃମି ନାଶକ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡା. କିଶୋର ଚନ୍ଦ୍ର ପଟ୍ଟନାୟକ ଯୋଗଦେଇ ସୂଚନା ଦେଇଥିଲେ ଯେ, କୃମି ସଂକ୍ରମଣ ଯୋଗୁ ରକ୍ତହୀନତା, ଅପପୁଷ୍ଟି, ଭୋକ ନ ହେବା, ପେଟ କାଟିବା ଭଳି ଅସୁସ୍ଥତା ଅନୁଭବ କରିଥାନ୍ତି। ଏସବୁ ସମସ୍ୟା ଦୂର କରିବା ପାଇଁ ଚଳିତ ପାଳିରେ ଜିଲ୍ଲାର ସମସ୍ତ ୭୨୫ ଗୋଟି ଅଙ୍ଗନୱାଡି କେନ୍ଦ୍ର, ୯୨୯ଟି ସରକାରୀ ଓ ବେସରକାରୀ ସ୍କୁଲ୍, କଲେଜର ଛାତ୍ରୀଛାତ୍ର ତଥା ସ୍କୁଲ୍ ଯାଉ ନ ଥିବା ପିଲାମାନଙ୍କୁ ମଧ୍ୟ ଚିହ୍ନଟ କରାଯାଇ କୃମିନାଶକ ଔଷଧ ଖୁଆଯିବ। ଏହିପରି ଭାବେ ଜିଲ୍ଲାର ଏକ ବର୍ଷରୁ ୧୯ବର୍ଷ ମଧ୍ୟରେ ସମୁଦାୟ ୧,୮୨,୨୧୭ ଜଣ ପିଲାଙ୍କୁ କୃମିନାଶକ ଔଷଧ ଖୁଆଯିବାର ଲକ୍ଷ୍ୟ ରଖାଯାଇଛି। ୧ ରୁ ୫ ବର୍ଷର ପିଲାଙ୍କୁ ଅଙ୍ଗନୱାଡି କେନ୍ଦ୍ରରେ ସିରପ୍ ଦିଆଯିବାକୁ ଥିବାବେଳେ ୬ ରୁ ୧୯ ବର୍ଷ ପିଲାଙ୍କୁ ବଟିକା ଦିଆଯିବ। କୌଣସି ଛାତ୍ରୀଛାତ୍ର ଅଗଷ୍ଟ ୧୨ ତାରିଖରେ କୃମିନାଶକ ଔଷଧ ନେବାରୁ ବଞ୍ଚିତ ହୁଅନ୍ତି ତେବେ ଅଗଷ୍ଟ ୧୯ରେ ପୁନର୍ବାର ଔଷଧ ବଣ୍ଟନ କରାଯିବାର ବ୍ୟବସ୍ଥା ରହିଛି। ଜିଲ୍ଲାର ଦୁର୍ଗମ ଅଞ୍ଚଳ ଗୁଡ଼ିକରେ ମ୍ୟାଲେରିଆ କାର୍ଯ୍ୟକ୍ରମ ଅନ୍ତର୍ଗତ ଦମନ୍ ସ୍ୱେଚ୍ଛାସେବୀଙ୍କ ଜରିଆରେ ଔଷଧ ବଣ୍ଟନ କରାଯିବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟର ସୂଚନା ଓ ଯୋଗାଯୋଗ ପରାମର୍ଶଦାତା ପୂଜାଫୁଲ ପଟ୍ଟନାୟକ, ଡିପିଏମ୍ ରୂପକ କୁମାର ମହାପାତ୍ର, ଡ. ସ୍ୱାତୀ କୁମାରୀ, ଏ.ଏନ୍.ଏମ୍. ତାଲିମ୍ କେନ୍ଦ୍ରର ଭାରପ୍ରାପ୍ତ ଅଧକ୍ଷା ସୁରଭି ମାଝି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ପରିଚାଳକ ଗିରିଜା ପ୍ରସାଦ ମିଶ୍ର ଓ ସୁନୀଲ କୁମାର ନାୟକ ପରିଚାଳନା କରିଥିଲେ।

# ଯୋଗେଶ୍ୱର ମନ୍ଦିରରେ କାଉଡ଼ିଆଙ୍କ ଭିଡ଼

ଡୁଙ୍ଗୁରିପାଲି,୧୨।୮(ଡି.ଏନ.ଏ.)



ଯୋଗେଶ୍ୱର ମନ୍ଦିରରେ ବୋଲବମ ସଂଘର କର୍ମକର୍ତ୍ତାବୃନ୍ଦ।

ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଚେରୁପାଲି ଅଙ୍ଗ ନଦୀସ୍ଥିତ ଯୋଗେଶ୍ୱର ମନ୍ଦିରରେ ଶ୍ରାବଣ ପୂର୍ଣ୍ଣିମାରେ କାଉଡିଆ ଓ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଥିଲା। ଶ୍ରାବଣ ମାସ ଶେଷ ହୋଇଥିବାରୁ କାଉଡିଆ ମାନେ ପୂର୍ଣ୍ଣ କଳସ ଧରି ଯୋଗେଶ୍ୱର ବାବାଙ୍କ ଉପରେ ଜଳ ଢାଳିଥିଲେ। ଯୋଗେଶ୍ୱର ମନ୍ଦିର ନିକଟରେ ଥିବା ଚେରୁପାଲି, ପହଣ୍ଡି ଓ ସାନପହଣ୍ଡି ଗାଁର ମିଳିତ ବୋଲବମ ସଂଘ ତରଫରୁ ଭକ୍ତମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ୨୨ ବର୍ଷ ହେବ ଏହି ମନ୍ଦିରରେ ମହାଆଡମ୍ବର ସହକାରେ ଶ୍ରାବଣ ପୂର୍ଣ୍ଣିମା ପ୍ରତି ବର୍ଷ ପାଳନ କରାଯାଉଛି। ଚଳିତବର୍ଷ ବୋଲବମ ସଂଘର ଚେରୁପାଲିର ଗ୍ରାମର ଜଗବନ୍ଧୁ ପଧାନ, କାଳିଆ ସାହୁ, ସୁନିଲ ମହାକୁର, ସନତ କର୍ମୀ, ଅଜିତ ସେନାପତି, ଭୀଷ୍ମଦେବ ସାହୁ, ସୁଦର୍ଶନ ସାହୁ, ସୁରେଶ ସାହୁ, ଶ୍ୟାମ ମିଶ୍ର, ସୁକେଶ ସାହୁ ,ପହଣ୍ଡି ଗ୍ରାମର ଧୋବା ଡାଙ୍ଗ, ମନ ଡାଙ୍ଗ, ବେଡା ଡାଙ୍ଗ,କୌବର୍ତ୍ତ ଡାଙ୍ଗ, ପିଣ୍ଟୁ କର୍ଣ୍ଣ, ଗ୍ରାମ୍ୟ କମିଟିର ଲୋଚନ ସା, ରଞ୍ଜିତ ବାରିକ, ପ୍ରହଲ୍ଲାଦ ପଧାନ, ତେଜରାଜ ରଣା, ପରଦେଶୀ ସାହୁ, ପୃଥିବୀ ସେନାପତି ଓ ପ୍ରମୋଦ ସା ସହଯୋଗ କରିଥିଲେ ।

## କବିଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳଙ୍କ ମାଲ୍ୟାର୍ପଣ

ବରଗଡ଼ ଅଫିସ୍,୧୨।୮

ବରଗଡ଼ ଜିଲ୍ଲାର ବିଭିନ୍ନ ସ୍ଥାନରେ ଶୁକ୍ରବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବରଗଡ଼ ଗାନ୍ଧୀ ଛକ ସ୍ଥିତ କବିଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ ମୋନିଷା ବାନାର୍ଜୀ ମାଲ୍ୟାର୍ପଣ କରିଥିଲେ। ବରଗଡ଼ ରାଣାପ୍ରତାପ ସ୍କୁଲରେ ଅନୁଷ୍ଠିତ ଗଙ୍ଗାଧର ଜୟନ୍ତୀ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥ ଅଧ୍ୟକ୍ଷତା କରିଥିଲେ। ସୁନୀତା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ରେଳରୋକୋ ପାଇଁ ପ୍ରସ୍ତୁତି

ପଦ୍ମପୁର,୧୨।୮(ଡି.ଏନ.ଏ.)

ବୀମା କମ୍ପାନୀ ଚାଷୀମାନଙ୍କୁ ବୀମା ପ୍ରାପ୍ୟ ପ୍ରଦାନ ନ କରି ଟାଳଟୁଳ ନୀତି ଆପଣେଇବା ପ୍ରତିବାଦରେ ଆସନ୍ତା ୧୪ ତାରିଖରେ ଚାଷୀ ସଙ୍ଗଠନ ପକ୍ଷରୁ ବରଗଡଠାରେ ରେଳରୋକୋ ସହ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଏଥିପାଇଁ ସଙ୍ଗଠନର କର୍ମକର୍ତ୍ତାମାନେ ପ୍ରସ୍ତୁତି ଚଳାଇଛନ୍ତି। ଏହି କ୍ରମରେ ସ୍ଥାନୀୟ ଗୋରୁ ବଜାରରେ ପଦ୍ମପୁର ରାଜବୋଡାସମ୍ବର କୃଷକ ସଙ୍ଗଠନ ସଭାପତି ବାଞ୍ଛାନିଧି ନାୟକଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆଗାମୀ ୧୪ତାରିଖରେ ରେଳରୋକୋ ଆନ୍ଦୋଳନ କିଭଳି କରାଯିବ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ଆବାହକ ଅଶୋକ ସାହୁ, ଆଇନ ପରାମର୍ଶଦାତା ଅଜିତ ଶତପଥି, ଚାଷୀ ରୋହିତ ପ୍ରଧାନ, ପ୍ରଶାନ୍ତ ପ୍ରଧାନ, କୈଳାଶ ବାରିକ, ଦହିତ ସାହୁ, ପୁଷ୍କର ବରିହା, ଲିଙ୍ଗରାଜ ପ୍ରଧାନ, ଅରକ୍ଷିତ ପ୍ରଧାନ ଓ ଉପଖଣ୍ଡ ସମସ୍ତ ବ୍ଲକର ଶତାଧିକ ଚାଷୀ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଜାତୀୟ କୃମିନାଶ ଦିବସ ପାଳିତ

ଅମରପାଲି,୧୨।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସରକାରୀ ବାଳକ ହାଇସ୍କୁଲରେ ଜିଲାସ୍ତରୀୟ ଜାତୀୟ କୃମି ନାଶକ ଦିବସ ପାଳନ କରାଯାଇଛି। ବୀରମହାରାଜପୁର ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ରବୀନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ( ପରିବାର କଲ୍ୟାଣ ବିଭାଗ) ଦତ୍ୟନାରାୟଣ ପାଢୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବୀରମହାରାଜପୁର ଏବିଇଓ ବାର୍ଣ୍ଣା ଡୁଙ୍ଗଡୁଙ୍ଗ, ସ୍ଥାନୀୟ ହାଇସ୍କୁଲର ପ୍ରଧାନଶିକ୍ଷକ ଦୟାସାଗର କଲତା, ଆରସିଏଚ ଡେପୁଟି ମ୍ୟାନେଜର ସୁଧାଂଶୁ ନାୟକ, ବିପିଏମ ମହେନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସ୍ୱର୍ଣ୍ଣପ୍ରଭା ଜୁଏଡ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲାର ଏକ ବର୍ଷରୁ ୧୯ ବର୍ଷ ମଧରେ ଥିବା ଶିଶୁଙ୍କୁ କୃମିନାଶକ ଔଷଧ ମାଗଣାରେ ଦିଆଯାଉଛି। ଜିଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଓ ସ୍କୁଲର ପିଲାମାନଙ୍କୁ ଏହି ଔଷଧ ଦିଆଯାଉଛି। ଯେଉଁ ପିଲାମାନେ କୌଣସି କାରଣରୁ ଶୁକ୍ରବାର ଔଷଧ ଖାଇ ନ ଥିବେ ସେହି ପିଲାମାନଙ୍କୁ ଆସନ୍ତା ଅଗଷ୍ଟ ୧୯ତାରିଖରେ ଦିଆଯିବ ବୋଲି ସୁଚନା ଦିଆଯାଇଛି।ଏହି କାର୍ଯ୍ୟକ୍ରମକୁ ବୀରମହାରାଜପୁର ଚିକିତ୍ସାଳୟର ଅବିନାଶ ହୋତା ପରିଚାଳନା କରିଥିବା ବେଳେ ଏଡିପିଏଚଓ ଅକୃତ ହୋତା ଧନ୍ୟବାଦ ଅର୍ପଣ କରିଥିଲେ। ସ୍ଥାନୀୟ ଚିକିତ୍ସାଳୟର ଆଲୋକ ସେଠୀ,ପ୍ରାଣବନ୍ଧୁ ଦେହୁରୀ,ସୁରୁ ସାହୁ ଓ ବୀରମହାରାଜପୁର ବାଳକ ହାଇସ୍କୁଲର ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।




ଜାତୀୟ କୃମିନାଶ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ।

# ଗଙ୍ଗାଧର ଜଣେ ଅଦ୍ୱିତୀୟ ସାହିତ୍ୟ ସାଧକ

ସୋନପୁର,୧୨।୮(ନି.ପ୍ର.)



ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ।

ସୋନପୁର ବ୍ଲକର ସାଗରପାଲିରେ ଗଙ୍ଗାଧର ମେହେର ସ୍ମୃତି କମିଟି ପକ୍ଷରୁ ୧୬୧ ତମ ଗଙ୍ଗାଧର ଜୟନ୍ତୀ ଶୁକ୍ରବାର ପାଳିତ ହୋଇଥିଲା। କମିଟିର ସଭାପତି ସମ୍ବୋଦ କୁମାର ମେହେର ସଭାରେ ଅଧକ୍ଷତା କରିଥିଲେ। ପଙ୍କଜ କୁମାର ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ଗଙ୍ଗାଧରଙ୍କ ସାହିତ୍ୟର ବହୁମୁଖୀ କାବ୍ୟଧାରା ଓ ସାଧନା ଉପରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ରାଜମଣୀ ସାହୁ ତପସ୍ୱିନୀ କାବ୍ୟରେ ସୀତାଙ୍କ ତପସ୍ୱୀ ଚରିତ୍ରର ଆଲୋକପାତ କରିବା ସହ କବିଙ୍କ ରଚିତ ନାରୀ ଚରିତ୍ର ଓ ଆଧୁନିକ ନାରୀ ସହିତ ଏକ ତୁଳନାତ୍ମକ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ହରିବନ୍ଧୁ ପାଣିଗ୍ରାହୀ, ସମିତି ସଭ୍ୟ କୁଶଳେଶ୍ୱର ମେହେର ଓ ତାରାକାନ୍ତ ମେହେର ଯୋଗଦେଇ ପ୍ରକୃତିକୁ ନେଇ ଗଙ୍ଗାଧରଙ୍କ ରଚନା ଓ ନିଜସ୍ୱ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ସ୍ମୃତି କମିଟିର କୁମୁଦ ମେହେର, ଯଦୁମଣି ମେହେର, ସମାରୁ ମେହେର ଓ କାର୍ତ୍ତିକ ମେହେର ତଥା ଶତାଧିକ ସାହିତ୍ୟ ପ୍ରେମୀ ଉପସ୍ଥିତ ଥିଲେ। କବି ବନବାସ ମେହେର ମଞ୍ଚ ପରିଚାଳନା କରିଥିବା ବେଳେ ଡମ୍ବରୁଧର ମେହେର ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଗଙ୍ଗାଧରଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ଅତିଥିଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରା ଯାଇଥିଲା। ଗିରୀଶ କୁମାର ମିଶ୍ର ଓ ସାଥୀ କବିଙ୍କ ରଚନାରୁ ସଙ୍ଗୀତ ପରିବେଷଣ କରିଥିଲେ। ବାନ୍ଧକଳା ଓ ସିଲ୍‌କି ପାଟ ଶାଢୀ ପାଇଁ ପ୍ରସିଦ୍ଧ ସାଗରପାଲିର ଗ୍ରାମବାସୀ ଜୟନ୍ତୀ ପାଳନରେ ସକ୍ରିୟ ସହଯୋଗ କରିଥିଲେ।

## ଦେଓଗାଁ ବ୍ଲକରେ ହର୍ ଘର୍ ତ୍ରିରଙ୍ଗାର ଶୁଭାରମ୍ଭ

ଦେଓଗାଁ,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । ବିଡିଓ ରାମଦତ୍ତ ଭୋଇ ଏହାର ଶୁଭାରମ୍ଭ କରିଥିଲେ । ପ୍ରଥମେ ଜରାସିଂହା ସରପଞ୍ଚ କୁଶମଣି ମେହେରଙ୍କୁ ଜାତୀୟ ପତାକା ହସ୍ତାନ୍ତର କରାଯାଇଥିଲା । ପରେ ସମସ୍ତ ପଞ୍ଚାୟତର ପ୍ରତି ଗାଁରେ କେମିତି ଜାତୀୟ ପତାକା ପହଞ୍ଚିବ ଓ ଜନସାଧାରଣ ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତି ଘରେ ସମ୍ମାନର ସହ ତ୍ରିରଙ୍ଗା ଉଡାଇବେ ସେ ନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜନପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ ।

# ଜିଲା କଂଗ୍ରେସ ପକ୍ଷରୁ ସ୍ୱାଧୀନତାର ଗୌରବ ଯାତ୍ରା

ନୂଆପଡ଼ା ଅଫିସ,୧୨।୮

ନୂଆପଡା ଜିଲା କଂଗ୍ରେସ କମିଟି ପକ୍ଷରୁ ସ୍ଥାନୀୟ ଏକତା ଛକଠାରୁ ଧରମବନ୍ଧା ପର୍ଯ୍ୟନ୍ତ ସ୍ୱାଧୀନତାର ଗୌରବ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ୯ ତାରିଖ କ୍ରାନ୍ତି ଦିବସଠାରୁ ଆରମ୍ଭ ହୋଇଥିବା ଗୌରବ ଯାତ୍ରା ୧୫ରେ ଶେଷ ହେବ । ବର୍ତ୍ତମାନ ଦେଶରେ ଦେଖାଦେଇଥିବା ବେକାରୀ ସମସ୍ୟା, ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଉପରୁ ସେବାକର ପ୍ରତ୍ୟାହାର, ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସର ଅହେତୁକ ଦରବୃଦ୍ଧି, ସମସ୍ତ ଚୁକ୍ତି ଭିତ୍ତିକ ନିଯୁକ୍ତି ପ୍ରତ୍ୟାହାର ଓ ଜିଲାଭିତ୍ତିକ ନିଯୁକ୍ତି ଦାବିରେ ଜିଲା କଂଗ୍ରେସ କମିଟି ସଭାପତି ଘାସିରାମ ମାଝିଙ୍କ ନେତୃତ୍ୱରେ ସ୍ୱାଧୀନତାର ଗୌରବ ଯାତ୍ରା ଆୟୋଜିତ ହୋଇଛି । ନୂଆପଡା ଏକତା ଛକରୁ ବାହାରି ସାରାବଙ୍ଗ ଦେଇ ପତୋରାଠାରେ ଏକ ସଭା କରି ଧରମବନ୍ଧାଠାରେ ଶେଷ କରିଛନ୍ତି । କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟ ଭରତଲାଲ ରାଉତ, ମୋତି ରାୱାଲ, ଜୟଦେବ ମାଝି, ରାମସିଂ ମାଝି, ଶାହାରୁଖ ଖାନ, ହରି ମାଝି, ମନୁ ଚନ୍ଦ୍ରକାର, ଦେବେନ ସାହୁ, ବିନୋଦ ରାଉତ, ଭାନୁ ସାହୁଙ୍କ ସମେତ ଶତାଧିକ କର୍ମୀ ସାମିଲ ହୋଇଥିଲେ ।



କଂଗ୍ରେସ କର୍ମୀମାନେ ପଦଯାତ୍ରାରେ ଯାଉଛନ୍ତି ।

# ୪୦ ଘଣ୍ଟା ବିତିଲା: ଆଶା, ଆଶଙ୍କାରେ ପରିବାର

## ବ୍ୟାଙ୍କ ଅଧିକାରୀ ନିଖୋଜ ଘଟଣା

ଲୋଇସିଂହା,୧୨।୮(ଡି.ଏନ୍.ଏ.)



ବରଗଡ଼ ଜିଲା ବରପାଲିସ୍ଥିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ଏଗ୍ରିକଲ୍‌ଚର ଅଧିକାରୀ ଦିବ୍ୟରଞ୍ଜନ ମିଶ୍ର(୩୮) ଗତ ବୁଧବାର ରାତିରୁ ନିଖୋଜ ଅଛନ୍ତି । ଏହାମଧ୍ୟରେ ୪୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିପାରିନାହିଁ । ବଲାଙ୍ଗୀର-ବରଗଡ଼ ୨୬ନଂ. ଜାତୀୟ ରାଜପଥର ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଥାନା ଏବଂ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ସୀମାନ୍ତ ସାଲେଭଟା ଅଙ୍ଗନଦୀ ପୋଲ ଉପରୁ ଦିବ୍ୟରଞ୍ଜନଙ୍କ ବାଇକ୍, ହେଲ୍‌ମେଟ ଏବଂ ବ୍ୟାଗ୍‌କୁ ପୋଲିସ ଜବତ କରିଛି । ପୋଲିସ ଏବଂ ଓଡ୍ରାଫ୍ ଟିମ୍ ଅଙ୍ଗନଦୀରେ ସର୍ଚ୍ଚ ଅପରେଶନ ଜାରି ରଖିଥିବା ବେଳେ ଶୁକ୍ରବାର ୪ଟି ଓଡ୍ରାଫ୍ ଟିମ୍ ଏଥିରେ ସାମିଲ ହୋଇଛନ୍ତି । ସାଲେଭଟା ପୋଲଠାରୁ ଲଛିପୁର ପର୍ଯ୍ୟନ୍ତ ଉକ୍ତ ଓଡ୍ରାଫ୍ ଟିମ୍ ଖୋଜାଖୋଜି କରି ମଧ୍ୟ ପତ୍ତା ପାଇପାରିନାହିଁ । ଏହାକୁ ନେଇ ଦିବ୍ୟରଞ୍ଜନଙ୍କ ପରିବାର ଲୋକେ ଆଶା ଓ ଆଶଙ୍କାରେ ଦିନ କାଟୁଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ଦିବ୍ୟରଞ୍ଜନ ବରପାଲିରେ ଚାକିରି କରୁଥିବାରୁ ସ୍ତ୍ରୀ ଓ ପିଲା ସହ ସେଠାରେ ଭଡ଼ାରେ ରହୁଥିଲେ । ହେଲେ ତାଙ୍କ ମା' ବାପା ବଲାଙ୍ଗୀର ସହରର ଶାନ୍ତିପଡ଼ାରେ ରୁହନ୍ତି । ଦିବ୍ୟରଞ୍ଜନ ବୁଧବାର ବ୍ୟାଙ୍କ କାମରେ ସୁବର୍ଣ୍ଣପୁର ଜିଲା ବିନିକାକୁ ଯାଇଥିଲେ । ସନ୍ଧ୍ୟାରେ ସ୍ତ୍ରୀଙ୍କୁ ଘରକୁ ଫେରୁଥିବା ଫୋନ୍‌ରେ ଜଣାଇଥିଲେ । ମାତ୍ର ବିଳମ୍ବ ହେବାରୁ ସ୍ତ୍ରୀ ବାରମ୍ବାର ତାଙ୍କୁ ଫୋନ୍ କରିଥିଲେ । ରିଙ୍ଗ୍ ହେଉଥିଲେ ବି ସେ ଉଠାଉ ନ ଥିଲେ । ପରବର୍ତ୍ତୀ ସମୟରେ ଫୋନ୍ ସୁଇଚ୍ ଅଫ୍ ହୋଇଯାଇଥିଲା । ଏହାକୁ ନେଇ ସ୍ତ୍ରୀ ଚିନ୍ତିତ ହୋଇ ବଲାଙ୍ଗୀରରେ ରହୁଥିବା ଶ୍ୱଶୁରଙ୍କୁ ଜଣାଇଥିଲେ । ଦିବ୍ୟରଞ୍ଜନଙ୍କ ବାପା ବଲାଙ୍ଗୀରରୁ ଆସି ଖୋଜାଖୋଜି କରିଥିଲେ । କିନ୍ତୁ ସେହି ଦିନ ରାତି ପ୍ରାୟ ୧୧ଟା ସମୟରେ ବରଗଡ଼ ଅମ୍ବାପାଲି ଅଞ୍ଚଳର ଜଣେ ବ୍ୟକ୍ତି ବଲାଙ୍ଗୀରରୁ ବରଗଡ଼ ଫେରୁଥିବା ବେଳେ ସାଲେଭଟା ଅଙ୍ଗନଦୀ ପୋଲ ଉପରୁ ଜଣେ କେହି ନଦୀକୁ ଡେଇଁପଡ଼ିଥିବା ଦେଖି ସାଲେଭଟା ଫାଣ୍ଡିକୁ ସୂଚନା ଦେଇଥିଲେ । ଖବର ପାଇ ପୋଲିସ ଏବଂ ପରିବାର ଲୋକେ ଘଟଣାସ୍ଥଳକୁ ଯାଇ ସେଠାରେ ପଡ଼ିଥିବା ବାଇକ୍ ଦିବ୍ୟରଞ୍ଜନଙ୍କ ବୋଲି ଚିହ୍ନଟ କରିଥିଲେ' ବିଳମ୍ବିତ ରାତି ହୋଇଥିବାରୁ ଡୁଙ୍ଗରିପାଲି ଅଗ୍ନିଶମ କର୍ମଚାରୀ ଆସି ଖୋଜାଖୋଜି ନ କରି ଫେରିଯାଇଥିଲେ' ଗୁରୁବାର ସକାଳେ ଡୁଙ୍ଗରିପାଲି ଓଡ୍ରାଫ୍ ଟିମ୍ ସେଠାରେ ଦିନତମାମ୍ ଖୋଜାଖୋଜି କରି ପାଇ ନ ଥିଲା । ଶୁକ୍ରବାର ଡୁଙ୍ଗରିପାଲି, ରାମପୁର, ସୋନପୁର ଓ ଉଲୁଣ୍ଡା ଓଡ୍ରାଫ୍ ଟିମ୍ ଆସି ସକାଳୁ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ । ସାଲେଭଟା ପୋଲଠାରୁ ଲଛିପୁର ପର୍ଯ୍ୟନ୍ତ ନଦୀରେ ଯାଇ ଖୋଜାଖୋଜି କରିଥିଲେ । ସନ୍ଧ୍ୟାରେ ଖଣ୍ଡାଧାର ଅଞ୍ଚଳରେ ଓଡ୍ରାଫ୍ ଟିମ୍‌ର ସର୍ଚ୍ଚ ଅପରେଶନ ଜାରି ରହିଥିବା ସୂଚନା ମିଳିଛି ।

ଅପରପକ୍ଷେ ଦିବ୍ୟରଞ୍ଜନଙ୍କ ପରିବାର ଆରମ୍ଭରୁ ସେ ଆତ୍ମହତ୍ୟା କଲାଭଳି ପିଲା ନୁହେଁ ବୋଲି କହିଆସୁଛନ୍ତି । ତାଙ୍କୁ ଅପହରଣ କରାଯାଇଥିବା ନେଇ ଆଶଙ୍କା କରୁଛନ୍ତି । ଲୋଇସିଂହା ଆଇଆଇସି ସଂଗ୍ରାମ ପଟ୍ଟନାୟକ କହିଛନ୍ତି, ନଦୀର କପାଶିରା ଅଞ୍ଚଳରୁ ଏକ ମୃତଦେହ ମିଳିଥିବା ସୂଚନା ମିଳୁଛି । ଦିବ୍ୟରଞ୍ଜନ ନିଖୋଜ ଥିବା ନେଇ ତାଙ୍କ ବାପା କେଶବ ଚରଣ ମିଶ୍ର ଗୁରୁବାର ଡୁଙ୍ଗରିପାଲି ଥାନାରେ ଅଭିଯୋଗ କରିଥିବା ଆମ ଡୁଙ୍ଗରିପାଲି ପ୍ରତିନିଧି କହିଛନ୍ତି । ଏହାର କେସ୍ ନଂ.୩୨/୨୦୨୨ । ସାଲେଭଟା ଫାଣ୍ଡି ଅଧିକାରୀ ସୁଶାନ୍ତ ଭୋଇ କହିଛନ୍ତି, ବ୍ୟାଙ୍କ ଅଧିକାରୀ ନିଖୋଜ ଥିବା ନେଇ ତାଙ୍କ ବାପା ଲୋଇସିଂହା ଥାନାରେ ଅଭିଯୋଗ କରିଛନ୍ତି । ଗୋଟିଏପଟେ ତାଙ୍କ ପରିବାର ଆଶା ଓ ଆଶଙ୍କାରେ ରହିଥିବା ବେଳେ ଅନ୍ୟପଟେ ସୀମାକୁ ନେଇ ବଲାଙ୍ଗୀର ଓ ସୁବର୍ଣ୍ଣପୁର ପୋଲିସ ଏହି ଘଟଣାକୁ ସେତେଟା ଗୁରୁତ୍ୱ ଦେଇ କାର୍ଯ୍ୟ କରୁ ନ ଥିବା ଆଲୋଚନା ହେଉଛି । କେବଳ ଓଡ୍ରାଫ୍ ଟିମ୍ ଭରସା ହୋଇଛି ।



ଜୁନାଗଡରେ ଏବିଭିପି ପକ୍ଷରୁ ତ୍ରିରଙ୍ଗା ଯାତ୍ରା ।

## ଏବିଭିପି ପକ୍ଷରୁ ଶହେ ଫୁଟର ତ୍ରିରଙ୍ଗା ଯାତ୍ରା

ଜୁନାଗଡ,୧୨।୮(ଡି.ଏନ୍.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହରରେ ଶୁକ୍ରବାର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବି ଭିପି) ପକ୍ଷରୁ ଆଜାଦି କା ଅମୃତ ମହୋତ୍ସବ ଉପଲକ୍ଷେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶହେ ଫୁଟର ପ୍ରସ୍ତୁତ ତ୍ରିରଙ୍ଗାକୁ ଧରି ବିଦ୍ୟାର୍ଥୀମାନେ ଭାରତ ମାତାର ଜୟଗାନ କରି ସ୍ଥାନୀୟ ପିଆଇ କଲେଜରୁ ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା କରିଥିଲେ । ଶୋଭାଯାତ୍ରାରେ ଏବିଭିପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଜୁନାଗଡ ନଗର ସମ୍ପାଦକ ସୌରଭ ମିଶ୍ର, ସାମାଜିକ କର୍ମୀ ଦିବ୍ୟ ଦୀପ, ଭୂଷଣ ମେହେର, ସଞ୍ଜୀବ ମାଝି, ଶୋଭିତା କୈବର୍ତ୍ତ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନୋଜ ମେହେର, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ, ଏମପି ପ୍ରତିନିଧି କାଳିନ୍ଦ୍ରୀ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ କଲେଜର ୨ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ ହୋଇଥିଲେ ।

## ହର୍‌ଘର୍ ତ୍ରିରଙ୍ଗା ଅଭିଯାନ ଶୋଭାଯାତ୍ରା

ନୂଆପଡ଼ା ଅଫିସ,୧୨।୮

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଲଖନା ପଞ୍ଚାୟତ ମେଣ୍ଡାଟାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ହର୍‌ଘର୍ ତ୍ରିରଙ୍ଗା ଅଭିଯାନ ଆରମ୍ଭ ହୋଇଛି । ପ୍ରଧାନ ଶିକ୍ଷକ ଖେମ ଦାସଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟଠାରୁ ତ୍ରିରଙ୍ଗା ଶୋଭାଯାତ୍ରାରେ ବାହାରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟ ଚ୍ୟାରମେନ ଯଶୋବନ୍ତି ବାଗ, ଲଖନା ସରପଞ୍ଚ ଦେବେନ୍ଦ୍ର ଠାକୁର, ବିରଞ୍ଚି ମାଝି, ବସୁଦେବ ମାଝି ପ୍ରମୁଖ ଉପସ୍ଥିତ ଥିଲେ ।

---

**SAMBALPUR UNIVERSITY**
**PRIVATE EXAMINATION CELL**
**Jyoti Vihar-768019,Odisha**
Letter No.274/PEC Dt.12.08.2022

**Admission Open for UG and PG courses from date 16.08.2022**

Online Applications are invited for Admission-cum-Examination into PG and UG courses under Private Examination Cell of Sambalpur University.
UG Course: BA/B.Com. (Hons.)
PG Courses: PG in Commerce, Economics, English, Hindi, History, IRPM, LLPM, Mathematics, Odia, Political Science, Public Administration and Sanskrit.
Last date of Online submission of Application: 30th September 2022.
Candidates are advised to visit website of Private Examination Cell, Sambalpur University. (https://www.pec.suniv.ac.in) for details information of admission procedure.

Sd./- Director
Private Examination Cell, S.U.

---

**MILK UNION,SAMBALPUR**
**VEHICLE REQUIRED ON HIRE**

TATA ACE or similar type of vehicle required on Hire for Bheden to MCP Bargarh Milk Route running both morning & evening covering 120 K.M. Interested Parties may purchase and submit Tenders by 25.08.2022.
Tender Paper Cost- Rs.200/-+GST
EMD- Rs.2,000/-

---

**OFFICE OF THE REVENUE DIVISIONAL COMMISSIONER NORTHERN DIVISION, ODISHA, SAMBALPUR**
e-Mail ID: rdcsbp@nic.in
File No. XV-10/2022 No. 7272/Estt.(A) Dated: 12.08.2022
**ADVERTISEMENT FOR ENGAGEMENT OF RETIRED GOVT. SERVANT**

Applications are invited from the willing retired personnel for re-engagement in the Office of the RDC (ND), Sambalpur against 03 (Three) numbers of vacant posts of Senior Stenographer on Contractual Basis for a period of one year or till the vacancies are filled up, whichever is earlier. The application duly filled in may be sent to the O/o. RDC, ND. Sambalpur by Regd./Speed Post only and should be reached on or before 30.08.2022 by 5.00 P.M. The application forms, details of terms and conditions, related Government guidelines etc. will be available at district website **www.sambalpur.nic.in** till 30.08.2022.

Sd./- RDC, ND, Sambalpur

---

**OFFICE OF THE COLLECTOR, CUTTACK**
**(Social Security Section)**
**CORRIGENDUM NOTICE**

No. F-191: This is to notify that the last date for submission of Tender Call Notice - 3273/SS, dated 06.08.2022 for supply of materials for running of Special School at IIC, CDA, Cuttack is extended to 19.08.2022 before 03.00 P.M. and the same will be opened at 05.00 P.M. on the same day. The remaining conditions of the advertisement are same and unchanged.
Detailed quotation document along with terms and conditions can be downloaded from the district website **www.cuttack.nic.in**.

OIPR-24178/11/0006/2223 Sd./- Collector, Cuttack

---

**WORKS DEPARTMENT**
**OFFICE OF THE CHIEF CONSTRUCTION ENGINEER, EASTERN CIRCLE (R&B), BALASORE**
e-mail: - seec_bls@rediffmail.com
**Government of Odisha "e" Procurement Notice**
**Bid Identification No.CCEEC-09/ 2022-23**
No.B-479: No: 3888 / Dt: 08.08.2022

1. Nature of work :- OAV Building Works
2. Number of works :- 6 (Six) No Buildings
3. Amount put to Tender :- Rs.113.18 Lakh to Rs. 319.55 Lakh
4. Class of Contractor :- "B" Class / "A" Class / "Special"
5. Date & Time of availability of bid document in the portal :- Dt.16.08.2022 at 10:00 A.M.
6. Last Date / Time of receipt of bid in the portal :- Dt.30.08.2022 upto 05:00 P.M.
7. Date of opening of bid :- Dt.02.09.2022 at 11:00 A.M.
8. Name & address of the Office inviting bid :- Chief Construction Engineer, Eastern Circle (R&B), Balasore
9. The bidders have to participate in ONLINE bidding only. Further details can be seen from the e-procurement portal "http//tendersodisha.gov.in." All future corrigendum will be available on ONLINE mode only.

Sd./- R.Rout
Chief Construction Engineer
Eastern Circle (R&B) Balasore
OIPR-34026/11/0011/2223

---

**NOTICE INVITING BIDS**
sudaodisha1990@gmail.com
**No. 003/SUDA Dtd.12.08.2022/Bhubaneswar**

No. CAD-1473: SUDA (State Urban Development Agency) under Housing & Urban Development Department, Govt. of Odisha intends to select agencies/organisations for engagement as resource organisations for capacity building for Mission Shakti Groups & Slum Dwellers Associations under MUKTA.
For this purpose, SUDA now invites eligible entities to indicate their interest in providing the above services. For details, interested Bidders may refer to the website of SUDA i.e. **www.sudaodisha.org**. The proposal complete in all respect may be delivered to the undersigned by Registered Post/ Speed Post/in person (by Hand) to SUDA on or before 25th August 2022 upto 1.00 P.M. in a sealed envelope clearly mentioning on the top of it. **RFP for selection of Resouce Organisations for Capacity Building for Mission Shakti Groups & Slum Dwellers Associations under MUKTA**. The administrative officer SUDA - Odisha reserves the right to accept or reject all or any of the proposals and terminate the selection process without assigning any reason thereof.

Sd./- Administrative Officer
OIPR-13036/11/0007/2223

---

ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ
(ରାସ୍ତା ଓ ଗୃହ) ବିଭାଜନ ନଂ.୧,ଭୁବନେଶ୍ୱର
**OFFICE OF THE SUPERINTENDING ENGINEER BHUBANESWAR (R&B) DIVISION NO. I, BHUBANESWAR**
Email: - eebbsr1@yahoo.co.in, Phone/Fax: 06742597097
**INVITATION FOR BIDS (IFB)**
No.B-477: Estg No-6491 Date-12.08.2022
Government of Odisha
e-Procurement Bid Identification No- C.C. (R&B) - 01
e - Procurement Notice No. (49) of 2022-23

| | | |
|---|---|---|
| 1 | Name of the Work | 1. Supply, Installation, testing & commissioning of 6 Passenger (G+3) (408 kg) Lift with MS structure at Geeta Gobinda Sadan, Bhubaneswar |
| 2 | Total no of works | 1 No. work |
| 3 | Estimated cost | 1.Rs.43,03,898.00 |
| 4 | Class of Contractor | 1.Manufacturer/authorised dealer |
| 5 | Period of Completion | 03 [Three] calendar Months |
| 6 | Type of Tender | **Single Cover** |
| 7 | Date & Time of availability of Bid Document in the portal | From 11.00 Hours of 17.08.2022 to 17.00 Hours of 29.08.2022. |
| 8 | Last Date & Time for receipt of Bids in the Portal | 17.00 PM on 29.08.2022. |
| 9 | Name & Address of the officer inviting Bid | Er. Trinatha Behera Superintending Engineer, Bhubaneswar (R&B) Division -1, Bhubaneswar |

**Further details can be seen from the e-procurement portal https://tenderodisha.gov.in.**
**N.: Subsequent corrigendum/addendum if required shall be available in the website as indicated above.**

Sd./- Superintending Engineer
OIPR-34076/11/0012/2223 Bhubaneswar (R&B] Division No.I, BBSR

---

**OFFICE OF THE SUPERINTENDING ENGINEER, RWSS DIVISION, BERHAMPUR**
Near Jarada Bunglow, PIN - 760004, Ph.: 0680-2296344
eerwss_bam@nic.in, rwssbam@gmail.com
**Government of Odisha "e" Procurement Notice**
**NATIONAL COMPETITIVE BIDDING**
**Bid Identification No. EERWSSBAM-10/2022-23**

No. O-823: The Superintending Engineer, RWS&S Division, Berhampur, Ganjam on behalf of Governor of Odisha invites Bids in Single Cover System according to the norm of "e" Procurement System in Online mode for Supply, Drawing, Design, Construction, Testing and Commissioning and Maintenance of different PWS Schemes in Ganjam district from the eligibile contractors as per DTCN.

| | | |
|---|---|---|
| 1 | Name of the work | Execution of different works of different P.W.S. Scheme in Ganjam District |
| 2 | No. of Work (Tender) | 06 Nos. |
| 3 | Estimated Cost (Approximate) | From Rs.27.87 lakhs to Rs.40.47 lakhs |
| 4 | Period of Completion | From 180 to 180 days |
| 5 | Date & time of availability of bid document in the portal | From 19.08.2022 at 11.00 hrs. to 02.09.2022 upto 17.00 hrs. |
| 6 | Last date & time for seeking clarification | 30.08.2022 upto 17.00 hrs. |
| 7 | Dt. of Opening of Bid | 03.09.2022 at 11.00 hrs. |
| 8 | Last date/time for receipt of bids in the portal | 02.09.2022 upto 17.00 hrs. |
| 9 | Name & address of the Officer Inviting Tender | Superintending Engineer, RWSS Division, Near Jarada Bunglow, Berhampur - 760004, Dist.- Ganjam, Odisha |

Further details can be seen from the e-procurement portal **https://tendersorissa.gov.in**.

Superintending Engineer
RWS&S Division, Berhampur
OIPR-25035/11/0006/2223

---

**PARADIP PORT AUTHORITY**
**e-Tender Call Notice**

Name of the work "Construction of Culvert and Drain Connecting from Sanjaya Gandhi School to STP - 2 at Nuabazar". Estimated cost Rs.1,21,03,552.60. Last date & time of submission of Bid 29.08.2022 at 17.15 hrs. For details please refer our website **https://eprocure.gov.in/eprocure/app**.

E.E., R&B
Paradip Port Authority
PPA/PR/185/22-23 dtd.11.08.2022

---

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. 17/ET/SBP/ENGG/ 2022-23, ତା:108.08.2022

**1.ଇ-ଟେଣ୍ଡର ବିଜ୍ଞପ୍ତି ସଂ. 12-eT-SDENE-SBP-22**
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ରେଢାଖୋଲ ଙ୍କ ପରିସୀମା ଅଧୀନସ୍ଥ ସମ୍ବଲପୁର - ଅନୁଗୁଳ ସେକ୍ସନ ଠାରେ ବିଭିନ୍ନ ପ୍ୟାଚଗୁଡ଼ିକରେ ସେସ୍ ଏବଂ ଅନ୍ୟ ଆକସ୍ମିକ କାର୍ଯ୍ୟର ପ୍ରଶସ୍ତିକରଣ (Widening)।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹1,24,98,583.37, EMD(ଟଙ୍କାରେ): ₹2,12,500/-

**2.ଇ-ଟେଣ୍ଡର ବିଜ୍ଞପ୍ତି ସଂ. 14-eT-SDENE-SBP-22**
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସମ୍ବଲପୁର ସିଟି-ଅନୁଗୁଳ ସେକ୍ସନ ରେ ବିଭିନ୍ନ ପ୍ୟାଚଗୁଡ଼ିକରେ 7.697 TKM. ପାଇଁ କମ୍ପ୍ଲିଟ୍ ଟ୍ରାକ୍ ନବୀକରଣ (ସେକେଣ୍ଡାରୀ)।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹2,60,01,104.50, EMD(ଟଙ୍କାରେ): ₹2,80,100/-

**3.ଇ-ଟେଣ୍ଡର ବିଜ୍ଞପ୍ତି ସଂ. 15-eT-SDENE-SBP-22**
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ସମ୍ବଲପୁର-ଅନୁଗୁଳ ସେକ୍ସନ ଠାରେ 12.090 TKM. ଏବଂ ଝାରସୁଗୁଡ଼ା ଜଂ. - ବରଗଡ଼ ରୋଡ୍ ସେକ୍ସନ ଠାରେ 5.934 TKM. ନିମନ୍ତେ ଥ୍ରୁ ରେଲ୍ ନବୀକରଣ (ପ୍ରାଥମିକ) ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹2,08,27,891.85, EMD(ଟଙ୍କାରେ): ₹2,54,200/-

କାର୍ଯ୍ୟ ଶେଷ ହେବା ଅବଧି : 08(ଆଠ) ମାସ (କ୍ରମ ସଂ. 1 ପାଇଁ), 12(ବାର) ମାସ (କ୍ରମ ସଂ. 2 ଏବଂ 3 ପାଇଁ)।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) :** ତା.07.09.2022 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର
PR-377/N/22-23

---

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE**
E-Mail ID: serw_balasore@yahoo.in, Ph. No.: 06782-260318, Balia, Balasore
No. O-822
**"e" Procurement Notice for Road Work**
Letter No. 3163 **Identification No. - Online Tender - Road N.C.B. No. 350 for 2022-23** Date: 10.08.2022

1. Name of the Work : Periodical Maintenance of PMGSY Road
2. Total No. of Work : 07 Nos. of work
3. Estimated Cost : From Rs.99.59 lakhs to Rs.208.41 lakhs (Approximately)
4. Eligible Class of Contractor : 'B' & 'A' Class (of Odisha PWD) or relevant Class of other licencing authorities (as per annexure).
5. Period of Completion : From 03 to 04 Calendar months for the work
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. S.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No. 350 | 16.08.2022 at 11.00 A.M. | 25.08.2022 upto 5.00 P.M. | 24.08.2022 upto 5.00 P.M. | 26.08.2022 at 11.00 A.M. | Will be intimated later |

• Further details can be seen from the website: **www.tendersodisha.gov.in**.
OIPR-25105/11/0029/2223 Sd./- Chief Construction Engineer, R.W. Circle, Balasore

---

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**NUHASS**
Require one Project-Manager for Targeted Intervention Project, At-Danguasahi, Basudevpur, Bhadrak. Qualification-MSW/M.A. in Sociology with 2 yrs experience & Computer knowledge. Salary-15,000/- P.M. Apply within 7 days.
**Contact-9437041228, Email-nuhassbbsr@gmail.com**

**WANTED**
Male candidate having knowledge of CorelDRAW, Photoshop & Online form fill up for a Cyber café & Xerox shop at Cuttack
**Salary: 12000**
Contact with Bio-data:
**Prudent Communication**
Link Road, Cuttack-12
Mob:9337273594

**TELECALLERS REQUIRED**
Telecallers Required for Worlds Best Airhostess Training Institute
**Female only,**
**Experience:1-2 years**
**Salary: 10,000/- to 12,000/- per month (Incentive Extra)**
**CONTACT-9040048566**

See Career Appointment on every Wednesday & Saturday

**STEWART SCHOOL, BHUBANESWAR**
**UNIT-8, CRP SQUARE, BHUBANESWAR-751012**
**APPOINTMENT**

Applications are invited from candidates with requisite qualification and training to fill the following post of Assistant Teachers in Stewart School, Bhubaneswar.

| SL. | Subject |
|---|---|
| 1 | **English** – M.A./B.A. with B.Ed. and must have cleared CTET/OTET |
| 2 | **Hindi** – M.A./B.A. with B.Ed. and must have cleared CTET/OTET |
| 3 | **Primary Teacher** – Requisite training with proficiency in English |

Interested candidates may send their applications with complete Bio-data and Photocopy of Certificates/Testimonials to the undersigned within seven days from the publication of this advertisement.
Fluency in spoken English and experienced candidates will be preferred.

SECRETARY

---

**OFFICE OF THE PRINCIPAL**
**+3 KASHI BISWANATH MAHAVIDYALAYA**
**PAIKSAHI, DIST-ANGUL-759125**
**WALK-IN-INTERVIEW**

The interested candidates are requested to come with their all documents on date 22.08.2022 at 10.00 AM for the post of Lecturers and Non-Teaching Staffs on Management basis.

| Sl.No. | Post | Qualification |
|---|---|---|
| 1 | Lecturer in Education | M.A. in Education (55%) |
| 2 | Lecturer in Sanskrit | M.A. in Sanskrit (55%) |
| 3 | 2nd Junior Clerk | B.A. with PGDCA |
| 4 | Assistant Librarian | B.A. B.Lib |

Sd./-Principal
+3 K.B. Mahavidyalaya, Paiksahi

---

**OFFICE OF THE PRINCIPAL**
**GOVT. AUTONOMOUS COLLEGE, ANGUL**
Ph.-06764-230342, Email-principalgaca@gmail.com
No.1846/Dt.12.08.22

A Walk-In-Interview for empanelment to engage Guest Faculties for the Session 2022-23 and 2023-24 in Govt. Autonomous College, Angul will be held from 20.08.2022 to 29.08.2022. For details visit the College Website www.gaca.nic.in.

Sd./- Principal
Govt. Autonomous College, Angul

ଧରିତ୍ରୀ DHARITRI
ସମ୍ବଲପୁର, ଶନିବାର, ୧୩ ଅଗଷ୍ଟ, ୨୦୨୨



## ସଂକ୍ଷେପରେ

### ପ୍ରାକୃତିକ ଜଙ୍ଗଲ ସୁରକ୍ଷାରେ ଜନସହଭାଗିତା ଆବଶ୍ୟକ

**ଗାନ୍ଧୀ ସ୍ମୃତି କମିଟି ପକ୍ଷରୁ ବିଶ୍ୱ ହାତୀ ଦିବସ ପାଳନ**

**ବଲାଙ୍ଗୀର ଅଫିସ,୧୨।୮:** ବଲାଙ୍ଗୀର ଗାନ୍ଧୀ ସ୍ମୃତି କମିଟି ପକ୍ଷରୁ ଶୁକ୍ରବାର ସ୍ଥାନୀୟ ସମ୍ବାଦିକ ଭବନ ଠାରେ ବିଶ୍ୱ ହାତୀ ଦିବସ ପାଳନ କରାଯାଇଛି। 'ଜୈବମଣ୍ଡଳ ଓ ହାତୀ ସୁରକ୍ଷାରେ ଆମେ 'ଶୀର୍ଷକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବଲାଙ୍ଗୀର ବନଖଣ୍ଡ ଅଧିକାରୀ ନୀତିଶ କୁମାର ହାତୀ ଅସୁରକ୍ଷିତ ରହିବାର କାରଣ ଏବଂ ଏହାର ନିରାକରଣ ଉପରେ କହିଥିଲେ। ଜଙ୍ଗଲ ହ୍ରାସ ସହ ବିଦ୍ୟୁତ୍ ସଂସ୍ପର୍ଶ, ଟ୍ରେନ୍ ଦୁର୍ଘଟଣା ହାତୀ ମୃତ୍ୟୁର କାରଣ ବୋଲି କହିଥିଲେ। ହାତୀଦାନ୍ତ ପାଇଁ ହାତୀ ଶିକାର ନେଇ ସେ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ପ୍ରାକୃତିକ ଜଙ୍ଗଲ ସୁରକ୍ଷା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ତେବେ ପ୍ରାକୃତିକ ଜଙ୍ଗଲ ସୃଷ୍ଟିରେ ଜଙ୍ଗଲ ବିଭାଗ ସହ ଜନସହଭାଗିତା ଲୋଡା ବୋଲି ସେ କହିଥିଲେ। ମୁଖ୍ୟବକ୍ତା ବୀରେନ୍ଦ୍ର କୁମାର ଝାଙ୍କର, ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୁଧୀର ମିଶ୍ର, ପରିବେଶ ପ୍ରେମୀ ସତ୍ୟସୁନ୍ଦର ଭଞ୍ଜ, କୁଳମଣି ସାହୁ, ପ୍ରେସକ୍ଲବ୍ ସଭାପତି ଅରୁଣ ମିଶ୍ର ରାଜ୍ୟରେ ବଢୁଥିବା ହାତୀ ଶିକାରକୁ ରୋକା ଯିବା ସହ ଏଥିରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ କହିବା ସହ ଜଙ୍ଗଲ ସୁରକ୍ଷା ଉପରେ ଜୋର ଦେଇଥିଲେ । ହାତୀ ସୁରକ୍ଷା ପାଇଁ ଜଙ୍ଗଲ ସୁରକ୍ଷା ସବୁଠୁ ଅଧିକ ଆବଶ୍ୟକ ବୋଲି ବକ୍ତାମାନେ କହିଥିଲେ। ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବିଭୁ କଲ୍ୟାଣ ଗଡତ୍ୟା ପରିଚାଳନା କରିଥିଲେ। ଶିକ୍ଷାବିତ୍ ସନାତନ ଠାକୁର, ନାଗରିକ କମିଟିର ମନୋରଞ୍ଜନ ପୁରୋହିତ, ଶମ୍ଭୁ ଶତପଥୀ, ରାମ ନାରାୟଣ ଦାଶ, ମୀନ କେତେନ ଡାଙ୍ଗ, ବିନୋଦ କାଲସାଏ, ରାଜୀବ ଷଡଙ୍ଗୀ, ପ୍ରଶାନ୍ତ ମହାକୁର, ଅଷ୍ଟମୀ ବଗର୍ତ୍ତି, ଜୟରାମ ମିଶ୍ର, ମନୋରଞ୍ଜନ ସାହୁ ଉପସ୍ଥିତ ଥିଲେ। ଶେଷରେ ଯୁଧିଷ୍ଠିର ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

### ପଖନମୁଣ୍ଡା ସ୍କୁଲରେ ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

**କଣ୍ଟାବାଞ୍ଜି,୧୨।୮(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ କମେଇମୁଣ୍ଡା ପଞ୍ଚାୟତର ପଖନମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ହର୍ ଘର୍ ତିରଙ୍ଗା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ଦାସଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ଏକ ସାଧାରଣ ସଭା ହୋଇଥିଲା । ପରେ ପଖନମୁଣ୍ଡା ଗାଁରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଶୋଭାଯାତ୍ରା ବାହାରି ଜନସାଧାରଣଙ୍କୁ ଏ ନେଇ ସଚେତନତାର ବାର୍ତ୍ତା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆଶାକର୍ମୀ ତିଳମତି କୁମ୍ଭାର, ଶିକ୍ଷକ ମନୋଜ କୁମାର ତାଣ୍ଡି, ବିଶେଶ୍ୱର ମୁଦୁଲି,ଅଲେଖ ବନଗୋଲା,ସୁରଜ ଛତ୍ରିଆ,ନରେଶ ତାଣ୍ଡି ତଥା ପରିଚାଳନା କମିଟିର ସଭାପତି କୈବଲ୍ୟ ମାଝିଙ୍କ ସମେତ ସଭ୍ୟାସଭ୍ୟ ଓ ଗ୍ରାମବାସୀ ସାମିଲ ଥିଲେ।

# ପୀଡ଼ିତାଙ୍କ ଅଭିଯୋଗ ଶୁଣିଲେ ଏଲ୍‌ସିସି

- ମୁଖ୍ୟ ଯୋଗାଣ ଅଧିକାରୀଙ୍କ ବିରୋଧରେ ଅସଦାଚରଣ ମାମଲା
- ମାମଲା ପ୍ରତ୍ୟାହାର ପାଇଁ ମିଲ ମାଲିକ, ପୂର୍ବତନ ସିଏସ୍‌ଓ ପକାଉଛନ୍ତି ଚାପ
- ପୀଡିତାଙ୍କ ହାତ ଧରିଥିଲେ ମୁଖ୍ୟ ସିଏସ୍‌ଓ
- ନ୍ୟାୟ ପାଇବା ଆଶା ଅଛି କହିଲେ ପୀଡିତା
- ମୁଖ୍ୟ ସିଏସ୍‌ଓଙ୍କୁ ପକ୍ଷ ରଖିବା ପାଇଁ ନୋଟିସ କରାଯିବ

**ବଲାଙ୍ଗୀର ଅଫିସ,୧୨।୮**


ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟରେ ଲୋକାଲ କମ୍ପ୍ଲେନ୍ କମିଟି ସଦସ୍ୟମାନେ ପୀଡିତାଙ୍କ ଅଭିଯୋଗ ଶୁଣାଣି ପାଇଁ ବସିଛନ୍ତି।

ବଲାଙ୍ଗୀର ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ମୀର ଅଲି ରାଜାଙ୍କ ବିରୋଧରେ ଯୋଗାଣ ବିଭାଗର ମହିଳା ଏସ୍‌ସିଏସଓ ଦୁର୍ବ୍ୟବହାର ଏବଂ ଅସଦାଚରଣ ଅଭିଯୋଗ ଆଣିଥିଲେ। ଏନେଇ ସେ ଜିଲାପାଳଙ୍କୁ ଲିଖିତ ଜଣାଇବା ପରେ ମଙ୍ଗଳବାର ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରାଜାଙ୍କ ବିରୋଧରେ ଟାଉନ୍ ଥାନାରେ ଏକ ମାମଲା (୪୦୪/୨୨) ରୁଜୁ ହୋଇଥିଲା। ଅନ୍ୟପକ୍ଷରେ ମହିଳା ଏସ୍‌ସିଏସ୍‌ଓ ଅସଦାଚରଣ, ଲାଞ୍ଚ ମାଗିବା ଓ ନିର୍ଯାତନା ଅଭିଯୋଗ ଆଣିଥିବାରୁ ଜିଲାସ୍ତରୀୟ ଲୋକାଲ କମ୍ପ୍ଲେନ୍ କମିଟି (ଏଲସିସି) ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ଶୁକ୍ରବାର ଅଧ୍ୟକ୍ଷା ଶାନ୍ତିଲତା ବହିଦାରଙ୍କ ଅଧ୍ୟକ୍ଷତାରେ ଏଲସିସି ପୀଡିତାଙ୍କ ଅଭିଯୋଗ ଶୁଣିବା ସହ ବୟାନ ରେକର୍ଡ କରିଥିବା ଜଣାପଡିଛି। ଜିଲାପାଳ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏଲସିସି କମିଟିର ୫ଜଣିଆ ସଦସ୍ୟ ପୀଡିତା ଏସସିଏସ୍‌ଓଙ୍କ ଅଭିଯୋଗ ଶୁଣିଥିଲେ। ଅଭିଯୋଗ ଶୁଣିବା ପରେ ପୀଡିତା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟ ସିଏସଓ ରାଜା କିଭଳି ତାଙ୍କୁ ହଇରାଣ ହରକତ କରିଥିଲେ ଏବଂ ଯୌନ ନିର୍ଯାତନା ଦେଇଥିଲେ ସେନେଇ କହିଥିଲେ। ଘଟଣାକୁ ନେଇ ଜିଲାପାଳ ଏବଂ ଟାଉନ୍ ଥାନାରେ ଅଭିଯୋଗ କରିବା ପରେ ପୀଡିତାଙ୍କ ଉପରେ କିଭଳି ପ୍ରଶାସନିକ, ମିଲ ମାଲିକ ସ୍ତରରୁ ଚାପ ପକାଯାଉଛି କହିଥିଲେ। ଇତିମଧ୍ୟରେ ଏହି ମାମଲାକୁ ଆଉ ଆଗକୁ ନ ବଢ଼ାଇବା ପାଇଁ ଜଣେ ମିଲ ମାଲିକ ଏବଂ ଜଣେ ଅବସରପ୍ରାପ୍ତ ସିଏସ୍‌ଓ ତାଙ୍କୁ ଫୋନ୍ କରି ଚାପ ପକାଉଥିବା କହିଥିଲେ। ଆଜି ଏଲସିସି ସମ୍ମୁଖରେ ସମସ୍ତ ଅଭିଯୋଗ ରଖିଥିବା ଏବଂ ତାଙ୍କୁ ନ୍ୟାୟ ମିଳିବ ବୋଲି ଭରସା ଥିବା ଗଣମାଧ୍ୟମକୁ କହିଥିଲେ। ପୀଡିତାଙ୍କ ପ୍ରତିକ୍ରିୟା ପରେ ଏଲସିସି ଅଧ୍ୟକ୍ଷା ବହିଦାର ଗଣମାଧ୍ୟମକୁ ତାଙ୍କ ପ୍ରତିକ୍ରିୟାରେ କମିଟି ସମ୍ମୁଖରେ ପୀଡିତା ସମସ୍ତ ଅଭିଯୋଗ ରଖିଛନ୍ତି। ତାକୁ ନେଇ କମିଟି ତର୍ଜମା କରିବ। ତେବେ ଅଭିଯୋଗ ଶୁଣିଲା ବେଳେ ପୀଡିତାଙ୍କ ଅଭିଯୋଗରେ ସତ୍ୟତା ଥିବା ସେମାନେ ଅନୁଭବ କରିଥିବା କହିଛନ୍ତି। ଅଭିଯୁକ୍ତ ମୁଖ୍ୟ ସିଏସ୍‌ଓ ରାଜା ପୀଡିତାଙ୍କ ହାତକୁ ଧରି ପକାଇଥିଲେ ବୋଲି ପୀଡିତା କମିଟି ସମ୍ମୁଖରେ ଅଭିଯୋଗ କରିଥିବା ଜଣାଇଛନ୍ତି। ଏହା ସହିତ ପୀଡିତାଙ୍କୁ ବିଭିନ୍ନ ମହଲରୁ ଚାପ ପକାଯାଇ ମାମଲାକୁ ସମାଧାନ କରିବାକୁ କୁହାଯାଉଥିବା କମିଟି ସମ୍ମୁଖରେ କହିଥିବା ଜଣାଇଥିଲେ। ଆଜି ପୀଡିତାଙ୍କ ଅଭିଯୋଗ ଶୁଣାଣି କରାଯାଇଥିଲା। ଆଗକୁ ଅଭିଯୁକ୍ତ ମୁଖ୍ୟ ସିଏସ୍‌ଓ ରାଜାଙ୍କୁ କମିଟିରେ ହାଜର ହେବାକୁ କୁହାଯାଇ ତାଙ୍କର ପକ୍ଷ ଶୁଣାଯିବ। ଉଭୟ ପକ୍ଷ ଶୁଣିଲା ପରେ ତାକୁ ତର୍ଜମା କରାଯାଇ କମିଟି ତାର ରିପୋର୍ଟ ଦେବ ବୋଲି ଅଧ୍ୟକ୍ଷା ବହିଦାର କହିଛନ୍ତି। ଏଲସିସି ସଦସ୍ୟ ଭାବେ ରୀନା ନାଏକ, ବିଦ୍ୟୁତଲତା ଖମାରୀ, ଶାନ୍ତା ବାରିକ ଓ ଭକ୍ତ ନାଏକ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ବଲାଙ୍ଗୀର ମ୍ୟୁନିସିପାଲିଟିରେ କାର୍ଯ୍ୟରତା ମହିଳା ଏସସିଏସ୍‌ଓ ବଲାଙ୍ଗୀର ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ରାଜାଙ୍କ ବିରୋଧରେ ଦୁର୍ବ୍ୟବହାର, ଅସଦାଚରଣ ପ୍ରଦର୍ଶନ ଅଭିଯୋଗ ଆଣିବା ସହ ୩୦ ଲକ୍ଷ ଟଙ୍କା ଲାଞ୍ଚ ମାଗୁଥିବା ଅଭିଯୋଗ କରିଥିଲେ। ଘଟଣା ସମ୍ପର୍କରେ ପୀଡିତା ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ସହ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ।

## ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କଲା ପୋଲିସ

**କରକଟିଆ ଛକରେ ଡକାୟତି ଦଳ ଆତଙ୍କ ଖେଳାଇବା ଘଟଣା**

**ଲୋଇସିଂହା,୧୨।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ କରକଟିଆ ଛକରେ ଏକ ଡକାୟତି ଦଳ ଗୁରୁବାର ରାତିରେ ଆତଙ୍କ ଖେଳାଇଥିଲେ। ସେମାନଙ୍କ ଆକ୍ରମଣରେ ଜଣେ ବ୍ୟକ୍ତି ଲହୁଲୁହାଣ ହୋଇଥିବା ବେଳେ ଅନ୍ୟ ଜଣେ ଅଳ୍ପକେ ବର୍ତ୍ତି ଯାଇଥିଲେ । ସ୍ଥାନୀୟ ଲୋକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଡକାୟତି ଦଳର ୨ ଜଣ ଧରାପଡିଥିଲେ । ଅନ୍ୟ ଜଣେ ଫେରାର ହେବାରେ ସକ୍ଷମ ହୋଇଥିଲା । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ବଲାଙ୍ଗୀର ଜିଲା ଖପ୍ରାଖୋଲ ମାଟିଖାଇ ଗ୍ରାମର ତରଣୀ ସାହୁ(୨୩) ଏବଂ ସୁବର୍ଣ୍ଣପୁର ଜିଲା ବିନିକା ଥାନା ଚର୍ଦ୍ଦା ଗ୍ରାମର ବୁଲୁ ଭାଇନା (୨୭)। ଅଭିଯୁକ୍ତମାନଙ୍କୁ ଶୁକ୍ରବାର ଲୋଇସିଂହା ପୋଲିସ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଡକାୟତ ଦଳ ବ୍ୟବହାର କରୁଥିବା ବାଇକକୁ ପୋଲିସ ଜବତ କରିଛି। ଏନେଇ ଥାନା (ନଂ୨୬୧।୨୨)ରେ ଦଫା ୩୯୪/୩୦୭/୩୨୩/୩୨୫ ଆଇପିସିରେ ଏକ ମାମଲା ରୁଜୁ ହୋଇଛି ବୋଲି ଆଇଆଇସି ସଂଗ୍ରାମ ପଟ୍ଟନାୟକ କହିଛନ୍ତି।

## ବିଭାଜନ ବିଭୀଷିକା ସ୍ମୃତିଦିବସ ଉପଲକ୍ଷେ ପ୍ରଦର୍ଶନୀ


ଫଟୋ ପ୍ରଦର୍ଶନୀକୁ ଛାତ୍ରୀଛାତ୍ର ଦେଖୁଛନ୍ତି।

**ବଲାଙ୍ଗୀର ଅଫିସ,୧୨।୮**

ବଲାଙ୍ଗୀର ଶାସ୍ତ୍ରୀନଗରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଶୁକ୍ରବାର ବିଭାଜନ ବିଭୀଷିକା ସ୍ମୃତି ଦିବସ ଉପଲକ୍ଷେ ଏକ ଫଟୋ ପ୍ରଦର୍ଶନୀ ଆୟୋଜିତ ହୋଇଛି। ଏହି ପ୍ରଦର୍ଶନୀରେ ଭାରତ-ପାକିସ୍ଥାନ ବିଭାଜନ ସମୟର ଅନେକ ବୁକୁଥରା ଘଟଣାବଳୀର ସୂଚନା ଏବଂ ବିରଳ ଫଟୋ ପ୍ରଦର୍ଶନ କରାଯାଇଛି। ଦେଶ ବିଭାଜନ କିଭଳି ଏକ ସମ୍ବେଦନଶୀଳ ଘଟଣା ଥିଲା ଏବଂ ଏହାଦ୍ୱାରା ଲୋକେ କିଭଳି ନିର୍ଯାତନାର ଶିକାର ହୋଇଥିଲେ ତାହା ପ୍ରଦର୍ଶିତ ହୋଇଥିଲା। ଛାତ୍ରୀଛାତ୍ରଙ୍କୁ ଦେଶ ବିଭାଜନ ସମୟର ସ୍ମୃତି ପ୍ରତି ଅବଗତ କରାଯାଇ ଏକ ସୁସ୍ଥ ଏବଂ ପ୍ରଗତିଶୀଳ ସମାଜ ଗଠନ ପାଇଁ ବାର୍ତ୍ତା ଦେବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି କୁହାଯାଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ରାମକୁମାର ପାଣିଗ୍ରାହୀ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଭାରତ ବିଭାଜନ ସମୟରେ କିଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ଏବଂ ଜନସାଧାରଣ କେତେ ଅକଥନୀୟ ଦୁଃଖ ଯାତନ ଭୋଗିଥିଲେ ସେ ସମ୍ପର୍କରେ କହିଥିଲେ। ଛାତ୍ରୀଛାତ୍ରମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସେମାନଙ୍କ ପ୍ରତିକ୍ରିୟା ରଖିଥିଲେ। ସ୍ୱାଧୀନତା ପ୍ରାପ୍ତି ସମୟରେ ଏଭଳି ବିଭାଜନ କିଭଳି ପରିସ୍ଥିତି ସୃଷ୍ଟି କରିଥିଲା ସେନେଇ ପ୍ରଦର୍ଶନୀ ମାଧ୍ୟମରେ ଅନେକ କିଛି ଶିକ୍ଷା ଲାଭ କରିଥିବା କହିଥିଲେ।

## ପିଏଜି କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ପାଇ ମନ୍ତ୍ରୀଙ୍କ ପ୍ରତିଶ୍ରୁତି

**ନୂଆପଡ଼ା ଅଫିସ,୧୨।୮**

ନୂଆପଡା ଜିଲ୍ଲା ଲୋକ କ୍ରିୟା ଗୋଷ୍ଠୀ (ପିଏଜି) ସଂଘ କର୍ମଚାରୀ ପକ୍ଷରୁ ପୁନଃ ନିଯୁକ୍ତି ଦାବିରେ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ନୂଆପଡା ପିପୁଲ ଏକ୍ସନ ଗୃପ (ପିଏଜି) ସଂଘ ସଭାପତି ଦିଲୀପ ଦଳପତି ଓ ସମ୍ପାଦିକା ସସ୍ମିତା ମାଝିଙ୍କ ନେତୃତ୍ୱରେ ରାଜ୍ୟ ମନ୍ତ୍ରୀ ଅଶୋକ କୁମାର ପଣ୍ଡା ଓ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କୁ ଭୁବନେଶ୍ୱରଠାରେ ସାକ୍ଷାତ କରି ପୁନଃ ନିଯୁକ୍ତି ଦାବିରେ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ବିଏସଏସଓମାନଙ୍କ ନିଯୁକ୍ତି ପରେ ପିଏଜିମାନଙ୍କ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ମନ୍ତ୍ରୀ ପଣ୍ଡା ପ୍ରତିଶ୍ରୁତି ଦେଇଛନ୍ତି। ପିଏଜି ସଂଘ ରାଜ୍ୟ ସଭାପତି ଲିଙ୍ଗରାଜ ନାଗ ମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସଭାପତି, ସମ୍ପାଦିକା ସମେତ ଭକ୍ତ ଚରଣ ବିଶି, ଭୋଲେଶ୍ୱର ଭୋଇ, କୁମୁଦିନୀ ନାୟକ, ଏକସନ ସରାଫ, ଚେତରାମ ସାହୁ, ହେମନ୍ତ କୁମାର ସାହୁ, ଅଶୋକ ବାଗ, ରାଧେ ବାଗ, ହିତେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକ ପ୍ରେରକ ସଂଘ ପକ୍ଷରୁ ଇଓଙ୍କୁ ଦାବିପତ୍ର

**କୋକସରା,୧୨।୮(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ସାକ୍ଷର ଭାରତ ମିଶନରେ କାର୍ଯ୍ୟ କରିଥିବା ବ୍ଲକ ପ୍ରେରକ ସଂଘ ସଭାପତି ଆଲୋକ ବିଶିଙ୍କ ନେତୃତ୍ୱରେ ଇଓ ନେପାଳ ବାଗଙ୍କୁ ଶୁକ୍ରବାର ଏକ ଦାବିପତ୍ର ଦେଇଛନ୍ତି। ସାକ୍ଷର ଭାରତରେ କାର୍ଯ୍ୟ କରିଥିବା ପ୍ରେରକଙ୍କ ପ୍ରତି ରାଜ୍ୟ ସରକାରଙ୍କ ଅଣଦେଖା ଓ ବୈମାତୃକ ମନୋଭାବକୁ ପ୍ରତିବାଦ କରିବା ସହ ଆଗାମୀ ଦିନରେ ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ଜିଲା ସାକ୍ଷରତା ମିଶନ ପକ୍ଷରୁ ୧୫ରୁ ଊର୍ଦ୍ଧ୍ୱ ବୟସ୍କ ଅଣସାକ୍ଷରମାନଙ୍କୁ ସାକ୍ଷର କରିବା ଲକ୍ଷ୍ୟରେ ୨୦୧୧ ରୁ ୨୦୧୮ ପର୍ଯ୍ୟନ୍ତ ସାକ୍ଷର ଭାରତ କାର୍ଯ୍ୟକ୍ରମ ତ୍ୱରାନ୍ୱିତ ହେଇଥିଲା। ପ୍ରେରକମାନେ ପୌଢ ଶିକ୍ଷା ମାଧ୍ୟମରେ ଅଣ ସାକ୍ଷରମାନଙ୍କୁ ସାକ୍ଷର କରିବା ସହ ସ୍ୱଚ୍ଛ ଭାରତ ମିଶନ ହିତାଧିକାରୀ ସର୍ଭେ, ବିପିଏଲ, ଏପିଏଲ ସର୍ଭେରେ ପଞ୍ଚାୟତ କର୍ମଚାରୀଙ୍କୁ ସହଯୋଗ କରୁଥିଲେ। ୨୦୧୮ରୁ ଏହି କାର୍ଯ୍ୟକ୍ରମ ବନ୍ଦ ହୋଇ ଯାଇଥିବାରୁ ବର୍ତ୍ତମାନ ପ୍ରେରକମାନେ ନିରାଶ ହୋଇ ହାତ ବାନ୍ଧି ବସିଛନ୍ତି। ପୁନଃ ନିଯୁକ୍ତି ପାଇଁ ସେମାନେ ଦାବି କରୁଛନ୍ତି। ଏହି ଅବସରରେ ପ୍ରେରକ ସଂଘ ସମ୍ପାଦକ ସଞ୍ଜୀବ କୁମାର ସାହୁ, ହିରଣ୍ୟ ବେହେରା, ରବିନାରାୟଣ ଦାସ, ଅରବିନ୍ଦ ପଟ୍ଟନାୟକ, ବିକାଶ ପଟ୍ଟନାୟକ, ବଳଦେବ ଦୁର୍ଗା, ଯୁଗେଶ୍ୱର ବାଗ, ପ୍ୟାରିଲାଲ ପଟେଲ, ଗୁପ୍ତେଶର ବାଗ, ପୁନିଆ ରଞ୍ଜନ ନାଗ, ଗାୟତ୍ରୀ ଠାକୁର, କବିତା ଦଳପତି, ସରିତା ନାଏକ, ତରୁଣୀ ମାଝି ପ୍ରମୁଖ ସଂଘ ସଦସ୍ୟ ଉପସ୍ଥିତ ରହିଥିଲେ।


ବ୍ଲକ ପ୍ରେରକ ସଂଘ ପକ୍ଷରୁ ଇଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଡକାୟତି ଗ୍ୟାଙ୍ଗର ମୁଖ୍ୟ ଅଭିଯୁକ୍ତ ଗିରଫ


ଗିରଫ ଅଭିଯୁକ୍ତ।

**ଭବାନୀପାଟଣା,୧୨।୮(ସ୍ୱ.ପ୍ର.)**

**୭ ମାମଲାରେ ଲିପ୍ତ ଥିଲେ**

କଳାହାଣ୍ଡି ଜିଲା ମ. ରାମପୁର ଓ ନର୍ଲା ଥାନା ଅଞ୍ଚଳରେ ଚୋରି, ଡକାୟତି ଆଦି ୭ଟି ମାମଲାରେ ଲିପ୍ତ ଥିବା ମୁଖ୍ୟ ଅଭିଯୁକ୍ତ ଓ ସହଯୋଗୀଙ୍କୁ ଶେଷରେ କଳାହାଣ୍ଡି ପୋଲିସ ଗିରଫ କରିଛି। ଏଥିରେ ଏହି ଗ୍ୟାଙ୍ଗର ମାଷ୍ଟର ମାଇଣ୍ଡ ତଥା ମୁଖ୍ୟ ସନ୍ତୋଷ ବଡସେଠ ଓ ତାଙ୍କ ସହଯୋଗୀ ସୁନିଲ ନାଗ ରହିଛନ୍ତି। ସେମାନଙ୍କଠାରୁ ୩୭୩୦ ଟଙ୍କା, ଏକ ମୋବାଇଲ, ସୈନିକ ଭଳି ପୋଷାକ, ଏକ ଦେଶୀ ପିସ୍ତଲ ଜବତ କରିଛି। ଶୁକ୍ରବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଏସ୍‌ପି ଅଭିଲାସ ଜି ଏହି ସୂଚନା ଦେଇଛନ୍ତି। ଏହି ୨ ଅଭିଯୁକ୍ତଙ୍କ ନାମରେ କଳାହାଣ୍ଡି ଜିଲାର ମ. ରାମପୁର ଥାନାରେ ୫ଟି ଓ ନର୍ଲା ଥାନାରେ ୨ଟି ମାମଲା ସମେତ ବଲାଙ୍ଗୀର ଜିଲା ସଇଁତଳା ଥାନାରେ ୨ଟି ଓ ତୁଷୁରା ଥାନାରେ ମାମଲା ରହିଥିବା ଜଣାପଡିଛି। ମଦନପୁର ରାମପୁର ଥାନା ମୋହନଗିରି ମଦ ଭାଟି ଡକାୟତି ଓ ବଲାଙ୍ଗୀର ହାଇୱେରେ ଡକାୟତି ଘଟଣାରେ ଏମାନେ ସାମିଲ ଥିଲେ। ଡକାୟତି ବେଳେ ସେମାନେ ସୈନିକ ରଙ୍ଗର ପୋଷାକ ବ୍ୟବହାର କରୁଥିବା ଏସପି ଅଭିଲାସ ଜି ପ୍ରକାଶ କରିଥିଲେ।

## ବଲାଙ୍ଗୀର ନାଗରିକ କମିଟି ପକ୍ଷରୁ ତ୍ରିରଙ୍ଗା ପତାକା ବଣ୍ଟନ

**ବଲାଙ୍ଗୀର ଅଫିସ, ୧୨।୮**

ବଲାଙ୍ଗୀର ନାଗରିକ କମିଟି ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟରେ ଶୁକ୍ରବାର ସ୍ଥାନୀୟ ସାଗରପଡା ଓ ଇଛାପଡା ଠାରେ ଘର ଘର ତ୍ରିରଙ୍ଗା ଅଭିଯାନ ଉପଲକ୍ଷେ ଜାତୀୟ ପତାକା ବଣ୍ଟନ କରାଯାଇଥିଲା। କମିଟି ଉପଦେଷ୍ଟା ଡା. ଲକ୍ଷ୍ମୀକାନ୍ତ ମହାପାତ୍ର ଛୋଟ ଶିଶୁମାନଙ୍କୁ ପତାକା ବଣ୍ଟନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ । ଘରକୁ ଘର ଯାଇ ପରିବାର ଲୋକଙ୍କୁ ଜାତୀୟ ପତାକା ଦେଇ ସ୍ୱାଧୀନତା ଦିବସର ମହତ୍ତ୍ୱ ସମ୍ପର୍କରେ ସଭ୍ୟମାନେ ବୁଝାଇଥିଲେ। କାର୍ଯ୍ୟକ୍ରମରେ କମିଟି ସଭାପତି ବେଲାର ସିଂଭୋଇ, ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ, ସହସମ୍ପାଦକ ଚକ୍ରପାଣି ଦାଶ, କୋଷାଧ୍ୟକ୍ଷ ଗଜେନ୍ଦ୍ର ଭ୍ରମର, ଗୋପଭୂଷଣ ନାଥ, ଜୟରାମ ମିଶ୍ର, ବ୍ରଜରାଜ ପୁରୋହିତ, ପ୍ରଫେସର ଶୁଭେନ୍ଦ୍ର ତ୍ରିପାଠୀ, ପୀତବାସ ପଣ୍ଡା, ନବୀନ କୁମାର ନାୟକ, ଗୋବିନ୍ଦ ଚନ୍ଦ୍ର ମିଶ୍ର, ହରେକୃଷ୍ଣ ପଟେଲ, ସଲିମ ଖାନ, ରାଧାକାନ୍ତ ମହାପାତ୍ର ଓ ଆୟୁଷ ନାଥ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଶନିବାର ଠିକାଦାରପଡା ଓ କୁମ୍ଭାରପଡାରେ ତ୍ରିରଙ୍ଗା ପତାକା ବଣ୍ଟନ କାର୍ଯ୍ୟକ୍ରମ ରହିଥିବା ସୂଚନା ଦିଆଯାଇଛି।

# ଉଠାଦୋକାନୀଙ୍କ ପକ୍ଷରୁ ଆମରଣ ଅନଶନ

**ଥଇଥାନ ପାଇଁ ଲିଖିତ ପ୍ରତିଶ୍ରୁତି ଦେବାକୁ ଦାବି କଲେ**

**ବଲାଙ୍ଗୀର ଅଫିସ,୧୨।୮**

ବଲାଙ୍ଗୀର କଚେରୀ ଛକ ଠାରୁ ଭାଗିରଥି ଛକ ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଉଠାଦୋକାନ ସବୁକୁ ପ୍ରଶାସନ ଉଠାଇ ଦେଇଛି। ଫଳରେ ଦୀର୍ଘ ୩୦ ବର୍ଷ ହେଲା ରାସ୍ତାକଡରେ ଉଠାଦୋକାନ କରି ଚଳିଆସୁଥିବା ଉଠାଦୋକାନୀମାନେ ଏବେ ଅଡୁଆରେ ପଡିଛନ୍ତି। ସେମାନଙ୍କୁ ଥଇଥାନ କରାଯିବା ଦାବିରେ ଶୁକ୍ରବାର ଠାରୁ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଶରତ ଚନ୍ଦ୍ର ଜୟସ୍ୱାଲଙ୍କ ନେତୃତ୍ୱରେ ଉଠାଦୋକାନୀମାନେ ଆମରଣ ଅନଶନ ଆରମ୍ଭ କରିଛନ୍ତି। ଦାବିପୂରଣ ନହେବା ପର୍ଯ୍ୟନ୍ତ ରାସ୍ତାକଡ ଉଠାଦୋକାନୀମାନେ ଅନଶନ ଜାରି ରଖିବେ ବୋଲି କହିଛନ୍ତି। ଜିଲାପାଳଙ୍କୁ ଦିଆଯାଇଥିବା ଦାବିପତ୍ରରେ ଉଠାଦୋକାନୀମାନେ ଜଣାଇଛନ୍ତି ଯେ, ସେମାନଙ୍କ ପାଇଁ ସ୍ଥାୟୀ ବ୍ୟବସ୍ଥା ନ ହେବା ପର୍ଯ୍ୟନ୍ତ ସେମାନଙ୍କୁ ରାସ୍ତାକଡରେ ବସି ବ୍ୟବସାୟ କରିବାକୁ ଅନୁମତି ଦିଆଯାଉ ବୋଲି ଦାବି କରିଛନ୍ତି। ଉଠାଦୋକାନୀମାନଙ୍କ ପାଇଁ ଶୀଘ୍ର ସ୍ଥାୟୀ କ୍ୟାବିନ୍ ଏବଂ ଷ୍ଟଲ ନିର୍ମାଣ କରାଯାଉ, ପାଟଣା ହୋଟେଲ ଛକ କ୍ୟାବିନ୍ କମ୍ପ୍ଲେକ୍ସରେ କିଛି ଉଠାଦୋକାନୀଙ୍କୁ ଥଇଥାନ କରାଯାଉ ଏବଂ ଉଠାଦୋକାନୀଙ୍କୁ ଲିଖିତ ପ୍ରତିଶ୍ରୁତି ଦିଆଯାଉ ବୋଲି ଦାବି କରିଛନ୍ତି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଅନଶନ ଜାରି ରହିବ ବୋଲି ଜୟସ୍ୱାଲ ସୂଚନା ଦେଇଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉଠାଦୋକାନୀମାନେ ଆମରଣ ଅନଶନରେ ବସିଛନ୍ତି।